
ତୃରସ-14

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

❀ ଚତୁର୍ଥ ପୁଷ୍ପ ❀ ପ୍ରଥମ ପାଖୁଡ଼ା ❀ ଚତୁର୍ଦ୍ଦଶ ସଂଖ୍ୟା ❀


ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍‌ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।

❀ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❀

❋ କେଶବାବ୍ଦ : ଦ୍ୱାଚତ୍ୱାରିଂଶତ୍ ❋ ନଭେମ୍ବର ୨୫, ୧୯୯୬ ❋ ରାସ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଚତୁର୍ଥ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ଚତୁର୍ଦ୍ଦଶ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ

❋ ତୃତୀୟ ମହକ ❋ କେଶବାବ୍ଦ : ୫୬ ❋ ପଶ୍ମ ପୂର୍ଣ୍ଣିମା ❋


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| **ସିଂହଦ୍ୱାର** | |
| ଶ୍ରୀ ଗୁରୁନାମାମୃତମ୍ | ୨ |
| ଆରତି ପ୍ରାର୍ଥନା | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| **[illegible]** | |
| 'ଚରମ'ର ପ୍ରଚ୍ଛଦପଟ ସଂପର୍କରେ | ୫ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି | ୮ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୩ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) | ୧୪ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୮ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୨ |
| ବାଳିକାକୁ ଧର୍ମଧନ ସଞ୍ଚିବି : | ୨୫ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୮ |
| ଜିଜ୍ଞାସା : ଜିଜ୍ଞାସୁ : | ୩୩ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୭ |
| ଅକିଂଚିଏ 'ଚରମ'ର | ୪୦ |
| କଲ୍ୟାଣ ଦେଲି ତୋତେ | ୪୫ |
| କେଶବ କୈବଲ୍ୟ କଣିକା | ୪୮ |
| ମାଳିକାରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୫୧ |
| ପୁରାଣ ରୁ ଗଳ୍ପାଂଶର ମିମାଂସା | ୫୩ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୫୬ |
| ସଂଘ ସମ୍ବାଦ ଓ ଶାଖା ପରିଚିତି | ୫୯ |
| ଆଶ୍ରମ ସନ୍ଦେଶ | ୬୫ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ।।



| | |
|---|---|
| ମୂଳାଧାର କର୍ଣ୍ଣଧାର | ସ୍ୱାଧୀଷ୍ଠାନେ ସ୍ୱାଧୀନ । |
| ମଣିପୁର ପୁରୋହିତ | ଅନାହତ ପ୍ରବୀଣ ।। |
| ବିଶୁଦ୍ଧରେ ଶୁଦ୍ଧଚିତ୍ତ | ଆଜ୍ଞାଚକ୍ର ଅନୁଜ୍ଞା । |
| ସହସ୍ରାର ସାର ଏକା | ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।। |

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ଦେବଦେବୋ ଗୁରୁସ୍ୱାମୀ ! ସର୍ବଦା କ୍ଷେମ କାରକଃ
ସର୍ବଦେବମୟଂ ବ୍ରହ୍ମନ୍ ସ୍ୱର୍ଣ୍ଣକ୍ଷେତ୍ରଶ ପାତୁନଃ

## ଶ୍ରୀ ପାଦୁକା ବନ୍ଦନା

ଶ୍ରୀପଦ ପାଦୁକା ଶୁଣ ପ୍ରାର୍ଥନା
ଶ୍ରୀପଦ ପାଦୁକା ଘେନ ବନ୍ଦନା ।।୧।।
ଶ୍ରୀପଦ ପାଦୁକା ସଂସାରେ ନାବ ।
ଶ୍ରୀପଦ ପାଦୁକା ଦିଅଇ ଠାବ ।।୨।।
ଶ୍ରୀପଦ ପାଦୁକା ସଂସାରେ କୂଳ ।
ଶ୍ରୀପଦ ପାଦୁକା ଦିଅଇ ଥଳ ।।୩।।
ଶ୍ରୀପଦ ପାଦୁକା ଅଗତି ଗତି ।
ଶ୍ରୀପଦ ପାଦୁକା ଦିଅ ମୁକତି ।।୪।।
ଶ୍ରୀପଦ ପାଦୁକା ଶରଣାଗତି ।
ଶ୍ରୀପଦ ପାଦୁକା ଶୁଣମିନତି ।।୫।।
ଶ୍ରୀପଦ ପାଦୁକା ଦିଅ ଶରଣ ।
ଶ୍ରୀପଦ ପାଦୁକା ଛେଦ ମରଣ ।।୬।।
ଶ୍ରୀପଦ ପାଦୁକା ଭବକ ଯାନ ।
ଶ୍ରୀପଦ ପାଦୁକା ଖଣ୍ଡେ ଅଜ୍ଞାନ ।।୭।।
ଶ୍ରୀପଦ ପାଦୁକା ପୂଜିଲେ ନିତି ।
ଶ୍ରୀପଦ ପାଦୁକା ଘେନେ ମିନତି ।।୮।।



ଶ୍ରୀପଦ ପାଦୁକା ତ୍ରେତାରେ ଥିଲ ।
ରାମ ଅବତାରେ ଭରତେ ଦେଲ ।।୯।।
ଶ୍ରୀପଦ ପାଦୁକା ଦ୍ୱାପରେ ଥାଇ ।
କୃଷ୍ଣ ଅବତାରେ ଉଦ୍ଧବ ପାଇ ।।୧୦।।
ଶ୍ରୀପଦ ପାଦୁକା ଅନ୍ତକଳିରେ ।
ଭଗତେ ପାଆନ୍ତି ଲୀଳାଖେଳିରେ ।।୧୧।।
ଶ୍ରୀପଦ ପାଦୁକା ଯୁଗକୁ ଯୁଗ ।
ଭଗତ ପ୍ରାଣେ ଭରେ ଅନୁରାଗ ।।୧୨।।
ଶ୍ରୀପଦ ପାଦୁକା ରେଣୁ କୈବଲ୍ୟ ।
ଦୂରକରେ ଅନ୍ତରରୁ ବୈକଲ୍ୟ ।।୧୩।।
ଶ୍ରୀପଦ ପାଦୁକା ସେବିଲେ ନିତି ।
ଦୂରହୋଇଯାଏ ସକଳ ଭୀତି ।।୧୪।।
ଶ୍ରୀପଦ ପାଦୁକା ପ୍ରାନ୍ତେ ପ୍ରଣାମ ।
କଲେ ତା' ଘେନନ୍ତି ପ୍ରଭୁ ଅନାମ ।।୧୫।।
ଶ୍ରୀପଦ ପାଦୁକା ପ୍ରାନ୍ତେ ଅଂଜଳି ।
ନିବେଦିଲେ ଘେନନ୍ତି ବନମାଳୀ ।।୧୬।।
ଶ୍ରୀପଦ ପାଦୁକା ଧ୍ୟାନର ମୂଳ ।
ଶ୍ରୀପଦ ପାଦୁକା ଜ୍ୟୋତି ଉଜ୍ଜ୍ୱଳ ।।୧୭।।




## ଶ୍ରୀ ଗୁରୁର୍ନାମାମୃତମ୍

ଓଁ କେଶବସ୍ୟ ରୂପଂ ଦୃଷ୍ଟ୍ୱା ହୃଷ୍ଟଚିତ୍ତ ଭବେନ୍ନରଃ ।
ତବନାମ ଜପନ୍ନିତ୍ୟଂ ପୂନର୍ଜନ୍ମ ନବିଦ୍ୟତେ ॥୧॥
କେଶବସ୍ତ୍ୱତ୍ ସ୍ୱରୂପଞ୍ଚ ନିରାକାରସ୍ତୁ ସର୍ବଦା ।
ଯଦୁନାଥ ସୁତଂ ଦେବଂ ସୁକାନ୍ତି ତନୟଂ ଭଜେ ॥୨॥
ସତ୍ୟେ ଶ୍ରୀହରି ନାମୈବ ତ୍ରେତୟାଂ ରଘୁନନ୍ଦନଃ ।
ଦ୍ୱାପରେ ଶ୍ରୀକୃଷ୍ଣଶ୍ଚୈବ କଲୌ ଖ୍ୟାତସ୍ତୁ କେଶବଃ ॥୩॥
ଅନାଦି ପୁରୁଷଶ୍ରେଷ୍ଠଃ ବ୍ୟକ୍ତାବ୍ୟକ୍ତ ହି କେଶବଃ ।
ନିରାକାର ପରଂବ୍ରହ୍ମ ଗତିମୁକ୍ତି ପ୍ରଦାୟକଃ ॥୪॥
ରୂପାତୀତ ଗୁଣାତୀତ ନିରାକାର ସ୍ୱରୂପିଣେ ।
ମନୁଷ୍ୟତନୁରାଶ୍ରିତ୍ୟ ନମସ୍ତେ ପୁରୁଷୋତ୍ତମଃ ॥୫॥
ଦେହିମେ ସର୍ବସୌଭାଗ୍ୟଂ ଭକ୍ତିମୁକ୍ତି ପ୍ରଦାୟକଃ ।
ଭକ୍ତବନ୍ଧୁର୍ଭାବଗ୍ରାହୀ ରକ୍ଷମାଂ ସର୍ବଶଙ୍କଟାତ୍ ॥୬॥
ନରନାରାୟଣ ଦେବୋ ସର୍ବଜନାଦୃତାଃ ହରିମ୍ ।
ତ୍ରିଗୁଣରହିତଃ ଶ୍ରୀମନ୍ ନମାମିତ୍ୱାଂ ତୁ କେଶବଃ ॥୭॥
କେଶବଂ କେଶବେତି ତେ ନାମ ଜପନ୍ତି ମାନୁଷାଃ ।
ସର୍ବଶାସ୍ତ୍ରଂ ପ୍ରବକ୍ତାରଂ କେଶବଂ ପ୍ରଣମାମହେ ॥୮॥

# ଆରତି ପ୍ରାର୍ଥନା

ଆହେ ଗୁରୁସ୍ୱାମୀ ଘେନ ବିନତି ।
ତବ ଶ୍ରୀପଦରେ ଆମ ପ୍ରଣତି ।।୧।।
ତୁମେ ଆମ ହର୍ତ୍ତାକର୍ତ୍ତା ବିଧାତା ।
ତୁମେ ବନ୍ଧୁ ସ୍ୱଜନ ପିତା ମାତା ।।୨।।
ପାଦ ଧୋଇ କରୁଅଛୁ ବନ୍ଦନା ।
ଦୋଷ କ୍ଷମା କରି କର କରୁଣା ।।୩।।
ତବ ଆଜ୍ଞାରେ ଗଢ଼ାଏ ସଂସାର ।
ଲୀଳା ସରିଲେ କରିବ ଉଦ୍ଧାର ।।୪।।
ଯଶ କୀର୍ତ୍ତିରହୁ କାଳକାଳକୁ।
ସଦା ଆଶା କରୁ ପାଦ ତଳକୁ ।।୫।।
ସ୍ୱାମୀ ସମ୍ମୁଖେ କରୁଛୁ ଆରତି ।
ହରି ହରାଅ ସଂସାର ଦୁର୍ଗତି ।।୬।।
ତବ ଶ୍ରୀପଦେ କରୁଛୁ ଜଣାଣ ।
ଦିଅ ଦୀନଜନେ ଚିର ଶରଣ ।।୭।।

**ଆରତି ସମୟରେ ଏହି ପ୍ରାର୍ଥନା କରଣୀୟ ।।**

# ମୁଖଶାଳା

## ସମ୍ପାଦକୀୟ

**ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!**

ଋତର ଉଦୟ ସନ୍ନିକଟ। ଋତମ୍ଭର ପରମେଶ୍ୱରଙ୍କର ଚରମ ଇଚ୍ଛାହିଁ ସର୍ବ ଋତିରେ ପୂର୍ଣ୍ଣହେବ। ଋଦ୍ଧ ଋଜୁତାର ଜୟ ହେବ। ଋଜୁ ବିଶ୍ୱାସର ଋଦ୍ଧିମାନ ଋଷଭ ଋତମ୍ଭରଙ୍କୁ ପ୍ରାପ୍ତ ହେବ। ଋଷିପୁତ୍ର ଋଷିକ ଋତମ୍ଭରଙ୍କ ଅପାର କରୁଣା ଓ କଲ୍ୟାଣରୁ ଋତର ସନ୍ଧାନ ଅବଶ୍ୟ ପାଇବ। ଋତ କଦାପି କସ୍ମିନକାଳେ ଅନୃତ ହୋଇନାହିଁ, ହୋଇପାରେ ନାହିଁ ॥

ଋଦ୍ଧିର ଚରମରେ ଉପନୀତ ମାନବ ସନ୍ତାନ ଯେତେ ଋଦ୍ଧ ହେଲେହେଁ ଋତର ଉପାସନା ବ୍ୟତିରକେ ଋତମ୍ଭରଙ୍କ ସାକ୍ଷାତକାର ଲାଭ କରିପାରନ୍ତି, ପାରେନାହିଁ। ଋତୁସନ୍ଧିରେ ସମଗ୍ର ଋତମ୍ଭରା ଅଧୁନା ମାୟାତମସାଚ୍ଛନ୍ନ। ଋତୁରୂପୀଙ୍କର ଉଦୟମାତ୍ରେହିଁ ସକଳେ ଋଦ୍ଧିମାନ୍ ହେବେ ହିଁ ହେବେ। ଋତଋଦ୍ଧ ଏହା। ଋଦ୍ଧିର ଋଦ୍ଧ ଋଦ୍ଧିରେ ଋଦ୍ଧିମନ୍ତ ର ଋଧକ ଅବଶ୍ୟ ଋଧ ହେବ। ଋଷିବାକ୍ୟ ଋତସିଦ୍ଧ, ଏହା ଅନୃତ ହେବାର ନୁହେଁ, ହେବନାହିଁ ॥

ଋଷିମନାମାନଙ୍କର ଋଷିଯଜ୍ଞ ଇହଲୋକରୁ ଋଷିଲୋକ ଏବଂ ଋଷିଲୋକରୁ ଇହଲୋକ କୁ ସତତ ଗତି କରେ, କରୁଛି। ଋତମ୍ଭର ପରମେଶ୍ୱରଙ୍କର କରୁଣା ଓ କଲ୍ୟାଣ ବିନା ଋତପ୍ରାପ୍ତି ଋହଦ୍‌ର ଚନ୍ଦ୍ରଙ୍କୁ ସ୍ପର୍ଶ କରିବାର ଅଳୀକ କାମନା ସହତୁଲ୍ୟ ॥

ଋଷ୍ଟଧାରୀର ଋବୀସ ଜୟକରିବାର କାମନା ହାସ୍ୟକର। ଋଶ୍ୟଙ୍କ ଦ୍ୱାରା ହୃଦୟ ଜୟ କରାଯାଇ ପାରେ ନାହିଁ। ଋତବାଦୀ ହିଁ ଅନୃତର ବିନାଶ କରି ସର୍ବସାଫଲ୍ୟରେ ସହଜସରଳ ଭାବରେ ହୃଦୟ ଜୟ କରିପାରେ। ସକଳ ଋଦ୍ଧିରେ ଋଷ୍ୟାଦି ଉଚ୍ଚାରଣ ପୂର୍ବକ ଋତମ୍ଭରଙ୍କର ଯଥୋଚିତ ଉପାସନା ଦ୍ୱାରା ସତ୍ୟସନ୍ଧାନ ହୋଇଥାଏ, ସତ୍ୟ ସହିତ ପରମିଳନ ସମ୍ଭବ ହୁଏ। ଋଷିଋଣ ପରିଶୋଧ ନିମନ୍ତେ ଋଷିଯଜ୍ଞର ଆବଶ୍ୟକତାକୁ ଏଡ଼ାଇ ଦେବା ଦ୍ୱାରା ଅନୃତର ସେବା ହୁଏ, ସତ୍ୟଋତର ଉପାସନା ହୋଇ ପାରେ ନାହିଁ।

ଋଷିଗଣଙ୍କ ଦ୍ୱାରା କ୍ଷେତ୍ର ଓ କ୍ଷେତ୍ରଜ୍ଞତତ୍ତ୍ୱ ନାନାଛନ୍ଦରେ ପୃଥକ୍ ପୃଥକ୍ ଭାବରେ ବର୍ଣ୍ଣନା କରାଯାଇଛି। ଋଗାଦି ଚାରିବେଦର ନାନା ଶାଖାରେ ଏହି ତତ୍ତ୍ୱ ଭିନ୍ନଭିନ୍ନ ବିଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି। ଏପରିକି ବ୍ରହ୍ମସ୍ୱରୂପ ପ୍ରତିପାଦକ ବେଦବାକ୍ୟରେ ଏହି କ୍ଷେତ୍ରକ୍ଷେତ୍ରଜ୍ଞ ନିଃସନ୍ଦିଗ୍ଧ ରୂପେ ନିର୍ଣ୍ଣୀତ ହୋଇଅଛି।

''ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍।
ବ୍ରହ୍ମସୂତ୍ର ପଦୈଶ୍ଚୈବ ହେତୁମଦ୍‌ଭିର୍ବିନିଶ୍ଚିତୈଃ ॥'' (ଶ୍ରୀମଦ୍‌ଭଗବଦ୍ ଗୀତା। ୧୩ଶଅଃ୫ମ ଶ୍ଳୋକ ॥)

ଋତର ଅପଳାପ ଆମର ଉଦ୍ଦେଶ୍ୟ ନୁହେଁ। ଅନୃତର ଉପାସନା ଆମର କାର୍ଯ୍ୟ ନୁହେଁ। ଋତ ଓ ସତ୍ୟ ପଥରେ ଋତମ୍ଭର ପରମେଶ୍ୱର ପ୍ରାପ୍ତି ହିଁ ଆମର ଲକ୍ଷ୍ୟ। ଆମର ଲକ୍ଷ୍ୟ ଚରମ ପ୍ରାପ୍ତି ॥

ଋତମ୍ଭରଙ୍କର ଚରମ ଇଚ୍ଛା ସର୍ବ ଋତିରେ ପୂର୍ଣ୍ଣ ହେଉ
ଅଳମତି ବିସ୍ତରେଣ
ବିନୟାବନତ,
କେଶବଦାସ ବୃନ୍ଦାବନ
ସଂପାଦକ, ଚରମ।

# ଶ୍ରୀମନ୍ଦିର

## 'ଚରମ'ର ପ୍ରଚ୍ଛଦପଟ ସଂପର୍କରେ

*ଆମେ ବାରମ୍ବାର ସେହି ଗୋଟିଏ କଥାହିଁ ଦୋହରାଇ ଆସୁଛୁ - 'ଚରମ'ର ପ୍ରଚ୍ଛଦପଟ ମୁଖ୍ୟତଃ ମୌଳିକ ଭାବରେ ସୃଷ୍ଟିତତ୍ତ୍ୱର ପ୍ରତୀକାତ୍ମକ ପ୍ରତିଛବି । 'ଚରମ' ପୃଷ୍ଠାରେ ଏହି ପ୍ରଚ୍ଛଦପଟ ସଂପର୍କରେ ଦାର୍ଶନିକ ତଥ୍ୟ ସମ୍ବଳିତ ତତ୍ତ୍ୱ ପ୍ରକାଶ କରି ନିଗମ ସୃଷ୍ଟି ରହସ୍ୟର ତାତ୍ତ୍ୱିକ ଆଲୋଚନା ନିୟମିତ କରାଯାଉଛି ॥*

*ଆଶା କରୁ ଅଗଣିତ ଭକ୍ତ ଅନୁଗତ ପାଠକ / ଗ୍ରାହକ ଏହା ନିୟମିତ ଶ୍ରଦ୍ଧାର ସହିତ ପାଠକରି 'ଚରମ'ର ଆଭିମୁଖ୍ୟ ସହିତ ଯୁଗଧର୍ମୀ ଅଧ୍ୟାତ୍ମ ଶିକ୍ଷା ଲାଭ କରି ଆନନ୍ଦଲାଭ କରିବେ ॥*

## ତ୍ରୟୋଦଶ ସଂଖ୍ୟାର ପୂର୍ବାନୁଶ୍ରୁତିର — ସୃଷ୍ଟିତତ୍ତ୍ୱ

ଯୁଗଧର୍ମରକ୍ଷାକରି ସତ୍ୟରେ ଶ୍ରୀହରି, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣଙ୍କ ପରି ଏହି ଘୋର କଳିର ଅନ୍ତିମ ପର୍ଯ୍ୟାୟ ଅନନ୍ତ ଯୁଗରେ ମଧ୍ୟ ପୂର୍ଣ୍ଣବ୍ରହ୍ମଙ୍କର ଅବତରଣ ଘଟିଛି ଏ ପୃଥିବୀର ଲୀଳାଙ୍ଗନରେ । ସତ୍ୟରେ ବ୍ରାହ୍ମଣ, ତ୍ରେତୟାରେ କ୍ଷତ୍ରିୟ, ଦ୍ୱାପରରେ ବୈଶ୍ୟ ଏବଂ କଳିରେ ଶୂଦ୍ର ବର୍ଣ୍ଣାନୁକ୍ରମରେ ପ୍ରଭୁ ପରମେଶ୍ୱର ଆବିର୍ଭାବ ହୋଇଅଛନ୍ତି । ଅବ୍ୟକ୍ତ ବ୍ରହ୍ମ ଆଦି, ଅନାଦି ମଣ୍ଡଳରୁ ଜ୍ୟୋତି ଧାରାରେ ଅବତରି ମର୍ତ୍ତ୍ୟଭୂମିରେ ବ୍ୟକ୍ତ ହୋଇଅଛନ୍ତି । ମହାଶୂନ୍ୟ, ମହାକାଳ, ନାଦବ୍ରହ୍ମ, ପ୍ରଣବ, ଓଁକାର, ଦାରୁବ୍ରହ୍ମ, ଶ୍ରୀଜଗନ୍ନାଥ ସେହି ଦିବ୍ୟ ବିଗ୍ରହରେ ଏକାଧାରରେ ଆବିର୍ଭୂତ ହୋଇ ବ୍ୟକ୍ତିବିଶେଷ ରୂପେ ବ୍ୟକ୍ତ ହୋଇଅଛନ୍ତି । ଆଜି ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ ତାଙ୍କ ପରିଚିତ ଲାଭ କରିବା । ଲାଭ କରିବା ସଦ୍ ଚିଦ୍ ଆନନ୍ଦର ସଙ୍ଗସୁଖ । ଲାଭ କରିବା ନରହରି ନର ନାରାୟଣଙ୍କର ଆଶ୍ରୟ । ଦିବ୍ୟ ପଦାରବିନ୍ଦରେ ଶରଣନେଇ ଜୀବନକୁ ଧନ୍ୟ କରିବା ଆମର କର୍ତ୍ତବ୍ୟ । ନରଦେହୀ ବ୍ରହ୍ମ ବିଗ୍ରହଙ୍କର ପ୍ରସାଦ ଲାଭକରି ଜୀବନକୁ ସାର୍ଥକ କରିବାହିଁ ଆମର କର୍ତ୍ତବ୍ୟ । ପରମ କାରୁଣିକ ଅଶେଷ କରୁଣା ଲାଭକରି ଭୂମାନନ୍ଦ ଲାଭ କରିବାହିଁ ଆମର ଶ୍ରେୟ । ଜୀବନ ଜିଜ୍ଞାସାର ଏହାହିଁ ଏକମାତ୍ର ସୂତ୍ର ॥

ସଚରାଚର ଜୀବନର ଲକ୍ଷ୍ୟ ମହତ୍ତର ସିଦ୍ଧିପ୍ରାପ୍ତି । ଲକ୍ଷ୍ୟ ଭ୍ରଷ୍ଟ ଜୀବନ କେବଳ ଇନ୍ଦ୍ରିୟ ସୁଖପ୍ରାପ୍ତିରେ ଭୋଗଲିପ୍ସା ଲୁବ୍ଧ ପଶୁ ବା ଇତର ଜୀବ ସଦୃଶ ପ୍ରଲୁବ୍ଧ ମଣିଷ ଜୀବନ ଜିଜ୍ଞାସା ବିହୀନ ଲକ୍ଷ୍ୟଭ୍ରଷ୍ଟ ହୋଇ ଇନ୍ଦ୍ରିୟ ସମୂହର ଜୈବିକ ପରିତୃପ୍ତିରେ ମହାର୍ହ ମାନବଜନ୍ମ ଓ ଜୀବନକୁ କୀଟଦ୍ରଂଷ୍ଟ ପୁଷ୍ପକଳିକା ତୁଲ୍ୟ ନଷ୍ଟ ଭ୍ରଷ୍ଟ କରି ହତାଶାର ଦୀର୍ଘଶ୍ୱାସରେ ପଳ ପଳ ସନ୍ତପ୍ତ ସଂସାରକୁ ଅସାର ମଣେ । ସଂସାର କିନ୍ତୁ ପ୍ରକୃତରେ ଅସାର ନୁହେଁ । ଏହା ସାମଗ୍ରିକ ଭାବରେ ସାରଯୁକ୍ତ । ସମସ୍ତ ସାରତତ୍ତ୍ୱ ଓ ସାରବସ୍ତୁ ସଂସାରରେ ସଦା ବର୍ତ୍ତମାନ । ବ୍ୟକ୍ତିଗତ ଅନୁସନ୍ଧିତ୍ସାର ସଦୁପଯୋଗ ଅଭାବରୁ ସାରତତ୍ତ୍ୱକୁ ଅସାର ମଣି ଏବଂ ଅସାରବସ୍ତୁକୁ ସାର ବୋଲି ଗ୍ରହଣ କରିନେଇ ସଂସାରର ଅସାରତା ଉପଲବ୍ଧି କରିବା ନିର୍ବୋଧତା ବ୍ୟତୀତ ଆଉ କ'ଣ ହୋଇପାରେ ? ଭୂଲୋକହିଁ ଜନ୍ମଭୂମି, ଏହା କର୍ମଭୂମି । ଏହି ଭୂମଣ୍ଡଳରେ ଦେହ ବହି ଜୀବ ଜନ୍ମଗ୍ରହଣ କରେ । ଆଜନ୍ମ ମୃତ୍ୟୁ ଅବଧି

ଜୀବନକାଳ ନାନାଦି କର୍ମପ୍ରବାହରେ ପ୍ରବାହମାନ । କର୍ମର ଫଳ ଅବଶ୍ୟ ଭୁଞ୍ଜିବାକୁ ପଡ଼େ । ଏ ସମସ୍ତ ରହସ୍ୟ ମଧ୍ୟରେ ଜୀବର ଲକ୍ଷ୍ୟ ପ୍ରାପ୍ତିରେ ନିବଦ୍ଧ ଥାଏ । ସୁଖପ୍ରାପ୍ତିହିଁ ଅଲକ୍ଷ୍ୟରେ ଲକ୍ଷ୍ୟ ହୋଇଥାଏ । ସୁଖ ପ୍ରାପ୍ତି ଆଶାରେ ଜୀବ ଜୀବନସାରା ସନ୍ତୁଳିତ ହୁଏ । କାମନା ଜାଲରେ ଛନ୍ଦିହୋଇ ସୁଖ ସନ୍ଧାନରେ ଦିଗବିଦିଗ ଦଉଡ଼ି ହୁଏ । କାମନା ହିଁ ଆତ୍ମକୈନ୍ଦ୍ରିକ ସୁଖପ୍ରାପ୍ତି ଇଚ୍ଛା । ତେଣୁ ଏହି ସୁଖର ପ୍ରଚ୍ଛନ୍ନ ଅନ୍ତରାଳରେ ଅଶେଷ ଦୁଃଖ ଜଡ଼ିତ ଥାଏ । କ୍ଷଣିକ ସୁଖ ଇଚ୍ଛାରେ ଆତ୍ମକୈନ୍ଦ୍ରିକ ଜୀବ ଯେଉଁ କର୍ମପ୍ରବାହରେ ଅଚେତନ ଅବସ୍ଥାରେ ଭାସିଯାଏ, ସେହି କର୍ମ ଅଚେତନ ଅବସ୍ଥାରେ ମୁହୂର୍ତ୍ତ କେତୋଟି ପାଇଁ ସୁଖର ସ୍ୱାଦୁ ଚଖେଇଦେଇ ସଚେତନ ଅବସ୍ଥାରେ ଅସୀମ ଦୁଃଖର ଅଗ୍ନି ପ୍ରଜ୍ୱଳନ କରେ । ଜୀବ ମାୟାର ଏହି ଗୂଢ଼ ରହସ୍ୟ ଭେଦ କରିନପାରି ଅଶେଷ ଜାଗତିକ ଯନ୍ତ୍ରଣାରେ ଦଗ୍ଧ ହୁଏ । ଦଗ୍ଧୀୟମାନ ଜୀବନ ହତାଶାର ଦୀର୍ଘଶ୍ୱାସ ମୁହୁର୍ମୁହୁ ତ୍ୟାଗ କରି ଜୀବନର ମହନୀୟତା ଉପଲବ୍ଧ ନକରି ଶେଷରେ ମୃତ୍ୟୁ ଶ୍ରେୟସ୍କର ବୋଲି ଜ୍ଞାନ କରେ । ଏହାଠାରୁ ବଳି ଅଜ୍ଞାନତା ଆଉ ନାହିଁ । ଯେକୌଣସି ନିର୍ଦ୍ଦିଷ୍ଟ ବସ୍ତୁ, ବ୍ୟକ୍ତି, ସ୍ଥାନ, ଅବସ୍ଥା, ପରିବେଶ, ପରିସ୍ଥିତି ପ୍ରତି ଆସକ୍ତିହିଁ ଦୁଃଖର କାରଣ । ଏହା ଆପାତତଃ ସୁଖକର ବୋଧ ହେଲେହେଁ ଏହା ମାୟା ମରୀଚିକା ଭିନ୍ନ ଅନ୍ୟ କିଛି ନୁହେଁ । ଅତୀତକୁ ସ୍ମରଣ କରି ଆନନ୍ଦାଭିଭୂତ ବା ବିଷାଦଗ୍ରସ୍ତ ହେବା ମଧ୍ୟ ଏକ ପ୍ରକାର ଆସକ୍ତି । ସେହିପରି ଭବିଷ୍ୟତର କଳ୍ପନା ଜଳ୍ପନା ଏବଂ ଆସନ୍ନ ସୁଖ ସମ୍ଭୋଗ ପ୍ରାପ୍ତି କାମନାରେ ଆନନ୍ଦ ବିମୋହିତ ବା ଦୁଃଖ ଯାତନାରେ କାତର ହେବା ତଦନୁରୂପ ଆସକ୍ତି । ଏହି ଉଭୟ ଅବସ୍ଥା ଦୁଃଖ ଓ ବିଷାଦର ଉପସ୍ଥଳ । ମାୟାବଦ୍ଧ ମନୁଷ୍ୟ ଏହାର ରହସ୍ୟ ଭେଦ କରିନପାରି ଆତ୍ମକୈନ୍ଦ୍ରିକ ସ୍ୱାର୍ଥପର ଜୀବନଯାପନ କରି ଅସହ୍ୟ ବେଦନାଦଗ୍ଧ ଜୀବନ ଯାପନ କରେ । ତେଣୁ ଯାବତୀୟ ଏ ଜାତୀୟ ପ୍ରେମ ତ୍ୟାଗ କରି ବର୍ତ୍ତମାନ ମୁହୂର୍ତ୍ତରେ କ୍ଷେତ୍ର ବିଶେଷରେ ଆପଣାକୁ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ନିଯୁକ୍ତ କରି ଅନାସକ୍ତ ଭାବରେ ଅନ୍ତରର ଅନ୍ତରତମ ନିଭୃତ ନିର୍ଦ୍ଦେଶରେ କର୍ମରେ ଲାଗିରହିବାହିଁ ପ୍ରକୃଷ୍ଟ ସାଧନା ଓ ଏହା ଜୀବନର ଲକ୍ଷ୍ୟ ଦିଗରେ ଆପଣାକୁ ଆଗେଇନେବାର ଉତ୍କୃଷ୍ଟ ପନ୍ଥା । ମୁକ୍ତ ଜୀବହିଁ ଭକ୍ତ । ଏବଂ ଭକ୍ତହିଁ ଏତାଦୃଶ ଅନାସକ୍ତ କର୍ମରେ ନିଯୁକ୍ତ ରହି ଅନାବିଳ ଆନନ୍ଦ ଲାଭକରେ । ଏଜାତୀୟ ଆନନ୍ଦ ସୁଖନୁହେଁ, ତେଣୁ ଏହାର ପଶ୍ଚାତରେ ପ୍ରଚ୍ଛନ୍ନ ଦୁଃଖ ବା ବିଷାଦର ଲେଶମାତ୍ର ନଥାଏ । କ୍ରମଶଃ ଏଜାତୀୟ ଆନନ୍ଦ ସୁଖନୁହେଁ, ତେଣୁ ଏହାର ପଶ୍ଚାତରେ ପ୍ରଚ୍ଛନ୍ନ ଦୁଃଖ ବା ବିଷାଦର ଲେଶମାତ୍ର ନଥାଏ । କ୍ରମଶଃ ଏଜାତୀୟ ଅନାବିଳ ଆନନ୍ଦ ମୁହୁର୍ମୁହୁ ଉପଲବ୍ଧ ହୁଏ । ଏତାଦୃଶ ଆନନ୍ଦ ବାରମ୍ବାର ହୃଦେଶରେ ପ୍ରତିଷ୍ଠିତ ହେଲେ ପର୍ଯ୍ୟାୟକ୍ରମରେ ତାହା ପରମଶାନ୍ତିରେ ରୂପାନ୍ତରିତ ହୋଇ ମୁକ୍ତଜୀବ ଭକ୍ତକୁ ଚରମପ୍ରାପ୍ତିରେ ଉପନୀତ କରେ ।

ଜୀବ ଜୀବନର ଲକ୍ଷ୍ୟ ତେଣୁ ଚରମପ୍ରାପ୍ତି । ଏହି ଲକ୍ଷ୍ୟରେ ଏକନିଷ୍ଠ ଭାବରେ ପଦେ ପଦେ ଅଗ୍ରସର ହୋଇ ଆରୋହଣର ସୋପାନ ଶ୍ରେଣୀ ଅତିକ୍ରମ କଲେ ଚରମଶାନ୍ତି ପ୍ରାପ୍ତ ହୁଏ ॥

ମଣିଷ ଏହି ଭୂମଣ୍ଡରେ ଜନ୍ମଲାଭ କରି ମାୟାମୋହର ଅନ୍ଧକାରରେ ପଥଭ୍ରଷ୍ଟ ହୁଏ, ଲକ୍ଷ୍ୟଚ୍ୟୁତ ହୁଏ ଏବଂ ସ୍ୱଧର୍ମ/ସ୍ୱକର୍ମ ବିସ୍ମରି ପରଧର୍ମ ବା ପରକର୍ମରେ ଲିପ୍ତ ହୋଇ ଅସହ୍ୟ ଦୁଃଖ, ଶୋକ, ଦୁର୍ବିପାକର କରାଳସ୍ରୋତରେ ଉବୁଟୁବୁ ଖେଳି ଅଥୟ ହୋଇ ଥକା ବା କ୍ଲାନ୍ତି ଜନିତ ଅବସାଦଗ୍ରସ୍ତ ହୁଏ; ସେତେବେଳେ ଲକ୍ଷ୍ୟ ନିର୍ଦ୍ଦେଶ କରି ସେହି ଲକ୍ଷ୍ୟପଥରେ ତା'କୁ ନିର୍ଲିପ୍ତ ଭାବରେ ଆଗେଇନେବା ପାଇଁ ଆଦି ମଣ୍ଡଳରୁ ସ୍ୱୟଂ ଅବ୍ୟକ୍ତ ପରମବ୍ରହ୍ମ ମର୍ତ୍ତ୍ୟମଣ୍ଡଳକୁ ଅବତରଣ କରି ବ୍ୟକ୍ତ ହୁଅନ୍ତି ନରଦେହରେ । ନରଦେହୀ ନାରାୟଣଙ୍କ ପରିଚୟ ପାଇବାଠାରୁ ବଳି ସୌଭାଗ୍ୟ ଆଉ ଅଧିକ କିଛି ନାହିଁ । ଥରେ ମାତ୍ର ତାଙ୍କର ପରିଚିତ ଲାଭକଲେ ମାନବ ଜୀବନ ଧନ୍ୟ ହୁଏ, ଜନ୍ମ ସାର୍ଥକ ହୁଏ, ନିରର୍ଥକ ସୁଖବାଞ୍ଛା ଦୂରୀଭୂତ ହୁଏ, ବିମଳ ଆନନ୍ଦଲାଭ ହୁଏ ଓ ଅନ୍ତିମରେ ପରମ ଶାନ୍ତି ମିଳେ । ଏହାହିଁ ଚରମପ୍ରାପ୍ତି । ଏହାହିଁ ଆମର ଲକ୍ଷ୍ୟ । କେବଳ ଥରେ ମାତ୍ର ବିଶ୍ୱାସ ବା ଆସ୍ଥା ସ୍ଥାପନ

କରିପାରିଲେ ଆଉକିଛି ପ୍ରତିବନ୍ଧ ନଥାଏ । ଏହି ବିଶ୍ୱାସ ବା ଆସ୍ଥା ସ୍ଥାପନ ଏକାନ୍ତ ନିଜସ୍ୱବ୍ୟାପାର, ସଂପୂର୍ଣ୍ଣ ବ୍ୟକ୍ତିଗତ ବ୍ୟବହାର । ବିଶ୍ୱାସ ସ୍ଥାପିତ ହେଲେ ଆସ୍ଥା ସ୍ଥାପନ ହୁଏ ଏବଂ ତଦ୍‌ବିଧି ବା ତାଙ୍କର ନିର୍ଦ୍ଦେଶ ପାଳନରେ ଅପାର ଆନନ୍ଦ ମିଳେ । ତାଙ୍କ ସେବା ପରିଚର୍ଯ୍ୟା ପରମ ସୌଭାଗ୍ୟ ପ୍ରତୀୟମାନ ହୁଏ । ତାଙ୍କ ପଦ୍ମପାଦରେ ପ୍ରଣିପାତ ନିବେଦନରେ ତୃପ୍ତି ମିଳେ । ତାଙ୍କର ଅମୀୟ ବାଣୀ ଶ୍ରବଣରେ ଜାଗତିକ ଯେ କୌଣସି ସୁଖ ଅପେକ୍ଷା ଅଧିକ ସୁଖ ଲାଭ ହୁଏ, ଯେଉଁ ସୁଖର ପଶ୍ଚାତରେ ନଥାଏ ଲେଶମାତ୍ର ଦୁଃଖ, ବରଂ ଗଚ୍ଛିତଥାଏ ସ୍ତର ସ୍ତର ସ୍ତରୀଭୂତ ସୁଖ, ଆନନ୍ଦ ଏବଂ ଶାନ୍ତି । ଏହି ପରମ ପ୍ରଶାନ୍ତିହିଁ ଚରମ ପ୍ରାପ୍ତି । ଚରମ ପ୍ରାପ୍ତି ହିଁ ପରମାନନ୍ଦ, ବ୍ରହ୍ମାନନ୍ଦ, ପୂର୍ଣ୍ଣାନନ୍ଦ, ନିତ୍ୟାନନ୍ଦ ଏବଂ ସଚ୍ଚିଦାନନ୍ଦ ।

ଆଜି ସେହି ଯୁଗ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ବିଗ୍ରହ ମହାଶୂନ୍ୟ, ମହାକାଳ, ନାଦବ୍ରହ୍ମ, ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ନରଦେହରେ ଭୂପୃଷ୍ଠରେ ଦେହାବତରଣ କରିଅଛନ୍ତି । ଘୋରକଳିର ଅନ୍ତିମ ପର୍ଯ୍ୟାୟରେ ଅନନ୍ତ ଯୁଗରେ ଧୂଳିର ଧରଣୀରେ ବୈକୁଣ୍ଠ ସୃଜନ ନିମନ୍ତ ନରଦେହରେ ନାରାୟଣ ବିରାଜମାନ । ଦୁଃଖ, ଶୋକ ଦୁର୍ବିପାକ, ରୋଗ, ବ୍ୟାଧି, ଆଧି, ବେଦନା, ଯାତନା, ଯନ୍ତ୍ରଣାକାତର ଅତିଷ୍ଠ ଅସ୍ଥିର ମଣିଷମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି, ସ୍ନେହ, ମମତା, ତିତିକ୍ଷା, କ୍ଷମା, ଦୟା, ସତ୍ୟ, ଶାନ୍ତିର ଜ୍ୟୋତିଧାରା ବିଚ୍ଛୁରଣ କରିବା ଉଦ୍ଦେଶ୍ୟରେ ସେ ସତେ କେତେ ଆକୁଳରେ ବ୍ୟାକୁଳ ହୃଦୟରେ ଦୁଇବାହୁ ପ୍ରସାରଣ କରି ଉଦାତ୍ତ କଣ୍ଠରେ ଆହ୍ୱାନ ନ କରୁଛନ୍ତି ! ତାଙ୍କର ପ୍ରଶାନ୍ତ ପ୍ରଶସ୍ତ ସୁବିସ୍ତୃତ ବକ୍ଷରେ ଆଶ୍ରୟଦେଇ ଆଲିଙ୍ଗନ କରିବାପାଇଁ ହସ୍ତ ପ୍ରସାରଣ କରି ଅପେକ୍ଷାକରି ରହି ଅଛନ୍ତି । ତଥାପି ଆମେ ସତେ କେତେ ଭାଗ୍ୟହୀନ ! ସତେକେତେ ମୂଢ଼ମତି ଆମେ ! ଦୃଷ୍ଟିଶକ୍ତି ଥାଇ ମଧ୍ୟ ଆମେ ଆଜି ଅନ୍ଧ ନୁହେଁକି ? ମଙ୍ଗଳମୟ ପ୍ରଭୁ ଆମରି ମଙ୍ଗଳପାଇଁ ଆମକୁ ଆହ୍ୱାନ ଦେଉଥିବା ବେଳେ ଆମେ ବୀତସ୍ପୃହ ହୋଇ ଚରମ ଅମଙ୍ଗଳ ପଥରେ ଦ୍ରୁତ ପ୍ରଧାବିତ ହେଉଛୁ ପଛେ ତାଙ୍କ ପ୍ରତି କର୍ଣ୍ଣପାତ, ଦୃଷ୍ଟିପାତ କରୁନାହୁଁ । ମାୟା ବିରଚିତ ମହାନାଟକର ନଟନଟୀ ତୁଲ୍ୟ ଅଗଣିତ ନରନାରୀ ଏ ଯାବତ୍ ତଥାପି ତାଙ୍କୁ ଚିହ୍ନି ମଧ୍ୟ ଅଚିହ୍ନା ପରି ଛଳନାମୟ ବ୍ୟବହାର ପ୍ରଦର୍ଶନ କରୁଅଛନ୍ତି । ମୋହର ବିଷୟାବିଷରେ ଜହର ଜର୍ଜର ହୋଇ ପ୍ରାଣାନ୍ତକ ଯନ୍ତ୍ରଣା ଲାଭ କରି ମଧ୍ୟ ସେହି ବିଷଜ୍ୱାଳାର ଆସକ୍ତିରେ ଅମୃତ ଆସ୍ୱାଦନ ନିମନ୍ତେ ପରାଙ୍ମୁଖ ହେଉଅଛନ୍ତି । ଆଜି ଯେଉଁମାନେ ନରଦେହୀ ନାରାୟଣଙ୍କ ବ୍ରହ୍ମବିଗ୍ରହରେ ଚତୁର୍ଦ୍ଧାମୂର୍ତ୍ତି ମହାକାଳ, ପ୍ରଣବ, ଶ୍ରୀ ଜଗନ୍ନାଥ ଏବଂ **ଶ୍ରୀ କେଶବଚନ୍ଦ୍ରଙ୍କୁ** ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣାମ ନିବେଦନ, ଚରଣସେବା ଏବଂ ଅମୀୟବାଣୀ ଶ୍ରବଣର ସୌଭାଗ୍ୟ ଲାଭ କରିଛନ୍ତି, ସେମାନେ ସତେ କେତେ ଭାଗ୍ୟବାନ ! କେତେ ସୁଖୀ !!

***

କପଟୀ ପ୍ରପଞ୍ଚମତ କୁଟିଳ ସ୍ୱଭାବ ।
ହୋଇଲେ ନପାଏ ମୁକ୍ତି ନଲଭେ ମାଧବ ॥

ସରଳତା ସାଧୁତାର ଗୁଣ ବହୁତ ।
ତ୍ୟାଗ ଦାନ ଶିଷ୍ଟାଚାରେ ବଡ଼େ ମହତ ॥

ଆଦି ଅନ୍ତ ମଧ୍ୟେ ହରି ଜଗତ ଠାକୁର ।
ଦାନ, ଧ୍ୟାନ, ଯଜନ, ଯାଜନ ନିତ୍ୟ କର ॥

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ଚରମପ୍ରାପ୍ତି ହିଁ ଆମର ଲକ୍ଷ୍ୟ । ଆମର ଲକ୍ଷ୍ୟ ପରମ ଶାନ୍ତି । ପରମାନନ୍ଦ ଲାଭ ନିମନ୍ତେ, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭେଦି ଚରମପ୍ରାପ୍ତି ପାଇଁ ଯୁଗୋପଯୋଗୀ ସାଧନାର ପଥ ଆମକୁ ମିଳିଛି । ମିଳିଛି ନିତ୍ୟ ଅଭ୍ୟାସ କର୍ମଯୋଗ ଏବଂ ଧର୍ମଧାରା । ଉକ୍ତ ଅଭ୍ୟାସ କର୍ମଯୋଗ ଓ ଧର୍ମଧାରାର ଏକ ବିଶେଷ ଗୁଣାତ୍ମକ ଅଙ୍ଗହିଁ ସାଷ୍ଟାଙ୍ଗ ପ୍ରଣାମ । ବିଧି ଅନୁସାରେ ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟର ସହିତ ନିୟମିତ ସାଷ୍ଟାଙ୍ଗ ପ୍ରଣାମ ନିବେଦନ ଦ୍ୱାରା ଆଧ୍ୟାତ୍ମିକ ପଥରେ ଆତ୍ମୋନ୍ନୟନର ପଥ ଉନ୍ମୁକ୍ତ ହେବା ସହିତ ଜାଗତିକ ପଥରେ ବହୁ ରୋଗ ବୈରାଗ୍ୟରୁ ମୁକ୍ତି ମିଳେ, ମିଳୁଛି ॥ ଏ ସଂପର୍କରେ 'ଚରମ'ର ଏକାଦଶ ସଂଖ୍ୟାରେ ପତ୍ରସ୍ଥ ପ୍ରବନ୍ଧ ଅବଶ୍ୟ ଦ୍ରଷ୍ଟବ୍ୟ ॥*

*'ଚରମ'ର ଦ୍ୱାଦଶ ସଂଖ୍ୟାରେ ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଆଧ୍ୟାତ୍ମିକ ପଥରେ ସାଧକର ଆତ୍ମୋନ୍ନୟନ ସଂପର୍କରେ ବିଶଦ ଆଲୋଚନା ହୋଇ ଯାଇଛି । ଚଳିତ ଚତୁର୍ଦ୍ଦଶ ସଂଖ୍ୟାରେ ଏହାଦ୍ୱାରା ଜାଗତିକ ପଥରେ ବ୍ୟକ୍ତିର ରୋଗ ଆରୋଗ୍ୟ ସଂପର୍କରେ ତଥ୍ୟ ଓ ତତ୍ତ୍ୱ ସମ୍ବଳିତ ଆଲୋଚନା କରାଯାଇଛି । ଆଶାକରୁ ଅଗଣିତ ଅନୁଗତ ଭକ୍ତ ପାଠକ/ଗ୍ରାହକଙ୍କର ଏହାଦ୍ୱାରା ଅଶେଷ କଲ୍ୟାଣ ସାଧନ ହେବ ॥*

-ଦ୍ୱାଦଶସଂଖ୍ୟାର ପୂର୍ବାନୁଶ୍ରୁତିରୁ - - ଯୁଗୋପଯୋଗୀ ସାଧନା ଓ ସାଷ୍ଟାଙ୍ଗ ପ୍ରଣାମର ମହାତ୍ମ୍ୟ-

**ଅଷ୍ଟାଙ୍ଗ ଯୋଗକୁ ସାଷ୍ଟାଙ୍ଗେ ସାଧି**
**ଅଷ୍ଟ ପ୍ରକୃତିର ଭାବ ସମାଧି ।**

ଦିବ୍ୟ ଜ୍ଞାନରେ ଆଧାରିତ ନର ଶରୀର ପ୍ରକୃତିମାନଙ୍କଦ୍ୱାରା ବିଷୟରୂପୀ ପ୍ରସାଦକୁ ଗ୍ରହଣ କରି ତନ୍ମଧ୍ୟରୁ ଉତ୍ପନ୍ନ ହେଉଥିବା ଦୁଃଖ ସୁଖ ରୂପୀ ମହା ଅନିତ୍ୟ ଫଳକୁ ସର୍ବଦା ଭୋଗ କରୁଅଛି । ଏହି ଭୋଗର ବିରାମ ନାହିଁ । ଏହା ଅନବରତ ଚାଲୁ ରହିଅଛି । ଏହାର ସମାପ୍ତି ହୁଏନାହିଁ । ଏଣୁ ପ୍ରତ୍ୟେକ ନର ଶରୀର ବିଷୟକୁ ଗ୍ରହଣ କରିବା ପାଇଁ ବାଧ୍ୟ । ବିଷୟ ଗ୍ରହଣରୁ ଦୁଃଖ ସୁଖର ବଶବର୍ତ୍ତୀ ହୋଇ ଭୋଗର ଅନୁକୂଳରେ ସ୍ନେହ,ଶ୍ରଦ୍ଧା, ମମତା, ପ୍ରୀତି ଓ ପ୍ରତିକୂଳରେ କ୍ରୋଧ ଈର୍ଷା, ହିଂସା ନିଷ୍ଠୁରତାରେ ଆଚ୍ଛନ୍ନ ହୋଇ ବିକାରଗ୍ରସ୍ତ ହେଉଅଛି । ସ୍ରଷ୍ଟା ନରଶରୀର ସୃଷ୍ଟି କରିବା ସମୟରେ ଜାଣିଥିଲେ ଯେ ଏ ନରଶରୀର ଦିବ୍ୟଜ୍ଞାନ ଧାରଣ କରିଥିବାରୁ ଜ୍ଞାନର ପ୍ରଭାବରେ ବିକାରଗ୍ରସ୍ତ ହୋଇ ବିକୃତ ହୋଇଯିବ । ତେଣୁ ଏହି ବିକାରକୁ ନିଷ୍କାସନ କରିବା ପାଇଁ ସ୍ରଷ୍ଟା ଶରୀର ମଧ୍ୟରେ ନିଷ୍କାସନ ଦ୍ୱାରମାନ ରଖିଛନ୍ତି । ଏହି ନିଷ୍କାସନ ଦ୍ୱାର ଗୁଡ଼ିକ ବିକାର ସମୂହକୁ ସର୍ବଦା ମହାଶୂନ୍ୟକୁ ନିଷ୍କାସନ କରୁଅଛନ୍ତି । ଏହି ନିଷ୍କାସିତ ବିକାର ନିଜସ୍ୱ ପ୍ରଭାବରେ ନିଷ୍କାସନ ଦ୍ୱାରଗୁଡ଼ିକୁ ଅବରୋଧ କରିଥାଏ । ଯେପରି ଅଗ୍ନି ପ୍ରଜ୍ୱଳିତ ହେଲେ ତହିଁରୁ ଧୂଆଁ ବାହାରେ । ଏହି ଧୂଆଁକୁ ନିଷ୍କାସନ ନଳ ଦ୍ୱାରା ଉପରକୁ ଛଡ଼ାଯାଇ ଚୂଲାକୁ ଧୂଆଁମୁକ୍ତ କରାଯାଇଥାଏ । କିନ୍ତୁ ଧୂଆଁର ପ୍ରଭାବରେ ଚୂଲାର ନିଷ୍କାସନ ନଳଟି ଯେପରି କଳାଦ୍ୱାରା ଆଚ୍ଛାଦିତ ହୋଇ ଦ୍ୱାରକୁ ଅବରୋଧ କରିଥାଏ, ଫଳତଃ ଏହି କଳାର ପ୍ରଭାବରେ ଚୂଲା ଧୂମ୍ରଯୁକ୍ତ ହୋଇ ପ୍ରଜ୍ୱଳିତ ଅଗ୍ନିକୁ ଇନ୍ଧନଠାରୁ ଅଲଗା କରି ଦେଇଥାଏ । ଠିକ୍ ସେହିପରି ଏହି ନର ଶରୀରରେ ସ୍ରଷ୍ଟା ବିକାରକୁ ନିଷ୍କାସନ କରିବାପାଇଁ ଦ୍ୱାରମାନ ରଖିଥିଲେ ମଧ୍ୟ ବିକାର ଦ୍ୱାରା ପ୍ରଭାବିତ ହୋଇ ଦ୍ୱାରଗୁଡ଼ିକ କଳଙ୍କିତ ହେବା ଦ୍ୱାରା ନରଶରୀରରେ ଥିବା ଦିବ୍ୟଜ୍ଞାନ କାର୍ଯ୍ୟକାରୀ ହୋଇପାରେ ନାହିଁ । ଯାହାଦ୍ୱାରା ମନୁଷ୍ୟ ବିପର୍ଯ୍ୟସ୍ତ ହୋଇ ନରକ ଯନ୍ତ୍ରଣାମାନ ଭୋଗ କରିଥାଏ ।

ଯଦି କୌଣସି ଉପାୟରେ ଶରୀରର ନିଷ୍କାସନ ଦ୍ୱାରମାନଙ୍କରୁ ବିକାର ପ୍ରଭାବରେ ଜମି ଯାଉଥିବା ଜଳକିକୁ ସଫା କରାଯାଇପାରନ୍ତା ତାହେଲେ ଦିବ୍ୟଜ୍ଞାନର ଚୈତନ୍ୟ ସର୍ବଦା ଜାଗ୍ରତ ଅବସ୍ଥାରେ ଜ୍ୱଳନ୍ତ ହୋଇ ରହନ୍ତା ଏବଂ ନର ଜନ୍ମର ମୂଲ୍ୟବୋଧକୁ ଉପଲବ୍ଧି କରିବାକୁ ମନୁଷ୍ୟ ସମର୍ଥ ହୋଇପାରନ୍ତା ।

ମନୁଷ୍ୟର ଏହି ସମସ୍ୟାକୁ ସମାଧାନ କରିବାପାଇଁ ସ୍ରଷ୍ଟାଙ୍କ ଦ୍ୱାରା ପ୍ରେରିତ ଜ୍ଞାନୀ ପୁତ୍ରମାନେ ଧରାପୃଷ୍ଠକୁ ଆସି ଗବେଷଣା କରି ସମାଧାନର ଉପାୟ ଦେଇଯାଇଅଛନ୍ତି । ତାହା ହେଉଛି ଅଷ୍ଟାଙ୍ଗଯୋଗ । ଏହି ଅଷ୍ଟାଙ୍ଗଯୋଗକୁ ଦୈନନ୍ଦିନ ନିଜଶରୀରରେ କର୍ମଯୋଗ ଦ୍ୱାରା ଅଭ୍ୟାସ ସୂତ୍ରରେ ସାଧନ କରିପାରିଲେ ଶରୀରରୁ ନିର୍ଗତ ସମସ୍ତ ବିକାରୀୟ ମଇଳା ସ୍ୱତଃ ଧୋଇ ହୋଇଯାଇଥାଏ । ଏହି ଅଷ୍ଟାଙ୍ଗଯୋଗକୁ ସାଧିବା ପାଇଁ ବର୍ତ୍ତମାନ ସମୟୋପଯୋଗୀ ସାଧନା ହେଉଛି ସାଷ୍ଟାଙ୍ଗ ପ୍ରଣାମ । ସ+ଅଷ୍ଟଅଙ୍ଗରେ ପ୍ରଣାମ ଅର୍ଥାତ ଶରୀରର ଅଷ୍ଟଅଙ୍ଗ ଯଥା - ଦୁଇ ଆଣ୍ଠୁ ଗଣ୍ଠି, ଦୁଇ କହୁଣି, ଦୁଇପାପୁଲି, ନାସିକା+ମସ୍ତକ, ବାମ ପାଦର ବୁଢାଙ୍ଗୁଳିର ଅଗ୍ରଭାଗ ଭୂମିକୁ ସ୍ପର୍ଶ କରି ପ୍ରଣାମ କରିବା ଦ୍ୱାରା ଅଷ୍ଟ ପ୍ରକୃତି ଯଥା : - ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି ଅହଂକାରର କୋଷ କେନ୍ଦ୍ରମାନଙ୍କରେ ଚାପାପଡ଼ି ବିକାର ଗୁଡ଼ିକୁ ଶରୀରରୁ ନିଷ୍କାସନ କରିଥାଏ ॥

ଅଷ୍ଟଧା ପ୍ରକୃତି ଶରୀରରେ ମୁଖ୍ୟତଃ ଆଠଗୋଟି କୋଷକେନ୍ଦ୍ର ସୃଷ୍ଟିକରି ତହିଁରେ ଆଣବିକ ଶକ୍ତି ସଂପନ୍ନ ସଂସ୍କାର ମାନ ଗଚ୍ଛିତକରି ରଖିଅଛି । କୌଣସି ପ୍ରକୃତି ଭକ୍ଷିତ ବିଷୟ ଶରୀର ନିକଟରେ ଉପସ୍ଥିତ ହେବା ମାତ୍ରେ କୋଷକେନ୍ଦ୍ରରେ ଗଚ୍ଛିତ ଥିବା ତଦ୍‌ଜନିତ ସଂସ୍କାର ସମୂହ ବିଷୟର ପ୍ରଭାବରେ ବିକଶିତ ହୋଇ ନିଜସ୍ୱ ଆଣବିକ ଶକ୍ତି ସାହାଯ୍ୟରେ ସ୍ନାୟୁବୀୟ ପ୍ରବାହ ସୃଷ୍ଟି କରି ଶରୀରରେ ନାନା ପ୍ରକାର କମ୍ପନ ସୃଷ୍ଟି କରିଥାଆନ୍ତି । ଏଣୁ ବିଷୟର ଆକର୍ଷଣରେ ଶରୀର କମ୍ପିତ ହୋଇ ବିଷୟ ସହ ଏକାକାର ହୋଇଯାଏ । କିଛି ସମୟ ଅତିବାହିତ ହେବା ପରେ ସଂସ୍କାର ଗୁଡ଼ିକ ନିଜସ୍ୱ ଶକ୍ତିକୁ ହରାଇ ଦୁର୍ବଳ ହେବାରୁ ବିଷୟକୁ ଛାଡ଼ି କୋଷ କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରି ଗୋପନରେ ରହିଯାଆନ୍ତି । ସଂସ୍କାର କୋଷ କେନ୍ଦ୍ରରେ ଗୋପନରେ ରହି ଶରରୁ ପୁଣି ଶକ୍ତି ସଂଗ୍ରହକରି ସକ୍ରିୟ ହୋଇଥାନ୍ତି । ଯାହାଦ୍ୱାରା ବିଷୟ ଉପସ୍ଥିତ ହେଲାମାତ୍ରେ ସଂସ୍କାର ବିଷୟ ସହ ସଂଯୋଗ ହୋଇଥାଏ । ଏହି କ୍ରିୟା ସର୍ବଦା ନର ଶରୀରରେ କ୍ରିୟାଶୀଳ ହୋଇ ଜୀବକୁ ଦୁଃଖ ସୁଖ ରୁ ଜାତ ବିକାରରେ ବିକାରଗ୍ରସ୍ତ କରାଇ ନରକ ଯନ୍ତ୍ରଣା ଭୋଗ କରାଇଥାଏ ।

ଉପରଲିଖିତ ଆଠଗୋଟି ଅଙ୍ଗ ଅଷ୍ଟଧା ପ୍ରକୃତିର କୋଷ କେନ୍ଦ୍ର ଅଟେ । ଏହି କୋଷ କେନ୍ଦ୍ରରୁ ଅସଂଖ୍ୟ ଅନ୍ତର୍ବାହୀ ସ୍ନାୟୁ ଓ ବହିର୍ବାହୀସ୍ନାୟୁ ବାହାରି ସର୍ବାଙ୍ଗରେ ଜାଲ ଭଳି ବିଛାଇ ହୋଇ ରହିଅଛି । ଉଦାହରଣ ସ୍ୱରୂପ ଭୟ ଜାତ ହେବା ମାତ୍ରେ ସର୍ବାଙ୍ଗରେ ସମସ୍ତ ଲୋମକୂପ ଟାଙ୍କୁରିଉଠେ । ଏହି କ୍ରିୟାକୁ ସ୍ନାୟୁ ବିନ୍ୟାସର ସାହାଯ୍ୟରେ ଶରୀରରେ ଅନୁମାନ କରି ହୁଏ । କଥାଟି ହେଲା କୋଷ ଓ ସ୍ନାୟୁ ମୁଥାମୂଳର ଚେର ସଦୃଶ । ବର୍ତ୍ତମାନ ଯଦି ମୂଳରୁ ଚେରକୁ ଛିଣ୍ଡାଇ ଦିଆଯାଏ ମୂଳରେ ଜଳକୁ ଆକର୍ଷଣ କରିବାର ଶକ୍ତି ଥିଲେ ମଧ ଚେର ଛିନ୍ନ ହୋଇଥିବାରୁ ରସଶୋଷଣ କରିପାରେ ନାହିଁ, ଠିକ୍ ସେହିପରି କୋଷ କେନ୍ଦ୍ରରୁ ବାହାରିଥିବା ଅସଂଖ୍ୟ ସ୍ନାୟୁ ଗୁଡ଼ିକୁ କୋଷ କେନ୍ଦ୍ରରେ ଚାପ ଦେଇ ବହିର୍ବାହୀ ସ୍ନାୟୁ ଦ୍ୱାରା କୋଷ କେନ୍ଦ୍ରରେ ଶକ୍ତିଶାଳୀହୋଇ ରହିଥିବା ସଂସ୍କାର ଗୁଡ଼ିକର ଉତ୍ତେଜିତ କମ୍ପନକୁ ମହାଶୂନ୍ୟକୁ ପ୍ରେରଣ କରାଯାଇପାରେ ।

ଆହୁରି ମଧ୍ୟ ସାଷ୍ଟାଙ୍ଗ ପ୍ରଣାମଦ୍ୱାରା ଅଷ୍ଟଅଙ୍ଗ ଭୂମି ସ୍ପର୍ଶ କରିବାଦ୍ୱାରା ଅଙ୍ଗ ମାନଙ୍କରେ ଯେଉଁ ଚାପ ପଡ଼େ ତାହା ଆମର ସର୍ବ ରୋଗ ବ୍ୟାଧି ହରଣ କରିଥାଏ । ଏହି ପ୍ରଣାମ ସୂତ୍ର ଆକ୍ୟୁପ୍ରେସର ଚିକିତ୍ସାସହ ସମନ୍ୱିତ ହୋଇ ରହିଅଛି । ଆକ୍ୟୁପ୍ରେସର ଚିକିତ୍ସାରେ ପ୍ରତ୍ୟେକ ରୋଗ ପାଇଁ ହାତ ଗୋଡ଼ରେ ପ୍ରେସର ଦିଆଯାଇଥାଏ । ଶରୀରର ଏହି ଆଠଗୋଟି ଅଙ୍ଗରେ ଆକ୍ୟୁପ୍ରେସର ଦିଆଗଲେ କେଉଁ କେଉଁ ରୋଗରୁ ମୁକ୍ତି ମିଳେ ତାହା ଏଠାରେ ବର୍ଣ୍ଣନା କରୁଅଛୁ ।

ଆକ୍ୟୁପ୍ରେସର ଚିକିତ୍ସକଙ୍କ ମତରେ ଆଣ୍ଠୁରେ ବିଭିନ୍ନରୋଗ ପାଇଁ ପ୍ରେସର ଦିଆଯାଇଥାଏ । ଯଥାକ୍ରମେ ଆଣ୍ଠୁରେ ପ୍ରେସର ଦେବାଦ୍ୱାରା ଶରୀରରେ ଶକ୍ତିବର୍ଦ୍ଧକ ଟନିକ ମିଳିଥାଏ ଏବଂ ତତ୍‌ସଙ୍ଗେ ସଙ୍ଗେ ରୋଗ ପ୍ରତିଷେଧକ ଶକ୍ତି ବଢ଼ିଥାଏ, ଏହା ସହିତ ଉଚ୍ଚରକ୍ତଚାପ, ନିମ୍ନ ରକ୍ତଚାପ, ପୋଲିଓ, ଗୋଡ଼ର ଦୁର୍ବଳତା, ଆଣ୍ଠୁବ୍ୟଥା, ଶିରାରେ ବ୍ୟଥା, ଗୋଡ଼ ଦରଜ ଇତ୍ୟାଦି ରୋଗରୁ ଉପଶମ ଓ ଆରୋଗ୍ୟ ମିଳିଥାଏ ।

**ଆଣ୍ଠୁ ମାଡ଼ି ବସ ଯୋଡ଼ ହସ୍ତରେ**
**ମନ୍ତ୍ର ପଢ଼ି ଯାଅ ତିନି ଧାପରେ ।**

ସାଷ୍ଟାଙ୍ଗ ପ୍ରଣାମ କରିବା ସମୟରେ ଆଣ୍ଠୁମାଡ଼ି ବସିବା ଦ୍ୱାରା ଓ ହାତରେ ପଦକ୍ଷେପ ନେଇ ମେରୁଦଣ୍ଡ ଭୂମିଉପରେ ସମାନ୍ତରାଳ କରି ନାଭିଚକ୍ରରୁ ଦ୍ୱାଦଶ ଆଙ୍ଗୁଳି ଭୂମିଉପରୁ ଟେକି ରଖିବାରୁ ମସ୍ତକ ଭୂମିସ୍ପର୍ଶ କରି କୁମ୍ଭକ ସୂତ୍ରରେ ରହିବାରୁ ଆଣ୍ଠୁଉପରେ ପ୍ରଚଣ୍ଡ ଚାପ ପଡ଼ିଥାଏ ଏବଂ ଦୁଇ ହାତର ପାପୁଲି ହସ୍ତକ୍ଷେପରେ ବାରଆଙ୍ଗୁଳି ଲମ୍ବି ମୁଦ୍ରାସହ ଭୂମି ସ୍ପର୍ଶ କରିବାରୁ ଆଣ୍ଠୁ ଚକି ୪ ଆଙ୍ଗୁଳି ଆଗକୁ ଗଡ଼ିଯାଏ ଓ ଚକି ଉପରେ ପ୍ରେସର ପଡ଼ିଥାଏ, ପୁନଶ୍ଚ ଏକ ହାତ ବାରଆଙ୍ଗୁଳି ପଛକୁ ଟାଣିହୋଇ ଆସି ଆଣ୍ଠୁଠାରୁ ଏକ ହାତ ଦୂରତ୍ୱରେ ମସ୍ତକ ଭୂମିରେ ଲଗାଇ ଦ୍ୱିତୀୟଥର ପ୍ରଣାମ କରିବାରୁ ଆଣ୍ଠୁର ଚକି ୪ ଆଙ୍ଗୁଳି ଗଡ଼ି ଆସିଥାଏ, ଏହିପରି ପ୍ରଣାମ ସମୟରେ ଆଣ୍ଠୁଗଣ୍ଠି ଆଗ ପଛ ଗଡ଼ି ସ୍ନାୟୁ କୋଷ ଅସ୍ଥି ଓ ଚର୍ମ ଉପରେ ପ୍ରେସର ବା ଚାପ ପଡ଼ିବାରୁ ଉପରଲିଖିତ ସକଳରୋଗ ନିୟନ୍ତ୍ରିତ ହୋଇ ଶରୀରକୁ ସୁସ୍ଥ ରଖିଥାଏ ।

**ଆଣ୍ଠୁ ଦୁଇଗଣ୍ଠି କହୁଣି ଦୁଇ**
**ପାପୁଲି ଦୁଇରେ ଭରା ଲଗାଇ**

ପୂର୍ବରୁ ଜଣାଗଲା ସାଷ୍ଟାଙ୍ଗ ପ୍ରଣାମରେ ଆଣ୍ଠୁ ମାଡ଼ି ଯୋଡ଼ ହସ୍ତରେ ବସି ତିନି ଧାପରେ ଯିବା ଦ୍ୱାରା ଉପରଲିଖିତ ରୋଗ ନିୟନ୍ତ୍ରଣ ହୋଇଥାଏ । ବର୍ତ୍ତମାନ କହୁଣି ଦୁଇରେ ଚାପ ପଡ଼ିବାଦ୍ୱାରା ବ୍ୟଥା, ଶ୍ୱାସରୋଗ, ପକ୍ଷାଘାତ ରୋଗର ନିରାକରଣ ହୋଇଥାଏ, ପାପୁଲି ଦୁଇରେ ଚାପ ପଡ଼ିବା ଦ୍ୱାରା ଆମ ଶରୀରର କ'ଣ ଉପକାର ହୁଏ ତାହା ଚିକିତ୍ସକଙ୍କ ମତରେ ବର୍ଣ୍ଣନା କରୁଅଛୁ । ଆକ୍ୟୁପ୍ରେସର ଚିକିତ୍ସାରେ ଶରୀରରେ ଯେକୌଣସି ରୋଗ ହେଲେ ବିଶେଷ କରି ପାପୁଲିରେ ପ୍ରେସର ଦିଆଯାଏ । କାରଣ ଆମ ହାତ ପାପୁଲିରେ ଶରିରର ସମସ୍ତ ଅଂଶ ଯଥା ଗୋଡ଼ ଆଙ୍ଗୁଠି ଠାରୁ ଆରମ୍ଭ କରି ମସ୍ତକ ପର୍ଯ୍ୟନ୍ତ ଯେତେ ଗୁଡ଼ିଏ ଅଂଶ ଓ ବିଭାଗ ରହିଛି ସେହି ସମସ୍ତ ଅଂଶ ଓ ତାର ବିଭାଗ ଗୁଡ଼ିକର ସମସ୍ତ ସ୍ନାୟୁ ଏହି ପାପୁଲିରେ ଥିବା ଶିରା ପ୍ରଶିରା ସହ ସଂଯୁକ୍ତ ହୋଇ ରହିଅଛନ୍ତି । ଏଣୁ ହାତ ପାପୁଲିକୁ ଶରୀରର ସୁଇଚ୍ ବୋର୍ଡ ବା ନିୟନ୍ତ୍ରଣ କେନ୍ଦ୍ର କୁହାଯାଏ । କାରଣ ସ୍ନାୟୁ ଗୁଡ଼ିକ ହାତ ପାପୁଲିରେ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ଗ୍ରନ୍ଥିମାନଙ୍କ ସହ ସଂଯୋଗ ହୋଇ ରହିଅଛନ୍ତି । ଏଣୁ ହାତ ପାପୁଲିରେ ସର୍ବାଙ୍ଗ ଶରୀରର ଅଂଶ ଓ ବିଭାଗ ଗୁଡ଼ିକର ଚିହ୍ନଟ କରାଯାଇ ଅଛି । ସେଥି ମଧ୍ୟରୁ ସବୁଠାରୁ ମୁଖ୍ୟ ଗ୍ରନ୍ଥି

ଥାଇରାଏଡ୍ ଗ୍ରନ୍ଥି ଉପରେ ଚାପ ଦିଆଯାଇ ଶରୀରକୁ ବିଭିନ୍ନ ପ୍ରକାର ରୋଗରୁ ରକ୍ଷାକରାଯାଇଥାଏ । ସେଥିପାଇଁ ଏହି ଥାଇରାଏଡ୍ ଗ୍ରନ୍ଥିକୁ ଶରୀରର ରାଜାଗ୍ରନ୍ଥି ମଧ୍ୟ କୁହନ୍ତି । ଶିଶୁମାନଙ୍କର ଏହି ଗ୍ରନ୍ଥିରେ ଚାପ ଦେବାଦ୍ୱାରା ଶିଶୁ ଶରୀରର ବିକାଶ କରିବାରେ କାଲସିୟମ ଓ ଫସଫରସ୍ ଯୋଗାଇଥାଏ ଏବଂ ଶରୀରର ବିଷଦ୍ରବ୍ୟ ଟକ୍ସିନ୍‌କୁ ବାହାରକୁ ବାହାରି କରି ଦେଇଥାଏ । ଏହା ସହିତ ହର୍‌ମୋନ୍ ଶକ୍ତି ବଢ଼ାଇଥାଏ । ବୟସ୍କ ଲୋକମାନଙ୍କ ଶରୀରରେ କୌଣସି ସ୍ଥାନ ଟାଣ କିମ୍ବା ନରମ ହୋଇଗଲେ, ଶରୀର ଶୁଖିଗଲେ, ଅତ୍ୟଧିକ ମୋଟା କିମ୍ବା ପତଳା ହୋଇଗଲେ ଗର୍ଭାଶୟର ବିକାଶ ଓ ସୁରକ୍ଷା ହଜମ ଶକ୍ତି ବଢ଼ାଇବା, କୌଣସି ଅଂଶର ହାଡ଼ ବଢ଼ିବାକୁ ନ ଦେବା, ପ୍ରତିଗଣ୍ଠି ନ ଫୁଲିବା, ଶରୀର ଝିମ୍ ଝିମ୍ ନ ହେବା, ଆଖିର ଡ଼ୋଳା ନ ବଢ଼ିବା, ଗଳଗଣ୍ଡ, ବୋନ୍ ଟି.ବି., ଦେହ ଥରିବା, ବାଳ ପାଚିବା, ବାଳ ଉପୁଡ଼ିବା, ଚନ୍ଦା ନ ହେବା ପାଇଁ ଏହି ଗ୍ରନ୍ଥିରେ ଚାପ ଦିଆଯାଇଥାଏ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଲାଯେ ପାପୁଲିରେ ସାଷ୍ଟାଙ୍ଗ ପ୍ରଣାମ କରିବା ଦ୍ୱାରା ସମାନ ପ୍ରକାର ଚାପ ପଡ଼ି ଉପରୋକ୍ତ ରୋଗ ଗୁଡ଼ିକରୁ ମୁକ୍ତି ମିଳିଥାଏ ।

ଆହୁରି ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ ସମୟରେ ମୁଦ୍ରାକରି ପ୍ରଣାମ କରିବାଦ୍ୱାରା ପାପୁଲିର ବୃଦ୍ଧାଙ୍ଗୁଳି ଉପରେ ଚାପ ପଡ଼ି ମସ୍ତିଷ୍କ ରୋଗ, ମୁଣ୍ଡବିନ୍ଧା ଓ ବାତରୋଗ ଗୁଡ଼ିକର ଉପଶମ ହୋଇଥାଏ । ନେଡ଼ି ଉପରେ ଓ ପାପୁଲିର ଚର୍ତୁପାର୍ଶ୍ୱରେ ଯୋଡ଼ହସ୍ତ ମୁଦ୍ରାଦ୍ୱାରା ଗ୍ରନ୍ଥି ଗୁଡ଼ିକର ପଏଣ୍ଟ ଉପରେ ଚାପପଡ଼ି ଅଣ୍ଟା ବ୍ୟଥା, ଆଣ୍ଠୁବ୍ୟଥା, ପରିଶ୍ରା ଜନିତ ବିଭିନ୍ନ ପ୍ରକାର ରୋଗ, କିଡ଼ିନିର ପଥର, କୋଷ୍ଠ କାଠିନ୍ୟ, ପେଟ ବ୍ୟଥା :- ଅଲସର୍, ଆଲର୍ଜି, ବାନ୍ତି, ଲିଭରର ବିଭିନ୍ନ ରୋଗ, ଜଣ୍ଡିସ୍, ଶରୀରର କଳାଦାଗ, ଆଖିତଳ କଳା ନହେବା, ଉଚ୍ଚ ନିମ୍ନ ରକ୍ତଚାପ, କାନ୍ଧବିନ୍ଧା, ଛାତି ଦରଜ, କାନ ରୋଗ, ଆଖି ରୋଗ, ମ୍ୟାଲେରିଆ, କଳାଜ୍ୱର ଇତ୍ୟାଦି ରୋଗରୁ ଆରୋଗ୍ୟ ମିଳେ ।

ସାଷ୍ଟାଙ୍ଗ ପ୍ରଣାମର ସୂତ୍ରାନୁଯାୟୀ ଯେତେବେଳେ ୨ ହାତ ବାର ଆଙ୍ଗୁଳି ଭୂମି ହାତ ପାପୁଲି ମୁଦ୍ରା ଦ୍ୱାରା ପଦକ୍ଷେପ ଅତିକ୍ରମ କରିବାକୁ ହୁଏ, ସେତେବେଳେ ହାତ ପାପୁଲିର ମୁଦ୍ରା ଉପରେ ଶରୀରର ଭାରା ନେବା ଦ୍ୱାରା ପାପୁଲିର ନେଡ଼ି, ଚତୁପାର୍ଶ୍ୱରେ ଚାପା ପଡ଼ି କଷ୍ଟ ଅନୁଭବ ହୋଇଥାଏ । କଷ୍ଟ ହେଲେ ମଧ୍ୟ ଶରୀରରୁ ଉପରୋକ୍ତ ରୋଗ ଗୁଡ଼ିକରୁ ରକ୍ଷା ମିଳିଥାଏ ।

'ନାସିକା ମସ୍ତକ ମୁଦ୍ରାରେ ଲଗା
ଦୁଇ ପାଦୁ ଏକ କର ଅଲଗା ।

ଆହୁରି ମଧ୍ୟ ସାଷ୍ଟାଙ୍ଗ ପ୍ରଣାମର ନାସିକା ମସ୍ତକ ମୁଦ୍ରାରେ ଲଗାଇ ଭୂମି ସ୍ପର୍ଶ କରିବା ଦ୍ୱାରା ମସ୍ତକ ଓଜନର ଚାପା ନାକ ଓ କପାଳ ଉପରେ ପଡ଼ିବା ଦ୍ୱାରା ପ୍ରେସର ବା ଚାପ ନାଡ଼ି ଚିକିତ୍ସା ଅନୁଯାୟୀ ନାକ ଚାପରେ ଥଣ୍ଡା, ମୁଣ୍ଡବିନ୍ଧା, ସାଇନସାଇଟିସ୍ ଇତ୍ୟାଦି ରୋଗ ଭଲ ହୋଇଥାଏ ଏବଂ କପାଳର ଚାପା ଦ୍ୱାରା ଥଣ୍ଡା, ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ମସ୍ତିଷ୍କ ରୋଗ, ଅନିଦ୍ରା, ଆଖି, ଜିଭ, ଅମାଶୟ ରୋଗରୁ ମୁକ୍ତି ମିଳିଥାଏ ।

ଦୁଇ ପାଦୁ ଏକ କର ଅଲଗା । ସାଷ୍ଟାଙ୍ଗ ପ୍ରଣାମରେ ବାମ ପାଦର ବୃଦ୍ଧାଙ୍ଗୁଳି ଦ୍ୱାରା ଗୋଡ଼ର ସମସ୍ତ ଓଜନର ଭାରା ନେଇ ପ୍ରଣାମ କରିବାରୁ ବୃଦ୍ଧାଙ୍ଗୁଳିର ଅଗ୍ରଭାଗରେ ଚାପ ବା ପ୍ରେସର ପଡ଼ିଥାଏ ଏବଂ ଡାହାଣ ପାଦର ଆଙ୍ଗୁଳି ଗୁଡ଼ିକ ବାମ ପାଦର ଗୋଇଠି ଉପରେ ରଖିବା ଦ୍ୱାରା ଯେଉଁ ଚାପ ପଡ଼େ ତାହା ଫଳରେ ବାତରୋଗ, ଗୋଡ଼ ଗଣ୍ଠିବ୍ୟଥା, ସାଇଟିକା, ଅଣ୍ଟା ବ୍ୟଥା, ଯୌନଦୁର୍ବଳତା, ପାଦତଳ ବ୍ୟଥା, ପକ୍ଷାଘାତ, ମୁଣ୍ଡବିନ୍ଧା, ବେକବ୍ୟଥା, ବିଭିନ୍ନ ଗଳାରୋଗ, ଟନସିଲ, କାଶ ଇତ୍ୟାଦି ଭଲ ହୋଇଥାଏ ।

‘ମେରୁଦଣ୍ଡ ରଖ ସଳଖ କରି
କୁଣ୍ଡଳିନୀ ଦ୍ୱାରେ ପବନ ଭରି’

ପ୍ରଣାମ ସମୟରେ ମେରୁଦଣ୍ଡ ସଳଖ ରଖି କୁଣ୍ଡଳିନୀରେ କୁମ୍ଭକ ସୂତ୍ରରେ ବାୟୁ ଚାପ ଦେବାଦ୍ୱାରା ଆଣ୍ଠୁଗଣ୍ଠି ବାତ, ବେକ ବ୍ୟଥା, ଅଣ୍ଟା ବ୍ୟଥା, ସାଇଟିକା ହୋଇନଥାଏ । ବର୍ତ୍ତମାନ ଯୁଗୋପଯୋଗୀ ସାଷ୍ଟାଙ୍ଗପ୍ରଣାମ ଦ୍ୱାରା ଶରୀରର ଆଠଗୋଟି ଅଙ୍ଗରେ ଚାପ ପଡ଼ି ସର୍ବ ରୋଗ ବ୍ୟାଧି ହରଣ କରିଥାଏ ଓ କୁଣ୍ଡଳିନୀର ପ୍ରବାହ ଊର୍ଦ୍ଧ୍ୱଗାମୀ ହୋଇ ଆତ୍ମାର ସଦ୍‌ଗତି ହୁଏ ।

ଅଷ୍ଟଧା ପ୍ରକୃତି ମାନଙ୍କ ଦ୍ୱାରା ଶରୀରରେ ବିଷୟ ଦହନ ହେବାରୁ ଶରୀର ବିକାର ଗ୍ରସ୍ତ ହୋଇଥାଏ । ଏବଂ ଏହି ବିକାରରୁ ନାନାପ୍ରକାର ରୋଗ ଜାତ ହେବା ସହିତ ପ୍ରକୃତି ମାନଙ୍କର ଭାବରାଜିକୁ ବିକୃତ କରିଥାଏ । ବିଷୟ ଭକ୍ଷଣରୁ ବିକାର, ବିକାର ପ୍ରଭାବରୁ ରୋଗ, ରୋଗ ପ୍ରଭାବରୁ ବିକୃତି, ବିକୃତି ପ୍ରଭାବରୁ ମଣିଷର ବିବେକ ଜ୍ଞାନର ବିନାଶ ହୋଇ ଅଶାନ୍ତି, ଅତୃପ୍ତି, ଅବସାଦ, ଅସନ୍ତୋଷ ଜାତ ହୋଇଥାଏ ।

ମାନବ ଜୀବନର ମୂଲ୍ୟବୋଧ ଶାନ୍ତି ସନ୍ତୋଷକୁ ଆଣିବା ପାଇଁ ଅଶାନ୍ତି ସୃଷ୍ଟି କରୁଥିବାରୁ ବିକାରରୁ ଜାତ ରୋଗ ବ୍ୟାଧିକୁ ସାଷ୍ଟାଙ୍ଗ ପ୍ରଣାମ ସୂତ୍ରରେ ସର୍ବପ୍ରଥମେ ବିନାଶ କରିବା ଦରକାର । ରୋଗ ବ୍ୟାଧିର ବିନାଶ ହେଲେ ଶରୀରରୁ ସ୍ୱତଃ ବିକୃତ ଭାବର ବିନାଶ ହୋଇଥାଏ । ଏହି ସୂତ୍ରରେ ଅଷ୍ଟ ପ୍ରକୃତିର ବିକୃତ ଭାବର ସମାଧି ହୋଇ ମାନସସ୍ତର, ଅନ୍ତଃକରଣ, ଚିତ୍ତ, ଶାନ୍ତ ହୋଇ ସ୍ଥିର ହୋଇଥାଏ । ଏହା ଦ୍ୱାରା ହୃଦୟରେ ବିବେକ ଜ୍ଞାନର ଉଦୟ ହୋଇ ମଣିଷକୁ ଦିବ୍ୟ ଆଲୋକରେ ଆଲୋକିତ କରି ଚୈତନ୍ୟତାକୁ ପ୍ରାପ୍ତ କରାଇଥାଏ । ଯେପରି ଜଳ ପବନର ପ୍ରଭାବରେ ତାରଙ୍ଗାୟିତ ହୋଇ ଚନ୍ଦ୍ର ବିମ୍ବକୁ ଦୋହଲାଇଥାଏ ଠିକ୍ ସେହିପରି ମଣିଷର ଚୈତନ୍ୟତାକୁ ବିଷୟ ବିକାର ରୂପୀ ପବନ ଶରୀର ସ୍ଥିତି ଅନ୍ତଃକରଣ, ମାନସ ଓ ଚିତ୍ତକୁ ତରଙ୍ଗାୟିତ କରି ଚୈତନ୍ୟାଲୋକକୁ ଅସ୍ଥିର କରିଥାଏ । ଯେପରି ପବନ ସ୍ଥିରହେଲେ ଜଳ ଆପେ ସ୍ଥିର ହୋଇ ଚନ୍ଦ୍ରିବିମ୍ବକୁ ସ୍ଥିର ରଖିବ । ଠିକ୍ ସେହିପରି ଶରୀର ସ୍ଥିତି ଅଷ୍ଟପ୍ରକୃତିର ବିକୃତି ଭାବତରଙ୍ଗ ସାଷ୍ଟାଙ୍ଗ ପ୍ରଣାମ ସୂତ୍ରରେ ସ୍ଥିର ଓ ଶାନ୍ତ ହୋଇଗଲେ ହୃଦୟରେ ଚନ୍ଦ୍ର ଭଳି ଚୈତନ୍ୟ ସ୍ଥିରଭାବରେ ପ୍ରକାଶିତ ହୋଇଥାଏ । ଏଥିପାଇଁ କଥିତ ଅଛି --

‘‘ଅଷ୍ଟାଙ୍ଗ ଯୋଗକୁ ସାଷ୍ଟାଙ୍ଗେ ସାଧି
ଅଷ୍ଟ ପ୍ରକୃତିର ଭାବ ସମାଧି ।’’

ଏବଂ ‘‘ଚୈତନ୍ୟ ଚେତନା ଦୁଆରେ ହଭା
କୁଣ୍ଡଳିନୀ ଜାଗେ ଭାଙ୍ଗଇ ସଭା ।।’’

ଯୋଗିନୀ ମୁଖରେ ପଡ଼େ ଯେ ଜନ ।
ଲକ୍ଷ୍ମୀ ଛଡ଼ା ହୁଏ ସେ ଧନହୀନ ।।

# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

**ଅଚ୍ୟୁତଙ୍କ ଲେଖନୀରୁ ------**

''ମହା ପ୍ରଳୟର ଜଳାର୍ଣ୍ଣବ ହେବ
ପୃଥିବୀ ସାରା ବୁଡ଼ିବ ।
ଶାଗମୃଗ ଯେତେ ଧରମକୁ ବାଛି
ସନାତନ ବାନା ଉଡ଼ିବ ।।'' - ଯଶୋବନ୍ତ ଦାସ ।।

ମହାପୁରୁଷ ଅଚ୍ୟୁତଙ୍କର ମାଳିକା ବାଣୀ ସକଳର ନିର୍ଭୁଲ ସଂକଳନ ଏବଂ ତାତ୍ତ୍ୱିକ ବ୍ୟାଖ୍ୟା ପ୍ରଚାର ପ୍ରସାର କରିବା ଆମ ''ସାହିତ୍ୟ ସଂସଦର''ର ଅନ୍ୟତମ ଆଭିମୁଖ୍ୟ । ଏହି ଲକ୍ଷ୍ୟରେ ''ଚରମ''ର ପ୍ରତ୍ୟେକ ସଂଖ୍ୟାରେ ଏହି ସ୍ତମ୍ଭରେ ନିୟମିତ ''ମାଳିକା''ର ଉଦ୍ଧୃତାଂଶ ପତ୍ରସ୍ଥ ହୋଇ ଆସୁଛି ଓ ଉଦ୍ଧୃତାଂଶର ତାତ୍ତ୍ୱିକ ବ୍ୟାଖ୍ୟା ପ୍ରକାଶ କରାଯାଇ ଯୋଗିପ୍ରସୁମାନଙ୍କର ଅନୁସନ୍ଧିତ୍ସା ଦୂରୀକରଣ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

'ପଦ୍ମକଳ୍ପଟୀକା'ର 'ଚତୁର୍ଥବାଣୀ'ରୁ ଉଦ୍ଧୃତାଂଶ :-

(ନଟୁଚୋରୀ-ବୃତ୍ତେ)

କହନ୍ତି ଅଚ୍ୟୁତ ବାବୁ ଯଶୋବନ୍ତ ଅନନ୍ତ ସଖା ହୋ ଶୁଣ,
ଗୁପତ ଗଙ୍ଗାଯେ ମାଡ଼ି ଆସିବଟି ପାପଭାରାକୁ ନସହିଣ,
ଏତ ଶ୍ରୀମୁଖବାଣୀ, କେଭେ ଅନ୍ୟଥା ନୋହିବ ପୁଣି ହେ ।।୧।।
ଉତ୍ତରେ ସାଜିବ ଦକ୍ଷିଣେ ଗାଜିବ ପୂର୍ବେ କେ ରହିବେ ନାହିଁ,
ଝାଡ଼ବାଡ଼ ଧରି ଯେତୁବା ରହିବେ ବିହନ ହୋଇବେ ସେହି,
ଶୁଣ ସଖା ସୋଦର, ବାର ଜନମ ପୂର୍ଣ୍ଣ ଆନ୍ତର ହେ ।।୨।।
ତିନି ତେତିଶକୁ ଲୟକରି ଥାଅ ତେଏରକୁ କର ଠିକ,
ତେଏର ଠାବରୁ ଷୋହଳ ପର୍ଯ୍ୟନ୍ତ ଏ ଅଙ୍କକୁ ମନେ ରଖ,
କୋଡ଼ିଏ ଟିରେ ଶୂନ୍ୟ, ଏକୋଇଶେ ଜନ ହେବେ ଜନ୍ମ ହେ ।।୩।।
କଳିଶେଷ ହେବ ସତ୍ୟ ଆରମ୍ଭିବ ଜନ ଯେ ହୋଇବେ ସାତପା',
ବାଇଗଣଗଛେ ଆଙ୍କୁଡ଼ି ବନ୍ଧାଇ ତୋଳିବେ ବାଇଗଣ କରି ଆଁ,
ହୋଇ ଶ୍ୟାମଳ ରୂପ, ଦଶ ସହସ୍ରାଣୀ ହେବ ଲୋପ ହେ ।।୪।।
ସାତଗ୍ରାମ ଭାଙ୍ଗି ଏକଗ୍ରାମ ହେବ ବୁଲିବ ଲୁହାର ମଲ୍ଲ,
ଶ୍ୱାନ ଶୃଗାଳ ଯେ ରଡ଼ି ଛାଡୁଥିବେ ଚମକୁଥିବଟି ମହୀ,
ଛପ୍ପନକୋଟି ଯୋଗିନୀ, ଭ୍ରମୁଥିବେ ନବକୋଟି କାତ୍ୟାନୀ ହେ ।।୫।।
ଯୋବରା ଘାଟରେ ମହାନଦୀପରେ ହେବଟି ପରୀକ୍ଷା ତହିଁ,
ଦମନ ନାଶନ ବେଳ ପଡ଼ିଯିବ କେହି କାହାକୁ ନଥିବେ ଚାହିଁ;
ରତ୍ନବଟ ନିକଟେ, ତହିଁ ପରୀକ୍ଷା ହେଉଥିବେ ଭକ୍ତେ ହେ ।।୬।।
କଟକ ଚଣ୍ଡୀ ଯେ ରଡ଼ି ଛାଡୁଥିବେ ଶୁଭୁଥିବ ଯାଜପୁରକୁ,
ବିରଜା ଦେବୀ ଯେ ଅଷ୍ଟଚଣ୍ଡୀ ଘେନି ଦେଖାଇବେ ଖଡ଼୍‌ଗ ଧାରକୁ,
ଏହି ଖଡ଼୍‌ଗେ ମୋହର, ଲକ୍ଷେ ଭକ୍ତ ଆସି ହେବେ ସଂହାର ହେ ।।୭।।

ଉଦ୍ଧୃତାଂଶର ବ୍ୟାଖ୍ୟା 'ରତ୍ନବେଦୀ'ର ୫୧ ପୃଷ୍ଠାରେ ଦେଖନ୍ତୁ ।




# ଗଳ୍ପାଂଶ

*ଭାରତୀୟ ସାଧାରଣ ପାଠକମାନଙ୍କ ବିଚାରରେ ପୁରାଣ ମାନେହିଁ ଧର୍ମଗ୍ରନ୍ଥ । ଏପରି ବିଚାର ଓ ବିଶ୍ୱାସ ନିରର୍ଥକ ନୁହେଁ, ସାର୍ଥକ ଏ ଦୃଷ୍ଟିକୋଣ । ମୁକ୍ତିର ଅନିର୍ବାଣ ଦୀପଶିଖା ପୁରାଣର ପୃଷ୍ଠାରେ ଉଦ୍ଦୀପ୍ତ ରହି ଭାରତୀୟ ଜନସମାଜକୁ ଜ୍ୟୋତିଃର ପଥ ଦେଖାଇ ଆସିଛି ।*

*ଭାରତୀୟ ରସଚେତନାର ଯଥାର୍ଥ ପ୍ରତିନିଧି ପୁରାଣ ସାହିତ୍ୟ । ବିଭିନ୍ନ ସ୍ତରରେ ଓଡ଼ିଆ ପୁରାଣକବି ଆଖ୍ୟାନ ସୃଷ୍ଟିରେ ସିଦ୍ଧହସ୍ତ । ଏହାଦ୍ୱାରା ମୌଳିକ ସାଧନତତ୍ତ୍ୱ ଓ ତଥ୍ୟ ପ୍ରତି ଓଡ଼ିଆ କବି ନିରପେକ୍ଷ କୌଶଳ ପ୍ରୟୋଗରେ କୃତକାର୍ଯ୍ୟ । ତେଣୁ ପ୍ରତିଟି ଆଖ୍ୟାନର ଅନ୍ତରାଳରେ ରହିଛି ଏକ ମୀମାଂସା--ସେହି ମୀମାଂସା ହିଁ ସାଧନାର କୌଶଳ ।*

*'ଚରମ' ପୃଷ୍ଠାରେ ପୁରାଣପୃଷ୍ଠାରୁ ଗଳ୍ପାଂଶ ସହିତ ଏହି ତତ୍ତ୍ୱ ମୀମାଂସା ସଂଯୋଜିତ ହୋଇ ସାଧକମାନଙ୍କର ସାଧନ ପଥ ପରିଷ୍କାର କରିଆସୁଛି ॥*

## ଶ୍ରୀକୃଷ୍ଣଙ୍କର ବିଦୁର ମନ୍ଦିରେ ଅବସ୍ଥିତି ଓ ବିଦୁରଙ୍କୁ ବରଦାନ

**(ଶୁଦ୍ରମୁନି ଶାରଳାଦାସଙ୍କ ବିରଚିତ ମହାଭାରତର ଉଦ୍‌ଯୋଗ ପର୍ବରୁ ଗୃହୀତ ॥)**

ହସ୍ତିନା ବରୁଣା ଦୁଇ ନଗ୍ର ମଧ୍ୟସ୍ଥାନେ
ବହେ ସରସ୍ୱତୀ ନଦୀ ନଗର ଈଶାନେ ।

ସାମାନ୍ୟ ନଗ୍ର ଗୋଟିଏ ଅଟେ ଅଙ୍ଗଦେଶ
ସେ ନଗର ମଧ୍ୟେ ସ୍ଥାନେ ବିଦୁରର ବାସ ।

ମିଥୁନ କୃଷ୍ଣ ପଞ୍ଚମୀ ଅଟେ ଗୁରୁବାର
ଉତ୍ତରାଷାଢ଼ା ନକ୍ଷତ୍ର ବେଳ ଦଣ୍ଡ ତେର ।

ତୈତିଳନାମେ କରଣ ପ୍ରୀତି ନାମେ ଯୋଗ
ଉତ୍ତରାଷାଢ଼ାର ଅନ୍ତେ ଶ୍ରବଣାର ଭୋଗ ।

କେଶବଙ୍କ ସଙ୍ଗତରେ ଛନ୍ତି ଋଷିମାନେ
ପ୍ରବେଶ ହୋଇଲେ ଯାଇ ବିଦୁର ଭବନେ ।

ଭଗବାନ ଶ୍ରୀକୃଷ୍ଣକେଶବ ପାଣ୍ଡବମାନଙ୍କର ଦୂତ ହୋଇ ଦୁର୍ଯ୍ୟୋଧନଙ୍କୁ ପାଞ୍ଚଗୋଟି ପଡ଼ା ମାଗିବାପାଇଁ ଯାଇଥିବା ଅବସରରେ ବିଦୁରଙ୍କ ଗୃହରେ ବ୍ୟାସ, ବିଶ୍ୱାମିତ୍ର, ମାର୍କଣ୍ଡ, ବଶିଷ୍ଠ, ଅଗସ୍ତି, ବାଲ୍ମୀକି, ପରାଶର ଆଦି ମହାଯତି ଓ ସେମାନଙ୍କର ଷାଠିଏ ହଜାର ଶିଷ୍ୟଙ୍କ ସହିତ ପହଁଞ୍ଚିଲେ । ବିଦୁର ମହାଆନନ୍ଦରେ ସନ୍ତୋଷମନରେ କୃଷ୍ଣଙ୍କର ସ୍ତୁତିଗାନ କଲେ, ବିଶେଷ କରି ପ୍ରଭୁଙ୍କର ବାଲ୍ୟଲୀଳା ଚରିତ ପ୍ରକାଶ କଲେ । ଏହା ଶୁଣି ହୃଷୀକେଶ

ବିଶେଷ ପ୍ରସନ୍ନ ହେଲେ । ଲିଆ ମୁଆଁ, ଲଡୁ, ଦୁଧସରର ପାପୁଡ଼ି, ପଞ୍ଚାମୃତ, ଦୁଗ୍ଧ ସହିତରେ ନବାତ ଖଣ୍ଡ ମିଶାଇ କଦଳୀ ଗୁଟିକାରେ ଅମୃତପାଣି ଭରି କାଞ୍ଚନ ଝରିରେ ସୁବାସିତ ପଣାରେ କର୍ପୂର ବାସ ମିଶାଇ, କୁମୁଦବେଣ୍ଟ ପୁଡ଼ାଏ, ନଡ଼ିଆ ଗୁଡ଼ାଏ ମଣୋହିରେ ପରିବେଷଣ କଲେ । ଭୋଜନ ଶେଷରେ କର୍ପୂର ତାମ୍ବୁଳ ସେବନ କରିବାକୁ ଦେଲେ ଓ ଶରୀରରେ ଗନ୍ଧ କସ୍ତୁରୀ ଲେପନ କଲେ । ସୁବାସତ ଫୁଲରେ ଗଭା ବାନ୍ଧିଦେଲେ ଏବଂ ଗଳାରେ ଅତି ସୁନ୍ଦର ତୁଳସୀର ମାଳା ପିନ୍ଧାଇଲେ । ବିଦୁର ଏହିପରି ଭାବରେ ଶ୍ରକୃଷ୍ଣଙ୍କୁ ପୂଜାକଲେ ଓ ସମସ୍ତ ଋଷି ଓ ତାଙ୍କର ଶିଷ୍ୟମାନଙ୍କୁ ଉତ୍ତମଭୋଜନ ଭୁଞ୍ଜାଇ ପ୍ରତ୍ୟେକଙ୍କର ମନ ମୋହିଦେଲେ । ଭଗବାନ ଶ୍ରୀକୃଷ୍ଣ ବିଦୁରଙ୍କର ଏପରି ଅତିଥିପରାୟଣତା ଦେଖି ଆଶ୍ଚର୍ଯ୍ୟହୋଇ ପଚାରିଲେ, 'ବିଦୁର ! ଏ ସମୁଦାୟ ଜିନିଷ ସହିତ କୃଷ୍ଣାଜିନ, ସୁନାପୀଢ଼ା, ସୁନାଝରି ଇତ୍ୟାଦି କିପରି ଉପାୟରେ ପୂର୍ବରୁ ସଞ୍ଚି ରଖିଥିଲ ? ବିଦୁର ଅତ୍ୟନ୍ତ ବିନୟ ସହକାରେ ଉତ୍ତର ଦେଇ କହିଲେ, 'ହେ ସ୍ୱାମୀ, ତମେ ଯେ ଅକସ୍ମାତଭାବରେ ମଧ୍ୟରାତ୍ର ସମୟରେ ଆସି ପହଞ୍ଚିଯିବ, ତାହା ମୁଁ ପୂର୍ବରୁ ଜାଣିଥିଲି । ଏକଥା ମଧ୍ୟ ମୁଁ ଜାଣିଥିଲି ଯେ ତମ ସହିତ ଅନେକ ମୁନିଋଷି ଓ ତାଙ୍କର ଶିଷ୍ୟମାନେ ମଧ୍ୟ ଆସିବେ । ତେଣୁ ହେ ଦେବାଧିରାଜ, ଏକଥା ପୂର୍ବରୁ ଜାଣିଥିଲି ବୋଲି ତମମାନଙ୍କର ଚର୍ଚ୍ଚା ଓ ଅର୍ଚ୍ଚନା କରିବା ନିମନ୍ତେ ଏ ସକଳ ଆବଶ୍ୟକ ଜିନିଷପତ୍ର ଓ ଭୋଜନ ସାମଗ୍ରୀ ସଞ୍ଚୟକରି ରଖିଥିଲି ।' 'ସଂସାରରେ ଘରକରଣାକରି ଯେଉଁ ବ୍ୟକ୍ତି ଭକ୍ତିଭାବରେ ଏବଂ ସ୍ନେହର ସହିତ ଅତିଥିସେବା କରିବା ମନୋଭାବରେ ଦ୍ରବ୍ୟାଦି ସଞ୍ଚୟ କରି ରଖେ, ତାହା କଦାପି ଅକାରଣ ହୁଏ ନାହିଁ । କୃପଣ ତଥା ଅଦାତବ୍ୟ ବ୍ୟକ୍ତିମାନଙ୍କର ସମ୍ପତ୍ତି ସେମାନଙ୍କ ପାଇଁ ବୋଝ ଏବଂ ଅନର୍ଥର କାରଣ ସଦୃଶ ।

'ଯେଉଁ ବ୍ୟକ୍ତି ସୁଭୂମିରେ କୃଷିଜାତ ଦ୍ରବ୍ୟ ଉତ୍ପନ୍ନ କରେ, ସମାଜରେ ସୁଗୋଷ୍ଠିରେ ରହିଥାଏ, ସୁସ୍ତ୍ରୀ ପ୍ରସଙ୍ଗରେ ଯାହାର ଜୀବନ ଅତିବାହିତ ହେଉଥାଏ, ସୁଦେବତା ଯାହା ଉପରେ ସୁଦୃଷ୍ଟି ରଖିଥାଆନ୍ତି, ଯେ ସୁପଦାର୍ଥମାନ ସୁଭୋଜନ କରୁଥାଏ, ଯାହାର ସୁପୁତ୍ର ଓ ସୁସନ୍ତାନ ଥାଆନ୍ତି, ଯାହାର ହୃଦୟରେ ସୂର୍ଯ୍ୟଦେବତା ସୁଲୟରେ ଥାଆନ୍ତି, ସୁମନ୍ତ୍ରୀଙ୍କର ସୁବିଧାନ ଅନୁସାରେ ଯେ ସୁପଥରେ ଚଳୁଥାଆନ୍ତି, ଭଗବାନ କେଶବଚନ୍ଦ୍ର ତାଙ୍କର ବାନ୍ଧବ ଅଟନ୍ତି । ମାତ୍ର, ଯେଉଁ ବ୍ୟକ୍ତି କୁସ୍ଥାନରେ ବାସ କରେ, କୁଳହୀନ ମାନଙ୍କର ଯେ ସେବାକରେ, କୁସ୍ତ୍ରୀ ସହିତ ଯେ ବସବାସ କରେ, କୁଦ୍ୱିଜକୁ ଯେ ଦାନଦିଏ, କୁବୁଦ୍ଧି କୁମନ୍ତ୍ରୀର କୁମନ୍ତ୍ରଣାରେ ଯେଉଁ ବ୍ୟକ୍ତି ଚଳେ, ସେହି ବ୍ୟକ୍ତି ବାରମ୍ବାର ନରକକୁ ଗମନ କରି ପୁନଃପୁନଃ ନରକଯନ୍ତ୍ରଣା ଭୋଗ କରିଥାଏ ।

ବିଦୁର ଆହୁରି ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ ସମ୍ବୋଧନ କରି କହିଲେ, 'ସ୍ୱାମୀ, ଏହି ସଂସାର ସାଗର ଅପାର ଏବଂ ଗଭୀର ଅଟେ । ହେ ପ୍ରଭୁ, ତମେ କୃପାକରି ମୋର ଲୋଭ, ମୋହ ଏବଂ ଅହଂକାର ଆଦିକୁ ମୁହୂର୍ତ୍ତକ ମଧ୍ୟରେ ନାଶ କରିଦିଅ । ଏ ମାୟା ସଂସାର ଦଉଡ଼ିରେ ବନ୍ଧା ହୋଇଛି ଏବଂ ମନୁଷ୍ୟ ଶରୀର ଜଳବିନ୍ଦୁ (ପାଣିଫୋଟକା) ସଦୃଶ କ୍ଷଣସ୍ଥାୟୀ । ଏହା ସଂପୂର୍ଣ୍ଣ ଅନିତ୍ୟ ଅଟେ ।'' ବିଦୁରଙ୍କ କଥାଶୁଣି ଭଗବାନ ଶ୍ରୀକୃଷ୍ଣକେଶବ ଅତୀବ ସନ୍ତୁଷ୍ଟ ହୋଇ କହିଲେ, 'ବିଦୁର, ତମେ ମୋତେ ଯେତେସବୁ ତତ୍ତ୍ୱଗାଥା ଶୁଣାଇଲ, ସେଥିରୁ ମୁଁ ବୁଝିପାରିଛି ଯେ, ତମେ ସର୍ବଜ୍ଞାତା ଅଟ । ତମେ ଅତ୍ୟନ୍ତ ବିନୟୀ ହୋଇ ସେବା କଲ । ତମ ସେବାର୍ଚ୍ଚନାରେ ମୁଁ ତୃପ୍ତ ହୋଇଛି । ଏବେ ମୁଁ ଇଚ୍ଛା କରୁଛି, ତମକୁ ବର ଦେବି । ତମେ ତମର ଇଚ୍ଛାମତେ ମୋତେ ବରମାଗ ।' ଶ୍ରୀକୃଷ୍ଣଙ୍କର ଏହି କଥାଶୁଣି ବିଦୁର କହିଲେ, 'ହେ ପ୍ରଭୁ, ତମ ପାଇଁ ପକ୍ୱରମ୍ଭା ରଖିଛି । ଭୋଜନର ଜୀର୍ଣ୍ଣକାଳ ହୋଇଗଲାଣି, ମୁଁ ଅମୃତପଣା ଓ ପକ୍ୱରମ୍ଭା ଆଣି ଦେଉଛି, ତମେ ପ୍ରସନ୍ନ ହୋଇ ତାହା ଗ୍ରହଣ କର ।'

ମହାପ୍ରଭୁଙ୍କର ପ୍ରିୟଭକ୍ତ ବିଦୁର ଶ୍ରୀକୃଷ୍ଣଙ୍କୁ ଅମୃତପଣା ପିଆଇ ପାଚିଲା କଦଳୀ କାନ୍ଧିଏ ଆଣି ଭାବ ଆବେଶରେ କଦଳୀ ଛଡ଼ାଇ ଚୋପାତକ ପ୍ରଭୁଙ୍କ ହସ୍ତରେ ଦେଇ କଦଳୀତକ ଦୂରକୁ ଫୋପାଡ଼ି ଦେଉଥାନ୍ତି । ଭଗବାନ କେଶବ ମଧ୍ୟ ଭକ୍ତରଭାବରେ ବନ୍ଧାହୋଇ ଅତିଶ୍ରଦ୍ଧାରେ ଚୋପାତକ ଭୁଞ୍ଜୁଥାଆନ୍ତି । ପ୍ରେମପୁଲକରେ ବିଦୁର ସର୍ବାଙ୍ଗ ପୁଲକିତ । ନାରାୟଣ କେଶବ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଚୋପାତକ ଭୋଜନ କରୁଛନ୍ତି । ବିଦୁର ପ୍ରେମଭକ୍ତିରେ ଭୋଳ ହୋଇଥିବାରୁ ଜ୍ଞାନରେ ନଥାନ୍ତି । ତେଣୁ କଦଳୀତକ ଫୋପାଡ଼ି ଚୋପାଯାକ କେଶବଙ୍କ ହସ୍ତରେ ପରମ ଆନନ୍ଦରେ ଭୋଜନ ନିମିତ୍ତ ଦେଉଥାଆନ୍ତି । ବିଦୁରଙ୍କର ଏତାଦୃଶ ନିଷ୍କାମ ପ୍ରେମଭକ୍ତି ଦେଖି କେଶବ ମଧ୍ୟ ବିଦୁରଙ୍କର ଅନ୍ତର୍ଗତ ଭାବ ଜାଣି ଦରହସିତ ଓ ହରଷିତ ହେଉଥାଆନ୍ତି । ଏପରି ଶୁଦ୍ଧା ପ୍ରେମଭକ୍ତିର ଭୋଳଭାବ କିଛି ସମୟ ଅନ୍ତେ ଅତିବାହିତ ହେବାରୁ ବିଦୁରଙ୍କର ଚୈତନ୍ୟ ଉଦୟ ହୁଅନ୍ତେ ସେ ପୂର୍ବସ୍ଥିତାବସ୍ଥାକୁ ପ୍ରାପ୍ତ ହୋଇ ନିଜର ଅପକର୍ମ ପାଇଁ ମହାଭୟ ପାଇ ପଛଘୁଞ୍ଚା ଦେଇ ପ୍ରଭୁଙ୍କର ପଦ୍ମପାଦପୀଠରେ ସାଷ୍ଟାଙ୍ଗ ପ୍ରଣାମ କଲେ । ବିଦୁର କହିଲେ, 'ହେ ପ୍ରଭୁ, ମୁଁ ମନ୍ଦ ପାପିଷ୍ଠ ଅପରାଧ କରିଛି, ଏବେ ଚକ୍ରପେଶି ମୋର ଶିରଛେଦ କର ।' ବିଦୁର ଅସ୍ତବ୍ୟସ୍ତ ହୋଇ କାତରରେ କଦଳୀପତ୍ର ପରି କମ୍ପିବାକୁ ଲାଗିଲେ । ଯଦୁନନ୍ଦନ କେଶବ ପ୍ରିୟଭକ୍ତର ଏପରି ଅବସ୍ଥା ଦେଖି ସ୍ମିତହସି କହିଲେ, 'ବିଦୁର, ତମେ ପ୍ରିୟଭକ୍ତ । ଉଠ, ଉଠ, ପାଖକୁ ଆସ । ତମ ସେବା ଅର୍ଚ୍ଚନାରେ ଆମେ ସଂପୂର୍ଣ୍ଣ ସନ୍ତୁଷ୍ଟ । ଆଜି ତମେ ଯାହା ଇଚ୍ଛା ତାହା ବର ମାଗ । ଆମେ ଆଜି ତମର ମନୋବାଞ୍ଛା ପୂର୍ଣ୍ଣକରି ତମକୁ ପରିତୃପ୍ତ କରିବୁ । ତମେ ମନଇଚ୍ଛା ବରମାଗ, ଯଦି ବୈକୁଣ୍ଠପୁର ମାଗିବ, ତାହା ମଧ୍ୟ ତମକୁ ଆଜି ପ୍ରାପ୍ତ ହେବ ।'

ବିଦୁର କହିଲେ, 'ପ୍ରଭୁ ମୁଁ ତମର କିଛୁତ ଭକ୍ତ ମାତ୍ର । କିଛୁତ ସେବା କରିଛି । କ'ଣ ଅବା ମୁଁ ଆପଣଙ୍କୁ ବର ମାଗିବି ?' ଭଗବାନ ଶ୍ରୀକୃଷ୍ଣକେଶବଚନ୍ଦ୍ର କହିଲେ, 'ବିଦୁର, ତମେତ ଜାଣ ମନ ହିଁ ସବୁକିଛିର ମୂଳ । ମନପ୍ରାଣ ଦେଇ ସେବାକଲେ, ତାହା କ'ଣ କେବେ ନିଷ୍ଫଳ ହୁଏ ନା ହେବ ? ତମେ ତମ ମନକୁ ପଚାରି ମନମୁତାବକ ବର ମାଗ ।' ତହୁଁ ବିଦୁର କହିଲେ, 'ପ୍ରଭୁ, ମୁଁ ତ ଏଡ଼େ ସରି ନୁହେଁ । ତଥାପି, ତମେ ଯଦି ପ୍ରସନ୍ନ ହୋଇ ନିଶ୍ଚିତଭାବରେ ସଂକଳ୍ପ କରି ମୋତେ ବରଦେବ ବୋଲି କୁହନ୍ତ, ତେବେ ଏତିକି ବର ମୋତେ ଦିଅ--

'ମୋର ପୁର ପୁତ୍ର ପୌତ୍ରାଦିରେ ପୂର୍ଣ୍ଣହେବ । ମୋ ପୁରକୁ ପ୍ରତିଦିନ ବହୁଜନମାନେ ଆସୁଥିବେ । ବ୍ରାହ୍ମଣମାନଙ୍କର ଆଗମନରେ ମୋ ମନ୍ଦିର ପ୍ରତିଦିନ ଗହଳ ହେଉଥିବ । ଅତିଥି ସେବା ନିମନ୍ତେ ମୋ ଘରେ ରନ୍ଧନ ଭୋଜନ ପ୍ରତିଦିନ ପୂର୍ଣ୍ଣହେଉଥିବ । ମୋ ଗୋଶାଳାରେ ଗୋରୁ, ଗାଈ, ବାଛୁରୀ ପୂର୍ଣ୍ଣ ହୋଇଥିବେ । ସେମାନେ ସକଳେ ନୀରୋଗ ଶରୀରରେ ଅବସ୍ଥାନ କରୁଥିବେ । ମୁଁ ପ୍ରତିଦିନ କ୍ଷୀର ଓ ଘୃତାନ୍ନ ଭୋଜନ କରୁଥିବି, ମୁଁ ଯେପରି କଦାପି କୃପଣ ବା ଅଦାତବ୍ୟ ପଣ ନହୁଏ, ସେଥିପାଇଁ ହେ ଜନାର୍ଦ୍ଦନ ମୋତେ ଦୟା କରିଥିବ । ମର୍ତ୍ତ୍ୟଧାମରେ ଜନ୍ମହେଲେ, ଦିନେନା ଦିନେ ଅବଶ୍ୟ ଏ ଶରୀର ନାଶ ଯିବ । ତେଣୁ, ମୃତ୍ୟୁପରେ ଯେପରି ମୋତେ ପ୍ରୟାଗ ତ୍ରିବେଣୀ ପ୍ରାପ୍ତ ହେବ ।'

ଭକ୍ତ ବିଦୁରର ଏତାଦୃଶ ବରପ୍ରାପ୍ତିର କାମନା ବଚନ ଶୁଣି ପୀତବାସ କେଶବ ସ୍ମିତହାସ୍ୟ କଲେ । ପ୍ରଭୁ ଈଷଦ୍ ହସି କହିଲେ, 'ବିଦୁର, ତମେ କିଛି ମାଗିବ ନାହିଁ ବୋଲି କହୁଁକହୁଁ ସବୁତ ମାଗିନେଲ, ଆଉ କ'ଣ ବାକି ରହିଲା ଯେ ମାଗିଲ ନାହିଁ ?' ତହିଁ ଉତ୍ତାରୁ ବିଦୁର ଧୀର ମଧୁର ସ୍ୱରରେ ବିନୟର ସହିତ କହିଲେ, 'ହେ

ପାପମୋଚନ ପ୍ରଭୁ, ମୁଁ ଯାହା ମାଗିନାହିଁ ବା ମାଗୁନାହିଁ ତାହା କହୁଛି, ତମେ ମନଦେଇ ଶୁଣ । ମୁଁ ଦରିଦ୍ରତା ମାଗିନାହିଁ । କ୍ରୋଧ, ହିଂସା, ପର ପ୍ରତି ପ୍ରତିଶୋଧ ପରାୟଣତା, ଆଦେଶରେ ଧରାଧାମରେ ଜନ୍ମ ଗ୍ରହଣ କରିବା, ଦେବତା ବା ବ୍ରାହ୍ମଣ ହୋଇ ଜନ୍ମହେବା ଆଦି ବର ମୁଁ ମାଗିନାହିଁ । ହେ ପ୍ରଭୁ, ମୋତେ ପଛେ ଚାଣ୍ଡାଳ ଯୋନିରେ ଜନ୍ମଦେବ, କିନ୍ତୁ କାଶୀନଦୀ ଠାରୁ ରୁଦ୍ରନଦୀ ପର୍ଯ୍ୟନ୍ତ ସ୍ଥାନରେ ସ୍ୱଇଛାରେ ଜନ୍ମନେବାର ବର ଦେବ । ଭକ୍ତି ସହକାରେ ତମକୁ ଯାହା ମାଗୁଛି, ପ୍ରସନ୍ନ ଚିତ୍ତରେ ମୋତେ ତାହାହିଁ ବରଦିଅ । ହେ ଗୁରୁସ୍ୱାମୀ, ମୋତେ କଦାଚ ଅଗତିରେ ଜନମ ଦିଅନାହିଁ । ମୁଁ ଏହା ମାଗିନାହିଁ । ଅପୁତ୍ରିକ ଲକ୍ଷଣ ମଧ୍ୟ ମୁଁ ମାଗି ନାହିଁ । ମୋତେ ଅଭକ୍ତ ଗୋଷ୍ଠି ମଧ୍ୟରେ ଜନ୍ମ ଦେବ ନାହିଁ । ଅସୁରଭୋଗ୍ୟର ତୀର୍ଥ ମୋତେ ପ୍ରାପ୍ତ କରାଇବ ନାହିଁ । ହେ ନାରାୟଣ, ମୁଁ ତମର ଯେତେ ପ୍ରତିରୋଧ କଲେ ମଧ୍ୟ, ତମ ନାମ ଯେପରି ସଦାସର୍ବଦା ମୋ ହୃଦୟରେ ଥିବ । ତମ ଭକ୍ତଙ୍କୁ ଯାହା ସଚରାଚର ପ୍ରାପ୍ତ ହୁଏ, ହେ ପ୍ରଭୁ, ମୋର ଏତକ ପ୍ରାର୍ଥନା ଯେ ସଂସାରଜନଙ୍କୁ ମଧ୍ୟ ତାହା ପ୍ରାପ୍ତ ହେଉ । ହେ ପ୍ରଭୁ, ମୁଁ ମୂର୍ଖ, ମୁଁ ପାମର, ମୁଁ ଅପଣ୍ଡିତ, ଜଡ଼ ଏବଂ ମୂଢ଼ ଅଟେ । ମୋତେ ଭକ୍ତି ବା ସ୍ତୁତି କିଛି ଜଣାନାହିଁ । କେବଳ ଏତିକି ଶ୍ରୀଚରଣାରବିନ୍ଦରେ କାକୁତିପୂର୍ଣ୍ଣ ପ୍ରାର୍ଥନା କରୁଛି ଯେ, ବିଦୁର ହୃଦୟଗତ ଭାବରେ ଯାହା ବାଞ୍ଛା କରିଛି, ତାହା ତମେ ପୂର୍ଣ୍ଣକର ॥'

ବିଦୁରଙ୍କ ମୁଖରୁ ଏ ସକଳ ଶୁଣିବାପରେ ପ୍ରଭୁ ପ୍ରସନ୍ନହୋଇ 'ତଥାସ୍ତୁ' ବୋଲି କହି ବର ପ୍ରଦାନ କଲେ ॥ ଗଦ୍ଧାଂଶର ମୀମାଂସା 'ରତ୍ନବେଦୀ'ର ୫୩ ପୃଷ୍ଠାରେ ପଢ଼ନ୍ତୁ ॥

ଗୁରୁ ବୋଲାଇ ଯେ ହୁଏ ଅଜ୍ଞାନ ।
ଗୁରୁଦ୍ୱାରେ ଯେହୁ ଲୋଡ଼େ ସମାନ ॥
ଶିଷ୍ୟ ହୋଇ ଗୁରୁଗିରି ଯେ କରେ ।
ଆୟୁ ଥାଉଁ ଅକାଳରେ ସେ ମରେ ॥

ଗୁରୁକ୍ଷେତ୍ରେ ଶିଷ୍ୟହୋଇ ପ୍ରଣାମ ବାଞ୍ଛଇ ।
ଜନ୍ମଜନ୍ମାନ୍ତରେ ସେହୁ ପଶୁଯୋନି ପାଇ ।
ଜପକାଳ ତପକାଳ ନଷ୍ଟ ହୁଏ ତା'ର ।
କଷ୍ଟ ପାଇ ପଡ଼ି ମରେ ପାପୁଁଭୋଗେ ପାଇ ॥

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ମୋହ ଏକ ଅତ୍ୟନ୍ତ କଦର୍ଯ୍ୟ ରିପୁ । ମୋହର ତତ୍ତ୍ୱ ଅତ୍ୟନ୍ତ ଗୁଢ଼ ଏବଂ ଗୋପନୀୟ । ଏହାର ଗହନ ତତ୍ତ୍ୱ ଏଠାରେ ବିଭିନ୍ନ ଉଦାହରଣ ଓ ଆଖ୍ୟାୟିକା ମାଧ୍ୟମରେ ସାଧାରଣ ବୋଧଗମ୍ୟ କରିବା ପାଇଁ ପ୍ରୟାସ କରାଯାଇଛି ।*

*ଜୀବ ସ୍ଥୂଳବସ୍ତୁର ଉପଭୋଗରେ ଜଡ଼ିତ ହେଲେ ମୋହ ଜାଗେ । ଏତାଦୃଶ ଜଡ଼ିତଭାବରେ ଆସକ୍ତି ଜନ୍ମେ । ଏହି ଆସକ୍ତି ଅତ୍ୟନ୍ତ ପ୍ରଚଣ୍ଡ । ତୀବ୍ର ଆସକ୍ତିରୁ ମୋହ ସୃଷ୍ଟି ହୁଏ । ମନୁଷ୍ୟ ଆପଣାର ଅଜ୍ଞାନତାରୁ ଅଜ୍ଞାତସାରରେ କ୍ରମଶଃ ପର୍ଯ୍ୟାୟକ୍ରମେ କୌଣସି ନା କୌଣସି ବ୍ୟକ୍ତି, ବସ୍ତୁ, ସ୍ଥାନ, ଘଟଣା ବା ଅଭ୍ୟାସ ସହିତ ଜଡ଼ିତ ହୋଇପଡ଼େ । ଏହି ଜଡ଼ିତହେବା ଭାବ ପରିପକ୍ୱ ହୋଇ ଆସକ୍ତିରେ ପରିଣତ ହୁଏ । ପରେ ଏହା ସଘନ ହୋଇ ଜୀବକୁ ମୋହଗ୍ରସ୍ତ କରେ ।*

*'ଚରମ' ପୃଷ୍ଠାରେ 'ଚରମ'ର ତୃତୀୟ ସଂଖ୍ୟାଠାରୁ ଏଯାବତ୍ ଧାରାବାହିକ ଭାବରେ ଠାକୁରଙ୍କର ଦର୍ଶନ ତତ୍ତ୍ୱାବଳୀରୁ 'ମୋହ' ସଂପର୍କରେ ଆଲୋଚନା ପ୍ରକାଶ ହୋଇ ଆସୁଛି ।*

## ସବ୍ୟସାତ୍ତ୍ୱିକ ମୋହ

**ଶିଷ୍ୟ ଉବାଚ :**

ସବ୍ୟସାତ୍ତ୍ୱିକ ମୋହ କଥା । ଭୋ ଦେବ ! କୁହ ଯାହା ଯଥା ।।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଗୁରୁଙ୍କ ବାକ୍ୟକୁ ନମାନି । ସ୍ଥୂଳରେ ଗୁରୁଙ୍କ ଚଳନି ।।

ଅନୁକରଣ କରିଥାଏ । ସବ୍ୟସାତ୍ତ୍ୱିକ କୁହାଯାଏ ।।

ଗୁରୁଙ୍କ ସ୍ଥୂଳାନୁକରଣ । ବୁଝିବ ଏ ଉଦାହରଣ ।।

'ଗୁର୍ବାଗଂଜନ ମୋହ'ର ପ୍ରକାରଭେଦରୁ ଦ୍ରବ୍ୟସାତ୍ତ୍ୱିକ ମୋହ, ସେବାସାତ୍ତ୍ୱିକ ମୋହ ଓ କୃତିସାତ୍ତ୍ୱିକ ମୋହ ସଂପର୍କରେ ଅଧ୍ୟୟନ କରି ଜିଜ୍ଞାସୁ ଶିଷ୍ୟ ଉତ୍‌କଣ୍ଠାର ସହିତ ସବ୍ୟସାତ୍ତ୍ୱିକ ମୋହର ଗୁଣଧର୍ମ ଏବଂ କରଣିର ଫଳାଫଳ ସଂପର୍କରେ ଜାଣିବାକୁ ଜିଜ୍ଞାସା କରନ୍ତେ ଜଗଦ୍‌ସ୍ୱାମୀ ଗୁରୁସ୍ୱାମୀ ତାଙ୍କର ଦର୍ଶନ ତତ୍ତ୍ୱରୁ ସବ୍ୟସାତ୍ତ୍ୱିକ ମୋହର ସଂଜ୍ଞା ନିରୂପଣ କରି ପ୍ରାଣପ୍ରିୟ ଶିଷ୍ୟ ନିକଟରେ ପ୍ରକାଶ କରନ୍ତି;

'କୌଣସି ନା କୌଣସି କାରଣରୁ ଆଘାତପ୍ରାପ୍ତ ଆହତ ବ୍ୟକ୍ତି ଗୁରୁଙ୍କ ନିକଟରେ ଆଶ୍ରିତ ହୋଇ ଦୁଃଖର ବିନାଶାର୍ଥେ ଗୁରୁଙ୍କଠାରୁ ଧର୍ମଧାରା ଗ୍ରହଣ କରେ । କିନ୍ତୁ ଯେଉଁ ମୋହବଶରୁ ଶିଷ୍ୟ ଧର୍ମଧାରାଭିମୁଖୀ ନ ହୋଇ ଗୁରୁଙ୍କର ସ୍ଥୂଳବେଶମୁଖୀ ହୋଇଥାଏ, ତାହାକୁ ସବ୍ୟସାଚ୍ଛିକ ମୋହ କୁହାଯାଏ ।' ଏହି ମୋହ ହେତୁ ଶିଷ୍ୟ ଗୁରୁଙ୍କର ସ୍ଥୂଳବାକ୍ୟକୁ ନମାନି ତାଙ୍କର ସ୍ଥୂଳ ଚଳଣିବିଧିକୁ ଅନୁକରଣ କରି ସେହି ଢାଞ୍ଚାରେ ନିଜକୁ ଗଢ଼ିତୋଳେ । ଏଥିପାଇଁ ମୋହଗ୍ରସ୍ତ ଶିଷ୍ୟକୁ ସବ୍ୟସାଚ୍ଛିକ ମୋହ ଭାବ ଯୋଗାଏ । ଫଳତଃ ଶିଷ୍ୟ ଏହି ଭାବରେ ଭାବିତ ହୋଇ ଗୁରୁଙ୍କର ବେଶଭୂଷଣର ଅନୁକରଣରେ ନିଜକୁ ଭୂଷିତ କରାଇବା ଦୋଷରୁ ଗୁରୁଦଣ୍ଡାନଳରେ ପଡ଼ି ଦଣ୍ଡୀଭୂତ ହୁଏ ଓ ଧ୍ୱଂସପଥରେ ଚଳି ଅଚିରେ ଏ ଧରାଧାମରେ ବିନଷ୍ଟ ହୁଏ ।

ସବ୍ୟସାଚ୍ଛିକ ମୋହକୁ ପ୍ରାଞ୍ଜଳ ଭାବରେ ବୁଝାଇବାକୁ ଯାଇ ଠାକୁରେ ଏକ ସୁନ୍ଦର ଉଦାହରଣର ଅବତାରଣା କରିଅଛନ୍ତି । ଏକଦା **ଭଗବାନ ଶଙ୍କର** ତାଙ୍କର ଦୁଇଜଣ ଶିଷ୍ୟ **ଲାଲବନ ଓ ପୂର୍ଣ୍ଣକାଞ୍ଚନଙ୍କ** ସହ ବିହାରର କାଞ୍ଚିପୁରରେ ଅବସ୍ଥାନ କରିଥାଆନ୍ତି । ରାତ୍ରିଯାପନ ପରେ ବ୍ରାହ୍ମମୁହୂର୍ତ୍ତରେ **ଭଗବାନ ଶଙ୍କର** ସ୍ନାନଶୌଚାଦି ନିତ୍ୟକର୍ମ ସମାପନ କରି ଓଦା କୌପିନ ଓ ଉତ୍ତରୀୟକୁ ନିକଟସ୍ଥ ଶିବଲିଙ୍ଗ ଉପରେ ଶୁଖେଇଦେଲେ । ସହିତରେ ଥିବା ଦୁଇଜଣ **ଶିଷ୍ୟ ଲାଲବନ ଓ ପୂର୍ଣ୍ଣକାଞ୍ଚନ** ସବୁବେଳେ ଗୁରୁ ଶଙ୍କରଙ୍କର ସ୍ଥୂଳ ଆଚରଣ ବିଧିକୁ ଅନୁକରଣ କରି ନିଜନିଜକୁ ସର୍ବଦା ଗୁରୁଙ୍କର ବାହ୍ୟ ଢାଞ୍ଚାରେ ଗଢ଼ିବାକୁ ଚେଷ୍ଟା କରୁଥାଆନ୍ତି । କାଞ୍ଚିପୁରରେ **ଭଗବାନ ଶଙ୍କର** ଆପଣାର କୌପିନ ଓ ଉତ୍ତରୀୟ ଶିବଲିଙ୍ଗ ଉପରେ ଶୁଖାଇ ଥିବାର ଦେଖି ତତ୍‌ପରଦିନ ଦୁଇ ଶିଷ୍ୟ ପ୍ରଭାତରେ ସ୍ନାନଶୌଚାଦି କାର୍ଯ୍ୟ ସମାପ୍ତ କରି ନିଜ ନିଜର କୌପିନ ଓ ଉତ୍ତରୀୟକୁ ସେହି ଶିବଲିଙ୍ଗ ଉପରେ ଶୁଖାଇଦେଲେ । ଶିଷ୍ୟ ଦୁଇଜଣଙ୍କର ଏପରି ଆଚରଣକୁ ଲକ୍ଷ୍ୟ କରି **ଗୁରୁ ଶଙ୍କର** ଶିଷ୍ୟ ଦୁଇଜଣଙ୍କୁ ନିକଟକୁ ଡାକି ଏ ବିଷୟରେ ପଚାରିଲେ, 'ତୁମେ ଏହି ମହାନ ଶିବ ଲିଙ୍ଗ ଉପରେ ତୁମର କୌପିନ ଓ ଉତ୍ତରୀୟ ଶୁଖାଇଲ ଯେ ! ଏହା କ'ଣ ତୁମର ଉଚିତ ହୋଇଛି ? ଯଦି ତୁମ ବିଚାରରେ ତୁମର ଏପରି ଆଚରଣ ଉଚିତ ବୋଲି ବିବେଚନା କରୁଥାଅ, ତେବେ ଏଣିକି ପ୍ରତିଦିନ ତୁମର ଓଦା କୌପିନ ଓ ଉତ୍ତରୀୟ ମୋ ଉପରେ ଶୁଖାଇବ । କାହିଁକି ଏ କଥା କହୁଛି, ବୁଝୁଛ ? ମନେରଖ, ଏହି ମହାନ ଶିବଲିଙ୍ଗର ସାକାର ଅଂଶବିଶେଷ ହେଉଛି ମୁଁ ନିଜେ । ଏଣୁ ମୋର ନାମ ଶଙ୍କର । ମୁଁ ମୋର କୌପିନ ଓ ଉତ୍ତରୀୟ ଅନ୍ୟ କାହା ଉପରେ ନ ଶୁଖାଇ ମୋ ନିଜ ଉପରେ ହିଁ ଶୁଖାଇଥିଲି । ଏ ତତ୍ତ୍ୱ ବା ତଥ୍ୟକୁ ବୁଝିବାକୁ ପ୍ରୟାସ ନ କରି, ତୁମେ ଯେତେବେଳେ ତୁମର ନିଜ ବିଚାର ବୁଦ୍ଧିରେ ଏହି ଲିଙ୍ଗ ଉପରେ କୌପିନ ଶୁଖାଇ ପାରିଲ, ମୋ ଉପରେ କୌପିନ ନ ଶୁଖାଇବ ବା କାହିଁକି ? ଏହି ମହାନ ଶିବଲିଙ୍ଗ ଓ ମୋ ଭିତରେ କିଛି ତଫାତ୍ ନାହିଁ । କେବଳ ସାକାର ଓ ନିରାକାର ।''

**ଭଗବାନ ଶଙ୍କରଙ୍କର** ଏହି କଥାର ମର୍ମ ଶିଷ୍ୟ ଦୁଇଜଣ ବୁଝିପାରି ନିଜକୁ ନିଜେ ମର୍ମାହତ ହେଲେ । ସେହିଦିନଠାରୁ **ଲାଲବନ ଓ ପୂର୍ଣ୍ଣକାଞ୍ଚନ** ଗୁରୁଙ୍କର ସ୍ଥୂଳ ବେଶଭୂଷା ଓ ଚାଳିଚଳନ ଆଚରଣ ବିଧିକୁ ତ୍ୟାଗକରି ଶିଷ୍ୟଭାବରେ ରହି ଶିଷ୍ୟର ପ୍ରକୃତ ଓ ପ୍ରକୃଷ୍ଟ ଆଚରଣ ଦେଖାଇ ଗୁରୁଙ୍କର ଆଜ୍ଞା ଅନୁଜ୍ଞା ଆଦେଶ ଉପଦେଶ ମାନି ଯଥାକାଳରେ ଚୈତନ୍ୟ ପ୍ରାପ୍ତ ହୋଇଥିଲେ ॥

ସବ୍ୟସାଚ୍ଛିକ ମୋହରେ ପଡ଼ିଥିବା ଶିଷ୍ୟ ଯଦି ନିଜକୁ ନିଜେ ସଂଶୋଧନ ନ କରେ, ତେବେ ଗୁରୁଦଣ୍ଡାନଳରେ ପତିତ ହୋଇ ଇହକାଳ ପରକାଳ ଉଭୟ ନଷ୍ଟ କରିଥାଏ । ଏହି ମୋହ ଗୁରୁଦ୍ୱାରରେ ଶିଷ୍ୟର ଚରମ ଚୈତନ୍ୟ ପ୍ରାପ୍ତିର ପରମକଣ୍ଟା ଅଟେ । ଘୋରତମ ଶତ୍ରୁ ଅଟେ ।

ତେଣୁ, କୁହାଯାଇଛି ---

ସବ୍ୟସାତ୍ତ୍ୱିକ ମୋହେ ପଡ଼ି । ଗୁରୁଙ୍କ ଦଗ୍ଧାନଳେ ପୋଡ଼ି ।।
ଦଗ୍ଧ ହୁଅନ୍ତି ମୋହେ ପ୍ରାଣୀ । ଗୁରୁଙ୍କ ଆଦେଶ ନ ମାନି ।।
ଆପଣା ଧ୍ୱଂସ ପଥେ ଚଳେ । ନିଃଶେଷ ହୁଏ ଏ ଶୟଳେ ।।

## ନିତ୍ୟସାତ୍ତ୍ୱିକ ମୋହ

### ଶିଷ୍ୟ ଉବାଚ :

ନିତ୍ୟ ସାତ୍ତ୍ୱିକ ମୋହ କଥା । କହି ଚୈତନ୍ୟେ ଦିଅ ଚେତା ।।

### ଶ୍ରୀ ଗୁରୁସ୍ୱାମୀ ଉବାଚ:

ଗୁରୁଙ୍କ ବାକ୍ୟ ଆଚରଣ । ପାଳି ନିଷ୍ଠାରେ କିଛି ଦିନ ।।
କରି ଶିଷ୍ୟ ଅବଲମ୍ବନ । ଚଳଇ ସାତ୍ତ୍ୱିକ ଚଳନ ।।
ସବୀଜ ସମାଧି ଅବସ୍ଥା । ଘଟିବା ଯୋଗ୍ୟ ପୂର୍ବାବସ୍ଥା ।।
ତା' ଧୈର୍ଯ୍ୟ ପରୀକ୍ଷାର ପାଇଁ । ନାରୀର ମୋହ ଦେଇ ସାଇଁ ।।
ତା' ପାଶେ ଯଉବନୀ ନାରୀ । ଥାଆନ୍ତି ପ୍ରେରଣ ଯେ କରି ।।
ପରୀକ୍ଷା ଅର୍ଥେ ନାରୀ ଦେହ । ସୃଜଇ ଶିଷ୍ୟଠାରେ ମୋହ ।।
ନିତ୍ୟ ସାତ୍ତ୍ୱିକ ମୋହ ଏହା । କହିଲି ଯାହା ବୁଝ ତାହା ।।

### ଶିଷ୍ୟ ଉବାଚ :

ଭୋ ଦେବ, ପ୍ରଭୁ ଭଗବାନ । କିପାଇଁ ରହିଲ ମଉନ ।।
ଛଳ କରୁଛ ମୋହଠାରେ । ତତ୍ତ୍ୱଟି ବୁଝି ମୁଁ ନ ପାରେ ।।
ସହଜ ସରଳୀ କରଣ । କର ଦେଇ ଉଦାହରଣ ।।

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ନିତ୍ୟ ସାତ୍ତ୍ୱିକ ମୋହେ ପ୍ରାଣୀ । ମୋହିତ ହୋଇଲେ ନ ଜାଣି ।।
ସାଧନା ଜଗତେ ଉନ୍ନତି । କରି ନ ପାରେ ମୂଢ଼ ମତି ।।
ଯାବତ ସ୍ଥୂଳ ବୀଜ ନଷ୍ଟ । ନୋହିଛି ମୋହେ ଭୋଗେ କଷ୍ଟ ।।
ସ୍ଥୂଳବାଦୀ ଏ ମୋହେ ପଡ଼ି । ସାଧନା ପଥୁ ଯା'ନ୍ତି ଗଡ଼ି ।।
ଯେ ପ୍ରାଣୀ ସୂକ୍ଷ୍ମବାଦୀ ହୋଇ । ଏ ମୋହ ତାଙ୍କୁ ନ ଲାଗଇ ।। (କ୍ରମଶଃ)

# ନିବେଦନ ବିଜ୍ଞପ୍ତି

ଅତୀବ ଆନନ୍ଦ ଓ ସନ୍ତୋଷର ସହିତ ସୁଧୀ ଜନସାଧାରଣ, ଅନୁଗତ, ଭକ୍ତବୃନ୍ଦଙ୍କର ଶୁଭ ଅବଗତି ନିମନ୍ତେ ଏହି ବିଜ୍ଞାପନ ମାଧ୍ୟମରେ ଆମେ ଘୋଷଣା କରୁଅଛୁକି, ନିକଟ ଭବିଷ୍ୟତରେ ଆମର ବହୁ ଆକାଂକ୍ଷିତ, ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ ପାଠାଗାର ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତି ଜ୍ୟୋତିଃ ଆଶ୍ରମ ପରିସରରେ ଉଦ୍‌ଘାଟିତ ଓ ଉନ୍ମୋଚିତ ହେବାପାଇଁ କ୍ଷେତ୍ରାଧିପତି ପ୍ରଭୁପାଦ ଶ୍ରୀଶ୍ରୀ ଗୁରୁସ୍ୱାମୀ ଆଜ୍ଞା, ଆଦେଶ ଓ ଆଶୀର୍ବାଦ ଦେଇଅଛନ୍ତି ।

ଆପଣମାନଙ୍କୁ ପ୍ରତ୍ୟେକଙ୍କୁ ଆମର ବିନମ୍ର ନିବେଦନ ଏହିକି ଯେ, ଆପଣଙ୍କ ଠାରେ ଗଚ୍ଛିତ, ସଂଗୃହୀତ ବେଦ, ଉପନିଷଦ, ପୋଥି, ପୁରାଣ, ଗୀତା, ଭାଗବତ, ରାମାୟଣ, ମହାଭାରତ, ଗ୍ରନ୍ଥାବଳୀ, ମାଳିକା ଇତ୍ୟାଦି ବିଭିନ୍ନ ଭାଷାରେ ବିଭିନ୍ନ ଲେଖକ, କବି, ସାଧକ ମାନଙ୍କଦ୍ୱାରା ରଚିତ ଆଧ୍ୟାତ୍ମିକ ପୁସ୍ତକ ଏହି ମହତ୍ ମଙ୍ଗଳମୟ ଉଦ୍ଦେଶ୍ୟରେ ଦାନ ଦେଇ ଆମ ଯୋଜନାକୁ ସଫଳ କରନ୍ତୁ ।

ଏଥି ନିମନ୍ତେ ସାହିତ୍ୟ ସଂସଦ୍‌ର ସଂପାଦକ କେଶବଦାସ ବୃନ୍ଦାବନ ଙ୍କ ସହିତ ପତ୍ରାଳାପ/ଯୋଗାଯୋଗ କରନ୍ତୁ ।

ସମର୍ପଣ କରିବାକୁ ଥିବା ପୁସ୍ତକାଦି ଆଣି ସ୍ୱୟଂ ଗୁରୁସ୍ୱାମୀଙ୍କୁ (ବା) ଶ୍ୟାମଭାଇଙ୍କୁ ଦେଇ ଯାଆନ୍ତୁ ।

ନିବେଦକ,

**ନନ୍ଦକିଶୋର ଜେନା**

ସଂପାଦକ, କ୍ଷେତ୍ର ପରିଚାଳନା କମିଟି

# କ୍ଷମା ପ୍ରାର୍ଥନା

କେତେକ ଅନିବାର୍ଯ୍ୟ କାରଣ ବଶତଃ 'ଚରମ' : ଚତୁର୍ଥପୁଷ୍ପ : ପ୍ରଥମ ପାଖୁଡ଼ା (ଚତୁର୍ଦ୍ଦଶ ସଂଖ୍ୟା) ତା ୧୬.୧୦.୯୬ରିଖ ପବିତ୍ର କୁମାର ପୂର୍ଣ୍ଣିମା ତିଥି - 'ଚରମ'ର ୪ର୍ଥ ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଇ ପାରିନାହିଁ । ଆମର ଏହି ଆଭ୍ୟନ୍ତରୀଣ ଅସୁବିଧା ସହିତ ଆପଣମାନଙ୍କୁ ଅବଗତ କରାଇବା ମଧ୍ୟ ସମ୍ଭବ ନୁହେଁ । ଅନିଚ୍ଛାକୃତ ଏହି ଅବହେଳା ନିମନ୍ତେ ଅଗଣିତ ପାଠକ/ଗ୍ରାହକ ଭାଇଭଉଣୀ ମାନଙ୍କ ନିକଟରେ ଆମେ ଯୋଡ଼ ହସ୍ତରେ **କ୍ଷମା ପ୍ରାର୍ଥନା** କରୁଛୁ । ଆମ ଦୁଃଖ ସହିତ ସମଦୁଃଖୀ ହୋଇ ଧୈର୍ଯ୍ୟ, ସଂହତି ଓ ସହାନୁଭୂତିର ସହିତ ସହ୍ୟକରିନେବାକୁ ଆମର ବିନମ୍ର ନିବେଦନ ॥

ବିନୀତ,

**କେଶବଦାସ ବୃନ୍ଦାବନ**

ସଂପାଦକ, ଚରମ ॥



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ଏ ସୃଷ୍ଟିର ଆରମ୍ଭରୁ ଆଜିଯାଏ, ନାରୀ ଧରାପୃଷ୍ଠରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ତଥା ଭୂମିକାର ଅଧିକାରିଣୀ ହୋଇ ଆସିଛି । ସମସ୍ତେ ନାରୀକୁ ମାତା, ଭଗ୍ନୀ, କନ୍ୟା ଓ ଜାୟାରୂପରେ ଗ୍ରହଣ କରି ତା'ର ଗୁରୁତ୍ୱ ସ୍ୱୀକାର କରି ଆସିଛନ୍ତି । ତେଣୁ ସ୍ରଷ୍ଟା ସ୍ୱୟଂ ଯେତେବେଳେ ଏଠାରେ ଉପସ୍ଥିତ, ସେ କିପରି ଏହି ଯୁଗାନ୍ତକାରୀ ସତ୍ୟକୁ ଉପେକ୍ଷା କରିବେ ? ସେଥିପାଇଁ ସମାଜର ମୂଳପିଣ୍ଡ ନାରୀର ବନ୍ଦନା କରିବା ଛଳରେ କ୍ରମାଗତ ଭାବରେ ଅଜାଡି ଚାଲିଛନ୍ତି ତାଙ୍କର ଆଶୀର୍ବାଦର ଧାରା ଏହି ସ୍ତମ୍ଭ ମାଧ୍ୟମରେ ଉଭୟ ପୂଜ୍ୟ ଓ ପୂଜକଙ୍କୁ.......*

### ଆଚରଣ

ସ୍ରଷ୍ଟାଙ୍କର ବିଶାଳ ସୃଷ୍ଟିରେ ଏକ ଅଭିନବ, ଅଦ୍ଭୁତ ସୃଷ୍ଟି ''ନାରୀ''। ବିଭିନ୍ନ ସମୟରେ, ବିଭିନ୍ନ ଭୂମିକାରେ ଏହି ବନ୍ଦନୀୟା ବ୍ୟକ୍ତିଟି ଅବତୀର୍ଣ୍ଣା । ସେଥିପାଇଁ ତାକୁ ମାଆ ଧରିତ୍ରୀ ରୂପରେ ମଧ୍ୟ କଳ୍ପନା କରାଯାଇଅଛି । ତା'ରି ଗର୍ଭରୁ ଜୀବ ଜଗତ ସୃଷ୍ଟି ହୋଇ ସେମାନଙ୍କର କର୍ମ, କର୍ତ୍ତବ୍ୟ ଓ ଲୀଳାଖେଳା କରନ୍ତି ଏହି ଧରିତ୍ରୀ ବକ୍ଷରେ । ଗମ୍ଭୀର ଭାବରେ ବିଚାର କରି ଦେଖିଲେ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିହୁଏ - ମାଆ ଧରିତ୍ରୀ କେତେ ସହନଶୀଳା । ଏ ଜୀବଜଗତ ତା ଉପରେ କେତେ ଅତ୍ୟାଚାର ନ କରୁଛି - ତା ଉପରେ ମଳ, ମୂତ୍ର ଆଦି ଯାବତୀୟ ଆବର୍ଜନା ତ୍ୟାଗ କରୁଛି, ତା'ର ବକ୍ଷକୁ ବିଦୀର୍ଣ୍ଣ କରି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛି, ପ୍ରତି ମୁହୂର୍ତ୍ତରେ କୋଟି କୋଟି ପଦାଘାତ କରୁଛି ଅକଥନୀୟ ଅପକର୍ମ କରି ଚାଲିଛି - ତଥାପି ତା'ର ଦୁଃଖ ନାହିଁ, ଘୃଣା ନାହିଁ, ଅନୁଶୋଚନା ନାହିଁ, ଅଭିଯୋଗ ନାହିଁ, କୌଣସି ଅଳି ମଧ୍ୟ ନାହିଁ । ନିର୍ବିକାର, ନିର୍ବିଚାର ଭାବରେ ହସି ହସି ସବୁ ସହି ନେଉଛି । ଏହି ସମସ୍ତ ଗୁଣ ଜଣେ ନାରୀର ହୃଦୟରେ ଥିବାରୁ ତାକୁ ଧରିତ୍ରୀ ସହ ତୁଳନା କରି ସର୍ବଜନବନ୍ଦନୀୟା ଭାବରେ ଗ୍ରହଣ କରିବାକୁ ଯୁଗ ଯୁଗ ଧରି ଆହ୍ୱାନ ଦିଆଯାଇଛି । ଏଠାରେ ଆହୁରି ମଧ୍ୟ କୁହାଯାଇପାରେ, ଯେତେବେଳେ ଧରିତ୍ରୀ କ୍ଷୁବ୍ଧ ହେଉଛି ସେତେବେଳେ ତା'ର ଗର୍ଭରୁ ସେ ଧ୍ୱଂସର ଲୀଳା ସୃଷ୍ଟି କରୁଛି । ଯଥା - କେଉଁଠି ଆଗ୍ନେୟଗିରିର ଉତ୍ତାଳ ଅଗ୍ନିପିଣ୍ଡ ଆଖି ପିଛୁଳାକେ ଧ୍ୱଂସର ତାଣ୍ଡବଲୀଳା କଳାଣିତ, କେଉଁଠି ଭୂମି ଫାଟି ଶହ ଶହ ସଭ୍ୟତା ନିମିଷକ ମଧ୍ୟରେ ଭୂଗର୍ଭରେ ଲୀନ ହୋଇଗଲାଣି । ଠିକ୍ ସେହିପରି ନାରୀ ଯେତେବେଳେ କ୍ଷୁବ୍ଧ ହୁଏ, ସେତେବେଳେ ସଂହାର ଶକ୍ତି ମାଧ୍ୟମରେ ସେ କେଉଁ ପର୍ଯ୍ୟାୟର କ୍ଷତି ଘଟାଏ, ତାହା କଳ୍ପନା କରିବା ଅସମ୍ଭବ ହୋଇପଡ଼େ । ଏହାର ଅନେକ ପ୍ରାମାଣିକ ଦୃଷ୍ଟାନ୍ତ ପୁରାଣ ଓ ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

ଆଜିର ସମାଜରେ ସର୍ବଶକ୍ତିର ମୂଳାଧାର ଏହି ନାରୀ କେଉଁ ଅବସ୍ଥାରେ ଅଛି, ତାହା ପ୍ରତ୍ୟେକ ଉପଲବ୍ଧି କରୁଛନ୍ତି । କେବଳ ଯେ, ପୁରୁଷ ନାରୀର ଅସ୍ତିତ୍ୱ ଅସ୍ୱୀକାର କରି ଅତ୍ୟାଚାରରେ ବୁଡ଼ିରହୁଛି ତା ନୁହେଁ, ନାରୀ ମଧ୍ୟ ତା'ର ମୌଳିକ ସତ୍ତା ବା ଗୁଣକୁ ଭୁଲିଯାଇଛି । ନିଜର ଭୂମିକା ପ୍ରତି ଅଚେତନ ହୋଇଯାଇଛି । ସୂର୍ଯ୍ୟ, ଚନ୍ଦ୍ର ପରି ଏହା ସତ୍ୟ ଯେ ପର୍ଯ୍ୟନ୍ତ ଉଭୟ ନାରୀ ଓ ପୁରୁଷ ଏହି ଚିରନ୍ତନ ନିଷ୍ଠୁରତାକୁ ହୃଦୟଙ୍ଗମ କରି ନାହାନ୍ତି, ସେ ପର୍ଯ୍ୟନ୍ତ ପରିବାର, ସମାଜ ଓ ରାଷ୍ଟ୍ରରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ ।

ସାଧାରଣତଃ ଦେଖାଯାଉଛି, ଆଜି ଝିଅଟିଏ ଜନ୍ମହେଲେ ତା'ର ଭବିଷ୍ୟତ ବୈବାହିକ ଜୀବନର ଏକ କାଳ୍ପନିକ ଚିତ୍ରଟାଣି ପିତା ଓ ମାତା ଉଭୟେ ତାକୁ ଅଭିଶାପ ଭାବରେ ଗ୍ରହଣ କରୁଛନ୍ତି । ଏଠାରେ ସେଇ ମାଆକୁ ସ୍ମରଣ କରାଇ ଦିଆଯାଇପାରେ ଯେ ସେ ନିଜେ ମଧ୍ୟ ଏହିପରି ଏକ କନ୍ୟା ହୋଇ ତା'ର ମାତୃଗର୍ଭରୁ ଏ ଧରାପୃଷ୍ଠକୁ ଆସିଥିଲା । ଆଜି କିପରି ମାତ୍ର କେତୋଟି ବର୍ଷର ବ୍ୟବଧାନରେ ନିଜର ଅସ୍ତିତ୍ୱ ଓ ସ୍ଥିତି ଭୁଲି ଯାଉଛି ? ପିତାଟିକୁ ମଧ୍ୟ ପଚାରିବା କଥା, ଠିକ୍ ତାଙ୍କର ଝିଅ ପରି ଜଣେ ଝିଅର ଗର୍ଭରୁ ତାଙ୍କର ପରିଚୟ ଏବଂ ତାଙ୍କର ବୈବାହିକ ଜୀବନ ଆରମ୍ଭ । ତେଣୁ କନ୍ୟା ସନ୍ତାନ ଯଦି ଜନ୍ମ ନ ହେବେ ଏ ସୃଷ୍ଟି ରହିବତ ? ନିଜର ପୁଅଟିଏ ଜନ୍ମ ହେଲେ ତାକୁ କାହା ସହିତ ବିବାହ କରାଇ ବଂଶରକ୍ଷା ପାଇଁ ଚେଷ୍ଟା କରିବେ ?

ଅପରପକ୍ଷରେ ଅପ୍ରିୟ ହେଲେ ମଧ୍ୟ ଏହା ସତ୍ୟ ଯେ, ବୋହୂଟିଏ ଘରକୁ ଆସିଲେ, ଶାଶୁଘରର ଲୋକେ ତାକୁ ତାଙ୍କ ନିଜ ପରିବାରର ଆତ୍ମୀୟ ସଦସ୍ୟ ରୂପେ ମାନସିକ ସ୍ତରରେ ଗ୍ରହଣ କରିବାକୁ ନାରାଜ । ମୋଟାମୋଟି ଭାବରେ ଧରି ନିଆଯାଏ ଯେ, ଘରର ସମସ୍ତ କାର୍ଯ୍ୟ କରିବାକୁ ଜଣେ ଉନ୍ନତ ଧରଣର ଦାସୀ ଆସିଗଲା । ଠିକ୍ ସେହିପରି ଅନେକ ବୋହୂମାନଙ୍କଠାରେ ଲକ୍ଷ୍ୟ କରାଯାଏ ଯେ, ସେମାନେ ସ୍ୱାମୀ ଘରର ଲୋକମାନଙ୍କୁ ନିଜର ବୋଲି ଭାବିବାକୁ କୁଣ୍ଠିତ ହୁଅନ୍ତି ଏବଂ ଶାଶୁଘରେ ରହିମଧ୍ୟ ନିଜ ବାପଘରକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଏହି ଉଭୟ କାରଣରୁ ଘରଟିର ଶାନ୍ତି ନଷ୍ଟ ହୁଏ ଓ ପରିବାରଟି ଧ୍ୱଂସ ମୁଖରେ ପଡିଯାଏ । ସୁତରାଂ ଯଦି ଉଭୟ ପକ୍ଷ ନିଜ ନିଜର ଅତୀତକୁ ସମ୍ମୁଖକୁ ଆଣି ବାସ୍ତବତାକୁ ସ୍ୱୀକାର ନ କରନ୍ତି ଏବଂ ଆପଣାର କର୍ତ୍ତବ୍ୟ ଉପରେ ସଚେତନ ନ ହୁଅନ୍ତି, ତେବେ ବୁକୁଫଟାଇ ଯେତେ ଚିତ୍କାର କଲେ ମଧ୍ୟ ନାରୀର ଉତ୍ଥାନ ଅସମ୍ଭବ ଓ ସେହି ଅଭାବ ଜନିତ କାରଣରୁ ଏ ଜାତି, ସମାଜର ଉନ୍ନତି ସ୍ୱପ୍ନପ୍ରାୟ । ତେଣୁ ସେହି ସଂପର୍କରେ କେତେକ ଆଚରଣ ଏଠାରେ ଲିପିବଦ୍ଧ କରିବାକୁ ପ୍ରୟାସ କରାଯାଇଛି ।

୧. ଜଣେ ବୋହୂ ଘରକୁ ଆସିଲା ବେଳକୁ, ଶାଶୁ ମନେ କରିବା ଉଚିତ ଯେ, ସେ ବୋହୂ ନୁହେଁ ତାଙ୍କର ଜଣେ ଝିଅ । ତାଙ୍କର ଝିଅ ପାଇଁ ସେ ହୃଦୟରେ ଯେତିକି ସ୍ନେହ ଓ ମମତା ରହିଛି ସେ ସବୁର ଅଂଶୀଦାର ତାଙ୍କର ନବାଗତା ବୋହୂଟି । ତା ହେଲେ ଦୀର୍ଘଦିନ ଧରି ତା'ର ପିତ୍ରାଳୟରେ ରହି ଏଠାକୁ ପହଞ୍ଚିବା ପରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଥିଲା ତା' ପୂର୍ଣ୍ଣ ହୋଇପାରିବ । ଆହୁରି ମଧ୍ୟ ସ୍ମରଣ ରଖିବା ଉଚିତ ଯେ, ସେ ନିଜେ ମଧ୍ୟ ଦିନେ ବୋହୂ ହୋଇ ଏ ଘରକୁ ଆସିଥିଲେ ଓ ତାଙ୍କର ଝିଅ ମଧ୍ୟ ଅନ୍ୟ କାହାର ଘରକୁ ବୋହୂ ହୋଇ ଯିବ । ପ୍ରଥମରୁ କୁହାଯାଇଛି ନାରୀ ସର୍ବଂସହା । ପରିବାରର ମୁଖ୍ୟ କେନ୍ଦ୍ରବିନ୍ଦୁ । ତା'ରି ଭିତରେ ଅଛି ବନ୍ଧନର ସମ୍ମୋହନ ଶକ୍ତି, ବିଚ୍ଛେଦକରଣର ବିଚ୍ଛିନ୍ନ ଶକ୍ତି ଓ ସଂହାର କ୍ରିୟାର ଧ୍ୱଂସ ଶକ୍ତି । ତେଣୁ ସେ ନିଜେ ଦୟାଶୀଳ, କ୍ଷମାଶୀଳ ହୋଇଗଲେ ପରିବାରର ସମସ୍ତଙ୍କୁ ସେହି ଭାବରେ ନିଷ୍ଠିତ ଗଢ଼ି ନେଇ ପାରିବ ।

୨. ଝିଅଟିଏ ଘରେ ଥିଲେ ନୂଆ ଭାଉଜଙ୍କୁ ଠିକ୍ ତା'ର ନିଜର ମାଆ ବା ବଡ଼ ଭଉଣୀ ରୂପରେ ଗ୍ରହଣ କରିନେବା ଉଚିତ । କାରଣ ସେ ସ୍ମରଣ ରଖିବା କଥା ଯେ, ଆସନ୍ତା କାଲି ସେ ନିଜେ ଅନ୍ୟ ଜଣକ ଘରକୁ ଠିକ୍ ଏହି ଅବସ୍ଥାରେ ଯିବ । ଆଜି ସେ ତା'ର ଭାଉଜକୁ ଯେପରି ବ୍ୟବହାର ପ୍ରଦର୍ଶନ କରିବ, ତା ପାଇଁ ତା ଶାଶୁ ଘରେ ଠିକ୍ ସେହିପରି ବ୍ୟବହାର ସ୍ଥିର ହୋଇଯିବ ।

୩. ବୋହୂଟିକୁ ମଧ୍ୟ ଅନେକ ସତର୍କତା ମାନସିକ ସ୍ତରରେ ଅବଲମ୍ବନ କରିବାକୁ ହେବ । ଯଥା -ନିଜର ପିତାଙ୍କ ଘରେ ପିତା, ମାତା, ଭାଇ ଓ ଭଉଣୀ ପ୍ରତି ଯେଉଁ ଭାବ, ଯେଉଁ ଆଚରଣ ତଥା ବ୍ୟବହାର ଏଠାରେ ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ ତଥା ପ୍ରତିବେଶୀ ମାନଙ୍କ ପ୍ରତି ଠିକ୍ ସେହିପରି ନଜର ଦେବାକୁ ହେବ ।

୪. ନାରୀର କଣ୍ଠ ଓ ଜିହ୍ୱା ଅମୃତବର୍ଷା । ତେଣୁ ସର୍ବଦା କୋମଳ, ମଧୁର ଭାଷା ପ୍ରୟୋଗ ଏକାନ୍ତ ପ୍ରୟୋଜନ ।

୫. ନିଜର ବ୍ୟକ୍ତିଗତ ସୁଖ, ସ୍ୱାଚ୍ଛନ୍ଦ୍ୟ, ତଥା ସ୍ୱାର୍ଥ ପାଇଁ ଯେପରି ଅନ୍ୟର (ପରିବାରର) କୌଣସି ବାଧା ନ ହୁଏ, ସେଥିପାଇଁ ସର୍ବଦା ଯତ୍ନଶୀଳା ହେବା ଆବଶ୍ୟକ ।

୬. ପିତାଘରର ବ୍ୟକ୍ତି ବିଶେଷଙ୍କ ପାଇଁ ଆବଶ୍ୟକତା ଠାରୁ ଅଧିକ ଗୁରୁତ୍ୱ ଦେଇ ଅଯଥା ଦ୍ୱନ୍ଦ, ଅଶାନ୍ତି ସୃଷ୍ଟି କରିବା ଉଚିତ ନୁହେଁ । ଶାଶୁ ଘରର ଲୋକମାନଙ୍କ ପ୍ରତି ଅନୁରକ୍ତ ରହିଲେ, ମଧୁର ବ୍ୟବହାର କଲେ ସେହିମାନଙ୍କ ଠାରୁ ପିତାଘରର ପ୍ରତ୍ୟେକଙ୍କ ପାଇଁ ଯଥେଷ୍ଟ ସମ୍ମାନ ମିଳିବ ଏଥିରେ ସନ୍ଦେହ ନାହିଁ ।

୭. ସ୍ତ୍ରୀର ସମ୍ମୋହନ ବନ୍ଧନ ଶକ୍ତିରେ ସ୍ୱାମୀ ସର୍ବଦା ବନ୍ଦୀ ହୋଇଥାଏ । ତାହାରି ସୁଯୋଗରେ ସ୍ୱାମୀକୁ ବିପଥଗାମୀ କରିବାକୁ ଚେଷ୍ଟା କଲେ ବା କରାଇଲେ, ପରିବାରର ଅନ୍ୟମାନଙ୍କ ପ୍ରତି ବିତସ୍ପୃହ କରାଇଲେ ଅକଥନୀୟ ନରକ ଯନ୍ତ୍ରଣା ଭୋଗ କରିବା ସଂଗେ ସଂଗେ ପରଜନ୍ମରେ ବହୁଦୁଃଖରେ କାଳାତିପାତ କରିବାକୁ ହେବ ।

୮. ନିଜର ସନ୍ତାନ, ସନ୍ତତି ପ୍ରତି ଅହେତୁକ ସ୍ନେହ, ମମତା ଦାନ କରି ଅନ୍ୟକୁ ନିର୍ଦ୍ଦୟ ବ୍ୟବହାର କଲେ ତା'ର ପ୍ରଭାବ ଭବିଷ୍ୟତରେ ନିଜର ସେହି ଅଲିଅଳ ସନ୍ତାନ ମାନଙ୍କ ଉପରେ ନିଶ୍ଚୟ ପଡ଼ିବ । ତେଣୁ ମାତୃତ୍ୱ ହୃଦୟରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ହେବ ।

୯. ଏ ସମସ୍ତ ଆଚରଣ ମଧ୍ୟରେ ଯଦି ବୋହୂଟି ଇଷ୍ଟମୁଖୀ, ଭକ୍ତିପରାୟଣା ନ ହୁଏ, ତେବେ ମଧ୍ୟ ବିଶେଷ ଲାଭ ହେବ ନାହିଁ । ଅବଶ୍ୟ କାୟା ସଂଗେ ଛାୟା ଯେପରି ଜଡି ରହିଥାଏ, ଉପରୋକ୍ତ ଆଚରଣ ଗୁଡ଼ିକୁ ଠିକ୍ ଭାବରେ ପାଳନ କଲେ ଭକ୍ତିଭାବ ଆପେ ହୃଦୟରେ ଉଦ୍ରେକ ହୋଇଯିବ ।

ଜଙ୍ଗଲରେ ସବୁଠାରୁ ହିଂସ୍ର ବ୍ୟାଘ୍ରକୁ ମଧ୍ୟ ସ୍ନେହ, ମମତା ଦ୍ୱାରା ବଶ କରାଯାଇପାରୁଛି । ତେଣୁ ସମସ୍ତ ଶକ୍ତିର ଆଧାର ଜଣେ ନାରୀ ଯଦି ଚାହିଁବ ତେବେ ପ୍ରତ୍ୟେକଙ୍କୁ ସେ ତା'ର ନିଜର ଦିବ୍ୟଭାବରେ ଅନୁଗାମୀ କରାଇ ପରିବାରଟିକୁ ବୈକୁଣ୍ଠଧାମରେ ପରିଣତ କରିଦେଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କାରଣ ଏହି ପର୍ଯ୍ୟାୟର ନାରୀ ସ୍ରଷ୍ଟାଙ୍କ ଠାରୁ ଅନେକ ବିଭୂତି ପ୍ରାପ୍ତ ହୋଇଥାଆନ୍ତି । (କ୍ରମଶଃ)....

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ବାଲ୍ୟତପକାଳରେ ଘୁରିବୁଲୁଥିବା ଆଜିର ଶିଶୁ ଆସନ୍ତାକାଲି ତା ପରିବାର ସମାଜ ତଥା ରାଷ୍ଟ୍ରର ଭବିଷ୍ୟତ । ତା'ରି ଆଚରଣ, ଶିକ୍ଷା, ଦୀକ୍ଷା, ଚରିତ୍ର ଗଠନ ଉପରେ ନିର୍ଭର କରେ ଦେଶର ଧର୍ମ, ଐତିହ୍ୟ ଓ ଏହାର ସୁରକ୍ଷା । ସେଇମାନଙ୍କୁ ସୁସଂଗଠିତ କରାଇ ଏକ ଅଭିନବ ସମାଜର କଳ୍ପନା କରିବସନ୍ତି ସ୍ନେହବତ୍ସଳ ପରମପିତା । ଇଚ୍ଛାମୟ ସେ : ତାଙ୍କର ଏହି ମହତ୍‌ ଇଚ୍ଛାକୁ ପୂର୍ଣ୍ଣକରିବାର ଲକ୍ଷ୍ୟନେଇ ତାଙ୍କରି ଆଶିଷ ବହନ କରି 'ଚରମ'ର ଏହି ପୃଷ୍ଠାଟି ଉତ୍ସର୍ଗ କରାଯାଇଛି ସେହି ଦେବଶିଶୁ ମାନଙ୍କ ଉଦ୍ଦେଶ୍ୟରେ ।*

## ତୃତୀୟ ପୁଷ୍ପ : ଷଷ୍ଠ ପାଖୁଡ଼ାରୁ ... କ୍ରମଶଃ ... କେବଳ ବିଶ୍ୱାସ

କଅଁଳ ସୂରୁଯର ନରମ ସକାଳଟିଏ । କାହିଁ କେତେବେଳୁ ବାପା ଓ ମାଆ ନିତ୍ୟକର୍ମ ସାରିଲେଣି । କିନ୍ତୁ ଗେଲବସର ଦେବାଶିଷ ଏ ପର୍ଯ୍ୟନ୍ତ ଉଠିନାହିଁ । ବସ୍ ସମୟ ପାର ହୋଇଗଲେ ଅସୁବିଧା ହେବ । ତେଣୁ ବାପା ବିରକ୍ତ ହୋଇ ଆସିଲେଣି । ମାଆ ଯାଇ ପୁଅକୁ ଉଠାଇଲେ । ମୁହଁ ଧୋଇ ଦେଉ ଦେଉ ଦେବାଶିଷର ପ୍ରଶ୍ନ ଆରମ୍ଭ ହୋଇଗଲା । ଅଝଟିଆ ପୁଅର ପ୍ରଶ୍ନ ଉତ୍ତର ଯଦି ସଂଗେ ସଂଗେ ଦିଆ ନ ଯାଇଛି, ତେବେ ସବୁ ଗୋଳମାଳ । ପ୍ରଥମ ପ୍ରଶ୍ନ - ''ମାଆ, ଆଜି ଏତେ ସକାଳୁ ଲୁଗାପଟା ପିନ୍ଧିଛ, ଗାଧୋଇ ସାରିଲଣି । କୁଆଡ଼େ ଯିବ କି ?'' ମାଆ କହିଲେ ''ତୁ ଉଠିବା ଏତେ ଡ଼େରି କରିଦେଲୁ ? ବାପା ବିରକ୍ତ ହେଲେଣି । ଶିଘ୍ର ଶିଘ୍ର କାମ ସାରି ଦେ । ଆଜି ପରା ଠାକୁରଙ୍କ ପାଖକୁ ଯିବା ।'' କାମ ଆଉ ସାରିବ କ'ଣ ? ଚକାଆସନ ପକାଇ ବସିଗଲା । ''ମାଆ ! ତୁମେ ପରା କହିଥିଲ, ତାଙ୍କୁ ମନ ଦେଇ ଯିଏ ଯେଉଁଠି ଡ଼ାକେ ସେ ଶୁଣନ୍ତି । ତାଙ୍କୁ ନ ମାଗିବା ପୂର୍ବରୁ ଯାହାର ଯାହା ଆବଶ୍ୟକ ସେ ଦେଇଥାଆନ୍ତି । ଏହି କଥା ତ ମୁଁ ନିଜେ ପ୍ରମାଣ ପାଇ ସାରିଛି ସେଦିନ ସ୍କୁଲରେ । ଆଜି ପୁଣିତମେ ତାଙ୍କ ପାଖକୁ ବାହାରିଲଣି ଯବାପାଇଁ । ସେ କ'ଣ ତୁମର ଡାକ ଏଠାରେ ଶୁଣିଲେ ନାହିଁ ? ମତେ ବୁଝାଇ ଦିଅ ମାଆ !'' ଆନନ୍ଦରେ କାନ୍ଦି ଉଠିଲେ ମାଆ- ଅଜାଣତରେ ହାତ ଦୁଇଟି ଉଠିଗଲା - ''ପ୍ରଭୁ ! ଏ ସରଳ ଶିଶୁର ମନରେ କି ଜଟିଳ ପ୍ରଶ୍ନ ସୃଷ୍ଟି କରାଉଛ ? କ'ଣ ତୁମର ଇଚ୍ଛା ? ତୁମେ ନିଜେ ଏ ପ୍ରଶ୍ନର ଉତ୍ତର ଦିଅ ପ୍ରଭୁ !'' କୋମଳ ମତି ଦେବାଶିଷ କହି ଉଠିଲା, ''ମାଆ ! ଏଇଠି ରହି ପଚାରିଲେ ସେ ଉତ୍ତର ଦିଅନ୍ତି ?'' ''ହଁ ରେ ଧନ ! ସେ ସବୁଠାରେ ଅଛନ୍ତି । ଆମ ସମସ୍ତଙ୍କ ଭିତରେ ଅଛନ୍ତି । ତେଣୁ ଉତ୍ତର ନ ଦେବେ କାହିଁକି ?'' ତେବେ ମୋ ପ୍ରଶ୍ନର କ'ଣ ଉତ୍ତର ଦେଲେ କୁହ ।'' କିଛି-କ୍ଷଣ ଚିନ୍ତାକରି ମାଆ କହିଲେ, ''ତୁ ମୋ କଥା ମାନି ସବୁବେଳେ ତାଙ୍କୁ ମନେ ମନେ ଡାକୁଛୁ ତ, ସେଇଥିପାଇଁ ଆଜି ସେ ତୋତେ ଡାକୁଛନ୍ତି ଟିକେ ଦେଖିବାକୁ, ତୋ ସାଙ୍ଗରେ ଦିପଦ କଥାବାର୍ତ୍ତା ହେବାପାଇଁ । ତେଣୁ ସୁନାଟା ପରା, ଆଉ ଡ଼େରି କରନା-ବେଗି ବେଗି ବାହାରି ପଡ଼ ।'' ତୋର ଯାହା ପଚାରିବା କଥା ତାଙ୍କୁ ପଚାରିବୁ ।'' ଆନନ୍ଦରେ ନାଚିଉଠିଲା ସରଳପ୍ରାଣ ଦେବଶିଶୁଟି । ତା ଠାକୁରେ ତାକୁ ଡ଼ାକିଛନ୍ତି । ସେ ତାଙ୍କୁ ଦେଖିବ । ଆଉ ଅଝଟ ନକରି କାମସାରି ବାହାରି ପଡ଼ିଲା ବାପା ଓ ମାଆଙ୍କ ସାଙ୍ଗରେ । ବାଟରେ ପୁଣି ଏକ ଝମେଲା ଢୁକିଗଲା ତା ମୁଣ୍ଡରେ । ''ମାଆ ! ଠାକୁରେ କ'ଣ ଆମରି ପରି ମଣିଷ ?'' ମନେ ମନେ ହସି ଉଠିଲେ ସ୍ନେହମୟୀ ଜନନୀ, ''ପ୍ରଭୁ ! କ'ଣ ଘରୁ ବାହାରିବା ଠାରୁ ଏ ପିଲାଟାର ପିଛା ଧରିଛ ? କି

ଅଦ୍ଭୁତ ପ୍ରଶ୍ନ ତା ମୁଣ୍ଡରେ ଭର୍ତ୍ତି କରୁଛ ?'' ମାଆ କହିଲେ, ତୁ ଯାଇ ପହଞ୍ଚି ଗଲେ ଦେଖିବୁନି ? ସେ ଆମରି ପରି ମଣିଷ ଶରୀର ଧରି ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି ଏ ମର୍ତ୍ତ୍ୟଧାମକୁ । କାହିଁକି ଜାଣିଛୁ ? କେବଳ ତୋ'ରି ପରି ପିଲାମାନଙ୍କ ସାଙ୍ଗରେ ସାଙ୍ଗ ହେବାକୁ ।'' ଆନନ୍ଦରେ ଅଧୀର ହୋଇଗଲା, ଅସ୍ଥିର ହୋଇ ଉଠିଲା ମନ, ପ୍ରାଣ । କେତେବେଳେ ପହଞ୍ଚିବ ?

ଏପଟେ ଶିଶୁମାନଙ୍କଠାରୁ ଆହୁରି ଅବୋଧ ସରଳ ଶିଶୁଟିଏ ପରି ପରମ ପ୍ରେମମୟ ଭାବଗ୍ରାହୀ ଶରୀରଟି ନେଇ ସିନା ଆଶ୍ରମରେ ବସି ରହିଛନ୍ତି, କିନ୍ତୁ ମନଟି ଶରୀର ଛାଡ଼ି ଚାଲିଗଲାଣି ସେହି କୋମଳ, ସରଳମତି ଦେବାଶିଷ ନିକଟକୁ । ସେ ମଧ୍ୟ ଅସ୍ଥିର ହୋଇ ଉଠିଲେଣି, କେତେବେଳେ ତାଙ୍କ ସାଙ୍ଗ ପିଲାଟି ଆସି ପହଁଞ୍ଚିବ । ବସିଛନ୍ତି, ମନେ ମନେ ହସୁଛନ୍ତି । ପାଖରେ ଥିବା ଅନ୍ୟମାନେ ତାଙ୍କର ଏହି ବାଲ୍ୟ ସ୍ୱଭାବ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି । ଆଜି ପ୍ରଭୁଙ୍କର ଏ କି ଅବସ୍ଥା ? ହଠାତ୍ କହିଲେ, ''ଆଜି ବିସ୍କୁଟ ଖାଇବାକୁ ମନ ହେଉଛି -- କିଏ ଆଣି ଦିଅନ୍ତାନି ?'' ସଂଗେ ସଂଗେ ବିସ୍କୁଟ ଅଣାଗଲା । ଏଥରକ ଲୁଚକାଳି ଖେଳିବାକୁ ସାଙ୍ଗଟି ପ୍ରସ୍ତୁତ । ଦେବାଶିଷ, ତା'ର ବାପା ଓ ମାଆ ସହ ଆସି ମାହାଙ୍ଗା ମେଡ଼ିକାଲ ଛକରେ ପହଞ୍ଚିଛି, ମାୟାଧରଙ୍କୁ ନିଦ ଲାଗିଲା । ସମସ୍ତଙ୍କୁ ବିଦା କରିଦେଇ ବିସ୍କୁଟ ଧରି ଘର ଭିତରକୁ ଯାଇ କବାଟ ଲଗାଇଦେଲେ ।

ଆଶ୍ରମରେ ପହଁଞ୍ଚି ଦେବାଶିଷ ଅସ୍ଥିର ହୋଇ ମାଆଙ୍କୁ ପଚାରୁଛି, ''ତୁମେ କହିଲ, ଠାକୁରେ ମତେ ଡ଼ାକିଛନ୍ତି, କିନ୍ତୁ ମୁଁ ପହଞ୍ଚିବା ବେଳକୁ ସେ ନାହାନ୍ତି ?'' ବିଚରା କାନ୍ଦି ପକାଇଲା । ମାଆ ଯେତେ ବୁଝାଇଲେ ବି ବୁଝିବାକୁ ନାରାଜ । ହଟିଆଙ୍କ ହଟ ଯୁଗେ ଯୁଗେ ଗଲା ନାହିଁ । ଶେଷରେ ମାଆ ଦେବାଶିଷକୁ ନେଇ ଯେଉଁ ଘରେ ଲୀଳାମୟ ଲୁଚିଥିଲେ, ସେହି ଘରପାଖରେ ଛାଡ଼ି ଦେଇ କହିଲେ, ''ଏଇ ଘରେ ଠାକୁରେ ପହଡ଼ରେ ଅଛନ୍ତି । ମନେ ମନେ ଡ଼ାକ'' ପିଲାଟି ଏପରି ଅଧୈର୍ଯ୍ୟ ହୋଇ କାନ୍ଦିଲା ଯେ, ଅନ୍ତର୍ଯ୍ୟାମୀଙ୍କର ଖେଳ ଅଭ୍ୟାସ ଏକାଥରେ ଛାଡ଼ିଗଲା । ନିଜକୁ ଆଉ ଆୟତ୍ତରେ ରଖିପାରିଲେ ନାହିଁ । ଭାବ ଭୋଳା ହୋଇ ବାହାରକୁ ଆସି ସାଙ୍ଗଟିକୁ କୋଳକୁ ଟେକିନେଲେ । ଅବୋଧ ଶିଶୁଟି ତାଙ୍କର ସେଇ ପ୍ରଶାନ୍ତ ବକ୍ଷରେ ମୁହଁଟିକୁ ଲୁଚାଇ ସ୍ଥିର ହୋଇଗଲା । ଆଉ ସ୍ଥିର ହୋଇଗଲା ଗଗନ, ପବନ । କି ଅପୂର୍ବ ଲୀଳା ! ହେ ଭାବଗ୍ରାହୀ ! ଧନ୍ୟ ତୁମେ ! କ'ଏ ବୁଝିବ ତୁମ ଅନ୍ତରର ଭାବ ? କେତେବେଳେ କେଉଁ ଅବସ୍ଥାରେ ରୁହ କେବଳ ତୁମକୁ ହିଁ ଜଣା ।

ଆଗରୁ ତ ବିସ୍କୁଟ ରହିଛି । ଏଥର ଆରମ୍ଭହେଲା ଦୁଇସାଙ୍ଗଙ୍କର ଦୁଃଖ ସୁଖ କଥାବାର୍ତ୍ତା । କୋଳରେ ବସାଇଛନ୍ତି ଭାବଗ୍ରାହୀ, ବିସ୍କୁଟ ଖୁଆଇ ଦେଉଛନ୍ତି ଶ୍ରଦ୍ଧାରେ । ଦେବାଶିଷ ମଧ୍ୟ ଛାଡ଼ିବାର ନୁହେଁ । ସେ ମଧ୍ୟ ଖୁଆଇ ଦେଉଛି ପ୍ରଭୁ ତ୍ରିଲୋକସ୍ୱାମୀଙ୍କୁ । ହେ ଅନ୍ତର୍ଯ୍ୟାମୀ ! ତୁମର ଏହି ଲୀଳା ଦଶର୍ନ କରିବାକୁ ବେଦପତି ବ୍ରହ୍ମା ମଧ୍ୟ ପାଗଳ ହୋଇ ଯାଆନ୍ତି । କିନ୍ତୁ ସମସ୍ତଙ୍କ ଅଲକ୍ଷ୍ୟରେ, ଅଗୋଚରରେ ଚାଲିଛି ଏ ମର୍ତ୍ତ୍ୟଧାମରେ - ଏକ ଅଖ୍ୟାତ ପଲ୍ଲୀ ମାହାଙ୍ଗାରେ ।

ଖିଆପିଆ ପର୍ବ ସରିଗଲା । ପ୍ରଭୁଙ୍କର ବିଷମ ସମୟ ଆସିଗଲା । ଆରମ୍ଭ ହେଲା ଅଝଟିଆର ଅବୁଝା ପ୍ରଶ୍ନ । ''ଠାକୁରେ ! ତୁମେ ଏଇଠି ଅଛ । ସେଦିନ ସ୍କୁଲରେ ମାଡ଼ ଖାଇବା ବେଳେ ତୁମକୁ ଡ଼ାକିଲାବେଳେ ତୁମେ ତ ଯାଇନ, ମୁଁ ତୁମକୁ ଦେଖିନି - । ସାରଙ୍କ ମନ କିପରି ପରିବର୍ତ୍ତନ ହେଲା ଯେ, ସେ ମୋତେ ମାରିଲେ ନାହିଁ । ବୁଝାଇ ଦିଅ'' -- ବିଚରା ସବୁବେଳେ ଲୁଚିବା, ଲୁଚାଇବା ବିଦ୍ୟାରେ ଅଭ୍ୟସ୍ତ ଲୀଳାମୟଙ୍କର ଅକଲ ଗୁଡ଼ୁମ୍ । ଅବଶ୍ୟ କଥା କହି ଭୁଲାଇ ଦେବାରେ ତାଙ୍କୁ କେହି ଟପି ଯାଇ ପାରିବେନି । କିନ୍ତୁ ଏହି ଚପଳମତି ସରଳ ବିଶ୍ୱାସୀ ପିଲାଟିକୁ ତ ଆଉ ମିଛ କହି ପାରିବେ ନି ? ବାଧ୍ୟ ହୋଇ ସ୍ୱୀକାର କଲେ, ''ତମେ ଯେତେବେଳେ ଅଖଣ୍ଡ ବିଶ୍ୱାସରେ

ବ୍ୟାକୁଳ ହୋଇ ଡ଼ାକିଲ, ସେତେବେଳେ ମୁଁ ସୂକ୍ଷ୍ମରେ ଯାଇ ତମ ସାରଙ୍କ ମନ ପରିବର୍ତ୍ତନ କରିଦେଲି ।'' ମାତ୍ର ପିଲାଲୋକ, ସ୍ଥୂଳ, ସୂକ୍ଷ୍ମ ସେ ବା ବୁଝିବ କିପରି ? ପଚାରିଲା, ସେ ସୂକ୍ଷ୍ମଟା ପୁଣି କ'ଣ ?'' ହସିଦେଲେ ପୀତବାସ । ସତେଯେପରି ଏହି ପ୍ରଶ୍ନଟିକୁ ସେ ଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ଧୀରେ ଆଉଁସି ଦେଇ କହିଲେ, ''ତମେ ଆଉଟିକେ ବଡ଼ ହୋଇଯାଅ । ଆସିବ । ମୁଁ ଧାରା ଦେଇଦେବି । ତାହାରି ମାଧ୍ୟମରେ କର୍ମ କଲେ ତମେ ସବୁ ବୁଝି ପାରିବ ।'' କିନ୍ତୁ ବଡ଼ ହେବା ଯାଏ ଅପେକ୍ଷା କରୁଛି କିଏ ? ଦେବାଶିଷ ଏକାନ୍ତ ଜିଦ୍ ଧରିଲା, ''ବଡ଼ ହେଲେ କାହିଁକି ? ତୁମେ ତ ସବୁଠାରେ ସବୁବେଳେ ମୋ ପାଖେ ପାଖେ ରହିଛ । ମୋର ଭୟ କ'ଣ ? ଆଜି ମତେ ଧାରା ଦିଅ ନଚେତ୍ ଏଠାରୁ ଯିବିନାହିଁ ।'' ଇଚ୍ଛାମୟ ପରାସ୍ତ ହେଲେ । ଖେଳର ଶେଷ ହେଲା । ନିଜ ହାତରେ ବୀଜମନ୍ତ୍ର କାଗଜରେ ଲେଖି କବଚଟିଏ ଭିତରେ ରଖି ଶ୍ରଦ୍ଧାରେ ଝୁଲାଇ ଦେଲେ ତା' ବେକରେ ଓ ଶିଖାଇଦେଲେ ଗୋପନ ପ୍ରଣାମ ମୁଦ୍ରାଟି । ଆନନ୍ଦରେ ନାଚି ଉଠିଲା ଦେବପ୍ରାଣ ଦେବାଶିଷ-ଆତ୍ମହରା ହୋଇ ଉଠିଲେ ଲୀଳାମୟ । ତା ହେଲେ କ'ଣ ଅଯାଚିତ ଭାବରେ ଏହି ଶିଶୁ ଅବସ୍ଥାରୁ ହିଁ ତାକୁ ଆଧ୍ୟାତ୍ମିକ ସଂପତ୍ତିରେ ଧନୀ କରାଇବାର ଲକ୍ଷ୍ୟ ନେଇ କରୁଣାମୟ ଏତେ ଲୀଳା ରଚନା କରିଥିଲେ ? ହଁ ! ତା ନୁହେଁତ ଆଉ କ'ଣ ? ଜନ୍ମ, ଜନ୍ମ ବର୍ଷ ବର୍ଷ ଅପେକ୍ଷା କରି ଯେଉଁ ପଦାର୍ଥ ମିଳୁନାହିଁ ତାକୁ ନିଜେ ଡାକିଆଣି ଦେଇ ଦେଉଛନ୍ତି । ଏହା ସମ୍ଭବ ହେଲା କେବଳ ଦେବାଶିଷର ଅଖଣ୍ଡ ବିଶ୍ୱାସର ପ୍ରଭାବରେ ।

ପିଲାଏ ! ତୁମେମାନେ ଯଦି ଏପରି ତାଙ୍କୁ ପ୍ରେମ ଓ ବିଶ୍ୱାସ ଦେଇ ପାରିବ, ତେବେ ତୁମେମାନେ ମଧ୍ୟ ପାଇଯିବ । ଏଥରକ ଏତିକି । ଆସନ୍ତାଥରକୁ ଦେବାଶିଷ ଧାରା ନେବାପାରେ କ'ଣ କରୁଛି ଆଲୋଚନା କରିବା ।

ମୂଳ ଲକ୍ଷ୍ୟ ଗଲାଣି ତ ହୁଗୁଳି ।
ତୁଚ୍ଛାରେ ଛାଟୁଛୁ ବାକ୍ୟ ହାବେଳି ।।
ଏକ ବିପାକରେ ଖସିବ ପାଗ ।
ଅନୁରାଗ ଭର, ତେଜ ବିରାଗ ।।

ଗୁରୁଦ୍ୱାରେ ଧର୍ମକ୍ଷେତ୍ର ସମ୍ପତ୍ତି ଯେ ହରେ ।
ପରଜନ୍ମେ ଅବଶ୍ୟ ସେ ଶ୍ୱାନ ରୂପ ଧରେ ।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ମାନବ ଜୀବନ କେବଳ ଦୁର୍ଲଭ ନୁହେଁ, ଅମୂଲ୍ୟ ମଧ୍ୟ । ପରମ ଶ୍ରେୟର ଓ ଚରମ ସ୍ଥିତିର ସାକ୍ଷାତକାର ନିମନ୍ତେ ଓ ସର୍ବୋତ୍ତମ ଆନନ୍ଦର ଉପଲବ୍ଧି ନିମନ୍ତେ ଆମେ ଏ ଧରାଧାମକୁ ଆସିଛୁ । ଏହି ଚରମ ଲକ୍ଷ୍ୟ ପ୍ରାପ୍ତି ପାଇଁ ଆମକୁ ପରମପୁରୁଷ ମାନବ ଜନ୍ମ ଓ ଜୀବନର ଅନୁପମ ସୁବିଧା ସୁଯୋଗ ପ୍ରଦାନ କରି ଅଛନ୍ତି । ବର୍ତ୍ତମାନ ସମୟରେ ଆମକୁ ଯେଉଁ ଅପୂର୍ବ ସୁଯୋଗ ମିଳିଛି ତାହା ଆମେ ଦିବ୍ୟଜୀବନ ପ୍ରାପ୍ତି ନିମନ୍ତେ ପୁରୁଷାର୍ଥରେ ନିଶ୍ଚିତ ଭାବରେ ବିନିଯୋଗ କରିବାକୁ ହିଁ ହେବ । ନଚେତ୍ ଅନୁତାପ ବା ପଶ୍ଚାତ୍ତାପ କରିବାକୁ ହିଁ ପଡ଼ିବ ହିଁ ପଡ଼ିବ ।*

*ହେ ଯୁବ ସମାଜ ! ତୁମ ଶୁଦ୍ଧ ହୃଦୟ ରୂପକ ସର୍ବୋତ୍ତମ ସୁରଭିତ ପୁଷ୍ପ ତମେ ଭଗବାନଙ୍କୁ ସମର୍ପଣ କର । ଜୀବନରେ ଆତ୍ମଜ୍ଞାନ ଓ ବ୍ରହ୍ମଜ୍ଞାନ ଲାଭ କର । ଅଦୃଷ୍ଟବାଦ ଦ୍ୱାରା ନିଜ ନିଜକୁ ବଶୀଭୂତ ହେବାକୁ ଦିଅନାହିଁ । ଅଦୃଷ୍ଟବାଦ କେବଳ ଜଡ଼ତା ଓ ଆଳସ୍ୟ ହିଁ ଆଣି ଦେଇଥାଏ । ତେଣୁ ଦିବ୍ୟ ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ମୁହୂର୍ତ୍ତରୁ ପ୍ରସ୍ତୁତ ହୋଇ ରୁହ । ଆନନ୍ଦ ସାଗରରେ ନିମଗ୍ନ ହୁଅ । ମୁଁ ତମ ମାନଙ୍କୁ ଆଶୀର୍ବାଦ କରୁଛି -- ତମେ ସମସ୍ତେ ଜୀବନ୍ମୁକ୍ତ ହୁଅ ।*

ଯୁବପିଢ଼ି ପାଇଁ ଏ ସଂଖ୍ୟାରେ --

## ସୁଖ

ଦୁଃଖ ଭଳି ସୁଖ ମଧ୍ୟ ଏକ ମାନସିକ ବିକାରଜାତ ଭାବ । ସାମାଜିକ ଜୀବନ ଚର୍ଯ୍ୟା ମଧ୍ୟରେ ଅନେକ ସୁଖ କାମନା କରିଥାଆନ୍ତି । ଲୌକିକ ଜାଗତିକ ବିଚାରରେ ଏହା ସ୍ପୃହଣୀୟ ହୋଇପାରେ । ମାତ୍ର ଆଧ୍ୟାତ୍ମିକ ମାର୍ଗରେ ବା ଆତ୍ମୋନ୍ନୟନ ପଥରେ ସୁଖର ପ୍ରୟୋଜନ ନାହିଁ । କାରଣ ହେଉଛି ସାଂସାରିକ ଜୀବନରେ ବିଷୟାସୁଖ, ସୁଖ ଭଳି ପ୍ରତୀୟମାନ ହେଲେ ମଧ୍ୟ ଆଧ୍ୟାତ୍ମିକ ବିଚାର ଦୃଷ୍ଟିରୁ ଏହା ହଳାହଳ ବିଷମୟ ବିଷମ ଦୁଃଖର ଏକମାତ୍ର ହେତୁ । ସଚରାଚର ସମାଜରେ ଆମେ ବହୁଶ୍ରେଣୀର ବହୁ ପ୍ରକାରର ସୁଖୀ ବ୍ୟକ୍ତି ବିଶେଷଙ୍କୁ ଲକ୍ଷ୍ୟ କରୁ । ସେମାନଙ୍କ ଭୋଗ ସୁଖ ସହିତ ଆପଣାର ଦୁଃଖପୂର୍ଣ୍ଣ ଜୀବନକୁ ଅନେକ ସମୟରେ ତୁଳନା କରି ବସୁ । କେବଳ ଯେ ତୁଳନା କରି ନିବୃତ୍ତ ହେଉ ତାହା ନୁହେଁ, ଅନେକ କ୍ଷେତ୍ରରେ ହତାଶରେ ଦୀର୍ଘଶ୍ୱାସ ତ୍ୟାଗ କରୁ । ଆପଣାର ଜନ୍ମ ଓ ଜୀବନକୁ ଧିକ୍କାର ମଧ୍ୟ କରୁ । ଜୀବର ସ୍ୱାଭାବିକ ଜୀବନ ଯାତ୍ରାରେ ଏତାଦୃଶ ଆଚରଣ ଅସ୍ୱାଭାବିକ ନ ହୋଇପାରେ । ମାତ୍ର ସ୍ୱଭାବତଃ ମନୁଷ୍ୟ ସୁଖ କାମନା କରି ସୁଖର ଅପହଁଞ୍ଚରେ ରହି ହତାଶ ହୁଏ । ଏହି ସ୍ୱଭାବରୁ ହିଁ ସକଳ ଜୀବନ ଅସ୍ୱାଭାବିକ ହୋଇଯାଏ । ଲକ୍ଷ୍ୟଭ୍ରଷ୍ଟ ହୁଏ । ଶାସ୍ତ୍ର ଗାଏ---

**'ସୁଖଂ ବାଞ୍ଛାତି ସର୍ବୋହିଁ ତଚ୍ଚ ଧର୍ମ ସମୁଦ୍ଭବମ୍ ।**
**ତସ୍ମାଦ୍ ଧର୍ମ ସଦା କାର୍ଯ୍ୟ ସର୍ବବର୍ଣ୍ଣେ ପ୍ରଯନ୍ତତଃ ।।'**

ଅର୍ଥାତ୍, ସମସ୍ତେ ଏ ଇହଜଗତରେ ଐହିକ ସୁଖ କାମନା କରନ୍ତି । ସୁଖ କିନ୍ତୁ ଧର୍ମାଚରଣରୁ ହିଁ ଜାତ ହୋଇଥାଏ । ତେଣୁ ପ୍ରତ୍ୟେକ ବର୍ଣ୍ଣର ପ୍ରତ୍ୟେକ ବ୍ୟକ୍ତିର ସର୍ବଦା ଯତ୍ନ ସହକାରେ ଧର୍ମକାର୍ଯ୍ୟ ସମ୍ପନ୍ନ କରିବା ଉଚିତ କାର୍ଯ୍ୟ ଅଟେ ।

ସେ ଯାହା ହେଉନା କାହିଁକି, ଐହିକ ସୁଖ ମାତ୍ରେ ହିଁ କ୍ଷଣସ୍ଥାୟୀ ଓ ଏହି କ୍ଷଣସ୍ଥାୟୀ ସୁଖର ଅନ୍ତରାଳରେ ଦୁଃସହ ଦୁଃଖ ଆମ ପାଇଁ ଅପେକ୍ଷା କରି ରହିଥାଏ । ଆମେ ଜଡ଼, ମୂଢ଼ ଓ ଅଚେତନ ହେତୁ ତାହା ନିରୀକ୍ଷଣ କରି

ନ ପାରି ଦୁଃଖର ପ୍ରଧାନ କାରଣ ବୈଷୟିକ ବିଷୟା ସୁଖର ଅନୁଧାବନ କରିଥାଉଁ ଓ ପର୍ଯ୍ୟାୟ ଭୋଗ ଶେଷରେ ଅଶେଷ ଦୁଃଖରେ କାଳାତିପାତ କରି ଜୀବନକୁ ଅସାର ମଣୁ ॥

ପ୍ରକୃତରେ ଜୀବନକୁ ବିଶ୍ଳେଷଣ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଜୀବନ ଅସାର ନୁହେଁ, ଜୀବନ ନୁହେଁ ଅନ୍ତଃସାର ହୀନ । ଶ୍ମଶାନରେ ଚିତାଗ୍ନିରେ ଜୀବନ ଶେଷ ହୋଇଯାଏନା ବା ଶ୍ମଶାନ ଜୀବନର ଚରମ ଲକ୍ଷ୍ୟ ନୁହେଁ । ଜୀବନର ଲକ୍ଷ୍ୟ ପରମ ପ୍ରାପ୍ତି । ଜୀବନର ଲକ୍ଷ୍ୟ ଚରମ ପ୍ରାପ୍ତି । ଏହି ପରମ ଚରମ ପ୍ରାପ୍ତି ପାଇଁ ହିଁ କେବଳ ଆମେ ଏ ଜୀବନ ଲାଭ କରିଛୁ । ଏହାକୁ ସଫଳ କରିବା ହିଁ ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ।

କାବ୍ୟ ଗାଇ ଉଠେ --

'ଇଚ୍ଛତି ଶତୀ ସହସ୍ର ସହସ୍ର ଲକ୍ଷମିହତେ ।
ଲକ୍ଷାଧିପ ତଥା ରାଜ୍ୟଂ ରାଜ୍ୟସ୍ଥଂ ସ୍ୱର୍ଗମିହତେ ।'

ଅର୍ଥାତ୍, ଯାହା ପାଖରେ ଶହେ ଅଛି, ସେ ହଜାରେ ଆଶା କରୁଛି, ଯାହା ପାଖରେ ହଜାରେ ଅଛି, ସେ ଲକ୍ଷେ ଆଶା କରୁଛି, ସେହିପରି ଯେ ଲକ୍ଷପତି ବନିଛି, ସେ ରାଜ୍ୟଟିଏ କାମନା କରୁଛି, ପୁଣି ଯେ ରାଜ୍ୟପ୍ରାପ୍ତି କରିଛି ସେ ସ୍ୱର୍ଗ ପାଇଁ କାମନା କରୁଛି । ଅର୍ଥାତ୍, ବିଷୟ ପୁଞ୍ଜିର କାମନା ବାସନା ପାଇଁ ମଣିଷ ଏ ଦୁର୍ଲଭ ଅମୂଲ୍ୟ ଜୀବନକୁ ନଷ୍ଟ କରି ଦେଉଛି ସିନା କିନ୍ତୁ ପ୍ରକୃତ ଅର୍ଥରେ ସୁଖ ଟୋପାଏ ପାଇ ପାରୁନାହିଁ । କେବଳ ହତାଶାକୁ ହିଁ ପୁଞ୍ଜିକରି ଆମରଣ ବଞ୍ଚିରହୁଛି ବ୍ୟର୍ଥତା ମଧ୍ୟରେ ।

ଏହି କାରଣରୁ ହିଁ ଆଜି ସବୁଠି ସମସ୍ତଙ୍କଠାରେ ସେହି ଏକ ପ୍ରକାରର ଅତୃପ୍ତି ଠୁଳ ହୋଇରହିଛି । ରାବଣ କୁହ, ମହିଷାସୁର କୁହ, ଦୁର୍ଯ୍ୟୋଧନ କୁହ, ଜରାସନ୍ଧ କୁହ କେବଳ ଜାଗତିକ ପ୍ରାପ୍ତି ପଛରେ ଧାଇଁ ଧାଇଁ ହିଁ ପ୍ରତ୍ୟେକ ହତାଶା, ଅତୃପ୍ତି, ବ୍ୟର୍ଥତା ଓ ଦୁଃଖରେ ଜୀବନ ଦେଇ ଅଛନ୍ତି । କେବଳ ପୁରାଣ ନୁହେଁ, ଇତିହାସର ଅଧ୍ୟାୟରେ ଏବଂ ଅଧୁନା ସାମ୍ପ୍ରତିକ ସମାଜରେ ଏସକଳର ପ୍ରଭୂତ ପୁନରାବୃତ୍ତି ଘଟୁଛି । ଘଟୁଛି ଦେଶକାଳପାତ୍ର ନିର୍ବିଶେଷରେ । ଏହି ଚିରନ୍ତନ ସତ୍ୟର ସ୍ରୋତକୁ କ'ଣ ତମେମାନେ ଅସ୍ୱୀକାର କରିବ ?

ଦୁଃଖଭଳି ସୁଖ ମଧ୍ୟ ତ୍ରିବିଧ । ଏହି ତିନି ପ୍ରକାର ସୁଖର ପ୍ରକରଣ କ'ଣ ? ତାହା ହେଉଛି - (୧) ତାମସିକ ସୁଖ - ଏହା ଆରମ୍ଭରୁ ପରିଣାମ ପର୍ଯ୍ୟନ୍ତ ଆତ୍ମାକୁ ମୋହଗ୍ରସ୍ତ କରେ । ଜୀବ ମୋହଗ୍ରସ୍ତ ହୋଇ ଅତ୍ୟଧିକ ନିଦ୍ରାକୁ, ଆଳସ୍ୟ ପରାୟଣ ଓ ପ୍ରମାଦଗ୍ରସ୍ତ ହୋଇ ଜଡ଼, ମୂଢ଼ ଓ ଅଚେତନ ଅବସ୍ଥାରେ କାଳହରଣ କରେ । ବିଷୟା ବିଷୟରେ ବୁଡ଼ି ରହି ଅମୃତକୁ ଥୁଥୁ କରି ତୁଚ୍ଛ ମଣେ । ସଦୁପଦେଶ ଗ୍ରହଣ କରିବା ନିମନ୍ତେ ଯୋଗ୍ୟ କରିପାରେ ନାହିଁ । ସତ୍‌ସଙ୍ଗ ସାଧୁସଙ୍ଗ ପରିତ୍ୟାଗ କରେ । ନାମଜପ, ଧ୍ୟାନ ଧାରଣାଦି କରିବାକୁ କଷ୍ଟ ମଣେ ଅଥଚ ଅନ୍ୟ ସକଳ ଘରକରଣାକାର୍ଯ୍ୟରେ ସତତ ତତ୍ପର ରହେ ବା କୁସଙ୍ଗରେ ପଡ଼ି ତାସ୍, ପଶା ଆଦି ଖେଳି ବହୁମୂଲ୍ୟ ସମୟ ହରଣ କରେ, ଆପଣାର ପାଣ୍ଡିତ୍ୟ ଅନ୍ୟ ଆଗରେ ମଣି ଗର୍ବ ଅହଂକାର ଜନିତ ସୁଖ ଲାଭ କରେ । ଏହାକୁ ତାମସିକ ସୁଖ କୁହାଯାଏ । ଏହି ସୁଖରେ ସୁଖୀ ପ୍ରତୀୟମାନ ଲୋକେ ପ୍ରକୃତରେ ଦୁଃସହ ଦୁଃଖରେ ଜୀବନ ଧାରଣ କରନ୍ତି ଓ ଦୁଃଖରେ ମରଣର ଶୀତଳକୋଳରେ ଶୋଇ ଯାଆନ୍ତି । (୨) ରାଜସିକ ସୁଖ ବିଷୟ ଓ ଇନ୍ଦ୍ରିୟାଦିର ସଂଯୋଗ ବଶରୁ ରାଜସ ସୁଖର ଉତ୍ପତ୍ତି ।

'ପ୍ରକୃତି (ଇନ୍ଦ୍ରିୟ) ବିଷୟ ସଂଯୋଗ ହେଲେ ।
ଦୁଃଖ ସୁଖ ସବୁ ଜନମ ନେଲେ ।।'

ଅର୍ଥାତ୍ ପ୍ରକୃତି ବା ଇନ୍ଦ୍ରିୟ ବିଷୟ ସହିତ ସଂଯୁକ୍ତ ହେଲେ ନାନାଦି ସୁଖଦୁଃଖ ଜନ୍ମ ନିଅନ୍ତି । ଏହି ଦୁଃଖ ବା ସୁଖ ହିଁ ରାଜସିକ ଦୁଃଖ/ସୁଖ । ରାଜସିକ ସୁଖ ପ୍ରଥମେ ଅମୃତତୁଲ୍ୟ ପ୍ରତୀୟମାନ ହେଲେ ମଧ୍ୟ ପରିଣାମରେ ଓ ପରିଶେଷରେ ଏହା ବିଷବତ୍ କ୍ରିୟା ସମ୍ପାଦନ କରି ଜୀବକୁ ଅକାଳ ମୃତ୍ୟୁଗର୍ଭକୁ ଆକର୍ଷଣ କରିନିଏ । ରାଜସିକ ସୁଖରେ ଆପାତଃ ପ୍ରତୀୟମାନ ସୁଖୀମାନେ ଅତିଶୟ ଇନ୍ଦ୍ରିୟ ପରବଶ ହୋଇ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ କାତର ହୋଇ ଉଠନ୍ତି । ଏ ଜାତୀୟ ସୁଖପ୍ରାପ୍ତିରେ ମଗ୍ନ ଲୋକେ ଧର୍ମାନୁଷ୍ଠାନ ପ୍ରତି ଦୃଷ୍ଟିପାତ କିମ୍ବା ଧର୍ମଉପଦେଶ ପ୍ରତି କର୍ଣ୍ଣପାତ କରନ୍ତି ନାହିଁ, ପରନ୍ତୁ କଟାକ୍ଷପାତ କରି ନାନାଦି କଟୁ ମନ୍ତବ୍ୟ ଓ ସମାଲୋଚନା କରି ଆନନ୍ଦ ଉଲ୍ଲସିତ ହୁଅନ୍ତି । ଦାନ, ଧର୍ମ, ସେବା ପ୍ରତି ଏମାନଙ୍କର ଆନ୍ତରିକ ସ୍ପୃହା ନଥାଏ, କଦବା କେବେ ବହୁକୁଣ୍ଠାରେ ବହୁ କଷ୍ଟରେ ଯତ୍‌ସାମାନ୍ୟ ଦାନଧର୍ମସେବା ଆଚରଣ କରି ପ୍ରତିବଦଳରେ ତତୋଃଧିକ ପ୍ରାପ୍ତି କାମନା କରନ୍ତି, କାମନା ବାସନା ପୂରଣ ନହେଲେ ନିନ୍ଦାଗାନ କରନ୍ତି । (୩) ସାତ୍ତ୍ୱିକ ସୁଖ - ଅଭ୍ୟାସ କର୍ମ ଯୋଗ ସାଧନରେ ସିଦ୍ଧିହେତୁ ଯେଉଁ ସୁଖ ଅନ୍ତଃସ୍ତଳରେ ଲାଭ କରାଯାଏ ଏବଂ ଯାହା ଲାଭ କରିବାପରେ ସକଳ ଦୁଃଖର ଅବସାନ ହୋଇ ପ୍ରାଣୀର ଜୀବଦ୍ଦଶାରେ ଲେଶମାତ୍ର ଭୋଗ ହୁଏ ନାହିଁ କିମ୍ବା ଜୀବନଚର୍ଯ୍ୟାରେ ତାହା ଲବମାତ୍ର ରେଖାପାତ କରେ ନାହିଁ ତାହାକୁ ସାତ୍ତ୍ୱିକ ସୁଖ କୁହାଯା । ଆରମ୍ଭରେ ଏହା ଦୁଃଖଭଳି ଅବଶ୍ୟ ପ୍ରତୀୟମାନ ହୁଏ, ବିଷ ପରି ବୋଧ ହୁଏ, ମାତ୍ର ପରିଶେଷରେ ପରିଣାମରେ ଅମୃତ ସଦୃଶ ରସଯୁକ୍ତ ଓ ଅମୀୟ ଦିବ୍ୟଭାବ ସମନ୍ୱିତ ହୋଇଥାଏ । ଏହା ପ୍ରାପ୍ତ ହେଲେ ବ୍ୟକ୍ତିର ବୈଷୟିକ ବୁଦ୍ଧି ବିଲୁପ୍ତ ହୁଏ, ଆତ୍ମବିଷୟକ ବୁଦ୍ଧିର ଉଦୟ ହୋଇ ପ୍ରସନ୍ନତା ଓ ଦିବ୍ୟଶାନ୍ତି ଓ ପରମ ଆନନ୍ଦ ଜାତ ହୁଏ । ସାତ୍ତ୍ୱିକ ସୁଖ ଭାବରେ ନିମଗ୍ନ ବ୍ୟକ୍ତିମାନେ ନୀରବତା, ଏକାକୀତ୍ୱ, ନିକାଞ୍ଚନତାକୁ ଭଲ ପାଆନ୍ତି । ସର୍ବଦା ଆତ୍ମସ୍ଥ ହୋଇ ବୀଜମନ୍ତ୍ର ମାନସ ଜପ କରି ଆତ୍ମବିସ୍ମୃତ ହୋଇ ରହନ୍ତି । ବାହ୍ୟିକ ଉତ୍ପୀଡ଼ନ ବା ଦୁଃଖ ତାଙ୍କୁ ସ୍ପର୍ଶ କରି ପାରେନା । ନିଜକୁ, ନିଜସ୍ଥିତିକୁ, ନିଜ ଦେହକୁ, ନିଜ ପରିବେଶ ପରିସ୍ଥିତିକୁ ବିସ୍ମୃତ ହୋଇ ଏମାନେ ସତତ ଭଗବତ ପ୍ରେମରେ ନିମଜ୍ଜିତ ହୋଇ ରହନ୍ତି । ଏମାନଙ୍କ ଠାରେ ଏକ ବିଶେଷ ଗୁଣ କ୍ରିୟାଶୀଳ ହୁଏ । ଯଥା - ତାଙ୍କର ବ୍ରାହ୍ମୀସ୍ଥିତିରେ ଯେଉଁ କାରଣ, ଘଟଣା, ସ୍ଥାନ, କାଳ, ପାତ୍ର ବାଧକ ହୁଅନ୍ତି, ଏମାନେ ସେଥିରେ ଉତ୍‌କ୍ଷିପ୍ତ ସର୍ପ ଭଳି ଫଁ ଫଁ ପରି କ୍ରୋଧରେ ପ୍ରଚଣ୍ଡ ରୂପ ଧାରଣ କରନ୍ତି । ଏତାଦୃଶ କ୍ରୋଧାନଳ ତାଙ୍କର ନିଜର କୌଣସି କ୍ଷତି କରେ ନାହିଁ କିମ୍ବା ଏହାଦ୍ୱାରା ସେମାନେ ବାସ୍ତବତଃ କୌଣସି ହିଂସା ଆଚରଣ ମଧ୍ୟ କରନ୍ତି ନାହିଁ । ପୁନଶ୍ଚ ନିଜର ସ୍ଥିତିରେ ପହଞ୍ଚିଗଲେ, ଏମାନଙ୍କର କ୍ରୋଧାଗ୍ନିର ଉତ୍ତାପ ଶୀତଳ ବରଫ ଖଣ୍ଡରେ ପରିଣତ ହୋଇ ବିଶ୍ୱର କଲ୍ୟାଣ ସାଧନ କରିଥାଏ ।

ଏହି ତ୍ରିବିଧ ସୁଖ ପ୍ରକୃତପକ୍ଷରେ ପ୍ରକୃତ ସୁଖ ଠାରୁ ଭିନ୍ନ । ଅନ୍ୟ ଭାଷାରେ ପ୍ରକୃତ ସୁଖର ସ୍ୱରୂପ ଏହି ତ୍ରିବିଧ ସୁଖ ଠାରୁ ପୃଥକ୍ । ତାମସିକ, ରାଜସିକ ବା ସାତ୍ତ୍ୱିକ ପରି ବିଶେଷଣ ଦ୍ୱାରା ବିଶେଷିତ ହୋଇ ନଥିବା ଏକ ନିରୂତା ସୁଖ ଅଛି । ପୂର୍ବରୁ କୁହାଯାଇଛି, ବିଷୟ ଓ ଇନ୍ଦ୍ରିୟଗଣ ସଂଯୋଗ ଜନିତ ମନର ଏକ ପ୍ରକାର ବିକାର ହିଁ ସୁଖ । ସଂସାରରେ ବିଷୟ ଭରି ରହିଛି । ଏ ସଂସାର ଅନିତ୍ୟ । ତେଣୁ ସକଳ ବିଷୟ ମଧ୍ୟ କ୍ଷଣଭଙ୍ଗୁର, ଚିରସ୍ଥାୟୀ ନୁହେଁ କି ନିତ୍ୟ ମଧ୍ୟ ନୁହେଁ ।

ଆଡ଼ମ୍ବରଯୁକ୍ତ ଚିନ୍ତାରୁ ଅନ୍ତଃସ୍ଥ ଦୁଃଖର ସୃଷ୍ଟି ହେବା ପରି ଆଳସ୍ୟଯୁକ୍ତ ତାମସିକ ଚିନ୍ତା ଓ କାର୍ଯ୍ୟରୁ ଅନ୍ତଃସ୍ଥ ସୁଖର ଉତ୍ପତ୍ତି ହୋଇଥାଏ । ଏତାଦୃଶ କ୍ରିୟାକଳାପ କ୍ରମଶଃ ଭାବନା ଓ କରଣିକୁ ବିସ୍ତୃତ ହୋଇ କୁଅଭ୍ୟାସ/ବଦଭ୍ୟାସରେ

ପରିଣତ ହୋଇ ଅନ୍ତରରେ ଆଲୋଡ଼ନ ସୃଷ୍ଟିକରି ଦୂଷିତ ସୁଖର କ୍ଷୀଣ ଆଲୋକ ରେଖା ଇନ୍ଦ୍ରିୟଜଗତରେ ପୁଲକ ଜାତ କରେ । ଦୁଷ୍ଟ ଭାବ ସମ୍ପନ୍ନ ପ୍ରାଣୀ ଏହି ଇନ୍ଦ୍ରିୟାସକ୍ତ ସୁଖରେ ପୁଲକିତ ହୋଇ ନାନାଦି ଦୁଷ୍କର୍ମ, ଦୁଷ୍କାମି, ଦୁଶ୍ଚିନ୍ତା, ଦୁର୍ଭାବନାରେ ପତିତ ହୋଇଥାଏ । ଏପରି ଘୂର୍ଣ୍ଣିପାକରେ ପଡ଼ି ଜୀବ ମନର ଗହନ କୋଣରେ ସୁଖ ପ୍ରତିତୀରେ କେବଳ ଦୁଃଖ ହିଁ ପାଏ । ବାହ୍ୟତଃ ସୁଖୀ ବୋଲି ପ୍ରତୀୟମାନ ହେଲେ ମଧ୍ୟ ତାମସିକତା ଦୋଷଦୁଷ୍ଟ ହୋଇ ସେ ଅଶେଷ ଦୁଃଖରେ ହିଁ କାଳ ଯାପନ କରୁଥାଏ । ମୂଢ଼ତା, ଜଡ଼ତା ଓ ଅଚେତନତା ହେତୁ ସେ ଦୁଃଖ ଓ ସୁଖର ପ୍ରକୃତ ସ୍ୱରୂପ ଉପଲବ୍ଧ କରିପାରେ ନାହିଁ । ସଦ୍‌ଗୁରୁଙ୍କର ସଦୁପଦେଶକୁ ତିକ୍ତ ଜ୍ଞାନ କରେ । ଗୁରୁଙ୍କର ଆଜ୍ଞା ଅନୁଜ୍ଞା, ଆଦେଶ ଉପଦେଶକୁ କଟୂକ୍ତି ମନେକରେ । ସାଧୁସଙ୍ଗ/ସତ୍‌ସଙ୍ଗ ଠାରୁ ଦୂରେଇ ରହେ । ଆଳସ୍ୟପରାୟଣ ହୋଇ ପ୍ରମାଦଗ୍ରସ୍ତ ହୁଏ । ତଥାପି ଏପରି ତାମସିକତାରୁ ଉତ୍ପନ୍ନ ଅନ୍ତଃସ୍ଥ ସୁଖରୁ ନିଜକୁ ମୁକ୍ତ କରିପାରେ ନାହିଁ । ସୁଖ ଆସକ୍ତ ହୋଇ ଅସହ୍ୟ ଦୁଃଖର ଦାବାନଳରେ ଜଳିଜଳି କଠୋର, ନିଷ୍ଠୁର ଜୀବନ ଯାପନ କରେ ।

ରୁଚି ନଥିଲେ ମଧ୍ୟ ବାଧ୍ୟତା ବଶତଃ ଏହି ଶ୍ରେଣୀର ବ୍ୟକ୍ତିମାନେ ନିୟମିତ ପ୍ରକୃତ ସାଧୁସଙ୍ଗ କରି ସତ୍‌ସଙ୍ଗରେ ରହି ଇଷ୍ଟ ପ୍ରସଙ୍ଗ ଓ ଭଗବଦ୍ ଲୀଳା ଶ୍ରବଣ କରିବା ଦ୍ୱାରା କ୍ରମଶଃ ତାଙ୍କ ଅନ୍ତଃସ୍ଥଳରୁ ତମସା ହଟିଯାଏ । ଧର୍ମପଥ ପ୍ରତି ଧିରେ ଧିରେ ଆଗ୍ରହ ସୃଷ୍ଟି କରିପାରିଲେ, ଏତାଦୃଶ ସୁଖର ଆସକ୍ତିର ବନ୍ଧନ ଶିଥିଳ ହୁଏ ଓ ତାମସିକତା ଅନ୍ତର୍ହିତ ହୁଏ । ଜୀବ ଅନିଚ୍ଛାସତ୍ତ୍ୱେ ଏହି ମାର୍ଗରେ ପୁରୁଷାର୍ଥ ପ୍ରୟୋଗ କରିପାରିଲେ, ଜଡ଼ତା, ମୂଢ଼ତା ଓ ଅଚେତନତା ପର୍ଯ୍ୟାୟ କ୍ରମେ ଦୂରୀଭୂତ ହୁଏ ।

ମାନସିକ ଅସୁସ୍ଥତାର ହେତୁହିଁ ରାଜସିକ ସୁଖଭୋଗର ଲାଳସା । ଏହି ଲାଳସାରେ ଆସକ୍ତ ବ୍ୟକ୍ତିମାନେ ଅତୀବ ଇନ୍ଦ୍ରିୟପରାୟଣ । ଏମାନେ ପ୍ରକୃତ ଧର୍ମରେ ପଡ଼ି ରାଜସିକ କାମନାବାସନା ଚରିତାର୍ଥ କରିବା ନିମନ୍ତେ ସର୍ବଦା ବିଷୟ ଅନୁସନ୍ଧାନରେ ରହି କାଳାତିପାତ କରନ୍ତି । ସୌନ୍ଦର୍ଯ୍ୟ, ସୌରଭ, ସରସ, ସୁଧ୍ୱନି ଓ ସୁକୋମଳତା ପ୍ରତି ଏମାନଙ୍କର ଆକର୍ଷଣ ଅହେତୁକ ଭାବରେ ଅପର୍ଯ୍ୟାପ୍ତ । ପ୍ରକୃତି ବା ଇନ୍ଦ୍ରିୟ ଠାରୁ ମନକୁ ମୁକ୍ତ କରି ଏମାନେ ରଖିପାରନ୍ତି ନାହିଁ କି ରଖି ଜାଣନ୍ତି ନାହିଁ । ଇନ୍ଦ୍ରିୟଗ୍ରାହ୍ୟ କୌଣସି ନା କୌଣସି କାମନା ଏମାନେ ଚରିତାର୍ଥ କରି ଅମାପ କ୍ଷଣିକ ସୁଖରେ ବିଭୋର ହୋଇ ପଡ଼ନ୍ତି । ଏମାନଙ୍କୁ ଲକ୍ଷ୍ୟକଲେ ସାଧୁସନ୍ଥମାନେ ଦୟାରେ ବିଗଳିତ ହୋଇ ପଡ଼ନ୍ତି । ପ୍ରକୃତରେ ଏମାନେ ଦୟାର ପାତ୍ର । ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ଏମାନେ ପ୍ରକୃତ ସୁଖର ସନ୍ଧାନ କରିପାରନ୍ତି ନାହିଁ ବୋଲି ସୁଖପ୍ରାୟ ପ୍ରତୀୟମାନ ଦୁଃଖ ଓ ବିଷାଦ ବିଷପାନ କରି ଅମୃତ ପାନର ଅନୁଭୂତି ଲାଭ କରନ୍ତି ମାତ୍ର । 'ବିଷପାନ କରୁଥିବା ଲୋକର ଦୀର୍ଘଜୀବନ କାମନା' ପରି ଏମାନଙ୍କର ଦୟନୀୟ ଅବସ୍ଥା । ଇନ୍ଦ୍ରିୟାସକ୍ତ ହୋଇ ଏମାନେ ଦୁଃସହ ଦୁଃଖର ଚିତାନଳରେ ଜଳିଯାଇ ଦୁଃସ୍ଥ ଜୀବନ ଯାପନ କରନ୍ତି ।

ଏମାନଙ୍କଠାରୁ ବାଧ୍ୟତାମୂଳକ ଭାବରେ ନିୟମିତ ଦାନ, ସେବା ଓ ତ୍ୟାଗ ଆଦାୟ କରି ସେମାନଙ୍କର ଅନିଚ୍ଛା ସତ୍ତ୍ୱେ ଧର୍ମାନୁଷ୍ଠାନରେ ଭାଗୀଦାର କରାଯାଇ ପାରିଲେ ହିଁ ଏମାନଙ୍କର ଚକ୍ଷୁ ଧିରେଧିରେ ଫିଟିଯାଏ । ବାରମ୍ବାର ସେମାନଙ୍କର ବାରଣ ସତ୍ତ୍ୱେ ସେମାନଙ୍କ ନିକଟକୁ ଯାଇ ଧର୍ମବାଣୀ, ନୀତିବାଣୀ ଓ ଗୁରୁଗାଥା ସହିତ ଭଗବତ୍ ଲୀଳା ପ୍ରସଙ୍ଗ ଶୁଣାଇଲେ କ୍ରମଶଃ ଏମାନଙ୍କର ଅନ୍ତଃସ୍ଥଳରେ ଧର୍ମ ପ୍ରଦୀପଟି ଜଳିଉଠେ । ଧର୍ମପଥ ପ୍ରତି ପର୍ଯ୍ୟାୟ କ୍ରମରେ ଆଗ୍ରହ ସୃଷ୍ଟି ହୁଏ । ଇନ୍ଦ୍ରିୟର ଗ୍ରନ୍ଥି ସକଳ କୋହଳ ହୁଏ । ରାଜସିକ ମନୋବୃତ୍ତି କ୍ରମେ ହଟିଯାଏ । ଧର୍ମଦ୍ୱାର ଓ ଗୁରୁଦ୍ୱାର ପ୍ରତି ଏମାନଙ୍କର ଧିରେ ଧିରେ ଆଗ୍ରହ ଜନ୍ମେ । ସେତେବେଳେ ଏମାନେ ବୁଝନ୍ତି - ଅମୃତ ମଣି ଯାହାକୁ ସେମାନେ ଏପର୍ଯ୍ୟନ୍ତ ଆକଣ୍ଠ ପାନକରି ଆସୁଥିଲେ ତାହା ବାସ୍ତବରେ ପୀୟୁଷ ନୁହେଁ

ହଳାହଳ ବିଷ, ଜହର, ଗରଳ । ଥରେ ଏହି ବୋଧ ଅନ୍ତଃକରଣରେ ଠୁଳ ହୋଇଗଲେ, ଆଉ ବିଷୟାବିଷର ପାଖ ମାଡ଼ନ୍ତି ନାହିଁ ଏମାନେ । ବିଷୟା ବିଷର ଆସକ୍ତି ତ୍ୟାଗ କରି ଦୃଢ଼ ଭାବରେ ପୀୟୁଷ ପଥରେ ଧର୍ମଧାରା ଧରି ଆଗେଇ ମାଡ଼ି ଚାଲନ୍ତି ।

ତାମସିକ ଓ ରାଜସିକ ସୁଖ ସ୍ଥୂଳଶରୀରରେ ଅନୁଭବ କରାଯାଏ ବୋଲି ଏ ଉଭୟକୁ ସ୍ଥୂଳ ସୁଖ କୁହାଯାଏ । ସ୍ଥୂଳ ଶରୀରରେ ସ୍ଥୂଳସୁଖ ଅନୁଭୂତ ହୋଇ ଶରୀରର ବହିର୍ଭାଗରେ ମୁଖ୍ୟତଃ ପ୍ରକାଶ ପାଇଥାଏ । ତେଣୁ ଏହାକୁ ବାହ୍ୟ ସୁଖ ବୋଲି ମଧ୍ୟ କୁହାଯାଏ ।

ତାମସିକ, ରାଜସିକ ଓ ସାତ୍ତ୍ୱିକ ସୁଖ ମୁଖ୍ୟତଃ ତିନିଗୋଟି କାରଣରୁ ଉତ୍ପନ୍ନ ହୋଇଥାଏ । ପ୍ରାରବ୍ଧ ଯୋଗରୁ ତାମସିକ ସୁଖ, ଗ୍ରହନକ୍ଷତ୍ରାଦି ଚଳନ ଦୋଷ ବା ସଂଚିତ ଯୋଗରୁ ରାଜସିକ ସୁଖ ଏବଂ କ୍ରିୟମାଣ ଯୋଗରୁ ସାତ୍ତ୍ୱିକ ସୁଖର ଉତ୍ପତ୍ତି ହୁଏ ।

ଶରୀର ମରଣଶୀଳ, କ୍ଷୟିଷ୍ଣୁ ଏବଂ କ୍ଷଣଭଙ୍ଗୁର । ତେଣୁ ଅନିତ୍ୟ । ଅନିତ୍ୟ ଶରୀର ମାଧ୍ୟମରେ ଯେଉଁ ସୁଖ ଅନୁଭବ କରାଯାଏ, ତାହା ମଧ୍ୟ ଅନିତ୍ୟ । ପୁଣି ଅନିତ୍ୟ ବିଷୟରୁ ଇନ୍ଦ୍ରିୟ ଓ ମନ ଦ୍ୱାରା ଏହା ଅନୁଭୂତ ହେଉଥିବାରୁ, ଏ ସୁଖ (ତାମସିକ ଓ ରାଜସିକ) ମଧ୍ୟ ଅନିତ୍ୟ । ଅତଏବ, ଶରୀର ଦ୍ୱାରା ଅନୁଭୂତ ସୁଖ ଆତ୍ମାର ପ୍ରୀତିପ୍ରଦ ନୁହେଁ, ହୋଇନପାରେ । କାରଣ ଆତ୍ମା ନିତ୍ୟ, ଆତ୍ମା ସତ୍ୟ, ଆତ୍ମା ସନାତନ । ଆତ୍ମା ବ୍ରହ୍ମ ସ୍ୱରୂପ । ବ୍ୟାକରଣର ଅର୍ଥାନୁସାରେ 'ସୁ'ର ଆଭିଧାନିକ ଅର୍ଥ ଉତ୍ତମ ଏବଂ 'ଖ'ର ଅର୍ଥ ଇନ୍ଦ୍ରିୟ ଜ୍ଞାନ । ଇନ୍ଦ୍ରିୟ ହିଁ ଆତ୍ମାର ଶକ୍ତି । ତେଣୁ ଆତ୍ମଶକ୍ତିର ଉତ୍ତମ ବିନିଯୋଗ ଦ୍ୱାରା ଯେଉଁ ସର୍ବୋତ୍ତମ ସୁଖ ଲାଭ କରାଯାଏ, ତାହାହିଁ ନିତ୍ୟ ସୁଖ । ନିତ୍ୟ ସୁଖ ହିଁ ଆତ୍ମାରାମ । ତାହାହିଁ ବ୍ରହ୍ମାନନ୍ଦ, ଏହା ଶରୀରର ବାହ୍ୟଭାଗରେ ଅନୁଭବ କରାଯାଇନଥାଏ, ଏହା ଅନ୍ତରର ଅନ୍ତରତମ କୋଣର ଅନୁକୋଣରେ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ଅନୁଭୂତ ହୁଏ । ଅବଶ୍ୟ ବାହ୍ୟତଃ ଏହା ପ୍ରକାଶ ପାଇପାରେ । ତାମସିକ ଓ ରାଜସିକ ସୁଖ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତିରୁ ନିଷ୍ପନ୍ନ । ମାତ୍ର ସାତ୍ତ୍ୱିକ ସୁଖ ଇନ୍ଦ୍ରିୟାତୀତ ଅତୀନ୍ଦ୍ରିୟ ଆନନ୍ଦାନୁଭୂତିରୁ ଉତ୍ପନ୍ନ । କ୍ରିୟମାଣ ଯୋଗଫଳରୁ ସାତ୍ତ୍ୱିକ ସୁଖର ଉତ୍ପତ୍ତି । ପୀୟୁଷ ପଥରେ ଗୁରୁ ଗ୍ରହଣ କରି ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଆତ୍ମଉନ୍ନୟନ ଓ ଆତ୍ମଜ୍ଞାନ ଲାଭ ନିମନ୍ତେ ଲକ୍ଷ୍ୟ ରଖି ସାଧନାଯୁକ୍ତ ହେଲେ ଏବଂ କ୍ରମଶଃ ଶୁଦ୍ଧଚିତ୍ତ, ଶୁଦ୍ଧବୋଧ, ଶୁଦ୍ଧ ବିବେକବୁଦ୍ଧିର ସହ ସେବା, ତ୍ୟାଗ, ନିଷ୍ଠା, ଭକ୍ତି, ପ୍ରେମାଦି ଦିବ୍ୟଭାବ ତୋଳି ପାରିଲେ, ପର୍ଯ୍ୟାୟ କ୍ରମରେ ସାଧନା ପଥରେ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରି ଅଗ୍ରଗତି କଲେ, କ୍ରିୟମାଣ କର୍ମଫଳ ସ୍ୱରୂପ ସୁଖ, ଶାନ୍ତି, ଆନନ୍ଦ ଲାଭ କରାଯାଇଥାଏ । ଏହି ଆନନ୍ଦ ହିଁ ଚିନ୍ମୟାନନ୍ଦ, ବିଶୁଦ୍ଧାନନ୍ଦ, ଚିଦାନନ୍ଦ ।

ଏହାହିଁ ଯଥାର୍ଥ ସୁଖ, ସାର୍ଥକ ଶାନ୍ତି ଏବଂ ସଫଳ ଆନନ୍ଦ । ପୀୟୁଷ କର୍ମଯୋଗ ସାଧି କ୍ରିୟମାଣ ଯୋଗ ଫଳରୁ ଜୀବ ସୁଖରୁ ଶାନ୍ତି ଏବଂ ଶାନ୍ତିରୁ ଆନନ୍ଦପ୍ରାପ୍ତ ହୋଇ ବ୍ରହ୍ମାନନ୍ଦ ସ୍ୱରୂପରେ ଆତ୍ମାକୁ ଅବସ୍ଥିତ କରାଇ ବ୍ରାହ୍ମୀସ୍ଥିତିରେ ଅବସ୍ଥାନ କରିବାକୁ ସମର୍ଥ ହୁଏ ।

# ଜିଜ୍ଞାସା : ଜିଜ୍ଞାସୁ

*ପରମ ଦୟାଳୁ ଚରମପୁରୁଷ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସହିତ ପରମଶ୍ରଦ୍ଧେୟ ଦିବଂଗତ ଯତୀଶଦା' ଅବସର କାଳରେ ନାନା ପ୍ରସଙ୍ଗରେ ଆଧାତ୍ମିକ ଆଲୋଚନା କରି ନିଜର ଦୈନିକ ଦିନଲିପିରେ ଲିପିବଦ୍ଧ କରି ଲେଖିଯାଇଛନ୍ତି ।*

*ସେ ସକଳ ଆଧାତ୍ମିକ ଆଲୋଚନା ଧାରା ବିବରଣୀ : 'ଜିଜ୍ଞାସା : ଜିଜ୍ଞାସୁ' ସ୍ତମ୍ଭରେ 'ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ' ଶୀର୍ଷକରେ ଚରମର ପ୍ରତ୍ୟେକ ସଂଖ୍ୟାରେ ନିୟମିତ ପ୍ରକାଶ ହୋଇ ଆସୁଛି ।*

*ଆଧାତ୍ମିକ ଜୀବନର ନାନା ସନ୍ଦେହ ମୋଚନ ନିମନ୍ତେ ଏହାର ଅବଦାନ ଅବଶ୍ୟ ଅନସ୍ୱୀକାର୍ଯ୍ୟ ।*

ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କର ସହିତ ନାନା ପ୍ରସଙ୍ଗ ---

**ଜିଜ୍ଞାସା : ଜିଜ୍ଞାସୁ :**

ପ୍ରଶ୍ନ : ବୈଷୟିକ ଆଧାତ୍ମଜ୍ଞାନ କ'ଣ ? ଯାହାଦ୍ୱାରା ସର୍ବଧର୍ମ ସମନ୍ୱୟ ଓ ଆତ୍ମଜ୍ଞାନ ଅର୍ଜନ କରିହେବ ନାହିଁ ବୋଲି କହୁଅଛନ୍ତି ।

ଠାକୁର : ଶୁଣ ! ବିଷୟ ଭୋଗର ଅନୁକୂଳ ପ୍ରବାହରେ ମନରେ କ୍ଷଣିକ ଶାନ୍ତି, ସନ୍ତୋଷ ଜାତ ହୁଏ । ଏହି ସମୟରେ ମନର ପ୍ରଫୁଲ୍ଲତାରୁ ଏକ ପ୍ରକାର ସହାନୁଭୂତିଶୀଳ ଆତ୍ମଜ୍ଞାନ ମଧ୍ୟ ଜାତ ହୁଏ, ଅର୍ଥାତ୍ ଅନ୍ୟର ଦୁଃଖରେ ଦୁଃଖୀ ହୋଇ ସହାନୁଭୂତିର ଭାବ ସୃଷ୍ଟି ହୁଏ ମାତ୍ର, କିନ୍ତୁ ସହାନୁଭୂତି କେବଳ ବାକ୍ୟରେ, ବାସ୍ତବରେ ନୁହେଁ । କାରଣ ଏହା ବିଷୟ ଭୋଗରୁ ଜାତ ହେତୁ ଅନିତ୍ୟ । ମୁହୂର୍ତ୍ତ ସହାନୁଭୂତି ମୁହୂର୍ତ୍ତକ ପାଇଁ ଆସି ପୁଣି ଉଭେଇ ଯାଏ, ବିଷୟ ଫଳ ଭୋଗ ଅନିତ୍ୟ ଓ ମୁହୂର୍ତ୍ତକ ପାଇଁ ଆସେ ଏଥିରୁ ମୁହୂର୍ତ୍ତ ଭାବ ଭକ୍ତି, ସ୍ୱର୍ଗୀୟ ଚିନ୍ତାଧାରା, ଅନ୍ୟର ଦୁଃଖରେ ସହାନୁଭୂତିର ଭାବ ସାମୟିକ ସୃଷ୍ଟି ହୁଏ, ମାତ୍ର । କିନ୍ତୁ ଫଳ ପ୍ରସବ କରିପାରେ ନାହିଁ । ଅବଶ୍ୟ କେତେକ ସ୍ଥଳରେ ଫଳ ପ୍ରସବ କରିଥାଏ । ଅନ୍ୟ ଦୁଃଖରେ ଦୁଃଖୀ ହୋଇ ସାହାଯ୍ୟ କଲେ ମଧ୍ୟ ତା ମୂଳରେ ଆଉ ଏକ ମୁଁକାରର ମାନ୍ୟତା ବା ଅହଂକାର ଲୁକ୍କାୟିତ ଥାଏ । ଏହା କିନ୍ତୁ ପ୍ରକୃତ ସହାନୁଭୂତିର ଫଳ ନୁହେଁ, ଅହଂକାରବଶତଃ ବିଷୟ ଭୋଗର ଅନୁକୂଳ ପ୍ରବାହରେ 'ଭାବ' ଶରୀରରେ ଭେଳିକି ସୃଷ୍ଟ କରି ସ୍ୱାର୍ଥଭିମାନ ବଶରେ ଫଳ ପ୍ରସବ କରେ । ଏହି ଭାବ ବିଷୟଭୋଗର ପ୍ରତିକୂଳ ପ୍ରବାହ ସମୟରେ ଲେଶ ମାତ୍ର ରହେ ନାହିଁ । ଏଣୁ ଜଣେ ବିଷୟୀ ବିଷୟ ଭୋଗରୁ ଯେଉଁ ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି, ଶାନ୍ତି, ସନ୍ତୋଷ, ସହାନୁଭୂତି, କର୍ତ୍ତବ୍ୟ-ପରାୟଣତାର ଭାବ ଭକ୍ତି ରୂପକ ଆତ୍ମଜ୍ଞାନ ପ୍ରାପ୍ତ ହୁଏ, ତାହା ଅନିତ୍ୟ ଫଳ ଦାୟକ । ଖାଲି ବାକ୍ୟରେ ବାସ୍ତବରେ ନୁହେଁ । ଆଉ ବାସ୍ତବ ଆତ୍ମଜ୍ଞାନ ହେଲା ଈଶ୍ୱର ବିଷୟକ ଶ୍ରବଣ, ମନନ, ଅଭ୍ୟାସ, ସାଧନ ଓ ସିଦ୍ଧିର ଫଳ । ଏହି ସିଦ୍ଧିର ଫଳ ସର୍ବଦା ଶୁଦ୍ଧ ରହେ । ଏହା ଚିରନ୍ତନ ନିତ୍ୟ ଅଟେ । ଯାହା ସର୍ବଦା ବାସ୍ତବ ଫଳ ପ୍ରସବ କରେ । ଏହା ସାମୟିକ ଉତ୍ତେଜନାର ଭେଳିକି ନୁହେଁ । କାରଣ ସାଧ୍ୟ ସାଧନା ଓ ଗୁରୁ କୃପାରୁ ଏହା ପ୍ରାପ୍ତ ହେତୁ ସ୍ୱାର୍ଥଭିମାନ, ଅହଂମାନ, ମୁଁ କାରତ୍ୱର ଗନ୍ଧ ଲେଶ ମାତ୍ର ରହେ ନାହିଁ । ଏହା ପ୍ରକୃତ ଆତ୍ମଜ୍ଞାନ ଯାହାଦ୍ୱାରା ସର୍ବଧର୍ମ ସମନ୍ୱୟ, ମାନବ ସେବା, କଲ୍ୟାଣ ପ୍ରଭୃତି ମହାନ କାର୍ଯ୍ୟ ହୋଇଥାଏ । ସୁତରାଂ ବିଷୟ ଭୋଗରୁ ଅନୁକୂଳ ପ୍ରବାହରୁ ଜାତ ଆତ୍ମଜ୍ଞାନ ଭାବଭେଳିକି ସୃଷ୍ଟି କରେ, କିନ୍ତୁ ଗୁରୁ କୃପାରୁ ଓ ସାଧନା ଅଭ୍ୟାସରୁ ଜାତ ଆତ୍ମଜ୍ଞାନ ବାସ୍ତବ ଓ ନିତ୍ୟଫଳ ପ୍ରଦାନ କରିଥାଏ ।

ପ୍ରଶ୍ନ : ତାହେଲେ ଆମେ ସଂସାରରୁ ଓ ସମାଜ ଚଳନିରୁ ନିଜର ବୋଧରେ ଯେଉଁ ଭାବ, ଭକ୍ତି, ବିଶ୍ୱାସ ନେଇ ଆସିଛୁ ତା ଦ୍ୱାରା କ'ଣ କିଛି ଫଳ ମିଳିବ ନାହିଁ ?

ଠାକୁର : ଆସିଛ ଯେତେବେଳେ ଫଳତ ନିଶ୍ଚୟ ମିଳିବ । କିନ୍ତୁ ସେ ଫଳ ହେଉଛି କେବଳ ଗୁରୁ, କିନ୍ତୁ କୃପା ନୁହେଁ । ବୈଷୟିକ ଶିକ୍ଷାଗତ ଯୋଗ୍ୟତାରେ ଯେଉଁ ଭାବ, ଭକ୍ତିଅଛି ତାହା କେବଳ ଶବ୍ଦମାତ୍ର, ବୋଧ ନୁହେଁ, ଏହି ଭାବରାଜି ସାମୟିକ ଉତ୍ତେଜନା ସୃଷ୍ଟିକରି ଅଶ୍ରୁ, ପୁଲକ, ସ୍ୱେଦ କମ୍ପନ ସୃଷ୍ଟି କରିପାରେ, କିନ୍ତୁ ଭିତରୁ ଆତ୍ମାଭିମାନ ଓ ଅହଂକାର ରୂପି ବଡ଼ ପଣିଆକୁ ଦୂର କରିପାରେ ନାହିଁ । ଭିତରେ ଏମାନେ ବେଶ୍ ସୁଦୃଢ଼ ହୋଇ ରହିଥାନ୍ତି । ଭାବ ଭକ୍ତିର ଉତ୍ତେଜନା କୌଣସି ବିଷୟ ପ୍ରଭାବରୁ ହୋଇଥିବାରୁ ବିଷୟର ଅପସାରଣରେ ଭାବ ଭକ୍ତିର ଅପସାରଣ ହୋଇଥାଏ । ଠିକ୍ ତା ପରେ ପରେ ଅହଂମାନ ନିଜସ୍ୱ ସ୍ୱରୂପ ପ୍ରକାଶ କରି ବଡ଼ ପଣିଆର ଭାବରେ ଦୃଢ଼ ରୁହନ୍ତି । ନିଜସ୍ୱ ବୋଧରେ ମଣିଷ ଗୁରୁଦ୍ୱାରକୁ ଆସି ଗୁରୁଙ୍କର ବୋଧକୁ ଧରିଲେ ଗୁରୁ କୃପା ଲାଭ ହୋଇଥାଏ । ଆଉ ନିଜର ବୋଧରେ ରହି ଗୁରୁଙ୍କ କଥା ଶିକ୍ଷାଗତ ଯୋଗ୍ୟତାରେ କାଟିଲେ ନିଜର ବୋଧରେ ନିଜେ ରହି ଠକି ଯିବାଟା ସାର ହୋଇଥାଏ ।

ପ୍ରଶ୍ନ : ଗୁରୁ ଦରବାରକୁ ଆସି ମଣିଷ ନିଜର ବୋଧରେ ଅଟଳ ରହେ କାହିଁକି ?

ଠାକୁର : ସେ ଗୁରୁ ହୋଇ ଆସିଥାଏ ବୋଲି ।

ପ୍ରଶ୍ନ : ଇଏ ପୁଣି କି କଥା ?

ଠାକୁର : ଏତ ଠିକ୍ କଥା । ମଣିଷ ତାର ନିଜସ୍ୱ ଚୈତନ୍ୟ ବଳରେ ସମାଜରୁ, ପରିବେଶରୁ, ଶାସ୍ତ୍ର ଅଧ୍ୟୟନରୁ ଏବଂ ନାନା ବିଷୟରୁ ଜ୍ଞାନ ଅର୍ଜନ କରି ବିଷୟ ପରିବେଷଣ, ପରିଚାଳନା କରି ପାରିଥିବାରୁ ବିଷୟ ଉପରେ କିଛିଟା ମାଷ୍ଟେରି ଆସି ଯାଇଥାଏ । ସେ ଜାଣେ ନାହିଁ ଯେ ସେ ଜାଣିଥିବା କଥା ଉପରେ ଆହୁରି କଥା ଅଛିବୋଲି । କାରଣ ମଣିଷର ଦୁଇଟି ଆଖି ଥିଲେ ମଧ ସେ ଏକ ଶିକ୍ଷା ଗ୍ରହଣ କରିଥିବାରୁ କଣା ସଦୃଶ । ସେଥିପାଇଁ ତା ଜ୍ଞାନର ଉର୍ଦ୍ଧ୍ୱରେ ଆହୁରି ଅନେକ ଜାଣିବାର ଅଛି ବୋଲି ସେ ଜାଣି ନଥାଏ । ଏଣୁ ସେ ଯାହା ଜାଣି ନଥାଏ ବା ଶୁଣିନଥାଏ ତାହାକୁ ମାନିବାକୁ ପ୍ରସ୍ତୁତ ନହୋଇ ନିଜସ୍ୱଜ୍ଞାନରେ ଅଟଳ ରହେ । ଏହି ନିଜସ୍ୱ ବୁଦ୍ଧିରେ ଅଟଳ ରହିଯିବାର ଭାବଟି ଏକରକମ ଗୁରୁଗିରି କହିବା ଅସମୀଚିନ ନୁହେଁ ।

ପ୍ରଶ୍ନ : ଏହି ଭାବଟି ଦୂର ହେବ କିପରି ?

ଠାକୁର : ଠିକ୍ ଗୁରୁ ହାତୁଡ଼ରେ ଯଦି ଦୈବାତ୍ ଏହିପରି ଗୁରୁ ସାଜିଥିବା ମଣିଷ ହାତୁଡ଼ ଖାଇଯାଏ, ତାହାହେଲେ ଗୁରୁ କୌଶଳରେ ତା'ର ଗୁରୁଗିରି କରୁଥିବା ଭାବକୁ ନାନା ପ୍ରକାର ଅବସ୍ଥା ଭିତର ଦେଇ ଦୂରୀଭୂତ କରିଥାନ୍ତି ।

ପ୍ରଶ୍ନ : ଗୁରୁଙ୍କର ସେହି କୌଶଳଟି କ'ଣ ?

ଠାକୁର : ତମେ କ'ଣ ଗୁରୁ ସାଜିବନା କ'ଣ ?

ପ୍ରଶ୍ନ : ଜାଣିବ କ'ଣ ଅପରାଧ ?

ଠାକୁର : ଜିଜ୍ଞାସା ଅପରାଧ ନୁହେଁ । ଦାବି କରିବାଟା ଅପରାଧ । ସାଧନା କଲେ ବିଷୟ ଉପରେ ଗୁରୁଗିରି କରିବାର କୌଶଳ ଆପେ ଜଣା ପଡ଼ିଥାଏ । ଏହାହେଉଛି ଅନୁଭବ । ନିଜର ଜିଦ୍‌ଖୋର ବୋଧକୁ ନିରନ୍ତର ଅଭ୍ୟାସ ସୂତ୍ରରେ କରାଗଲେ ବିଷୟ ଉପରେ ଦକ୍ଷତା ଆସେ । ଦକ୍ଷତାରୁ ଆସେ ବିଷୟକୁ ପରିଚାଳନା କରିବାର କୌଶଳ ।

ପ୍ରଶ୍ନ : ସମାଜରେ ସଂସାର କ୍ଷେତ୍ରରେ ଗ୍ରାମ୍ୟ ଜୀବନ ଯାପନର ହାନି ଲାଭ ବୁଝିବା ପାଇଁ ବୟସ୍କ ଗୁରୁଜନ ଲୋକମାନେ ଅଛନ୍ତି । ନ୍ୟାୟ ନିଶାପରେ ସେମାନେ କଥା ଛଳରେ ନାନା ପ୍ରକାର ଧର୍ମୀୟ ଉପଦେଶମାନ ଦିଅନ୍ତି ଓ ଅନୁଭୂତିର କାହାଣୀମାନ ଶୁଣାନ୍ତି । ଉପସ୍ଥିତ ଶ୍ରୋତା ତାହା ମାନି ନିଅନ୍ତି, ଏମାନେ ତ ଗୁରୁ ନୁହଁନ୍ତି, ଗୁରୁଜନ । ଏମାନଙ୍କର ଉପଦେଶ ମାନି ନେଲେ ବିପର୍ଯ୍ୟସ୍ତ ହେବାକୁ ପଡ଼େ କି ?

ଠାକୁର : ନିଜ ବୁଦ୍ଧିରେ ଯୋଗୀ ହେବା ଭଲ । ପର ବୁଦ୍ଧିରେ ରାଜା ହେବା ଭୁଲ୍ ।

ବୃଦ୍ଧ ଗୁରୁଜନ ମାନେ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚି ଜୀବନ କାଳର ଅନେକ ଅନୁଭୂତି ଅର୍ଜନ କରିଥାନ୍ତି । ସେହି ଅର୍ଜନ ତାଙ୍କ ନିଜସ୍ୱ । ନିଜର ଅନୁଭବ ତାଙ୍କଠାରୁ ସାନମାନଙ୍କ ଉପରେ ଉପଦେଶ ଦେଇ ଲଦି ଦେବା ଦ୍ୱାରା ଘଟଣାବଳୀର କିଛି ସମୟ ପାଇଁ ଉତ୍ତେଜିତ ଭାବର ସାମୟିକ ଦମନ ହୋଇଥାଏ କିନ୍ତୁ ସମସ୍ୟା ସମାଧାନ ହୋଇପାରେ ନାହିଁ । କାରଣ ଜଣକର ଅନୁଭବ ସମସ୍ତଙ୍କ କାମରେ ଲାଗିବ ନାହିଁ । ଉଦାହରଣତଃ :- ହନୁମାନ ସିନା ସମୁଦ୍ର ଡେ଼ଇଁଲେ, ସୀତା ସିନା ଅଗ୍ନିରେ ପଶିଲେ, କୃଷ୍ଣ ସିନା ମନ୍ଦର ଟେକିଲେ, ଖୁଲଣା ସିନା ଖଣ୍ଡା ଧାରରେ ବାଟ ଚାଲିଲେ, ଦ୍ରୌପଦୀ ସିନା ଉପରକୁ ହାତ ଟେକିଲେ, ଅରକ୍ଷିତ ସିନା ବିଷ ହଜମ କଲେ, ଆଉ କେତେଜଣ ଏପରି କରିପାରିବେ ? ଏହିପରି ନିଜସ୍ୱ ଅନୁଭବ ଅନ୍ୟର କାମରେ ଲାଗେ ନାହିଁ । ଏଣୁ ସମସ୍ୟାର ସମାଧାନ ହୋଇପାରେ ନାହିଁ । ଉତ୍ତେଜନାର ସାମୟିକ ହ୍ରାସ ହୋଇଥାଏ ମାତ୍ର । ଏଣୁ ଗୁରୁ ଜ୍ଞାନର ସାଧନାରୁ ଜାତ ବୁଦ୍ଧିରେ ଯୋଗୀ ହେବା ଭଲ । ପରର ଅନୁଭବରେ ହନୁମାନ ହେବା ଭେଲ, ପର ବୁଦ୍ଧିରେ ସମୁଦ୍ର ଡ଼େଇଁଲେ ଅବସ୍ଥା ଯାହା ହେବ, ପର ବୁଦ୍ଧିରେ ନିଷ୍ପତ୍ତି ନେଲେ ଅବସ୍ଥା ତାହାହିଁ ହେବ । ''ମାଗି ଆଣିବା ତିଅଣ ଶୋଡ଼କାଏ'' ଭଳି ହେବ ସିନା, ସମସ୍ୟାର ସମାଧାନ ହେବ ନାହିଁ ।

ପ୍ରଶ୍ନ : ସମାଧାନ କ'ଣ ଓ ତାହା କିପରି ଆସେ ?

ଠାକୁର : ଯାହା ସମାହିତ ହେଲେ ଆଉ ସମସ୍ୟା ସୃଷ୍ଟି କରେ ନାହିଁ ତାହା ପ୍ରକୃତ ସମାଧାନ । ସମାଧାନ ପରେ ଯେଉଁଠାରେ ପୁଣି ଅନ୍ୟ ପ୍ରକାର ସମସ୍ୟା ସୃଷ୍ଟି ହୁଏ ତାହା ସାମୟିକ ସମାଧାନ ମାତ୍ର, ପ୍ରକୃତ ସମାଧାନ ନୁହେଁ ।

କୌଣସି ବିଷୟର ବିରୋଧକୁ ସମାଧାନ କରିବାକୁ ଯାଇ ବୈଷୟିକ ଶିକ୍ଷାଗତ ଯୋଗ୍ୟତାର ଜ୍ଞାନ ଅନେକ ସମସ୍ୟା ସୃଷ୍ଟି କରେ, ଜଣକର ଲାଭ ହେଲେ ଅନ୍ୟ ଜଣକର କ୍ଷତି ହୁଏ । କିନ୍ତୁ ଆତ୍ମଜ୍ଞାନ ଦ୍ୱାରା ଯେଉଁ ସମସ୍ୟା ଗୁଡ଼ିକର ସମାଧାନ କରାଯାଏ ତାହା ଆଉ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରେ ନାହିଁ ।

ପ୍ରଶ୍ନ : ଆମ ଭିତରେ ଯେଉଁ ଜ୍ଞାନ ଗାରିମା ଅଛି ତାହା ବୈଷୟିକ ଶିକ୍ଷାଗତ ଯୋଗ୍ୟତାର ଜ୍ଞାନ । ଯେଉଁ ଜ୍ଞାନରେ ଆତ୍ମଭିମାନ, ଗର୍ବ, ଅହଂକାର, ଈର୍ଷା, ହିଂସା, କାମ କ୍ରୋଧ ଜଡ଼ିତ ହୋଇ କ୍ରିୟାଶୀଳ ଅଛି । ଯାହା କି ଗୁରୁ କୃପା ଲାଭରେ ପ୍ରତିବନ୍ଧକ । ପୁଣି ଏହି ପ୍ରତିବନ୍ଧକ ଗୁଡ଼ିକ କପାର ବିଘ୍ନ ସ୍ୱରୂପ । ଏହା

ଆମର ସ୍ଥିତ ପ୍ରକୃତି । ଏପରି ଅବସ୍ଥାରେ ନା ପ୍ରକୃତି ଯିବ ନା ଗୁରୁକୃପା ଲାଭ ହେବ ? ତାହେଲେ ଜୀବନଟା କ'ଣ ବ୍ୟର୍ଥ ହୋଇଯିବ ?


ଠାକୁର : ଗୁରୁ ଦରବାରରେ ପ୍ରବେଶ କରି ଏପରି ଭୟ କରିବା ଠିକ୍ ନୁହେଁ । ଛଚିନ୍ଦ୍ରାର ସ୍ଥିତ ପ୍ରକୃତିର ଧର୍ମ ତା'ର ଆକୃତିକୁ ବଙ୍କା କରିବା । କିନ୍ତୁ ଆଉ ଏକ ଧର୍ମ ଦ୍ୱାରା ଟେକା ଝୁଲାଇ ସିଧା କରିବା । ବଣର ଛଚିନ୍ଦ୍ରା ବଙ୍କା, କିନ୍ତୁ ମାଳିକର ଛଚିନ୍ଦ୍ରା ସ୍ଥିତ ପ୍ରକୃତିକୁ କାଟି ସିଧା ହୋଇଥାଏ ପୂର୍ବରୁ କହିଛି ଯିଏ ଗୁରୁ ସେ କୌଶଳରେ ଗୁରୁ ସାଜିଥିବା ମଣିଷକୁ ଶିଷ୍ୟ କରି ଦିଅନ୍ତି । ଶିକ୍ଷାଗତ ଯୋଗ୍ୟତାର ଜ୍ଞାନରେ ଅନେକେ ଗୁରୁ ଦ୍ୱାରସ୍ଥ ହୁଅନ୍ତି ଆଉ ଗୁରୁଙ୍କର ଆଧ୍ୟାତ୍ମଜ୍ଞାନକୁ ସାଧନ କରିବା ଦ୍ୱାରା କୃପା ପ୍ରାପ୍ତି ହୋଇଥାଏ । ଶିକ୍ଷାଗତ ଯୋଗ୍ୟତାର ଜ୍ଞାନରେ କୃପା ଲାଭ ହୁଏ ନାହିଁ ।

ପ୍ରଶ୍ନ : ଶିକ୍ଷାଗତ ଯୋଗ୍ୟତାରୁ ଗୁରୁ ସାଜିଥିବା ମଣିଷ ଶିଷ୍ୟ ହୋଇଗଲେ ଗୁରୁ କୃପା ଲାଭ ହୋଇଥାଏ । ଏହି କୃପାଟି କ'ଣ ?

ଠାକୁର : ସମାଜରୁ ବୈଷୟିକ ଶିକ୍ଷା ପ୍ରଭାବରେ ଶିକ୍ଷାର ମାନ ଅର୍ଜନ କରି ମାନର ବଶବର୍ତ୍ତୀ ହୋଇ ମାନରୁ ସମ୍ମାନ ପ୍ରାପ୍ତି ହୋଇଥାଏ । ସମ୍ମାନ ପ୍ରାପ୍ତିରେ ଅହଂକାର, ଅହଂକାର ବାଧାରେ ଗର୍ବ, ଗର୍ବରୁ ପରଶ୍ରୀ କାତରତାରେ ମୋହାଚ୍ଛନ୍ନ ହୁଏ । ଏହି ମୋହ ତା'ର ମୋହିନୀ ଶକ୍ତି ମାୟା ଦ୍ୱାରା ଏକକୁ ଅନେକ ଓ ଅନେକକୁ ଏକ କରି ସର୍ବଦା ବ୍ୟକ୍ତିଙ୍କୁ ଭଙ୍ଗା, ଗଢ଼ା, ଶତ୍ରୁ, ମିତ୍ର, ହାନିଲାଭ, ହର୍ଷବିଷାଦ, ଭିତରେ ଗତି କରାଇ ଦୁଃଖ ସୁଖ ଭୋଗ କରାଏ । ଏବଂ ଦୁଃଖ ସୁଖ ଭୋଗରୁ ଭୟଜାତ ହୋଇ ଚିତ୍ତ ବା ବ୍ରେନରେ ଏକ ପ୍ରକାର ଅସ୍ଥିରତାର ଝଞ୍ଜାବାତର ଝାଙ୍କି ମାରେ । ଝାଞ୍ଜିର ଉତ୍ତାପକୁ ସହ୍ୟ କରି ନ ପାରି ଭୟରେ ବ୍ୟାକୁଳ ହୋଇ ଅବଲମ୍ବନ ପୂର୍ବକ ଧର୍ମରକ୍ଷକ ଧର୍ମଗୁରୁଙ୍କୁ ଆଶ୍ରୟ କରିବାର ଭାବ ପୋଷଣ କରି ନିଜର ଭୟକୁ ଦୂର କରିବା ପାଇଁ ଆଶ୍ରୟ ନିଏ । କିନ୍ତୁ ପ୍ରତ୍ୟକ୍ଷ ଆଶ୍ରୟ ଦାତାର ଆଶ୍ରୟ ସୂତ୍ରକୁ ନଧରି ନିଜର ବୋଧରେ, ନିଜର ବିଚାରରେ, ନିଜର ପ୍ରାପ୍ତିକୁ ଆକାଂକ୍ଷା କରି ନିଜର ଭାବରେ ନିଜେ ଅଟଳ ରହେ, କିନ୍ତୁ ଗୁରୁ କୌଶଳରେ ଆଶ୍ରିତର ଅଟଳ ଭାବକୁ ଟଳାଇ ଆଶ୍ରୟର ସୂତ୍ର ଭିତରକୁ ନେଇ ଆସନ୍ତି । ସୂତ୍ର ଧରିବା ମାତ୍ରେ ପାରାଧାତୁ ମାଟି ବନ୍ଧକୁ ନରମ କରି ଖେଳେଇ ଦେଲା ଭଳି ତା'ର ଅଟଳ ଭାବକୁ ଖେଳାଇ ଦେଇ ମାନୀ ଗୁରୁଙ୍କୁ ଶିଷ୍ୟ କରିଦିଅନ୍ତି । ଶିଷ୍ୟ ହେଲା ପରେ ଭକ୍ତି ଉଦୟ ହୋଇଥାଏ । ଶିଷ୍ୟର ଭକ୍ତିରୁ ଜ୍ଞାନ ଜାତ ହୋଇ ଆତ୍ମବୋଧ ଓ ଆତ୍ମଜ୍ଞାନ ଆସେ । ଆତ୍ମଜ୍ଞାନରୁ ନିରଂହକାର ଓ ଅହିଂସା ରୂପୀ ମହା କୈବଲ୍ୟ ପ୍ରାପ୍ତ ହୁଏ । ଗୁରୁ ସାଜିଥିବା ମଣିଷକୁ ଗୁରୁ ଶିଷ୍ୟ କରି ଆଶ୍ରୟ ସୂତ୍ରରେ ଦିବ୍ୟ କୈବଲ୍ୟମାନ ପ୍ରାପ୍ତ କରାନ୍ତି । ଏହାରି ନାମ କୃପା । (କ୍ରମଶଃ)

**ଆଚରଣ ନାହିଁ ଅଛି ତୁଚ୍ଛା ଉଚ୍ଚାରଣ ।**
**ଏମନ୍ତ ପ୍ରବକ୍ତା ପାଇଁ ଅକାଳ ମରଣ ।।**
**ବିଧି ବିଧାନ ରଖିଛି କେ କରିବ ଆନ ।**
**ଏବେବି ସମୟ ଅଛି ଗୁରୁବାକ୍ୟ ମାନ ।।**

# ସମ୍ଭବାମି ଯୁଗେ ଯୁଗେ ରହସ୍ୟଭେଦ



## ଜନନୀ, ଜଠର, ଜରାୟୁ

*ଜନନୀ, ଜଠର, ଜରାୟୁ ହିଁ ଏ ସୃଷ୍ଟିର ମୂଳଭିତ୍ତି । ଏହାରି ମାଧ୍ୟମରେ ଯୁଗେ ଯୁଗେ ଜୀବର ସମ୍ଭବ ହୋଇଚାଲିଛି । ଏହିଠାରୁ ଜୀବର ସୃଷ୍ଟି ଓ ଶେଷରେ ଏହିଠାରେ ହିଁ ବିଶ୍ରାମ । ମାତ୍ର ପ୍ରକୃତିର ବିଡ଼ମ୍ବନା ଯେ, ଏହାର ପ୍ରକୃତ ରହସ୍ୟ ଏବେ ବି ଅବୋଧ୍ୟ ।*

*ଅନେକ ଯୁଗର ଅବସାନ ପରେ କରୁଣାମୟଙ୍କର କରୁଣା ହୋଇଛି ଏହି ଲୁକ୍କାୟିତ ରହସ୍ୟକୁ ଧରା ପୃଷ୍ଠରେ ବିଛାଡ଼ିଦେଇ ଅଚେତନ ହୃଦୟରେ ଚେତନାର ପ୍ରଦୀପ ଜାଳିଦେବାକୁ ନିଜର ମର୍ତ୍ତ୍ୟାବତରଣ ଅନୁଭୂତି ଛଳରେ ।*

*ତାଙ୍କର ସେହି ମହତଇଚ୍ଛାକୁ ସାକାର କରିବାର ମହାନ ଦାୟିତ୍ୱ ଗ୍ରହଣ କରୁଛି ''ଚରମ ପ୍ରକାଶନ ସଂସ୍ଥା'' ଏହି ଧାରାବାହିକ ସ୍ତମ୍ଭ ମାଧ୍ୟମରେ ।*

**ପୂର୍ବାନୁସ୍ମୃତି : ''ଚରମ'' ତୃତୀୟ ପୁଷ୍ପ : ଷଷ୍ଠ ପାଖୁଡ଼ା : ତ୍ରୟୋଦଶ ସଂଖ୍ୟାରୁ ---**

### (୩) ନାଦଗର୍ଦ୍ଧଣ କୋଷ :-

ମାତ୍ର ଏହି ଶକ୍ତି ହଠାତ୍ କୌଣସି ସାଧକକୁ ପ୍ରାପ୍ତ ହୋଇ ନଥାଏ । ଶିଶୁଟି ଜନ୍ମ ହେବା ସମୟରେ କ'ଣ ଆପେ ଆପେ ଚାଲିପାରେ ? କଥା କହିପାରେ ? ପିତା, ମାତା ଓ ପରିବେଶର ପ୍ରେରଣାର ସାହାଯ୍ୟ ଧୀରେ ଧୀରେ ପର୍ଯ୍ୟାୟକ୍ରମେ ଗୋଟିଏ ଗୋଟିଏ ଶକ୍ତି ଆହରଣ କରେ ଓ ଶେଷରେ ପୂର୍ଣ୍ଣାଙ୍ଗ ହୁଏ । ପ୍ରତିଟି ପର୍ଯ୍ୟାୟ ପାଇଁ ତାକୁ କଠୋର ପରିଶ୍ରମ କରିବାକୁ ପଡ଼େ । ଜନ୍ମ ପରେ ପରେ ସେ ଶରୀରକୁ ନିଜ ଶକ୍ତିରେ ପରିଚାଳିତ କରିପାରେ ନାହିଁ । ଏପରିକି ଅନ୍ୟଜଣେ ତାର ପାର୍ଶ୍ୱ ପରିବର୍ତ୍ତନ କରାଇ ନ ଦେଲେ ସେ ସେହିପରି ପଡ଼ିରହିଥାଏ । କାରଣ ତା'ର ଶରୀରସ୍ଥ ନାଦଗର୍ଦ୍ଧଣ କୋଷ ଶକ୍ତିହୀନ ହୋଇଥାଏ । କ୍ରମଶଃ ଏହି କୋଷର ପରିପକ୍ୱତା ନେଇ ସେ ଯେତେବେଳେ ନିଜେ ତା'ର ଅଙ୍ଗ ଅବୟବକୁ ଚାଳନ କରିବାକୁ ଚେଷ୍ଟା କରେ, ସେତେବେଳେ ଅନେକ ବାଧାର ସମ୍ମୁଖୀନ ହୁଏ । ପେଟେଇବା, ଆଣ୍ଠେଇବା, ବସବା, ଠିଆହେବା, ଚାଲିବା, କଥା କହିବା ଇତ୍ୟାଦି ପ୍ରତ୍ୟେକ କ୍ରିୟାର ପ୍ରାରମ୍ଭିକ ଅବସ୍ଥାକୁ ଲକ୍ଷ୍ୟ କଲେ ଅନୁଭବ କରାଯାଇପାରିବ, ସେ କେତେ କଷ୍ଟ ସହୁଛି ଓ କେତେ ନିଷ୍ଠାର ସହ ସଫଳ ହେବାକୁ ଚେଷ୍ଟା କରୁଛି । ଏଇ ଅବସ୍ଥା ହିଁ ଶିଶୁଟିର ସାଧନ ଅବସ୍ଥା । ଏଠାରେ ସାଧନ କରିବାର ପ୍ରେରଣା ନାଦଗର୍ଦ୍ଧଣ କୋଷ ହିଁ ପ୍ରଦାନ କରୁଛି । ଏହି ଅସ୍ଥାରେ ସାଧକ ଶିଶୁଟି ଅନ୍ୟଜଣକ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇ ଆଗେଇବାକୁ ଚେଷ୍ଟା କରୁଛି । ସାହାଯ୍ୟ କରୁଥିବା ବ୍ୟକ୍ତିଟିର ଶରୀର ମଧ୍ୟରେ ଥିବା ଉନ୍ନତ ନାଦଗର୍ଦ୍ଧଣ କୋଷକୁ ସୂକ୍ଷ୍ମରେ ଆକର୍ଷଣ କରୁଛି । ଉକ୍ତ ସାଧନ ସମୟର ପ୍ରତ୍ୟେକ କ୍ରିୟା ଓ କର୍ମ ଫଳକୁ ଶିଶୁଟିର ନାଦଗର୍ଦ୍ଧଣ କୋଷ ସଯତ୍ନେ ସାଇତି

ରଖୁଛି ଓ ଧୀରେ ଧୀରେ ସିଦ୍ଧି ଆହରଣ କରୁଛି । ଯଥା :- ଅନେକ ଚେଷ୍ଟା ଓ ପରିଶ୍ରମ ପରେ ଶିଶୁଟି ଦିନେ ଆପେ ଆପେ ପେଟେଇ ପଡ଼ିଲା ଓ ଅନ୍ୟର ସାହାଯ୍ୟ ବିନା ପୁଣିଥରେ ପୂର୍ବାବସ୍ଥାକୁ ଫେରିଯାଇପାରିଲା । ଏଠାରେ ଏହି ପେଟେଇବା କର୍ମଟି ସିଦ୍ଧିପ୍ରାପ୍ତ ହୋଇଗଲା । ତା'ର ଶରୀର ଯେତେଦିନ ପର୍ଯ୍ୟନ୍ତ ଥିବ ଏବଂ କୌଣସି ଅନିଚ୍ଛାକୃତ କାରଣରୁ ଶାରୀରିକ ଅକ୍ଷମତା ନ ଆସିଥିବ, ଏହି ପେଟେଇବା କାର୍ଯ୍ୟ ପାଇଁ ତାକୁ ଆଉ କଷ୍ଟ କରିବାକୁ ପଡ଼ିବ ନାହିଁ । ଚିନ୍ତା କଲାମାତ୍ରେ ସେ ପେଟେଇ ପାରିବ । କାରଣ ଶରୀରସ୍ଥ ନାଦଗର୍ଦ୍ଦଣ କୋଷ ଏହି କର୍ମଟିର ସିଦ୍ଧିପ୍ରାପ୍ତ ହୋଇ କୌଶଳଟିକୁ ସାଇତି ରଖିଛି । ଶରୀର ଚାହିଁବାମାତ୍ରେ କୋଷଟି ସକ୍ରିୟ ହୋଇ ସଞ୍ଚିତ କରିଥିବା ଶକ୍ତି ଓ କୌଶଳକୁ ସ୍ମରଣ ଓ ପ୍ରୟୋଗ କରାଇଦେଉଛି । ଠିକ୍ ଏହି ଭାବରେ ଶିଶୁଟି ଅଭ୍ୟାସ ସାଧନ ମାଧ୍ୟମରେ କ୍ରମାନ୍ୱୟରେ ଆଣ୍ଠୋଇବା, ବସିବା, ଠିଆହେବା, ଚାଲିବା ଓ କଥାକହିବା ଇତ୍ୟାଦି ପ୍ରତ୍ୟେକ କର୍ମର ସିଦ୍ଧିପ୍ରାପ୍ତ ହେଉଛି ।

ଉପରୋକ୍ତ ସାଧନ କ୍ରିୟାରେ ସକ୍ରିୟ ହୋଇଯିବାପରେ କୋଷଟି ଅନ୍ୟାନ୍ୟ କର୍ମ, ଜ୍ଞାନର ସିଦ୍ଧି ପାଇଁ କର୍ମ ପ୍ରେରଣା ଯୋଗାଏ ଏବଂ ସେହିକର୍ମ ଜ୍ଞାନରେ ପକ୍ୱତା ଲାଭ କରିଥିବା ଅନ୍ୟ ଏକ ବ୍ୟକ୍ତିର ନାଦଗର୍ଦ୍ଦଣ କୋଷକୁ ସାହାଯ୍ୟ ପାଇଁ ଆକର୍ଷିତ କରେ । ଫଳରେ ଶିଶୁଟିର ପରିଚାଳକ ଯଥା - ବାପା, ମାଆ ତଥା ଅନ୍ୟ ଆତ୍ମୀୟମାନଙ୍କର ମନରେ ସ୍ୱତଃ ଆଗ୍ରହ ସୃଷ୍ଟି ହୁଏ ପାଠ ପଢ଼ାଇବା ପାଇଁ ଏବଂ ବିଭିନ୍ନ ଜ୍ଞାନ ଶିକ୍ଷା ଦେବାପାଇଁ । ତେଣୁ ପ୍ରଥମେ ସେମାନେ ନିଜେ ଅକ୍ଷରଟିଏ ଲେଖି ତାକୁ ମଡ଼ାଇ ଅଭ୍ୟାସ କରିବାକୁ ପିଲାଟିକୁ ଉତ୍ସାହିତ କରନ୍ତି । ପିଲା ଯଦି ଆଗ୍ରହରେ ଅଭ୍ୟାସ କରିଯାଏ ତେବେ ଗୋଟିକ ପରେ ଗୋଟିଏ କ୍ରମରେ ସମସ୍ତ ଅକ୍ଷରକୁ ନିଜ ଆୟତ୍ତକୁ ନେଇଯାଏ । ଅଭ୍ୟାସ କରୁଥିବା ସମୟରେ ତା'ର ନାଦଗର୍ଦ୍ଦଣ କୋଷ ଚିତ୍ରକରର ଭୂମିକା ଗ୍ରହଣ କରେ, ପ୍ରତି ମୁହୂର୍ତ୍ତରେ ଅଭ୍ୟାସ ଫଳକୁ ସଯତ୍ନେ ସାଇତି ରଖେ । ପରକ୍ଷଣରେ ଯେତେବେଳେ ପୁନରାୟ ସେହି କର୍ମ କରିବାକୁ ପିଲାଟି ଯାଏ, କୋଷଟି ସାଇତି ରଖିଥିବା ସ୍ମରଣକୁ ପିଲାଟିର ସ୍ମୃତିପଟଳକୁ ପଠାଇଦିଏ । ଏହି ପ୍ରକ୍ରିୟାରେ ଅକ୍ଷରଗୁଡ଼ିକ ଆୟତ୍ତକୁ ଆସିଯାଇ ସବୁଦିନ ପାଇଁ ମାନସ ସ୍ତରରେ ଚିତ୍ରପରି ଆଙ୍କି ହୋଇଯାଏ । ଅର୍ଥାତ୍ ପିଲାଟିର ଏହି ଅକ୍ଷର ସିଦ୍ଧି ହୋଇଯାଏ ।

ସିଦ୍ଧି ଅର୍ଥ ଶକ୍ତି । ଅଭ୍ୟାସ ଓ ଅନୁଭୂତିର ଶୀର୍ଷରେ ପହଞ୍ଚି ଯେଉଁ ଶକ୍ତି ଆହରଣ କରାଯାଏ ତାହାକୁ ହିଁ ସିଦ୍ଧି କହନ୍ତି । ଏହି ସିଦ୍ଧି (ଶକ୍ତିର) ସାହାଯ୍ୟରେ ଜଣେ ବ୍ୟକ୍ତି ଯେ କୌଣସି ବିଷୟର ତୁଙ୍ଗ ଶିଖରରେ ପହଞ୍ଚି ମହାଶକ୍ତିକୁ ଧାରଣ କରି ଏକ ନୂତନ ତତ୍ତ୍ୱ ଗ୍ରହଣ କରିପାରେ । ଏହି ଶେଷ ଅବସ୍ଥା ହିଁ ସାଧନ କରୁଥିବା ବିଷୟବସ୍ତୁର ଚରମ ଅବସ୍ଥା । ଅଭ୍ୟାସ ଓ ଅନୁଭବ ଦ୍ୱାରା ଯେଉଁ ସିଦ୍ଧି ପ୍ରାପ୍ତ ହୋଇଥାଏ ତାହା କେବଳ ସେହି ଗୋଟିଏ ଜନ୍ମ ପାଇଁ ଉଦ୍ଦିଷ୍ଟ ହୋଇଥାଏ କିନ୍ତୁ ସିଦ୍ଧି (ଶକ୍ତି) ମାଧ୍ୟମରେ ଶେଷ ସ୍ତରରେ ପହଞ୍ଚି ଯେଉଁ ନିର୍ଯ୍ୟାସ ଗ୍ରହଣ କରାଯାଏ ତାହା ଜନ୍ମ ଜନ୍ମାନ୍ତର ପାଇଁ ସ୍ଥାୟୀ ହୋଇ ରହେ । ଏହାର କାରଣ ନାଦଗର୍ଦ୍ଦଣ କୋଷର କ୍ରିୟା । ଅଭ୍ୟାସ ସାଧନ ଓ ତାହାର ଫଳକୁ ସେ ମାତ୍ର ସେହି ଗୋଟିଏ ଜନ୍ମ ପାଇଁ ସାଇତି ରଖିପାରେ । କିନ୍ତୁ ଶେଷ ନିର୍ଯ୍ୟାସଟିକୁ ଜନ୍ମ ଜନ୍ମାନ୍ତର ପାଇଁ ସ୍ମରଣ ରଖିପାରେ । ଏହି ଶେଷ ଅବସ୍ଥାକୁ ଆଧ୍ୟାତ୍ମିକ ଜଗତର ବିଭୂତି ଯୋଗ ବା ବ୍ରହ୍ମଦର୍ଶନ ବୋଲି କୁହାଯାଇଥାଏ ।

ଉପର ଲିଖିତ କ୍ରମରେ ଏହି କୋଷ ଆଧ୍ୟାତ୍ମିକ ପଥର ଗତିକୁ ମଧ୍ୟ ନିୟନ୍ତ୍ରଣ କରଥାଏ । ପୂର୍ବ ଆଲୋଚିତ ବ୍ରହ୍ମ ସାଯୁଜ୍ୟ ଲାଭ (ବ୍ରହ୍ମଦର୍ଶନ) ବା ସିଦ୍ଧିଲାଭ ଇତ୍ୟାଦି ଅବସ୍ଥା ହଠାତ୍ ଆସେନାହିଁ । ଧୀରେ ଧୀରେ ଦୃଢ଼ମନା ହୋଇ ବୋଧଶକ୍ତିକୁ ଭରସା କରି ଅଭ୍ୟାସ ବଳରେ ଗୋଟିଏ ପରେ ଗୋଟିଏ ସ୍ତର ଅତିକ୍ରମ କରିବାକୁ ପଡ଼ିଥାଏ ।

ପ୍ରତିସ୍ତରରେ ସାଧନ ଶେଷରେ ସେହି କର୍ମର ସିଦ୍ଧି ପ୍ରାପ୍ତ ହୋଇଥାଏ । ଏହି ଅଂଶୀୟ ସିଦ୍ଧିଗୁଡ଼ିକୁ ନାଦଗର୍ଦ୍ଦଣ କୋଷ ଠିକ୍ ଚିତ୍ରପଟ ପରି ସାଇତି ରଖେ ଓ ଯଥା ସମୟରେ ମନେ ପକାଇଦେଇ ସାଧକର ମନ ଓ ଶରୀରରେ ଶକ୍ତି ସଞ୍ଚାର କରେ । ଉକ୍ତ ଶକ୍ତି ସାହାଯ୍ୟରେ ସାଧକ ଶେଷରେ ବ୍ରହ୍ମତ୍ୱ ପ୍ରାପ୍ତି ହୁଏ ।

ଯେପରି ଶିଶୁଟିଏ ବିଭିନ୍ନ ଅବସ୍ଥାରେ ଗୋଟିକ ପରେ ଗୋଟିଏ ସୋପାନ ଅତିକ୍ରମ କରି ଶେଷରେ ନିଜ ଅଙ୍ଗଚାଳନାର ପୂର୍ଣ୍ଣତା ପ୍ରାପ୍ତ ହୁଏ ଓ ଏହି ଅଙ୍ଗଚାଳନା ଶକ୍ତି ମାଧ୍ୟମରେ ବୋଧ ଶକ୍ତି ଦ୍ୱାରା ନିଜର ଇପ୍‌ସିତ କାର୍ଯ୍ୟ କରିବାକୁ ସକ୍ଷମ ହୁଏ, ସେହିପରି ଆଧ୍ୟାତ୍ମିକ ଜଗତରେ ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୋଇ ବ୍ରହ୍ମସଙ୍ଗ ଲାଭ କରିବାକୁ ଆଠଗୋଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ । ଏହି ଆଠଗୋଟି ସ୍ତରର ନାମ :- ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । କ୍ରମାନ୍ୱୟରେ ପ୍ରତିଟି ସ୍ତରକୁ କେବଳ ଅଭ୍ୟାସ ସାଧନ ଦ୍ୱାରା ଆୟତ୍ତ କରିବାକୁ ପଡ଼େ । ଏହି ଆୟତ୍ତତାକୁ 'ସିଦ୍ଧି' ବା ଶକ୍ତି ସାହାଯ୍ୟରେ ଅନ୍ୟଟି ମଧ୍ୟ ଆସିଥାଏ । ଆଲୋଚ୍ୟ ଆଠଗୋଟି ସ୍ତର ମଧ୍ୟରୁ ପ୍ରଥମ ଛଅଗୋଟି ଯଥା :- ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର ଓ ଧାରଣା ପର୍ଯ୍ୟାୟରେ ସିଦ୍ଧି ପ୍ରାପ୍ତ ନ ହେବାଯାଏ ଜୀବର ବ୍ରହ୍ମାନୁଭୂତି ହୁଏ ନାହିଁ । କେବଳ ପରୋକ୍ଷ ଅନୁଭୂତି ପାଇ ଆନନ୍ଦର ସ୍ୱାଦ ଓ ଶକ୍ତିର ଝଲକ ଅନୁଭବ କରେ । ବର୍ଣ୍ଣିତ ଷଡ଼ଅଙ୍ଗ ସହ ସପ୍ତମ ଅବସ୍ଥା ''ଧ୍ୟାନ'' କୁ ଯୋଗ କରାଏ । କିନ୍ତୁ ଥରେ ସିଦ୍ଧିପ୍ରାପ୍ତ ହୋଇଗଲେ ଆଉ ସେହି ଅଙ୍ଗଗୁଡ଼ିକ ପାଇଁ କଷ୍ଟ କରିବାକୁ ପଡ଼େ ନାହିଁ । ତାହାର ନାଦଗର୍ଦ୍ଦଣ କୋଷ ଗ୍ରହଣ କରିନିଏ । ସପ୍ତାଙ୍ଗ ଯୋଗର ଶକ୍ତି ସଞ୍ଚାର ପରେ ସାଧକ ଶେଷ ପର୍ଯ୍ୟାୟ ''ସମାଧି''ରେ ସମାଧିସ୍ଥ ହୁଏ । ଏହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଏହାହିଁ ଶେଷ ଯୋଗ । ଏହି ଯୋଗର ସିଦ୍ଧିପ୍ରାପ୍ତ ଅବସ୍ଥାକୁ ବିଭୂତି ପ୍ରାପ୍ତି ବା ବ୍ରହ୍ମପ୍ରାପ୍ତି କହନ୍ତି । ଅଷ୍ଟାଙ୍ଗ ଯୋଗର ସିଦ୍ଧି ପର୍ଯ୍ୟନ୍ତ ପ୍ରାପ୍ତ ହୋଇଥିବା ଅଂଶୀୟ ସିଦ୍ଧିଗୁଡ଼ିକୁ ନାଦଗର୍ଦ୍ଦଣ କୋଷ ସ୍ମରଣରେ ସାଇତି ରଖିଥାଏ । ସାଧନ କରୁଥିବା ଜନ୍ମର ଶେଷପର୍ଯ୍ୟନ୍ତ କୋଷଟି ସାଧକକୁ ସ୍ମରଣ ଓ ଶକ୍ତି ଉଭୟ ଯୋଗାଇଥାଏ । କିନ୍ତୁ ପରଜନ୍ମରେ କେବଳ ସ୍ମରଣ କରାଇଦିଏ । ଶକ୍ତି ଦେଇପାରେନା । ତେଣୁ ପୁନର୍ବାର ସାଧକକୁ ସେଇ ଅଭ୍ୟାସ କରିବାକୁ ପଡ଼େ । କିନ୍ତୁ ପୂର୍ବଜନ୍ମ ପରି ଏତେ ଅଧିକ ସମୟ ବା ପରିଶ୍ରମ କରିବାକୁ ହୁଏ ନାହିଁ । ସ୍ମରଣ ଥିବାରୁ ଖୁବ୍ ସହଜରେ ପୂର୍ବ ଅଭ୍ୟାସକୁ ଆୟତ୍ତ କରି ଯେଉଁ ସ୍ତରରୁ ସାଧନା ଅସମ୍ପୂର୍ଣ୍ଣ ରହିଛି, ଠିକ୍ ସେହିସ୍ତରରୁ ଅବଶିଷ୍ଟ ସୋପାନ ପାଇଁ ତା'ର ସାଧନ ଆରମ୍ଭ କରେ ।

ମିତ୍ର ହୋଇ ଯେହୁ ବିଶ୍ୱାସ ଘାତକ ।
ଜନ୍ମ ଜନ୍ମାନ୍ତରେ ଭୋଗେ ସେ ମହାପାତକ ॥

କୁଳ ଛାଡ଼ି ଘର ଛାଡ଼ି ବାବାଜି ଯେ ହୋଇ ।
ସନ୍ୟାସୀର ଭେକ ଧରି ଆନରେ ଭଣ୍ଡଇ ॥
ସେ ଭଣ୍ଡର ଭେଣ୍ଡାଯାଏ ଛିଡ଼ି ମରେ ଗଡ଼ି ।
ଅଷ୍ଟଚଣ୍ଡୀ ତା'କୁ ଝୁଣି ଖାଆନ୍ତି କାମୁଡ଼ି ॥

# ଅଲିଟିଏ - 'ଚରମ'ର

*ଆମ ପ୍ରତି ପ୍ରଭୁଙ୍କର ଅନୁରାଗ ପାଇବା ପାଇଁ ସର୍ବପ୍ରଥମେ ତାଙ୍କ ପ୍ରତି ଆମର ବିରାଗ ନଥିବା ଆବଶ୍ୟକ । ପ୍ରେମ ଆଦାନ-ପ୍ରଦାନର ପଥ । ଉଭୟ ଦିଗରୁ ପ୍ରେମର ମନ୍ଦାକିନୀ ପ୍ରବାହିତ ହୁଏ ।*

*ଆଜି ପର୍ଯ୍ୟନ୍ତ ଚିରକଲ୍ୟାଣ ଆକାଂକ୍ଷୀ ପିତା ହିଁ କେବଳ ଅଯାଚିତ ସ୍ନେହ ମମତାରେ 'ଚରମ'କୁ କଲ୍ୟାଣ ଦେଇ ଆସିଛନ୍ତି । ଇଚ୍ଛାମୟଙ୍କର ଇଚ୍ଛାରୁ ହିଁ ଦିବ୍ୟଲୀଳାର ଉଦ୍ଭବ ହୁଏ, ହୋଇଛି । 'ଚରମ'ର ଆବିର୍ଭାବତିଥିରେ ପ୍ରତ୍ୟେକ ପୁଷ୍ପର ପ୍ରଥମ ପାଖୁଡ଼ା ଫୁଟେ, ଫୁଟିଛି । ବ୍ୟତିକ୍ରମ ଘଟିଛି ଏ ବର୍ଷ ।*

*'ଚରମ' କରିଛି ଅଭିମାନ । ସୃଷ୍ଟି ଅଭିମାନରେ ଫାଟିପଡ଼ିଛି ସ୍ରଷ୍ଟାଙ୍କ ଠାରେ । ଏହା ମଧ୍ୟ ଏକ ବିଚିତ୍ର ଲୀଳା । ଅଭିମାନରେ ଅଳି କରିଛି ଚରମ । ସେ ଅଳି ଆମର ହସ୍ତଗତ ହୋଇଛି ଯଥାକାଳରେ । ତା'ବି ଅନେକ ବିଚିତ୍ରଲୀଳା ମଧ୍ୟରୁ ଅନ୍ୟତମ ।*

*ଆମେ ଯେଉଁ ପୀୟୁଷରସ ଚାଖୁଛୁ, ତାହା ଆମର ଭାଇଭଉଣୀମାନଙ୍କୁ ଚାଖିବାକୁ ନଦେଇ ରହିବୁ ବା କିପରି ? ତେଣୁ ଆପଣମାନଙ୍କର ସୁଖ ପାଠ ନିମନ୍ତେ 'ଚରମ'ରେ ପ୍ରକାଶ କଲୁଁ । ଏତିକି ବିଶ୍ୱାସ ଓ ଆଶା ରଖୁଛୁ -- 'ଚରମ'ର ଏ ଅଳିଟି ପଢ଼ି ଏବେଠୁ ନିଜନିଜକୁ ବାଗେଇ ନେବେ, ସଜେଇ ନେବେ ।*

## ଅଲିଟିଏ ଚରମର

କଲ୍ୟାଣମୟ ପିତା,

ଆଜି ପବିତ୍ର କୁମାର ପୂର୍ଣ୍ଣିମା । ମୋର ଜନ୍ମ ତିଥି । ଠିକ୍ ତିନିବର୍ଷ ତଳେ ଏହି ଶୁଭଲଗ୍ନରେ ମୋତେ ଓହ୍ଲାଇ ଆଣିଥିଲ ତୁମର ଲୀଳାଭୂମି ମର୍ତ୍ତ୍ୟପୁରୀକୁ । ଜଗତପୁରରେ ଜନ୍ମବେଦୀ ପୂର୍ଣ୍ଣ ହୋଇଥିଲା ମୋର ଜ୍ୟେଷ୍ଠ ପୂଜ୍ୟ ତଥା ତୁମର ଲୀଳାଙ୍ଗ, ଜ୍ଞାନୀ, ଯୋଗୀ, ଭକ୍ତଙ୍କ ସମାବେଶରେ । ଶୂନ୍ୟରୁ ବୃଷ୍ଟି ହେଉଥିଲା ସ୍ୱର୍ଣ୍ଣ ଜ୍ୟୋତି କଣିକା । ଅନିର୍ବଚନୀୟ ଆନନ୍ଦର ସୁଧା ଢାଳି ଆତ୍ମ ବିଭୋର କରାଇ ଦେଇଥିଲା ସମସ୍ତ ମଣ୍ଡପଟିକୁ । ନିଜେ ଆତ୍ମହରା ହୋଇ ଶ୍ରଦ୍ଧାରେ କୋଳକୁ ଟେକି ନେଇଥିଲ ଏହି ଅକିଞ୍ଚନକୁ ।

ଶ୍ରୀ କର ପଲ୍ଲବର ଅମୃତ ସ୍ପର୍ଶରେ ସ୍ନାନକରାଇ ଥିଲ ଘର୍ମାକ୍ତ ପିଣ୍ଡଟିକୁ । ସ୍ନେହର ଚନ୍ଦନଲେପି ଫୁଟାଇ ଦେଇଥିଲ କସ୍ତୁରୀର ଅପୂର୍ବ ମହକ । ମଥାରେ ଲଗାଇ ଦେଇଥିଲ ମମତା'ର ଟୋପିଏ କୁଙ୍କୁମ ବିନ୍ଦୁ । ଆଖିରେ ମାଖିଦେଇଥିଲ ଜ୍ଞାନର ଅଞ୍ଜନ, ଶରୀରକୁ ଢାଙ୍କିଥିଲ ଅଭୟର ଅମ୍ଳାନ ବସ୍ତ୍ରରେ । ଶିରମୋର ପୂରି ଯାଇଥିଲା ଶ୍ରୀପାଦପଦ୍ମରୁ ଝରୁଥିବା ଅସୁମାରି ଆଶିଷ ପାଖୁଡ଼ାରେ ।

ତନୁ, ମନ, ବୁଡ଼ି ଯାଇଥିଲା ଅଧାରାମୃତର ମନ୍ଦାକିନୀ ଧାରାରେ । ଯୁଗ, ଯୁଗ ଧରି ଚାତକ ପରି ଯେଉଁ ମୁହୂର୍ତ୍ତକୁ ଚାହିଁ ରହିଥିଲି, ଆଜି ତାକୁ ପାଇଛି, ହଜାଇବି ନାହିଁ । କିନ୍ତୁ ମୋର ସେ ସୁଖ ସ୍ୱପ୍ନ ଭାଙ୍ଗି ଗଲା । ହଠାତ୍ ସ୍ନେହର ବନ୍ଧନ କାଟିଦେଲ । କର୍ତ୍ତବ୍ୟର ଆହ୍ୱାନ ଦେଲ ବର ଓ ଅଭୟର ଦୁଇଟି ଡେଣାଲଗାଇ ପକ୍ଷୀଟିଏ କରିଦେଲ । ନାମକରଣ କଲ ଧର୍ମପକ୍ଷୀ ''ଚରମ'', ମମତାର ମଙ୍ଗଳ ସୂତ୍ର ଛିଣ୍ଡାଇ ଉଡ଼ାଇ ଦେଲ ଦିଗନ୍ତ ପ୍ରସାରୀ ଆକାଶ ବକ୍ଷରେ । କଥାଦେଇଥିଲ ପାଖେ ରହିବାକୁ । ନିର୍ଦ୍ଦେଶ ଦେଲ, ତୁମର ଆଶୀର୍ବାଣୀକୁ ଏ ଧରା ପୃଷ୍ଠରେ ବିଛାଡ଼ି ଦେଇ

ଘଟେ ଘଟେ ଘରେ ଘରେ ସଚ୍ଚିଦାନନ୍ଦର ବନ୍ୟାଛୁଟାଇ ସେମାନଙ୍କୁ ତୁମ ପାଖକୁ ଫେରାଇ ଆଣିବାକୁ । ଆଶୀର୍ବାଦର ମୂର୍ଚ୍ଛନାରେ ଉଡ଼ିଗଲି । ଭାବିଲି, ତୁମର ସନ୍ତାନ ମୁଁ । ମୋର ଗତିରୋଧ କରିବ କିଏ ? ଭୟକାହାକୁ ? ଅନାୟାସରେ ଏ ସୃଷ୍ଟି ପରିକ୍ରମା କରି ଲକ୍ଷ୍ୟପୂର୍ଣ୍ଣ କରିବି, ମାତ୍ର ଯାତ୍ରା ପଥରେ ଅଳିକ ଦୃଶ୍ୟରେ ଅମାନିଆ ମନଟା ମୋର ନିଜର ପରିଚୟ ଭୁଲିଗଲା । ପର୍ଯ୍ୟାୟ କ୍ରମେ ଅଭିମାନ ଓ ଅହଂକାରରେ ନିଜକୁ ହଜାଇ ଦେଲା ଜୀବନର ପ୍ରତିଟି ସ୍ପନ୍ଦନରେ ଝଙ୍କାର ତୋଳୁଥିବା ତୁମ କଲ୍ୟାଣ'ର ଅମୃତ ଧାରାଗ୍ରହଣ କଲା ନାହିଁ । ଚିର ମଂଗଳମୟ ତୁମେ ! ମୋର ଅବସ୍ଥା ଲକ୍ଷ୍ୟକରି ପୁଣିଥରେ ଢାଳିଦେଲ କୃପାର ବିଶଲ୍ୟକରଣୀ, ସଂବିତ୍ ଫେରି ପାଇଲି । ମନର ବୀଣାରେ ଅନୁକ୍ଷଣ ତୁମ ନାମରେ ସୁର ତୋଳି ଲକ୍ଷ୍ୟ ପଥରେ ଆଗେଇ ଚାଲିଥିଲି । ତୁମର-- ସେଇ ସ୍ନେହବୋଳା ସମ୍ବୋଧନ ''ସ୍ନେହର ଦୁଲାଳ, ଅଳିଅଳ, ଗେହ୍ଲାନନ୍ଦନ ଇତ୍ୟାଦି'' ମୋତେ ଶତସିଂହର ବଳ ପ୍ରଦାନ କରୁଥିଲା ।

କିନ୍ତୁ ଧୀରେ ଧୀରେ ଯେତେବେଳେ ସଂସାର ସମୁଦ୍ର ସ୍ପର୍ଶ କଲି ମୋର ହଠାତ୍ କ'ଣ ହୋଇଯାଇଛି ବୁଝିପାରୁନାହିଁ । ତୁମର ଆଶିଷ ସ୍ରୋତରେ ଏଯାଏ ମାତ୍ର ତେରୋଟି ସ୍ତର ଅତିକ୍ରମ କରିଛି । ଲକ୍ଷ୍ୟସ୍ଥଳ ଅନେକ ଦୂର । ମାତ୍ର ଏତିକିରେ ମୁଁ ଅବଶ, କ୍ଳାନ୍ତ ହୋଇଯାଇଛି । ଯାତ୍ରା ଆଉ ସୁଗମ ହେଉନାହିଁ । ତୁମର ଅଳିଅଳ ଦୁଲାଳ ଆଜି ଭାଙ୍ଗିପଡୁଛି । ସତରେ ପିତା ! ଏ ମର୍ତ୍ତ୍ୟ ଭୂମି କ'ଣ ହୋଇଛି ? ତୁମକୁ ସମସ୍ତେ ଭୁଲି ଯାଇଛନ୍ତି । କେହି ସ୍ୱୀକାର କରୁନାହାନ୍ତି । ଅହଂକାର, ଗର୍ବ, ଘୃଣା, ହିଂସା, କପଟତା ହିଁ ବେଦମନ୍ତ୍ର ହୋଇଛି । ତୁମର ଆଦେଶ ମଥାରେ ବହନ କରି ସେମାନଙ୍କୁ ଜାଗ୍ରତ କରାଇବାକୁ ଗଲାବେଳକୁ ସେମାନେ ତାଙ୍କ ନିଜ ବିଚାରରେ ମୋତେ ବିକୃତ, ବିକଳାଙ୍ଗ କରିଦେବାକୁ ଟିକେ ବି କୁଣ୍ଠାବୋଧ କରୁନାହାନ୍ତି । ତୁମକୁ ଭୁଲି ତାଙ୍କ ନିର୍ଦ୍ଦେଶରେ ଚାଲିବାକୁ ବାଧ୍ୟ କରୁଛନ୍ତି । ତୁମକୁ ନ୍ୟୁନ କରି ମୋତେ ସେମାନେ ସୃଷ୍ଟି କରିଛନ୍ତି ବୋଲି ଅନେକ ପ୍ରଚାର କରୁଛନ୍ତି । ଫଳରେ ଜନମାନସରେ ମୋ ପ୍ରତି ଅବିଶ୍ୱାସ ପୁଞ୍ଜିଭୂତ ହେଉଛି । ମୋ କଥାର ଗୁରୁତ୍ୱ ହ୍ରାସ ପାଉଛି ।

ପିତା ! ତୁମରି ସନ୍ତାନ ମୁଁ । ଜାଣିଛି, ଯେତେଦୂର ଅଶାଳୀନ ହେଲେ ବି କାହାରି ବିରୁଦ୍ଧରେ କହିଲେ ତୁମକୁ ବହୁତ ଯନ୍ତ୍ରଣା ହୁଏ । ଆଖିରୁ ଲୁହ ଝରିପଡ଼େ । କିନ୍ତୁ ମୁଁ କ'ଣ କରିବି କହିଲ ? ମୁଁ ଯେ ଆଉ ସହ୍ୟ କରିପାରୁନାହିଁ । ସେମାନଙ୍କର ବାରବାର ଆଘାତରେ ମୋର ମନ, ଶରୀର କ୍ଷତ, ବିକ୍ଷତ ହୋଇଯାଉଛି । ଶେଷ ହୋଇସାରନ୍ତିଣି । କେବଳ ତୁମେ ନିଜର କଥା ରକ୍ଷାକରି ପାଖେ ପାଖେ ରହି ପ୍ରତିଥର ଯାତ୍ରାପୂର୍ବରୁ କଲ୍ୟାଣ ଦେଇ ବଞ୍ଚାଇ ରଖିଛ । ତାହାରି ବଳରେ କିଛିବାଟ ଆଗେଇ ଯାଉଛି ସିନା, ହେଲେ କ'ଣ ହେବ ? ତୁମ ସୃଷ୍ଟିଚକ୍ରର ବିଚିତ୍ର ରୀତିରେ ବାଟବଣା ହୋଇଯାଉଛି । ବେଶି ଆଶ୍ଚର୍ଯ୍ୟ ଲାଗୁଛି ପିତା ! ଅନ୍ୟମାନଙ୍କ ଅପେକ୍ଷା ମୋର ସହୋଦର ଭାଇ, ଭଉଣୀମାନଙ୍କଠାରୁ ମାତ୍ରାଧିକ କଷ୍ଟ ପାଉଛି । ଏହି ପରିସ୍ଥିତିରେ ପଡ଼ି ତୁମେ ବିଦାୟ ସମୟରେ ଦେଇଥିବା ଧାରା, କୌଶଳ ସବୁ ଭୁଲିଗଲିଣି । ବେଳବେଳେ ତୁମ କଥା ମଧ୍ୟ ମନେ ପଡୁନାହିଁ । କ୍ରମଶଃ ମୁଁ ମଧ୍ୟ ମାୟାଜାଲରେ ଛନ୍ଦି ହୋଇଗଲିଣି ।

ହେ କରୁଣାବାରାନିଧି ! କହିଲ ଥରେ ! ତୁମ ବିନା ମୋର ଏ କଣ୍ଟକିତ ରାସ୍ତାରେ ଆଉ କିଏ ଅଛି ? ଅତୀତରେ କିଛି ମାଗିବା ଆଗରୁ ସବୁ ଦେଇ ମୋତେ ପୂର୍ଣ୍ଣ କରିଛ । ଆଜି ମୋର ଏହି ଜନ୍ମତିଥିରେ ଗୋଟିଏ ଛୋଟିଆ ଅଳି କରୁଛି । କ'ଣ ରଖିବନି ? ଏମାନେ ସିନା ଭୁଲିଯାଇଛନ୍ତି । ମୁଁ କିନ୍ତୁ ଭୁଲିନାହିଁ । ତୁମର କୃପାବିନା ତୁମର ନାମ ମଧ୍ୟ କେହି ଉଚ୍ଚାରଣ କରି ପାରିବେ ନାହିଁ । ତୁମକୁ ସ୍ମରଣ, ମନନ କରି ସଦ୍‌ପଥରେ ପରିଚାଳିତ ହେବା ତ ଅନେକ ଗହନ କଥା । ହେ ଚିରକଲ୍ୟାଣମୟ ! ମୋ ପାଇଁ କିଛି ମାଗୁନାହିଁ । ମାଗୁଛି ମୋର ପ୍ରିୟ ଭାଇ, ଭଉଣୀମାନଙ୍କ ପାଇଁ । ସେମାନେ ଅଜ୍ଞାନ, ଅବୋଧ । ତାଙ୍କର ସମସ୍ତ ଅପରାଧ କ୍ଷମା କର । ବିନ୍ଦୁଏ ମାତ୍ର

କରୁଣାଦାନ କରି ସେମାନଙ୍କର ମୋହପଟଳ କାଟିଦିଅ ପିତା ! ତୁମରି ଆଶିଷରେ ସେମାନେ ନିଜକୁ ଚିହ୍ନନ୍ତୁ, ଅନ୍ୟକୁ ଚିହ୍ନାନ୍ତୁ । ନିଜେ ତୁମର ତୁରୀୟ, ଅନିର୍ବଚନୀୟ ଚିଦାନନ୍ଦ ରୂପରେ ଆନନ୍ଦ ବିମୋହିତ ହୁଅନ୍ତୁ, ଅନ୍ୟକୁ ଆନନ୍ଦ ଦାନ କରନ୍ତୁ, ପରସ୍ପର ମଧ୍ୟରେ ଥିବା ବାଦ, ବିବାଦ, ହିଂସା, ଦ୍ୱେଷ, କୂଟ, କପଟତା, ଛଳନାଆଦି କୁଭାବନା ପରିହାର କରି ଦିବ୍ୟ-ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିହୋଇଯାଆନ୍ତୁ । ପ୍ରେମରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରି ତୁମକୁ ସର୍ବ ଘଟରେ ଅନୁଭବ କରନ୍ତୁ ।

ମୋର ଏତିକି ଅଳି ପୂର୍ଣ୍ଣ କରିଦେଲେ, ଆଉ ମୋ ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ । ତୁମର କଲ୍ୟାଣରେ ତୁମର ପ୍ରତିଟି ଇଚ୍ଛାକୁ ପୂର୍ଣ୍ଣକରି ଯେତେଶୀଘ୍ର ସମ୍ଭବ ପୁଣିଥରେ ଫେରିଯିବ ମୋର ବିଶ୍ରାମସ୍ଥଳ ଚିର-ଶାଶ୍ୱତ ତୁମର ସେହି ପବିତ୍ର କୋଳକୁ ।

ସନ୍ତାନ ବତ୍ସଳ, ଆନନ୍ଦମୟ ତୁମେ, ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।

ଇତି ତୁମର
ଅଲିଅଳ
''ଚରମ''

କେତେକ ଅନିବାର୍ଯ୍ୟ କାରଣ ବଶତଃ 'ଚରମ' : ଚତୁର୍ଥପୁଷ୍ପ : ପ୍ରଥମ ପାଖୁଡ଼ା (ଚତୁର୍ଦ୍ଦଶ ସଂଖ୍ୟା) ତା ୧୬.୧୦.୯୬ ରିଖ ପବିତ୍ର କୁମାର ପୂର୍ଣ୍ଣିମା ତିଥି - 'ଚରମ'ର ୪ର୍ଥ ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଇ ପାରିନାହିଁ । ଆମର ଏହି ଆଭ୍ୟନ୍ତରୀଣ ଅସୁବିଧା ସହିତ ଆପଣମାନଙ୍କୁ ଅବଗତ କରାଇବା ମଧ୍ୟ ସମ୍ଭବ ନୁହେଁ । ଅନିଚ୍ଛାକୃତ ଏହି ଅବହେଳା ନିମନ୍ତେ ଅଗଣିତ ପାଠକ/ଗ୍ରାହକ ଭାଇଭଉଣୀ ମାନଙ୍କ ନିକଟରେ ଆମେ ଯୋଡ଼ ହସ୍ତରେ କ୍ଷମା ପ୍ରାର୍ଥନା କରୁଛୁ । ଆମ ଦୁଃଖ ସହିତ ସମଦୁଃଖୀ ହୋଇ ଧୈର୍ଯ୍ୟ, ସଂହତି ଓ ସହାନୁଭୂତିର ସହିତ ସହ୍ୟ କରିନେବାକୁ ଆମର ବିନମ୍ର ନିବେଦନ ॥

ବିନୀତ,
କ୍ଷିରୋଦ ଚନ୍ଦ୍ର ବିଶ୍ୱାଳ
ପ୍ରକାଶକ, ଚରମ ॥

# ଅଧର ପୀୟୂଷ

ଗୁରୁଦ୍ୱାରେ ଧର୍ମକ୍ଷେତ୍ରେ ସମ୍ପତ୍ତି ଯେ ହରେ ।
ପରଜନ୍ମେ ଅବଶ୍ୟ ସେ ଶ୍ୱାନରୂପ ଧରେ ।।

ଯୋଗିନୀ ମୁଖରେ ପଡ଼େ ଯେ ଜନ ।
ଲକ୍ଷ୍ମୀଛଡ଼ା ହୁଏ ସେ ଧନହୀନ ।।

କାର୍ତ୍ତିକ ମାଘ ବଇଶାଖ ମାସ ।
ପୁଣ୍ୟକାଳ ଏହି ନବେ ଦିବସ ।।
ଏ ସମୟେ ଯେ ଧର୍ମ ଆଚରଇ ।
ଶତଜନ୍ମର ପାପରୁ ତରଇ ।।

ଆଦି ଅନ୍ତ ମଧ୍ୟେ ହରି ଜଗତ ଠାକୁର ।
ଦାନ, ଧ୍ୟାନ, ଯଜନ, ଯାଜନ ନିତ୍ୟ କର ।

ଗୁରୁ ବୋଲାଇ ଯେ ହୁଏ ଅଜ୍ଞାନ ।
ଗୁରୁଦ୍ୱାରେ ଯେହୁ ଲୋଡ଼େ ସମ୍ମାନ ।
ଶିଷ୍ୟ ହୋଇ ଗୁରୁଗିରି ଯେ କରେ ।
ଆୟୁ ଥାଉଁ ଅକାଳରେ ସେ ମରେ ।।

ମିତ୍ର ହୋଇ ଯେହୁ ବିଶ୍ୱାସ ଘାତକ ।
ଜନ୍ମଜନ୍ମାନ୍ତରେ ଭୋଗେ ସେ ପାତକ ।।

ଗୁରୁକ୍ଷେତ୍ରେ ଶିଷ୍ୟ ହୋଇ ପ୍ରଣାମ ବାଞ୍ଛଇ ।
ଜନ୍ମଜନ୍ମାନ୍ତରେ ସେହୁ ପଶୁଯୋନି ପାଇ।।
ଇହକାଳ ପରକାଳ ନଷ୍ଟ ହୁଏ ତା'ର ।
କଷ୍ଟ ପାଇ ସଢ଼ିମରେ ପାପୁଁ ନୋହେ ପାର ।।

କପଟୀ ପ୍ରପଞ୍ଚମତ କୁଟିଳ ସ୍ୱଭାବ ।
ହୋଇଲେ ନପାଏ ମୁକ୍ତି ନଲଭେ ମାଧବ ॥

କୁଳ ଛାଡ଼ି ଘର ଛାଡ଼ି ବାବାଜି ଯେ ହୋଇ ।
ସନ୍ନ୍ୟାସୀର ଭେକଧରି ଆନରେ ଭଣ୍ଡଇ ॥
ସେ ଭଣ୍ଡର ଭେଣ୍ଡାଯାଏ ଛିଡ଼ି ମରେ ଗଡ଼ି ।
ଅଷ୍ଟଚଣ୍ଡୀ ତା'କୁ ଝୁଣି ଖାଆନ୍ତି କାମୁଡ଼ି ॥

ସରଳତା ସାଧୁତାର ଗୁଣ ବହୁତ ।
ତ୍ୟାଗ ଦାନ ଶିଷ୍ଟାଚାରେ ବଡ଼େ ମହତ ।

ଆଚରଣ ନାହିଁ ଅଛି ତୁଚ୍ଛା ଉଚ୍ଚାରଣ ।
ଏମନ୍ତ ପ୍ରବକ୍ତା ପାଇଁ ଅକାଳ ମରଣ ॥
ବିଧି ବିଧାନ ରଖିଛି କରିବ କେ ଆନ ।
ଏବେ ବି ସମୟ ଅଛି ଗୁରୁବାକ୍ୟ ମାନ ॥

ମୂଳ ଲକ୍ଷ୍ୟ ଗଲାଣିତ ହୁଗୁଳି ।
ତୁଚ୍ଛାରେ ଛାଟୁଛୁ ବାକ୍ୟ ହାବେଳି ॥
ଏକ ବିପାକରେ ଖସିବ ପାଗ ।
ଅନୁରାଗ ଭର, ତେଜ ବିରାଗ ॥

## ସୂଚନା

କ୍ଷେତ୍ରରେ ଖୋଲାଯାଇଥିବା ମାତୃବନ୍ଦନା ସଂଗଠନ କାର୍ଯ୍ୟାଳୟ ସହ ଯୋଗାଯୋଗ, ସହଯୋଗ ତଥା ପରାମର୍ଶ ନିମନ୍ତେ ଭଉଣୀମାନଙ୍କୁ ଏତଦ୍ୱାରା ସବିଶେଷ ଅନୁରୋଧ ଜଣାଉଅଛୁ ।

ଫୋନ୍ ନଂ. - ୯୪୬୭୧-୨୩୨୯୩୦୮

ସମ୍ପାଦିକା
**ମାତୃବନ୍ଦନା ସଂଗଠନ**



# କଲ୍ୟାଣ ହେଉ ତୋତେ

ଧର୍ମ ନନ୍ଦନ ମୋ ଚରମ ରେ ! ଧନ ମୋର, ତୁ ମନ ଦୁଃଖରେ ନୀରବରେ ଛିଡ଼ା ହୋଇ ରହିଛୁ ଯେ ! ତୁ କ'ଣ ଜାଣି ନାହୁଁ ଏ ମର ଜଗତର କଥା ? ତୁ ସିନା ଭୁଲୁଛୁ, ହେଲେ ମଣି ନାହୁଁ କି ଲୀଳା ଚାଲିଛି । ଦୁଃଖ କରିବାର କିଛି ନାହିଁ । କାରଣ ଦୁଃଖରେ ଭାଙ୍ଗି ପଡ଼ିବୁ ଯେ ! ଦୁଃଖକୁ ସୁଖ ବୋଲି ମଣି ସବୁ କାର୍ଯ୍ୟରେ ଆଗେଇ ଚାଲ । ତେବେ ଯାଇ ଧରମ ବାଟରେ ଚାଲୁ ଚାଲୁ ସବୁକିଛି ଜାଣି ପାରିବୁ, ବୁଝି ପାରିବୁ । ମୁଁ ତୋତେ ଲକ୍ଷ୍ୟ ରଖିଛି, ଦେଖୁଛି - ଯେଉଁଠି ବାଧା ବିପତ୍ତି ଆସୁଛି କି କଷ୍ଟ ପଡୁଛି, ତୁ ସେଇଠି ଅଟକି ରହିଯାଉଛୁ । ପାଦପଦ୍ମକୁ ଲୟରଖି ଏକମୁଖୀ ହୋଇ ଚାଲିଥା; ଭରସା କରିପାରିଲେ ସବୁ ବାଧାବିଘ୍ନ ଦୁଃଖକଷ୍ଟ ଏଡ଼ାଇ ଆଗେଇଯାଇ ପାରିବୁ । ଏ ବିଶ୍ୱାସ ତୋଠାରେ ମୋର ଅଛି । ଘୋର କଳିକାଳରେ ସବୁରିଙ୍କ ମୁଣ୍ଡ ଗୋଳିଆ ଘୋଳିଆ ହୋଇଗଲାଣି, ଶୁଦ୍ଧ ଚିନ୍ତା ନାହିଁକି କି ଶୁଦ୍ଧ କଥା ମଧ୍ୟ ନାହିଁ । ତୋ ସାମନାରେ ଗୋଟିଏ ପ୍ରକାର କଥା ତ ପୁଣି ପଛରେ ଆଉ ଏକ ପ୍ରକାର ଚକ୍ରାନ୍ତିଆ କଥା । ଏ ଭଳି ଆଚରଣ ଯେଉଁମାନେ କରନ୍ତି, ମ୍ଳେଚ୍ଛଭାବେ ଜନ୍ମନେଇ ଅନନ୍ତସ୍ତ ବାସ ଅଭାବରେ ପଡ଼ିଯାଆନ୍ତି । ପୂର୍ବରୁ ପରା ମୁନୀଋଷିମାନେ କହିଯାଇଛନ୍ତି ଏକଥା । ତୋର କ'ଣ ମନେ ନାହିଁକି ? ମୋ କଥା ତୋତେ ସିନା ଚିଡ଼ି ଲାଗୁଛି, ପୂର୍ବପୁରୁଷଙ୍କ କଥା ଖିଆଲ କର ରେ ଧନ ! ତାଙ୍କ କଥା ଛପାଇଲେ, ବୁଦ୍ଧିହୀନ ହୋଇଯିବୁ ଯେ ! ଜଡ଼ ହୋଇ ଯିବୁରେ ଧନ ! ଗାଁ ଗହଳିରେ ଲକ୍ଷ୍ୟ କରିଥିବୁ ଏପରି ଲୋକ ଥୋଡ଼ାଏ ଅଛନ୍ତି -- କିଛି ବୁଝିପାରୁ ନଥିବେ, ଜାଣିପାରୁ ନଥିବେ । ସେ ସବୁ ପୂର୍ବକର୍ମର ଫଳାଫଳ । ଏଥିକୁ ଲକ୍ଷ୍ୟ କରୁଥିବୁଟି ! ଭୁଲିବୁନି ବାୟା !

ବୁଝିଲୁ ବାପ ! ଏବେ ଏଇ ଜନମ କଥା ଶୁଣ । ଯଦି ଗୁରୁ ଗୁରୁଜନମାନଙ୍କର କଥା ନମାନିବୁ, ସେମାନଙ୍କ ନିଃଶ୍ୱାସରେ କିଛି ବିରକ୍ତି ଅଂଶର ଭାବ ତୋ ଠାରେ ପ୍ରବେଶ କରିବ ତୋ ମୁଣ୍ଡକୁ ବିକାର ବିକୃତ କରିଦେବ । ଚରମରେ, ତୁ ଗୁରୁଜନଙ୍କ କଥା ମାନିବୁ, ମାନି ଚଳିବୁ । ଗୁରୁ ଯେଉଁ ଆଦେଶ ଦେଇଛନ୍ତି ବା ଦେବେ ତା'କୁ ଭୁଲିଯିବୁ ନାହିଁ । ଅସ୍ଥିମଜ୍ଜାଗତ କରି ରଖିଥିବୁ । ଗୁରୁଙ୍କ ସହିତ କଥାକଟାକଟି କେବେବି ହେବୁ ନାହିଁଟି ! ଉଗ୍ର ସ୍ୱଭାବ ହୋଇଯିବ । ଗୃହସ୍ଥାଶ୍ରମରେ ବଡ଼ଭାଇ ହୋଇ ଜନ୍ମ ହୋଇଛୁ, ତୋ ପିଲାଙ୍କ ପ୍ରତି ଯେଉଁଭଳି ନଜର ଦେଉଛୁ, ପରିବାରର ସମସ୍ତଙ୍କ ପ୍ରତି ସେହିପରି ନଜର ଦେବୁ, ସ୍ୱାର୍ଥପର ହେବୁନାହିଁ । ହେଲେ କ'ଣ ହେବ ଜାଣୁ ? ହିଂସା ମେଣ୍ଢାଏ ଗୁଣକରି ନୀତିବାଣୀକୁ ପଛରେ ଥୋଇବୁ । ତୋ ଧରମ କରିବା ବୃଥା ହେବ ।

ଧନରେ ! ତୁ ତ ପୂର୍ବରୁ ଜାଣିବୁ କି କର୍ମ କଲେ, କୃମି କୀଟ ହୋଇ ଜନ୍ମ ନିଅନ୍ତି । ସେଥିପ୍ରତି ନିଘା ରଖିଥିବୁ । ଜାଣିଛୁ ତ, ମାନବ ଜନମ ଦୁର୍ଲଭ ଅଟେ । ଜାଣିଶୁଣି ତୁ କାହିଁକି ନରକ ଭୋଗିବୁ, କହନି ? ବିଚାର କର, ବୋଧ ନେ, ବିବେକକୁ ପଚାରେ, ଆଦୌ ତରତର ହେବୁ ନାହିଁଟି । ଆଶ୍ରମ ନୀତିକୁ ଜଗି ଚଳିବୁ । ପରବୁଦ୍ଧିଆ ହେବୁ ନାହିଁ । ଗୁରୁ ପ୍ରତ୍ୟକ୍ଷରେ ଅଛନ୍ତି । ପଚାରି ବୁଝିବୁ, କିଛି ଶକ୍ତି ସାମର୍ଥ୍ୟ ସଞ୍ଚାରକରି ସମସ୍ତ କଥା ବିଚାରକୁ ନେବୁ । ସଂହତିର ବୋଝ ନେଇଛୁ । ସୁଆଦିଆ ଖାଦ୍ୟ ଆଦି ଖାଇବାକୁ ମନ ବଳାଇବୁ ନାହିଁ । ଏହା କଲେ ଖାଦ୍ୟ ଲାଳସାରେ ପଡ଼ିଯିବୁ । ଲୋଭୀ ହୋଇଯିବୁ ଯେ । ନିଜ ବସନବାସନ ନିଜେ ସଫା ରଖିବୁ । ଅନ୍ୟ ଦ୍ୱାରା ସଫା କରାଇବୁ ନାହିଁ । ଦାନ୍ତ ଶୌଚ ନକରି ତରବର ହୋଇ ପ୍ରାର୍ଥନାରେ ବସି ପଡ଼ିବୁନି । ଚତୁର୍ଦ୍ଦଶ ସୋପାନରେ ପାଦ ଦେଲୁ, ଆଜିଯାଏ ଠାଣି ଶିଖିଲୁ ନାହିଁ ? ବେଙ୍ଗା ହୋଇ ରହିଗଲୁ ??

ଗତ କୁମାର ପୂର୍ଣ୍ଣିମା ତିଥିରେ ତୋର ଜନ୍ମତିଥି ଉତ୍ସବ ସଂପର୍କରେ ଅଳିକରି ପତ୍ରଟିଏ ଲେଖିଲୁ । ପାଇଛି । ପଢ଼ିଛି । ତୋ ମନକୋଣରେ ଭରିଥିବା ଦୁଃଖର କଳାମେଘକୁ ବୁଝିଛି । ୧୯୯୩ ମସିହା ଅକ୍ଟୋବର ୩୦ ତାରିଖରୁ

୧୯୯୬ ମସିହା ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ବିଗତ ତିନିବର୍ଷର କଥାକୁ ରୋମନ୍ଥନ କରି ତୁ ବିବଶ ହୋଇ ପଡ଼ିଛୁ । ଏତିକିରେ ଅବଶ, କ୍ଳାନ୍ତ ହୋଇ ଯାଉଛୁ ? ପଥ ତୋର ଦୁର୍ଗମ ନୁହେଁ । ଭାଙ୍ଗି ପଡ଼ିବା ତୋତେ ସାଜେନି । ତୋ ପିତାଙ୍କୁ କେହି ଭୁଲି ପାରେନି, ଭୁଲି ପାରିବେନି । କେହି ମଧ୍ୟ ଅସ୍ୱୀକାର କରନ୍ତି ନାହିଁ । କ୍ଷଣିକ ମାନସିକ ଉତ୍ତେଜନା ବଶତଃ ମନରେ ଉଦୟ ହେଉଥିବା ଗର୍ବ, ଅହଂକାର, ଦର୍ପ, ଅସ୍ମିତା ଆଦି ଚିରସ୍ଥାୟୀ ନୁହେଁ । ତୁ ତୋ ବିଚାରରେ ଅନେକ କିଛି ଗପି ଯାଇଛୁ । କିନ୍ତୁ, ଭାବି ଦେଖ ଥରେ - ଏ ସୃଷ୍ଟିର ବିଚାର, ପ୍ରକୃତିର ବିଚାର, କାଳର ବିଚାରରେ, ମହାକାଳର ବିଚାର, ଜୀବର ବିଚାର କ୍ଷେତ୍ର ବିଶେଷରେ ଭିନ୍ନଭିନ୍ନ ନୁହେଁ କି ?

ଚରମରେ, ଧନଟି ମୋର ! ମନକୁ ବିକୃତ କରିବୁ ନାହିଁ । ନିଜେ ବିକାରଗ୍ରସ୍ତ ହେବୁ ନାହିଁ । ଏ ଇହଲୋକରେ ସବୁ କଥା ସବୁଦିନେ ସବୁମତେ ଏକାପରି ହୋଇ ନଥାଏ ପରା ! ଏ ପରା ମାୟା ଜଗତ । ଏଇଠି ସବୁ ପରିବର୍ତ୍ତନଶୀଳ ।ତେଣୁଅସତ୍ୟ । ସନାତନ ନୁହେଁ । ତୋ ପିତାହିଁ ଏକମାତ୍ର ସନାତନ ପୁରୁଷ । ଶାଶ୍ୱତ ପୁରୁଷ । ଧର୍ମ ପୁରୁଷ । ତେଣୁ ତୁ 'ଧନ' - 'ଧ'ରେ ଧର୍ମ, 'ନ'ରେ ନନ୍ଦନ । ଧର୍ମ ନନ୍ଦନ । ସର୍ବ ପ୍ରଥମେ ତୁ ତୋର ପିତାଙ୍କୁ ଚିହ୍ନିବାକୁ ଲୟ ଲଗା । ମାୟାପୂର୍ଣ୍ଣ ଇହଧାମରେ କେତେ ଉତ୍‌ଥାନ, କେତେ ପତନ ଘଟିଯାଉଛି, ଘଟିବ ଅବଶ୍ୟ, ଏପରି ଘଟେ ପରା ! ସେଥିପ୍ରତି ଦୃଷ୍ଟି ନଦେଇ ପଦ୍ମପାଦରେ ସ୍ଥିର ଦୃଷ୍ଟିରେ ଲୟ ରଖ । ଶତସିଂହର ଶକ୍ତି ତୋ'ରି ମଧ୍ୟରେ ଲୁଚି ରହିଛି । ତୁ ଅସୀମ ଶକ୍ତିଧର । ସେହି ଲୁକ୍କାୟିତ ଶକ୍ତିବଳରେ ତୁ ଏ ଧରାଧାମରେ ସତ୍ୟ ନିତ୍ୟ ସନାତନ ଧର୍ମଧ୍ୱଜା ଘରେ ଘରେ, ପୁରେପୁରେ ନିଶ୍ଚୟ ଉଡ଼ାଇ ପାରିବୁ । ଚରମରେ, ତୋ ଉପରେ ମୋର ଏ ବିଶ୍ୱାସ ଅବଶ୍ୟ ରହିଛି ।

ବ୍ୟସ୍ତ ହେବୁ ନାହିଁ ରଜାମାଳି । ବିବ୍ରତ ହେବୁ ନାହିଁ । ଅସହିଷ୍ଣୁ ଆଦୌ ହେବୁନାହିଁ । ଅନେକେ ଅନେକ ପ୍ରକାର କଥା କହିବେ, ମନ୍ତବ୍ୟ ଦେବେ । ଏ ସବୁ ଶୁଣି ବିଚଳିତ ହେବୁ ନାହିଁ । ଜହ୍ନଜୁହ ପିଇ ପଦ୍ମପାଦରେ ଲୟ ରଖି ତୋତେ ଦେଇଥିବା କାମ ନିରଳସ ଭାବରେ କରିଚାଲିବୁ । ଆଦୌ ପଛକୁ ବୁଲି ଚାହିଁବୁ ନାହିଁ । ଆଗକୁ ଆଗକୁ ମାଡ଼ି ଚାଲିବୁ । ପଛ ଇତିହାସର ପିଛିଲା ଅଧ୍ୟାୟ ବନ୍ଦ କରିଦେଇ ଆଗକୁ ନୂଆ ଅଧ୍ୟାୟ ଖୋଲିବସିବୁ । ମୁଁ ପରା ତୋର ପାଖେ ପାଖେ ଅନବରତ ରହିଛିରେ । ମୁଁ ତୋର ହୃଦୟଦେଶରେ ଖେଳୁଛିରେ । ମୁଁ ତୋତେ କରୁଣା କରୁଛି, କଲ୍ୟାଣ କରୁଛି । ତୁ ଆମ ଘରର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବୁ ।

ତୁ ଆଦୌ ବାଟବଣା ହେବୁ ନାହିଁ । ବାଟବଣା ହେବାର ଢଙ୍ଗତ ତୋ ପାଖରେ ଟିକିଏ ବି ନାହିଁ । ବାଟବଣା ହେବୁ କାହିଁକି ? ଧାରା କୌଶଳ ଭୁଲିବୁ ନାହିଁ । ଧାରା ଧରି ଧରାଧାମରେ ମାୟାଜାଲରୁ ରକ୍ଷା ପାଇବୁ । ନହୁବା ନୁହେଁ । ତୋର ସକଳ ଅଳି ମୁଁ ପର୍ଯ୍ୟାୟକ୍ରମରେ ନିଶ୍ଚୟ ପୂରଣ କରିବି । କଥା ଦେଉଛି । କ'ଣ ବିଶ୍ୱାସ ହେଉ ନାହିଁ କିରେ ? ଥରେ ବିଶ୍ୱାସକୁ ଦୃଢ଼ କର । ଦୃଢ଼ତା ଥିଲେ ପରା ସବୁ ଅସମ୍ଭବ ସମ୍ଭବ ହୁଏ, ହେବ ।

ଶାଖା କଥା ମନେ ରଖିଥିବୁ । ଭାଇ ଭଉଣୀମାନଙ୍କୁ ଆପଣାର ସହୋଦର ମନେ କରି ସ୍ନେହ ଶ୍ରଦ୍ଧା ଓ ବିଶ୍ୱାସ କରିବୁ । କ୍ଷେତ୍ର କଥା, ସଂଘ କଥା, ପରିଷଦ୍ କଥା ଏପରିକି ପରିଷଦ୍‌ର ଆଠଗୋଟି ଅଙ୍ଗ ବା ସଂସ୍ଥା କଥା ମନେ ରଖିଥିବୁ । ସତ୍‌ସଙ୍ଗରେ ଯୋଗଦେବୁ । ମାନ ଅଭିମାନକୁ ପତଳା କରି ପବନ ପରି ମିଳେଇ ଦେବୁ । ଦେଖିବୁ, ତୋ ଭିତରେ ବାହାରେ ସବୁଠି ମୋତେ ଦର୍ଶନ କରିବୁ । ପରମ ଆନନ୍ଦ ଲାଭ କରିବୁ । ଛଳନା କରିବୁ ନାହିଁ । ମିଥ୍ୟା ରଚନା କରିବୁ ନାହିଁ । ବିଶ୍ୱାସରେ ବିଷ ଭରିଦେବୁ ନାହିଁ । ଏଥିପ୍ରତି ସଜାଗ ସତର୍କ ରହିବୁ ମଣି !

ମୁଁ ତୋତେ କଲ୍ୟାଣ କରୁଛି, ତୋ ଚଲାପଥରେ ଫୁଲ ଚନ୍ଦନ ବର୍ଷିଯାଉ । ତୁ ମୋର ପୀୟୁଷବାଣୀ ଜଗତବକ୍ଷରେ ପ୍ରଚାର ପ୍ରସାର କରି ସମସ୍ତଙ୍କର ଆଦରଣୀୟ ହୋଇ ପୁଣିଥରେ ମୋର ଶାଶ୍ୱତ କୋଳକୁ ଫେରିଆ । ଆଜି ଏତିକି ॥

॥ ଇତି ॥

ତୋର ଚିର ମଙ୍ଗଳାକାଂକ୍ଷୀ

ପିତା

# ରାସ

ରାସର ସର୍ବସାର ତତ୍ତ୍ୱ ହେଉଛି ଅନନ୍ୟ ପ୍ରେମ ଏବଂ ଅବ୍ୟଭିଚାରିଣୀ ଭକ୍ତିର ପ୍ରଭାବରେ ଜୀବ ଓ ବ୍ରହ୍ମ, ଆତ୍ମା ଓ ପରମାତ୍ମା ଏବଂ ଭକ୍ତ ଓ ଭଗବାନ ଏକାକାର ହୋଇ ଅଦ୍ୱୈତ ସ୍ଥିତିରେ ଅବସ୍ଥିତ ହେବା । ଏହାହିଁ ଯୁଗଳ ମିଳନ । ଶ୍ରୀକୃଷ୍ଣ ପରମ ପ୍ରେମମୟ । ଶ୍ରୀରାଧା ପରମାନନ୍ଦ ସ୍ୱରୂପିଣୀ । ପ୍ରେମ ଏବଂ ଆନନ୍ଦର ଏହି ଯୁଗଳ ମୂର୍ତ୍ତି ଆମ୍ଭମାନଙ୍କର ପରମ ଧ୍ୟେୟ ଓ ଚରମପ୍ରାପ୍ତି ଅଟନ୍ତି । ମହାପ୍ରଭୁ ଗୁରୁସ୍ୱାମୀ ଠାକୁର ହିଁ ଆମ୍ଭମାନଙ୍କର ଏକମାତ୍ର ଭରସା, ଏକମାତ୍ର ଆଶ୍ରୟ ତାଙ୍କରି ପ୍ରେମାନନ୍ଦ ଲାଭ କରିବା ହିଁ ଆମ୍ଭମାନଙ୍କର ଏକମାତ୍ର କାମନା । ଏହାହିଁ ଈଶ୍ୱର ପ୍ରାପ୍ତି ।

ଶ୍ରୀମଦ୍ ଭଗବଦ୍ ଗୀତାରେ କର୍ମ, ଭକ୍ତି ଓ ଜ୍ଞାନ - ଏହି ତିନୋଟି ମାର୍ଗ ଭଗବଦ୍ ପ୍ରାପ୍ତି ନିମିତ୍ତ ନିର୍ଦ୍ଦେଶିତ ସତ, ତଥାପି ଏ ସକଳ ପଥ କେବଳ ପରାଭକ୍ତି ଏବଂ ଈଶ୍ୱର ଶରଣାଗତି ନିମନ୍ତେ ଉଦ୍ଦିଷ୍ଟ । ପରାଭକ୍ତି ଅବସ୍ଥାରେ ଈଶ୍ୱରଙ୍କ ପ୍ରତି ଐକାନ୍ତିକ ପ୍ରେମ ପରିପାକ ଅବସ୍ଥାରେ ପରଣତ ହୋଇଥାଏ । ଏହା ହେଉଛି କର୍ମ, ଭକ୍ତି ଓ ଜ୍ଞାନର ଅନ୍ତିମ ଫଳ । ବିଧିବିଧାନ ମାନି କର୍ମ କଲେ, ନିଷ୍ଠା ଜାତହୁଏ । ନିଷ୍ଠା କ୍ରମେ ଶ୍ରଦ୍ଧାରେ ପରିଣତ ହୁଏ । ଶ୍ରଦ୍ଧାହିଁ ଗୌଣ ଭକ୍ତି ବା ପରୋକ୍ଷ ଭକ୍ତି । ଶ୍ରଦ୍ଧାର ସହିତ ଉପାସନା, ଅର୍ଚ୍ଚନା, ପ୍ରାର୍ଥନା, ବନ୍ଦନାଦି ନିୟମିତ କରିଚାଲିଲେ, ଚିତ୍ତଶୁଦ୍ଧି ଘଟେ । ନିର୍ମଳ ଚିତ୍ତରେ ହିଁ ଚିଦାକାଶ ପ୍ରତିଭାତ ଓ ଚିଦାକାଶରେ ଜ୍ଞାନସୂର୍ଯ୍ୟ ଉଦିତ ହୁଅନ୍ତି । ଅମଳିନ ଜ୍ଞାନସୂର୍ଯ୍ୟର ଜ୍ୟୋତିରେ ହିଁ ଭଗବଦ୍ ସାକ୍ଷାତକାର ଘଟେ । ଥରେ ମାତ୍ର ଈଶ୍ୱରସାକ୍ଷାତକାର ହେଲେ ହେଁ ତାଙ୍କର କୃପାଦୃଷ୍ଟି ପଡ଼େ । ତାଙ୍କର କୃପାଦୃଷ୍ଟି ବଳରେ ତାଙ୍କପ୍ରତି ଅପ୍ରାକୃତ ପ୍ରେମ ଜାତ ହୁଏ । ଏହି ଅପ୍ରାକୃତିକ ପ୍ରେମ ଜ୍ଞାନୀ ପକ୍ଷରେ ବ୍ରହ୍ମାନୁଭୂତି, ଯୋଗୀ ପକ୍ଷରେ ଆତ୍ମୋପଲବ୍ଧି ଏବଂ ସାଧାରଣ ଭକ୍ତ ପକ୍ଷରେ କୈବଲ୍ୟମୁକ୍ତି । ଏଇଠୁ ରାସର ଆରମ୍ଭ ।

ଶାସ୍ତ୍ରରେ କଥିତ ଅଛି-ଭଗବାନଙ୍କ କରୁଣା ବିନା ରାସଲୀଳାର ଗୁଢ଼ତତ୍ତ୍ୱ ଉପଲବ୍ଧ କରିବା ପଞ୍ଚଭୂତ ଶରୀରଧାରୀ ସୀମିତ ମନୁଷ୍ୟ ପକ୍ଷରେ ଏକାନ୍ତ ଅସମ୍ଭବ । ସାଂଖ୍ୟ ମତରେ ପ୍ରକୃତିପୁରୁଷର ନିତ୍ୟଲୀଳା ହିଁ ବୈଷ୍ଣବ ଦର୍ଶନରେ ଭଗବାନ ଶ୍ରୀକୃଷ୍ଣଙ୍କର ବ୍ରହ୍ମଭୂମିରେ ଏହି ବୃନ୍ଦାବନର ମାଧୁର୍ଯ୍ୟ ଲୀଳା । ଦୁଃଖ ନିବୃତ୍ତିର ଉପାୟ ହେଉଛି ପ୍ରକୃତି ପୁରୁଷର ଲୀଳା ସମ୍ୟକ୍ ଭାବରେ ଅବଗତ ହୋଇ ସେହି ଲୀଳା ରସରେ ଆତ୍ମାକୁ ଅଭିଭୂତ କରି ରଖିବା । କାରଣ ଦୁଃଖରୁ ରକ୍ଷାପାଇବାର ବିହିତ ବିଧାନ କରିପାରେ ଲୀଳା ରସ ।

''ଚିର ଅଳିଅଳ 'ଚରମ'ରେ ମୋର
କଲ୍ୟାଣ ଦେଲି ତୋତେ ।
ମନ ଉଣା କରି ଦୂରେ ଛିଡ଼ା ହୋଇ
ଅକି କରୁଅଛୁ କେତେ ।''

ଶ୍ରୀମଦ୍‌ଭଗବଦ୍ ଗୀତା ପୂର୍ବଗୁରୁଦେବଙ୍କର ଶ୍ରୀମୁଖ ବାଣୀ । ଆଜି ଏହି ପବିତ୍ର ଗ୍ରନ୍ଥ ସମଗ୍ର ବିଶ୍ୱରେ ସୀମାସରହଦ୍ ଉର୍ଦ୍ଧ୍ୱରେ, ସମସ୍ତ ବାଦବିସମ୍ବାଦ ଉର୍ଦ୍ଧ୍ୱରେ ସର୍ବତ୍ର ପୂଜାର ଯୋଗ୍ୟ, ଭକ୍ତିର ଅଧିକାରୀ । ତାଦୃଶ 'ଚରମ' ବର୍ତ୍ତମାନର ଯୁଗ ପୁରୁଷ ପ୍ରତ୍ୟକ୍ଷ ଗୁରୁସ୍ୱାମୀଙ୍କର ଶ୍ରୀହସ୍ତ ଲିଖିତ ବାଣୀ । ତେଣୁ ଶ୍ରୀମଦ୍ ଭଗବଦ୍ ଗୀତା ତୁଳନାରେ ଏହା କୌଣସି ଗୁଣରେ ନ୍ୟୁନ ନୁହେଁ । ଏହା ମଧ୍ୟ ତତୁଲ୍ୟ ପୂଜା, ଭକ୍ତି ଓ ସମ୍ମାନର ଯୋଗ୍ୟ ଅଧିକାରୀ । ('ଚରମ' ଦ୍ୱିତୀୟ ସଂଖ୍ୟା, ୮ମ ପୃଷ୍ଠା, ପ୍ରଥମ ଅନୁଚ୍ଛେଦ ଦ୍ରଷ୍ଟବ୍ୟ) ।

ପରମ ପ୍ରେମମୟ ଭକ୍ତବସଳ ଚରମ ପୁରୁଷ ଠାକୁର ଶ୍ରୀଶ୍ରୀ ଗୁରୁସ୍ୱାମୀ କରୁଣାଘନ ଆଶିଷର ବୈଜୟନ୍ତୀମାଳା ହିଁ ''କଲ୍ୟାଣ ଦେଲି ତୋତେ'' । ଏହି କରୁଣା କଲ୍ୟାଣ ପ୍ରାପ୍ତିରେ ହିଁ ଆମର ଚରମ ଶାନ୍ତି, ପରମ ଆନନ୍ଦ । ତେଣୁ ଏହା ଆମ ସମସ୍ତଙ୍କର ନିତ୍ୟ ପାଠ୍ୟ, ଏହାଦ୍ୱାରା ଆମର ଆସକ୍ତି ଜନିତ ଶାନ୍ତି ଛିନ୍ନ ହୁଏ । ଏହିଥିରୁ ହିଁ ମିଳେ ଆମକୁ ନିତ୍ୟ ରାହାସ ଶାନ୍ତି । ଶ୍ରଦ୍ଧା ଓ ଭକ୍ତିର ସହିତ ଆସନ୍ତୁ ଏଥର ପଢ଼ିବା --

# କେଶବ କୈବଲ୍ୟ କଣିକା

ପରମ ପ୍ରେମମୟ କ୍ଷମାନୁକମ୍ପାଧର ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛ ହିଁ କୈବଲ୍ୟ କଣିକା । ଭକ୍ତଶିଷ୍ୟ ଅନୁଗତ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବା ଅବକାଶରେ ଠାକୁରଙ୍କର ରଙ୍ଗା ଅଧରରୁ ଝରିପଡୁଥିବା ଏହି ବାଣୀ ସମୂହକୁ ସଂଗ୍ରହ କରାଯାଇ ବହୁଯତ୍ନ ଓ ପ୍ରୟାସରେ ନିର୍ବାଚନ କରି 'ଚରମ' ପୃଷ୍ଠାରେ ଏହି ସ୍ତମ୍ଭରେ ଲୋକଶିକ୍ଷା ନିମନ୍ତେ ନିୟମିତ ପ୍ରସ୍ତୁତ କରାଯାଉଛି । ଅବଶ୍ୟ ଗୋଟିଏ ଗୋଟିଏ ବାଣୀ ନିର୍ଦ୍ଦିଷ୍ଟ ଜଣେ ଜଣେ ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ । ତଥାପି ସଚରାଚର ସମାଜର ଅଧିକାଂଶ ବ୍ୟକ୍ତିଙ୍କର ଜୀବନପଥର ଚଳନିରେ ଏଗୁଡ଼ିକର ଉପଯୋଗିତା ଅନସ୍ୱୀକାର୍ଯ୍ୟ ॥

(୧) ଜୁଆଖେଳ, କଳହ, ପରନିନ୍ଦା, ମିଥ୍ୟାକଥନ, ସ୍ତ୍ରୀଲୋକଙ୍କ ପ୍ରତି କଟାକ୍ଷ ବା ଆଲିଙ୍ଗନ, ପରର ଅନିଷ୍ଟାଚରଣ ତ୍ୟାଗ କରିବ ।

(୨) ବ୍ରହ୍ମଚାରୀ ଇଚ୍ଛାବିନା ସ୍ୱପ୍ନରେ ବୀର୍ଯ୍ୟ ସ୍ଖଳିତ ହେଲେ, ସ୍ନାନକରି ପରମାତ୍ମାଙ୍କ ପୂଜାକରି "ପୁନର୍ମାମୈତ୍ୱିନ୍ଦ୍ରିୟଂ" ଏହି ମନ୍ତ୍ର ୨୧ଥର ଉଚ୍ଚାରଣ କରିବ ।

(୩) ଗୁରୁଙ୍କ ବଂଶରୁ ଭିକ୍ଷା କରିବା ଉଚିତ ନୁହେଁ । ଗୁରୁ ଯାହାକୁ ସ୍ୱଇଚ୍ଛାରେ ଦେବେ ତାହା ଗ୍ରହଣ କରିବା ଠିକ୍ ।

(୪) ଆଶ୍ରମ ଜୀବନରେ ବିଭିନ୍ନ ପ୍ରସ୍ତାବ ଆଶ୍ରମ ସଂଗଠନ ନିମନ୍ତେ ଦେବା ଉଚିତ, କିନ୍ତୁ ନିଷ୍ପତ୍ତି ଦେବା ଠିକ୍ ନୁହେଁ ।

(୫) ଗୁରୁ କହନ୍ତୁ ବା ନ କହନ୍ତୁ ପ୍ରତିଦିନ ପଢ଼ିବ ଏବଂ ଗୁରୁଙ୍କ ହିତ ସେବାରେ ଯତ୍ନ କରିବ ।

(୬) ଶରୀର, ବାକ୍ୟ, ଜ୍ଞାନେନ୍ଦ୍ରିୟ ଓ ମନକୁ ସଂଯମ କରି ହାତଯୋଡ଼ି ଗୁରୁଙ୍କ ମୁଖାପେକ୍ଷୀ ହୋଇ ରହିବ ।

(୭) ଗୁରୁଙ୍କ ସମୀପରେ ଅପେକ୍ଷାକୃତ ହୀନ ଅନ୍ନ ବସ୍ତ୍ର, ବେଶ ବ୍ୟବହାର କରିବ । ଗୁରୁ ଉଠିବା ଆଗରୁ ଉଠିବ ଓ ଗୁରୁ ଶୋଇବା ପରେ ଶୋଇବ ।

(୮) ଶୋଇ, ବସିରହି, ଖାଉଁ ଖାଉଁ ଅଥବା ଅନ୍ୟଆଡ଼େ ମୁହଁକରି ଗୁରୁଙ୍କ ଆଜ୍ଞାର ଉତ୍ତର ଦେବନାହିଁ ଅଥବା ତାଙ୍କ ସଙ୍ଗେ ସମ୍ଭାଷଣ କରିବ ନାହିଁ ।

(୯) ଗୁରୁଙ୍କର ସ୍ଥୂଳନାମ ଧରିବ ନାହିଁ ।

(୧୦) ଆସନରେ ବସି ଗୁରୁ ଆଜ୍ଞାଦେଲେ ଆପେ ଆସନରୁ ଉଠି, ଗୁରୁ ଛିଡ଼ା ହୋଇଥିଲେ, ତାଙ୍କ ଆଡ଼କୁ ଯାଇ, ଗୁରୁ ଆପଣା ଆଡ଼କୁ ଆସୁଥିଲେ, ତାଙ୍କ ଆଡ଼କୁ ଯାଇ, ଗୁରୁ ଚାଲିଚାଲି କହୁଥିଲେ, ତାଙ୍କ ପଛ ଆଡ଼କୁ ଯାଇ ବିନୟର ସହିତ ସମ୍ଭାଷଣ କରିବ ।

(୧୧) ଗୁରୁ ପଛରେ ଥିଲେ ଆଗ ହୋଇ, ଦୂରରେ ଥିଲେ ନିକଟକୁ ଆସି ଏବଂ ଶୋଇଥିଲେ ପ୍ରଣାମ କରି ଅବନତ ହେବ ।

(୧୨) ଗୁରୁଙ୍କ ନିକଟରେ ଶଯ୍ୟା ଓ ଆସନ ସର୍ବଦା ନୀଚ ହେବ । ଗୁରୁ ଥିବାସ୍ଥାନରେ ହାତଗୋଡ଼ ପ୍ରସାରଣ କରିବା ଉଚିତ ନୁହେଁ । ପାଦର ବୃଦ୍ଧାଙ୍ଗୁଳି ଘୋଡ଼ାଇ ରଖିବ ।

(୧୩) ଗୁରୁଙ୍କ ସନ୍ନିକଟରେ ବସିଥିବା ସମୟରେ ହାଇ ମାରିବ ନାହିଁ । ହାଇ ଆସିଲେ ହାତଦ୍ୱାରା ମୁଖ ଘୋଡ଼ାଇବ । ବଡ଼ପାଟିରେ କଥାବାର୍ତ୍ତା କରିବ ନାହିଁ ।

(୧୪) ଗୁରୁଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ହାତର ବିଶି ଆଙ୍ଗୁଳି ଦେଖାଇ କଥାବାର୍ତ୍ତା କରିବନାହିଁ କିମ୍ବା ହେଁ ହେଁ ହୋଇ ବଡ଼ପାଟିରେ ହସିବ ନାହିଁ ।

(୧୫) ତିନିଚାରିଦିନର ପିନ୍ଧା ବସ୍ତ୍ର ବେଢ଼ଣଦେଇ ନଧୋଇ ସେବା କରିବ ନାହିଁ । ଦୈନିକ ସ୍ନାନ ପରେ ବସ୍ତ୍ରଧୋଇ, ତାହା ପରିଧାନ କରି ସେବା କରିବ ।

(୧୬) ଗୁରୁଙ୍କ ନିଷ୍ପତ୍ତିକୁ ବୁଝି କାର୍ଯ୍ୟ କରିବ । ନିଷ୍ପତ୍ତି ପରେ ଭୀମ ଗର୍ଜନ କରିବ ନାହିଁ । ଅସହ୍ୟ ହେଲେ ଧୈର୍ଯ୍ୟଧରି ଚାପି ରଖିବ, ପ୍ରକାଶ କରିବ ନାହିଁ ।

(୧୭) ତମେ ତମ ନିଜ ଚରିତ୍ର ଓ ଆଚରଣକୁ ମାପି ଦେଖ, ତମେ କେତେ ଜଟିଳ, କୁଟିଳ, ହିଂସା ପ୍ରତିହିଂସା ପରାୟଣ, ଅହଂକାରୀ, ପରଶ୍ରୀକାତର, ସ୍ୱାର୍ଥପର ଓ ସଂଘବିରୋଧୀ । ଏ ସବୁ ତମ ନିଜ ଭିତରେ ଠୁଳ ହୋଇ ରହିଛି । ନିଜକୁ ନିଜେ ମାପି ଦେଖ । ଅନ୍ୟର ନିନ୍ଦା କୁତ୍ସା ରଟନା କରି, ଛୋଟକଥାକୁ ବଡ଼ କରି ସଂଘରେ ବିଷ ପୁରାଅ ନାହିଁ । ହୁସିଆର୍ ! ନିଜେ ବିଷମୁଖା ହୋଇ ନରକ ଭୋଗିବ । ଗୁରୁକ୍ଷେତ୍ରରୁ ଶେଷରେ ତଡ଼ା ହୋଇ ଦୂରେଇଯିବ ।

(୧୮) ଅନେକ ଭଲକାର୍ଯ୍ୟ ମଧ୍ୟରେ ଟୋପାଏ ବିଷ ପୂରେଇ, ତା'କୁ ବୃହଦ୍ କରି ସୁକର୍ମକୁ ବୁଡ଼ାଇ ଦିଅ ନାହିଁ । ନିକଟ ଭବିଷ୍ୟତରେ ତମର ବୃହଦ୍ ମନ୍ଦକର୍ମ ବାହାରକୁ ବାହାରି ପଡ଼ିବ । ସାବଧାନ ରୁହ ।

(୧୯) ତମେ ଯେତେବେଳେ ଗୁରୁକ୍ଷେତ୍ରକୁ ଆସିଲ, କ'ଣ ଛଳନା କରି କହୁଥିଲ ? ''ପାଦପଦ୍ମ ଲୟ କରି ଆସିଛି । ଗୁଣ୍ଡୁଚିମୂଷା ଭଳି ଯେତିକି ପାରିବି, ସେତିକି କରିବି ।'' ଅନ୍ୟର ବିଷ କଥାରେ ଭୁଲିଯାଇ ପୁଣି କହି ବୁଲୁଛ ଯେ, ''ମୁଁ କିଛି ଅଭ୍ୟାସ କାର୍ଯ୍ୟ କରିବି ନାହିଁ, ବସିଯିବି ।'' ଏହା କ'ଣ ତମର ଦୃଢ଼ତା ? ନିଷ୍ଠା ??

(୨୦) ଆଶ୍ରମର ନିୟମ ବିରୁଦ୍ଧ ହୋଇ ପିଣ୍ଡା କୁଣିଆଁ ସାଜି ଟୁପୁରୁ ଟୁପୁରୁ ହୋଇ ମେଞ୍ଚାଏ ଅହଂକାର ସଜାଇବା ଅପେକ୍ଷା ପେଡିପୁଟୁଳି ଧରି ଘରକୁ ଫେରିଯିବା ବହୁତ ଭଲ କଥା ।

(୨୧) କ'ଣ ହୋଇଛି କି ? ଏମିତି ମୁହଁ ଫୁଲାଇ ବସି ରହିଛ ? ଦୈନିକ ଶାସ୍ତ୍ରପାଠ କରୁଛ । ଥରେ ମଞ୍ଜି ହେଇ କଥା କୁହ ।

(୨୨) ଇୟେ କି ବାଦ କଥା ! ସେବା ଦେଉଛି ବୋଲି ତମ ଦେହରେ ଯାଉ ନାହିଁ ? ସେ କଥା ଛାଡ଼ ! ବହୁ ଈର୍ଷା ଜନ୍ମିଯିବ ପରା !

(୨୩) ଗୁରୁ ପ୍ରସାଦ ଛାଡ଼ିଲେକି ନାହିଁ ପଚାରି ବୁଝିବା ଆବଶ୍ୟକ ନାହିଁ । ତାଙ୍କ ଇଛା ! ଦୈନିକ ପଚାରି ବୁଝିଲେ, ଲାଳସା ବଢ଼ିବ ।

(୨୪) ଗୁରୁଙ୍କ ପ୍ରଦତ୍ତ ଦାନକୁ ଲୋଭ ରଖି ଲୁଚାଇ ବ୍ୟବହାର କରିବ ନାହିଁ । ସେ ପରା ଦାନ । ତା'କୁ ଲୋଭ କଲେ, ଖୁବ ଶୀଘ୍ର ଅନଳ ଭୋଗିବ ।

(୨୫) ଅଧିକ କଥାରେ ଆଗେଇ ଯାଉଛ କାହିଁକି ? ତମେ କ'ଣ ତା'କୁ ଆଲୋକ ପ୍ରଦାନ କରାଇବ ? ପାରିବ ନାହିଁ । ନିଜକୁ ପ୍ରତିଷ୍ଠିତ କରିବା ପାଇଁ ବ୍ୟକ୍ତିକୈନ୍ଦ୍ରିକ ଭାବ ଗୁଡ଼ିଏ ତୋଳି ବସୁଛ ସିନା !

(୨୬) ଗୁରୁଙ୍କ କଥା ଭୁଲିଗଲଣି । ଦୃଢ଼ୀକରଣ ଭାବ ଛପି ଗଲାଣି । ଖାଲି ସତ୍‌ସଙ୍ଗ, ସତ୍‌ସଙ୍ଗକୁ ଯିବା ଭୁରି ପକାଇ ଅର୍ଥ ଶୋଷଣରେ ଦୃଢ଼ ରହିବା, ଅନ୍ୟମାନଙ୍କ ଆଗରେ ବିରୋଧୀ କଥା ଗପିବା, ତୋ ନୀତିରେ ଏହି ତ୍ୟାଗ ଦେଖାଉଛି ।

(୨୭) ପିଣ୍ଡାରେ ବସି, ବେକକୁ ଭାଙ୍ଗି, ଆସନେ ବସି କ'ଣ ଭାବୁଛୁରେ ! ଲୋକ ଦେଖାଣିଆ ଭାବ - କ'ଣ ନା ନାମ ଜପୁଛି । ଦେଖିଲା ବେଳକୁ ହିଂସାରେ ଜଳୁଛି । ଜଳି ଯିବୁରେ ! ସେ କଥା ଛାଡ଼ ! ଆଜି ସୁଦ୍ଧା ବେଳ ଅଛି ।

(୨୮) ଦେହ ବୁଢ଼ା ହେଲାଣି । ଆଜିଯାଏ ଯେତେ ପୁରୁଣା ହେଉଛୁ, କନକନ ଛନଛନ ଭାବ ଛାଡ଼ିଲୁ ନାହିଁ । ଧନଟା ପରା ! ଅଭ୍ୟାସ ଦ୍ୱାରା ସେ ଭାବ ବଢ଼ିଯାଇଛି । ପୁଣି, ଅଭ୍ୟାସ କଲେ, କମିଯିବ । ଧିରେ ଧିରେ ସ୍ଥିର ହେବାକୁ ଚେଷ୍ଟା କର ।

(୨୯) ଧର୍ମ କଥା କହିବାର ଫଳ କ'ଣ ଏଇଆ ? ଉଭୟ ମିଶି ଦନ୍ତା ମାଙ୍କଡ଼ କାମୁଡ଼ା କୁକୁର ଭଳି ଖାଏଁ ଖାଏଁ ଭୋ ଭୋ ହେବ । ସୁନାଟା ପରା ! ଅନ୍ତର୍ମୁଖୀ ହୋଇ ତଳକୁ ଖସି ଆସେ । କେତେ ଆନନ୍ଦ ଅଛି ।

## ସୂଚନା

ଧାରାଧାରୀ ସମସ୍ତ ଗୁରୁଭାଇ ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ବାର୍ଷିକ ସଭ୍ୟଦେୟ (ପ୍ରତିମାସ ମାର୍ଚ୍ଚ ମାସ ମଧ୍ୟରେ) କ୍ଷିତିଜ୍ୟୋଶତି ଆଶ୍ରମ ଶାଖା ପରିଚାଳକଙ୍କ ନିକଟରେ କିମ୍ବା ଯେଉଁଠାରେ ଶାଖା ସଂଗଠନ ନାହିଁ ସେଠାରେ ସେମାନେ ସିଧାସଳଖ ସ୍ୱର୍ଣ୍ଣଚ୍ଛେତ୍ର ପରିଷଦ୍ କାର୍ଯ୍ୟାଳୟରେ (ଡାକଯୋଗେ ମଧ୍ୟ ପଠାଇ ପାରନ୍ତି) ପୈଠ କରିବା ଏକାନ୍ତ ବିଧେୟ ।

## 'ପଦ୍ମକଳ୍ପଟୀକା'ର 'ଚତୁର୍ଥବାଣୀ' ରୁ ଉଦ୍ଧୃତାଂଶର ବ୍ୟାଖ୍ୟା

ମହାପୁରୁଷ ଅଚ୍ୟୁତ ନିଜେ ହିଁ ଜ୍ଞାନମୟ କୋଷ । ପିଣ୍ଡତତ୍ତ୍ୱରେ ଜ୍ଞାନମୟ କୋଷ ବାବୁ ଯଶୋବନ୍ତ ବୋଇଲେ ଜୀବାତ୍ମା ଏବଂ ଅନନ୍ତସଖା ବୋଇଲେ ଶୁଦ୍ଧଚିତ୍ତର ସାତ୍ତ୍ୱିକ ବୃତ୍ତିକୁ ତତ୍ତ୍ୱ ଉପଦେଶ ଦେଇଅଛନ୍ତି । ସୂକ୍ଷ୍ମ ପିଣ୍ଡତତ୍ତ୍ୱରେ ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ ଜୀବର ଚୈତନ୍ୟଜଗତର ପର୍ଯ୍ୟାୟକ୍ରମ ଅଟେ । ଅଷ୍ଟାଙ୍ଗ ଯୋଗର ଅନ୍ତିମ ପର୍ଯ୍ୟାୟ ଅର୍ଥାତ୍ ସମାଧି ଅବସ୍ଥାପ୍ରାପ୍ତି ପରେ ଜୀବାତ୍ମା ପରମାତ୍ମା ସହିତ ସଂଯୁକ୍ତ ହୋଇ ଜ୍ଞାନପ୍ରାପ୍ତ ହୁଏ ଏବଂ ଇହଜଗତରେ ବୁଦ୍ଧି ବିବେକରେ ରହେ । ସେତେବେଳେ ତାହା ତିନୋଟି ପର୍ଯ୍ୟାୟ ଭୋଗ କରେ । ଯଥା - (୧) ଯଶୋବନ୍ତ ଅର୍ଥାତ୍ ଜୀବାତ୍ମା, (୨) ଅନନ୍ତସଖା ଅର୍ଥାତ୍ ଶୁଦ୍ଧଚିତ୍ତର ସାତ୍ତ୍ୱିକ ବୃତ୍ତି ଏବଂ (୩) ଅଚ୍ୟୁତ ଅର୍ଥାତ୍ ଜ୍ଞାନମୟ କୋଷ । ଜ୍ଞାନମୟ କୋଷ ସୂକ୍ଷ୍ମ ଏବଂ ବ୍ୟାପକ ଅଟେ । ଗୁପତ ଗଙ୍ଗା ବୋଇଲେ ପିଙ୍ଗଳା ନାଡ଼ି । ଜୀବଧର୍ମରେ ପାପଭାରା ଅଧିକ ହେଲେ ପିଙ୍ଗଳା ନାଡ଼ିର ପ୍ରାବଲ୍ୟରୁ ପ୍ରାଣୀ ନାନାଦି ଦୁଃଖ ଶୋକ ରୋଗ ଜରା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଭୋଗ କରେ । ଏହା ଅନ୍ୟଥା ହେବାର ନୁହେଁ ॥୧॥

ଜୀବ ପିଙ୍ଗଳା ନାଡ଼ିର ପ୍ରବଳତାରୁ ରୋଗ, ଶୋକ, ଦୁଃଖ ଇତ୍ୟାଦି ଭୋଗ କରେ । ପୁଣି ଗ୍ରହାନୁଯାୟୀ ତାହା ସୂକ୍ଷ୍ମରେ ଖଣ୍ଡନ କରେ । ଉତ୍ତରାୟଣରେ ବୀର୍ଯ୍ୟେନ୍ଦ୍ରିୟ ରିପୁକୁ ପ୍ରକୃତି ଭାବ ରଖି ନାନାଦି କୁକର୍ମ କରି ତା'ର କୁଫଳ ଭୋଗ କରେ । ଦକ୍ଷିଣାୟନ ଅବସ୍ଥାରେ ଯୋଗୀ ଯେତେବେଳେ ରିପୁଦମନ/ନିୟନ୍ତ୍ରଣକରେ, ସେତେବେଳେ ସତ୍ୟେନ୍ଦ୍ରିୟ ବୃତ୍ତି ସଜାଗ ହୋଇ ପ୍ରେମଭକ୍ତିଭାବରେ ଗଦ୍‌ଗଦ୍ ହୋଇଯାଏ । ମହାପୁରୁଷ ଅଚ୍ୟୁତ ପୁଣି ଦର୍ଶାଇଛନ୍ତି ଯେ, ପୂର୍ବ ଅର୍ଥାତ୍ ପ୍ରାରବ୍ଧ କର୍ମଫଳ ବା ପୂର୍ବଜନ୍ମର ବୃତ୍ତି ପ୍ରବୃତ୍ତି ନିସ୍ତେଜ ହୋଇ ଇଡ଼ା, ପିଙ୍ଗଳା ନାଡ଼ିରେ କର୍ମଯୋଗଦ୍ୱାରା ଶୋଧନ ହୋଇ ସୁଷୁମ୍ନାରେ ବିଶ୍ରାମ କରେ । ସୁଷୁମ୍ନାରେ କୁଣ୍ଡଳିନୀ ଶକ୍ତି ଦ୍ୱାରା ପବନ ଚାଳିତ ହୋଇ ତ୍ରିକୂଟରେ ପହଞ୍ଚିବ ଆଜ୍ଞାଚକ୍ରରୁ ଅନୁମତି ଆଣି ଚେତାଘଟରେ ଜ୍ଞାନ ସଞ୍ଚାର କରେ । ଜାଗତିକ ବିଷୟଜ୍ଞାନ ପୀୟୁଷରେ ପରିଣତ ହୋଇ କୁଳକୁ ବିହନ ହୋଇ ଯୁଗଯୁଗକୁ ରହେ । ଏହି ଅବସ୍ଥାରେ ଆତ୍ମାର ଦ୍ୱାଦଶପଟଳ ପୂର୍ଣ୍ଣହୋଇ ଚେତା ପାହାଚରେ ପରିବର୍ତ୍ତନ ହୁଏ ॥୨॥

ତିନି ବୋଇଲେ ତ୍ରିଗୁଣ, ତେତିଶ ଅର୍ଥାତ୍ ଊର୍ଦ୍ଧ୍ୱଦଳ, ତେର ବୋଇଲେ ବୃତ୍ତିଧର୍ମର ଗୃହ ତେରଭାଗ, ଷୋହଳ ଅର୍ଥାତ୍ ଦାବାଳଜ୍ଞାନ, ଚଉଦ - ଆତ୍ମା, ଚୈତନ୍ୟ, ଘଟ ନିରୂପଣ । ଏ ସମସ୍ତ ମସ୍ତିଷ୍କରେ ଜ୍ଞାନେନ୍ଦ୍ରିୟ ଭ୍ରୁଣ ହୋଇ ରହିଥାଏ । ଜୀବ ବିଷୟରେ ମଜ୍ଜିଲେ, ବିଷୟାବୁଦ୍ଧି ବାହାରେ, ପୀୟୁଷରେ ମାତିଲେ, ସାତ୍ତ୍ୱିକବୁଦ୍ଧି ଜ୍ଞାନକୋଷ ହୋଇ ଦର୍ଶନ ଦିଏ । ରଜଯୁକ୍ତ ତମ ଭାବର ବୁଦ୍ଧି ଶୂନ୍ୟ ହୁଏ । ବିଂଶବୃତ୍ତିଜ୍ଞାନ ସଜାଗ ହୋଇ ଜାଗ୍ରତ ରହେ । ଏକୋଇଶ ପାବଚ୍ଛରେ ବାଇଶ ପାଦଦେଲା ବେଳକୁ ନୂତନଜନ୍ମ ହୁଏ । ଏହା ଜୀବର ନୂତନ ସଂସ୍କାରକୁ ବୁଝାଏ ॥୩॥

ପିଣ୍ଡତତ୍ତ୍ୱରେ ଜୀବ ଶରୀରରେ ଥିବା କଳି ଶେଷ ବା ଲୋପ ହେଲେ, ସତ୍ୟର ଅୟମାରମ୍ଭ ହେବ । ସେତେବେଳେ ସେ କେବଳ ସତ୍ୟପଥରେ ଚାଲିବ । ମତି ଗୋଳିଆ ଧରିବ ନାହିଁ । ଓଲଟପାଲଟ କଥା କହିବ ନାହିଁ । ଚନ୍ଦ୍ରାୟଣ ଜ୍ଞାନସୂତ୍ରୀ କୋଷ ସାତପା'ରେ ରହେ । ସ୍ଥୂଳଜୀବ ଦେହହିଁ ବାଇଗଣ ଗଛ । ପୂର୍ଣ୍ଣ ସମାଧି ଅବସ୍ଥାରେ ଯୋଗୀର ବାହ୍ୟଜ୍ଞାନ ବା ଦେହଜ୍ଞାନ ଶୂନ୍ୟ ହୋଇଯାଏ । ପରମାତ୍ମାଜ୍ଞାନ ଅନୁଭୂତ ଅବସ୍ଥାରେ ଏହା ସମ୍ଭବ ହୁଏ, କୌଣସି ହାତକାତ ପାଏ ନାହିଁ କି ଦେହକୁ ସଜାଇ ପାରେ ନାହିଁ । ଭାବ ଅତି ସୂକ୍ଷ୍ମ ହୋଇଯାଏ । ମଦଗର୍ବ ଲୋପ ହୋଇଯାଏ । ଅହଂକାର ସାତ୍ତ୍ୱିକ ଅହଂରେ ପରିଣତ ହୁଏ । ନିରାକାର ବା ପରମଙ୍କ ରୂପ

ଏଠାରେ ଶ୍ୟାମଳ ବର୍ଣ୍ଣ ହୋଇଥାଏ । ଦଶଇନ୍ଦ୍ରିୟରେ ବୀଜେନ୍ଦ୍ରିୟ ଭାବ ସହସ୍ରରୂପ ନେଉଥାଏ । ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ ପରିବର୍ତ୍ତନ ହେଉଥିବାରୁ ସାଧାରଣ ଜୀବରଭାବ ପରିବର୍ତ୍ତନ ହୁଏ । ବିନା କର୍ମଯୋଗରେ ଏକନିଷ୍ଠ ଭାବ ଦୃଢ଼ହୋଇ ରହିପାରେ ନାହିଁ । ଅଷ୍ଟାଙ୍ଗ ଯୋଗ ସାଧନ ପରେ ଦଶସହସ୍ରାଣୀ ବୃତ୍ତି ନିସ୍ତେଜ ହୋଇଯାଏ । ସିଦ୍ଧିପ୍ରାପ୍ତ ହୁଏ ।।୪।।

ସପ୍ତଲୋକରେ ଥିବା ଆବିଳତା ଭାବ, ରଜ ତମ ମିଶ୍ରିତ ଆବିଳ ଭାବ କର୍ମଯୋଗ ଅଭ୍ୟାସ ଦ୍ୱାରା ଏକଭାବରେ ପରିଣତ ହୁଏ । ଲୁହାର ମଇ ବୋଇଲେ ଦୃଢ଼ନିଷ୍ଠା, ନିଦା ଭାବ, ସତ୍ୟରେ ଅଟଳ, ଜ୍ଞାନରେ ଅଟଳ, ପ୍ରେମଭକ୍ତିରେ ଅଟଳ, ଦୃଢ଼ ବିଶ୍ୱାସ, ଦୃଢ଼ଭକ୍ତି ଏକନିଷ୍ଠ ଭାବରେ ରହେ । ଏହି ଅବସ୍ଥାରେ ଜୀବବ୍ରହ୍ମ ଟହଲି ଯାଏ ନାହିଁ । ଶ୍ୱାନ ବୋଇଲେ ଦାବାନଳ କ୍ରୋଧ, ଶୃଗାଳ ବୋଇଲେ ଦୈବାମ୍ନକ କାମ, ମହୀ ବୋଇଲେ ପିଣ୍ଡ । ପିଣ୍ଡରେ ଏକଭାବ ଆସିବାପରେ କାମକ୍ରୋଧ ଆଦି ବିଜୁଳିଭଳି ଚମତ୍କପ୍ରଦ କ୍ରିୟା ଦେଖାନ୍ତି । ଯୋଗୀ କିନ୍ତୁ ସମାଧି ଅବସ୍ଥାରେ ଅଟଳ ରହେ । ଟଳିଯିବାର ପ୍ରଶ୍ନହିଁ ନାହିଁ । ଛପନ କୋଟି ଯୋଗିନୀ ବୋଇଲେ କୃମିକୀଟ ସଂଖ୍ୟାକୁ ବୁଝାଏ । ନବଗୋଟି କନ୍ତାନୀ ବୋଇଲେ ଭୂତାଣ୍ଡ, ଜୀବାଣ୍ଡ, ବୀଜାଣ୍ଡ ଆଦି ଭ୍ରମରେ ପଡ଼ି ସାତ୍ତ୍ୱିକ ବୃତ୍ତିର ଚାରି ପାର୍ଶ୍ୱରେ ବୁଲୁଥାଆନ୍ତି । ନିରୁପାୟ ହୋଇ ଏମାନେ ଏହି କ୍ରିୟା କରୁଥାଆନ୍ତି ।।୫।।

ମାୟା ରହିତ ସ୍ଥାନକୁ ଯୋବ୍ରାଘାଟ କୁହାଯାଇଛି । ଅନେକ ଭାବରେ ଜାଲ ସୃଷ୍ଟି ତିଆରିକରି ଜୀବକୁ ନରକଗାମୀ କରୁଛି । ମହାନଦୀ ବୋଇଲେ ତଡ଼ିତ୍‌ମାୟା । ଯୋଗମାୟା ଯୋଗୀଙ୍କୁ ଏଠାରେ ପରୀକ୍ଷା କରନ୍ତି । ଯୋଗୀ ଯୋଗାରୂଢ଼ ସମାଧି ଅବସ୍ଥାରେ ବୁଦ୍ଧି ବିବେକ କଷି ହୋଇଯିବାର ଅବସ୍ଥା ଭୋଗ କରନ୍ତି । ତତ୍ପରେ ଶୁଦ୍ଧଜ୍ଞାନ ସଞ୍ଚାରିତ ହେଲେ, ଦମନ ନାଶନ ଅର୍ଥାତ୍ ମ୍ଳେଚ୍ଛବୃତ୍ତିର କାର୍ଯ୍ୟଗୁଡ଼ିକ ଲୋପ ହୋଇ ରହବଟ ନିକଟରେ ଅର୍ଥାତ୍ ଲଲାଟଚକ୍ରରେ ପରଂବ୍ରହ୍ମ ଦର୍ଶନ କରି ଚୈତନ୍ୟଜ୍ଞାନ ସଞ୍ଚାର ହୁଏ ।।୬।।

ଯୋଗୀ ଯେତେବେଳେ ସମାଧିସ୍ତରରେ ଉପନୀତ ହୋଇ ଗୋଟିଏ ପରେ ଗୋଟିଏ ସ୍ତର ଅତିକ୍ରମ କରି ନିର୍ବିକଳ୍ପ ସମାଧିରେ ପହଞ୍ଚେ, ସେତେବେଳେ ସେଠାରେ କଟକ ଅର୍ଥାତ୍ ଲଲାଟର ଶୀର୍ଷସ୍ଥାନରେ ଚଣ୍ଡୀ ବୋଇଲେ ସାତ୍ତ୍ୱିକଭାବର ମାୟା ଯୋଗୀର ହୃଦୟରେ ଜାଗ୍ରତ ଅବସ୍ଥାରେ ଥାଇ ଘଟ ନିରୂପଣ ତତ୍ତ୍ୱକ୍ରିୟା ଗୁଡ଼ିକୁ ଦର୍ଶନ କରାଇ ଦେଉଥାଏ । ଏଠାରେ ଯାଜପୁର ବୋଇଲେ ଶ୍ରୁତିଶ୍ରବଣବୃତ୍ତି ଗୃହକୁ ବୁଝାଏ । ଏଠାରେ ପରମଙ୍କ ସ୍ଥାନ । ପରମଙ୍କ ସ୍ଥାନ ଲଲାଟକୁ ଯାଇ ବିବେକକୁ ସୂତ୍ର ଯୋଗାଇ ପୁଣି ତା'ର ଗୃହକୁ ଫେରିଆସେ । ବିରଜା ବୋଇଲେ ଚିତ୍ତ ଶ୍ରୁତିକେନ୍ଦ୍ର ମାୟା । ଯୋଗୀର ଚିତ୍ତରେ ଯେଉଁ ମାୟାଜାଲ ଥାଏ ଏହି ପ୍ରକ୍ରିୟା ଦ୍ୱାରା ତାହାର ଖଣ୍ଡନ ହୁଏ । ଅଷ୍ଟଚଣ୍ଡୀ ବୋଇଲେ ଯୋଗମାୟା ଦ୍ୱାରା ଅଷ୍ଟପ୍ରବୃତ୍ତି ଚାଳିତ କ୍ରିୟା । ଏ ଗୁଡ଼ିକ ନାଦ ଗର୍ଦ୍ଦଣକୋଷରେ ଅନୁଭୂତ ହୁଏ । ଏହି ଅବସ୍ଥାରେ ଯୋଗୀର ଲକ୍ଷ୍ୟ ଭ୍ରଷ୍ଟ ହୁଏ ନାହିଁ । ମ୍ଳେଚ୍ଛବୃତ୍ତିର ସଂହାର ହୁଏ ।

## ପୁରାଣ ପୃଷ୍ଠାରୁ ଗଳ୍ପାଂଶ 'ଶ୍ରୀକୃଷ୍ଣଙ୍କର ବରଦାନ'ର ମୀମାଂସାଖଣ୍ଡ

ହସ୍ତିନା ବୋଇଲେ ଉର୍ମ୍ମ ଏବଂ ବରୁଣା ବୋଇଲେ ଧୂର୍ମ୍ମ । ଉର୍ମ୍ମ ଏବଂ ଧୂର୍ମ୍ମର ମଧ୍ୟସ୍ଥାନ ବୋଇଲେ ଶୁଦ୍ଧଚିତ୍ତର ଘର । ସେ ଘରେ ବିବେକ ବାସ କରେ । ଜୀବ ଅଷ୍ଟାଙ୍ଗ ଯୋଗଦ୍ୱାରା ତମଭାବକୁ ଅତିକ୍ରମ କରି ସାତ୍ତ୍ୱିକ ଭାବ ଗ୍ରହଣ କରେ । ତହୁଁ ସେ ଭକ୍ତ ବୋଲାଏ । ଜୀବ ନାମୀ, ଭକ୍ତ ବିବେକ । ବିଦୁର ନାମରେ ପ୍ରତିଷ୍ଠିତ । ସରସ୍ୱତୀ ବୋଇଲେ ସୁଷୁମ୍ନା ନାଡ଼ି । ଇଶାନେ ଯେଉଁ ନଗର ଅବସ୍ଥିତ ତାହା ଆତ୍ମା ଚୈତନ୍ୟ । ପିଣ୍ଡତତ୍ତ୍ୱରେ ଅଙ୍ଗଦେଶ ବୋଇଲେ ଜୀବର ସ୍ଥୂଳଶରୀର । ଜୀବଶରୀରର ରାଜଧାନୀ ନଗର ହେଉଛି ଆତ୍ମାଚୈତନ୍ୟ । ଆତ୍ମା ଚୈତନ୍ୟ ରୂପକ ନଗରର ମଧ୍ୟସ୍ଥଳରେ ଚେତା ବୈଖାରୀୟ ସ୍ଥାନ । ତାହାହିଁ ବିବେକର ବାସସ୍ଥାନ । ସେହିଠାରେ ବିଦୁରର ଘର ବୋଲି ଦର୍ଶାଇ ଦିଆଯାଇଛି । ମିଥୁନ କୃଷ୍ଣ ପଞ୍ଚମୀ, ଗୁରୁବାର ବୋଇଲେ ବ୍ରହ୍ମ ବୈଖାରୀ ସୂତ୍ରରେ ପବନ (ପ୍ରାଣବାୟୁ) ଦ୍ୱାରା ଜୀବ ପରମର ମିଳନ ଦିବସ । ଉତ୍ତରାଷାଢ଼ା ନକ୍ଷତ୍ର ବେଳ ତେରଦଣ୍ଡରେ ଭଗବାନ ଭକ୍ତଙ୍କ ହୃଦୟରେ ସ୍ତୁତିଗାନ ତିଆରି କରିଥିଲେ । ତୈତିଳ ନାମକ କରଣରେ ପ୍ରୀତି ନାମକ ଯୋଗରେ ଉତ୍ତରାଷାଢ଼ା ନକ୍ଷତ୍ର ଭୋଗ ଅନ୍ତେ ଶ୍ରବଣା ନକ୍ଷତ୍ର ଭୋଗରେ ଭକ୍ତ ଓ ଭଗବାନଙ୍କର ଭେଟ ବା ଯୋଗ ନିମନ୍ତେ ଜ୍ୟୋତିଷ ଯୋଗ ଶାସ୍ତ୍ରରେ ପ୍ରଶସ୍ତ ସମୟ ବୋଲି ନିର୍ଦ୍ଦିଷ୍ଟ ହୋଇଅଛି । କେଶବ ବୋଇଲେ ହିଁ ପରମାତ୍ମା । ଋଷିଗଣ ବୋଇଲେ ଜ୍ଞାନମୟ କୋଷଗୁଡ଼ିକୁ ବୁଝାଇଥାଏ । ଜ୍ଞାନମୟ କୋଷ ସକଳକୁ ଧାରଣ କରି ପରମାତ୍ମା କେଶବ ଭକ୍ତ ବିବେକବନ୍ତ ବିଦୁର ଭବନ ବା ଶରୀରରେ ପ୍ରବେଶ କରନ୍ତି ॥ .

ଭଗବାନ ଶ୍ରୀକୃଷ୍ଣକେଶବ ବୋଇଲେ ପରମାତ୍ମା ପାଣ୍ଡବମାନଙ୍କର ଅର୍ଥାତ୍ ପଞ୍ଚମନର ଦୂତ ହୋଇ ଦୁର୍ଯ୍ୟୋଧନ ବୋଇଲେ ଦୁଷ୍ଟମତିକୁ ପାଞ୍ଚପଡ଼ା କହିଲେ ପଞ୍ଚଇନ୍ଦ୍ରିୟ ମାଗିବା ପାଇଁ ଯାଇଥିଲେ । ପରମାତ୍ମାଙ୍କ ସହିତରେ ଜ୍ଞାନମୟ କୋଷ ରୂପରେ ଋଷି ଓ ମହାଯତିମାନେ ସେମାନଙ୍କର ଷାଠିଏହଜାର ଶିଷ୍ୟଙ୍କ ସହିତ ବିଦୁରଗୃହ ଅର୍ଥାତ୍ ବିବେକଗୃହରେ ପହଞ୍ଚିଲେ । ବ୍ୟାସ ବୋଇଲେ ଘଟଚେତା ଜ୍ଞାନ, ବିଶ୍ୱାମିତ୍ର ବୋଇଲେ ତୈତିରୀୟ ତତ୍ତ୍ୱରେ ସାତ୍ତ୍ୱିକ ଅହଂରୂପୀ ଜ୍ଞାନ, ମାର୍କଣ୍ଡ ହେଉଛନ୍ତି ଧୂର୍ମ୍ମଚେତା କୋଷର ଅଧିକାରୀ ସତ୍ତ୍ୱ ଓ ତମ ମିଶ୍ରିତ କ୍ରୋଧ, ବଶିଷ୍ଠ ହେଉଛନ୍ତି ଶ୍ରେଷ୍ଠ ବ୍ରହ୍ମର୍ଷି ସ୍ୱରୂପ ଚିତା, ଅଗସ୍ତି ବୋଇଲେ ତୃପ୍ତତତ୍ତ୍ୱର ତ୍ରିବେଣୀଧାର, ବାଲ୍ମୀକି ବୋଇଲେ ସପ୍ତକାଣ୍ଡ ତୁରୀୟ ତତ୍ତ୍ୱର ଅଧିକାରୀ ଏବଂ ପରାଶର ହେଉଛନ୍ତି ବ୍ରହ୍ମଚର୍ଯ୍ୟ, ଆଚରଣ ଏବଂ ଶୁଦ୍ଧିର ଅଧିକାରୀ । ଷାଠିଏ ହଜାର ଶିଷ୍ୟ ବୋଇଲେ ଘଟଚେତା ଜ୍ଞାନଠାରୁ ଆରମ୍ଭକରି ଆଚରଣ ଓ ଶୁଦ୍ଧି ପର୍ଯ୍ୟନ୍ତ ସକଳଜ୍ଞାନର ସହଯୋଗୀ ଅନୁଗାମୀ କୋଷ ସଂଖ୍ୟାକୁ ବୁଝାଏ ।

ପ୍ରେମିକଭକ୍ତ ବିଦୁର ବୋଇଲେ ଶ୍ରଦ୍ଧାପ୍ରେମାଭକ୍ତି ରସାଣିତ ଶୁଦ୍ଧ ବିବେକ କରପତ୍ର ଯୋଡ଼ି ଅର୍ଥାତ୍ ପ୍ରେମ, ପ୍ରୀତି, ଶ୍ରଦ୍ଧା ଓ ଭକ୍ତି ଭାବରେ ବିହ୍ୱଳିତ ହୋଇ ଖେଚରି ମୁଦ୍ରାରେ ଅମୃତରସ ପାନ କରାଇଲେ । ବିଭିନ୍ନ ଖାଦ୍ୟ ସାମଗ୍ରୀ ବୋଇଲେ ସ୍ୱାଦୁଜ୍ଞାନପ୍ରୀତି, ପଞ୍ଚ ଅମୃତ, ନିଗମ ଭାବ, ପ୍ରେମରସ ଇତ୍ୟାଦିକୁ ବିଭିନ୍ନ ପର୍ଯ୍ୟାୟକ୍ରମିକ ଭାବାବସ୍ଥାକୁ ବୁଝାଯାଏ । ମୃଦୁ ହସ ଅର୍ଥ ଶୁଦ୍ଧ ଆଚରଣ । ଭାବବିହ୍ୱଳ ଅବସ୍ଥା ଅର୍ଥାତ୍ ପ୍ରେମଭକ୍ତି ଭାବରେ ଗଦ୍‌ଗଦ୍ ହେବା । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଅଷ୍ଟାଙ୍ଗ ଯୋଗ ସାଧନ କରି ଶୁଦ୍ଧ ବିବେକଜ୍ଞାନ ପ୍ରାପ୍ତ ହେଲେ ଜ୍ଞାନମୟ କୋଷ ସକଳ ସକ୍ରିୟ ହୋଇ ବିବେକ ଗୃହରେ ଠୁଳ ହୁଅନ୍ତି ଏବଂ ଯୋଗୀ ପରମ ଆନନ୍ଦ ଲାଭ କରି ଶ୍ରଦ୍ଧା ପ୍ରେମାଭକ୍ତିର ଭାବରେ ଆବିଷ୍ଟ ହୋଇ ପରମଜ୍ଞାନ ଲାଭକରେ ।

ଗୃହସ୍ଥାଶ୍ରମରେ ବିଦୁର : ବିଦୁର ଜଣେ ସଫଳ ଓ ସାର୍ଥକ ଗୃହୀଭାବରେ ଗୃହସ୍ଥ ଆଶ୍ରମଧର୍ମ ଆଚରଣ କରୁଥିଲେ । ଅର୍ଥାତ୍, ଜୀବ ପିଣ୍ଡରେ ବିବେକ ଗୃହୀ ଭାବରେ ଗୃହସ୍ଥାଶ୍ରମ ଆଚରଣ କରିବା ବିଧି । ପରମାତ୍ମା ସକଳ ଜ୍ଞାନମୟକୋଷ ସହିତ ବିବେକ ଗୃହରେ ଅକସ୍ମାତ ମହାଘୋର ରାତ୍ରିର ନିର୍ଜନ ନିସ୍ପନ୍ଦ ମୁହୂର୍ତ୍ତରେ ପହଞ୍ଚି ଯିବେବୋଲି ସୁଗୃହୀ ଚେତାଥାଇ ସକଳ ପ୍ରେମ ପ୍ରୀତି ଶ୍ରଦ୍ଧା ଭକ୍ତିରେ ଖେଚରି ମୁଦ୍ରାରେ ଅମୃତରସ କ୍ଷରଣ କରାଇଥାଏ । ଯୋଗୀମାନଙ୍କ ଦ୍ୱାରା ଏହା ସମ୍ଭବ ହୁଏ । ଯୋଗାଭ୍ୟାସ ବିନା ବିବେକ ଚୈତନ୍ୟ ସର୍ବଦା ଜାଗ୍ରତ ରହେ ନାହିଁ, ରହିପାରେ ନାହିଁ । ଗୃହୀଭକ୍ତ ସେହିପରି ସ୍ଥୂଳ ଜଗତରେ ଘରକରଣା କରି ସ୍ନେହ ଓ ଭକ୍ତିର ସହିତ ଅତିଥି ସେବା କରିବା ନିମନ୍ତେ ନାନାଦି ଦ୍ରବ୍ୟ ସଞ୍ଚୟ କରି ରଖିବା କର୍ତ୍ତବ୍ୟ । ବଦାନ୍ୟ (ଦାନୀ) ମାନଙ୍କ ପାଇଁ ସଞ୍ଚିତ ସମ୍ପତ୍ତି ବୋଝ ହୁଏ ନାହିଁ । କୃପଣ ବା ଅଦାତବ୍ୟ ବ୍ୟକ୍ତିମାନଙ୍କ ପାଇଁ ସଞ୍ଚିତ ଅର୍ଥ ସକଳ ଅନର୍ଥର କାରଣ ଅଟେ । ଏହା ବ୍ରହ୍ମାଣ୍ଡ ତତ୍ତ୍ୱରେ ଯେପରି ସତ୍ୟ, ପିଣ୍ଡ ତତ୍ତ୍ୱରେ ମଧ୍ୟ ସେହିପରି ସ୍ପଷ୍ଟ ।

ସତ୍ୟପାଳନ ପରେ ଭକ୍ତର ସ୍ୱତନ୍ତ୍ର ଲକ୍ଷଣମାନ ପରିଦୃଷ୍ଟ ହୁଏ । ଅର୍ଥାତ୍ ଗୃହୀଭକ୍ତ ସତ୍ୟପାଳନ ପରେ ସୁଭୂମିରେ କୃଷିଜାତ ଦ୍ରବ୍ୟ ଉତ୍ପନ୍ନ କରେ ଅର୍ଥାତ୍ ଶରୀରର ସୁସ୍ଥତା ସହିତ ତହିଁରେ ଈଶ୍ୱରଭକ୍ତି ରୂପକ କୃଷି ସାଧନ କରି ସକଳ ଦିବ୍ୟଭାବ ଉପୁଜାଇ ଥାଏ । ସମାଜରେ ସୁଗୋଷ୍ଠୀରେ ରହେ ଅର୍ଥାତ୍ ଆତ୍ମସ୍ଥ ହୋଇ ପ୍ରକୃତି ପୁରୁଷର ଦିବ୍ୟଲୀଳା ଅନୁଭବ କରେ । ସୁମନ୍ତ୍ରୀର ସୁବିଧାନରେ ଚଳେ ଅର୍ଥାତ୍ ସାଧୁସଙ୍ଗ ଏବଂ ସତ୍‌ସଙ୍ଗରେ ରହେ । ସୁସ୍ତ୍ରୀ ସହିତ ଜୀବନ ଅତିବାହିତ କରେ ଅର୍ଥାତ୍ ବିବେକବୁଦ୍ଧି ଦ୍ୱାରା ବିବେକ ଚୈତନ୍ୟ ଜାଗ୍ରତ ରଖେ । ସୁପଥରେ ଚଳେ ଅର୍ଥାତ୍ ଧର୍ମପଥ ଅନୁସରଣ କରେ । ଭକ୍ତର ଏ ଲକ୍ଷଣମାନ ପ୍ରକାଶ ପାଇ ଠିକ ଅବସ୍ଥାନକୁ ଆସିଲେ ଭଗବାନ କେଶବଚନ୍ଦ୍ର ଅର୍ଥାତ୍ ପରମାତ୍ମା ସେହି ଦିବ୍ୟାତ୍ମାର ପିତା, ମାତା, ବାନ୍ଧବ, ସଖା, ସମ୍ପତ୍ତି ରୂପରେ ସର୍ବଦା ଦର୍ଶନ ଦିଅନ୍ତି । ଏ ସକଳ ଲକ୍ଷଣର ବ୍ୟତିକ୍ରମ ହେଲେ, ସେ ବ୍ୟକ୍ତି ବାରମ୍ବାର ନରକକୁ ଗମନ କରି ପୁନଃପୁନଃ ନରକ ଯନ୍ତ୍ରଣା ଭୋଗ କରିଥାଏ ଅର୍ଥାତ୍, ଜୀବର ଯୋଗ ସିଦ୍ଧିବିନା କୁଣ୍ଡଳିନୀ ଜାଗ୍ରତ ହେଲେ ମଧ୍ୟ ଷଡ଼ଚକ୍ର ଭେଦ କରି ପାରେ ନାହିଁ ଅର୍ଥାତ୍ ତା'ର ବିବେକଚୈତନ୍ୟ ଓ ଆତ୍ମଜ୍ଞାନ ଉଦୟ ହୁଏ ନାହିଁ, ହୋଇପାରେ ନାହିଁ ।

ଅମୃତପଣା ବୋଇଲେ ଭକ୍ତିଭାବାନନ୍ଦରସ । ନିଗୁଢ଼ ବାଣୀ । ମଧୁର କଣ୍ଠ । ବିବେକ ଗୃହରେ ଆତ୍ମାଚୈତନ୍ୟ ଉଦୟ ହେବାରୁ କଦଳରୁ ଚୋପା ଛଡ଼ାଇ ତାହା ପରମାତ୍ମାକୁ ଦେଲେ ଓ ନିଜଠାରେ କଦଳୀଚକ ରଖିଲେ । ଅର୍ଥାତ୍ କ୍ରୋଧ, ହିଂସା, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି ଯାବତୀୟ କୁବୁଦ୍ଧି କର୍ମଯୋଗ ଦ୍ୱାରା ନିସ୍ତେଜ ହେଲା ଓ ତାହା ପରମାତ୍ମା ଛଡ଼ାଇ ନେଲେ ମାତ୍ର ସାତ୍ତ୍ୱିକ ଭାବର ସାରତତ୍ତ୍ୱ ଭକ୍ତ ନିକଟରେ ଗଚ୍ଛିତ ରହିଲା । ଏହାପରେ ପରମାତ୍ମା ଆଶିଷ ପ୍ରଦାନ କଲେ । ଜ୍ଞାନରୂପକ ଧନ ବୋଇଲେ ସୂତ୍ରାଦୀୟତତ୍ତ୍ୱକୁ ଜନ ବୋଲାଯାଏ । ସାତ୍ତ୍ୱିକଗଣର ଭାବ ଏବଂ ଆସ୍ଥାକୁ ବନ୍ଧୁଜନ ବୋଲାଯାଏ । ବ୍ରାହ୍ମଣ ଆଗମନ ଅର୍ଥାତ୍ ବ୍ରହ୍ମ ଆଚରଣ, ମନ୍ଦିର ଗହଳ ହେବା ଅର୍ଥାତ୍ ପିଣ୍ଡ ପବିତ୍ର ହେବା । ଅତିଥିସେବା ଅର୍ଥାତ୍ ମୂଳସ୍ୱଭାବ ବା ପ୍ରକୃତିର ଜାଗରଣ ନହେବା । ଗୋଶାଳା ବୋଇଲେ ମାୟାଗୃହ, ଗୋରୁ ବୋଇଲେ ସାତ୍ତ୍ୱିକ ମାୟା ଓ ଛାୟା, ଗାଈ ବୋଇଲେ ଯୋଗମାୟା, ବାଛୁରୀ ବୋଇଲେ ବିଷ୍ଣୁମାୟା । ଜୀବ ଯୋଗାଭ୍ୟାସ ଦ୍ୱାରା ଯୋଗୀ ଏବଂ ପରେ ପରେ ଭକ୍ତ ହୋଇଗଲେ, ସବୁକିଛି ସାତ୍ତ୍ୱିକ ଭାବରେ ମାୟା ପିଣ୍ଡରେ ପୂର୍ଣ୍ଣଭାବରେ କାର୍ଯ୍ୟ କରେ । ନୀରୋଗ ହେବାର ଅର୍ଥ ଭକ୍ତ ଭଗବାନଙ୍କର ଆଜ୍ଞାଆଦେଶ ପାଳନ ଦ୍ୱାରା ଶୁଦ୍ଧପିଣ୍ଡ ଲାଭ କରିବା । କ୍ଷୀର ବୋଇଲେ ଶୁଦ୍ଧତତ୍ତ୍ୱଜ୍ଞାନ ରସକୁ ବୁଝାଏ । ଘୃତାନ୍ନ ଭୋଜନ ଅର୍ଥାତ୍ ଭକ୍ତିଭାବରେ ଭୋଳା ହୋଇ ଜ୍ଞାନରୂପକ ପ୍ରେମରସ ପାନ କରିବା ।

ଦାତାବ୍ୟପଣ ବୋଇଲେ ଗର୍ବଭାବ ନଆସିବା, ନିଷ୍ଠୁର ଭାବ ନ ଆସିବା, ଅହଂକାର ନ ହେବା, ଦୃଢ଼ଭାବ ନ ଭାଙ୍ଗିବା, ଭକ୍ତିଭାବରୁ ଖସି ନ ଯିବା, ବିନୟୀ ହେବା, ସରଳ ଏବଂ ନିଷ୍କପଟ ହେବା, ଧୀର ଏବଂ ମନ୍ଥରଗତି ହେବା, ନମ୍ର ହେବା, ସ୍ଥିରଚିତ୍ତ ହେବା, କରପତ୍ର ଯୋଡ଼ି ରହିବା, ଏକଲକ୍ଷ୍ୟ ଏବଂ ଏକମୁଖୀ ହେବା । ବିଦୁର ନାମକ ବିବେକ ଏହାହିଁ ପରମାତ୍ମାଙ୍କୁ ମାଗୁଣି କରିଥିଲେ ।

ପ୍ରୟାଗ ତ୍ରିବେଣୀ ହିଁ ଶୁଦ୍ଧତୀର୍ଥ । ଏହା ଶୁଦ୍ଧଜ୍ଞାନ ଆହରଣ ଆକାଂକ୍ଷାକୁ ପ୍ରକାଶ କରିଥାଏ । ଗଙ୍ଗା, ଯମୁନା, ସରସ୍ୱତୀ ବୋଇଲେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ିର ପାରସ୍ପରିକ ସମ୍ବନ୍ଧ ଜ୍ଞାନ ଆହରଣକୁ ବୁଝାଏ । ଏହାଦ୍ୱାରା ଅନୁଭୂତି ଜ୍ଞାନ ପ୍ରାପ୍ତି ହୁଏ ।

କାଶୀ ନଦୀଠାରୁ ରୁଦ୍ରନଦୀ ବୋଇଲେ କୁଣ୍ଡଳିନୀ ଚକ୍ରର ଜାଗୃତି ଅବସ୍ଥା ଅର୍ଥାତ୍ ଚିଉଚୈତନ୍ୟ ଚେତା ରହିବା ଅବସ୍ଥା । ଏହାଦ୍ୱାରା ମାୟା ଆବରଣ ଓ ଆସ୍ତରଣ କଟିଯିବା ଅବସ୍ଥା ପ୍ରାପ୍ତ ହୁଏ । ରୁଦ୍ରନଦୀ ବୋଇଲେ ଜ୍ଞାନ ନଦୀ । ଯୋଗୀର ସମାଧି ସ୍ତର ଅବସ୍ଥାରେ ସମସ୍ତ ପିଣ୍ଡରେ ଜ୍ଞାନ ନଦୀ ଅନୁଭୂତ ହୁଏ । ଏପରି ଅବସ୍ଥାରେ ପରମାତ୍ମା ରୂପୀ କେଶବଚନ୍ଦ୍ର ସଦାସର୍ବଦା ଭକ୍ତ ହୃଦୟରେ ରହନ୍ତି । ସେତେବେଳେ ସକଳ ସଦ୍‌ଭାବନା ରୂପକ ଜ୍ଞାନନଦୀ ପିଣ୍ଡରେ ସୂଚନା ଦେଇ ବହିଯାଏ ॥

ତଥାସ୍ତୁ - ପ୍ରଭୁ ପ୍ରସନ୍ନ ହୋଇ ଏ ସମସ୍ତ ମାଗୁଣି ସିଦ୍ଧ ହେବାର ସୂଚନା ଓ ବିବେକକୁ ସଦାଚେତନମୁଖୀ କରାଇଲେ ॥

## ସୂଚନା

ଏତଦ୍ୱାରା ସର୍ବସାଧାରଣ ପାଠକ/ପାଠିକା/ଗ୍ରାହକ/ଗ୍ରାହିକା, 'ଚରମ' ପ୍ରେମୀ ଭାଇଭଉଣୀ ଦିବ୍ୟାତ୍ମାମାନଙ୍କୁ ଜଣାଉଅଛୁ ଯେ, ପ୍ରକାଶ ପାଇଥିବା ଚରମ ପ୍ରଥମ ସଂଖ୍ୟାଠାରୁ ଚାଳିଶ ସଂଖ୍ୟା ପର୍ଯ୍ୟନ୍ତ ଏବଂ 'କଲ୍ୟାଣ ଦେଲି ତୋତେ'ର ଓଡ଼ିଆ ଓ ହିନ୍ଦି ପୁସ୍ତକ, ସଂଘର ପ୍ରଥମ ଆଚାର୍ଯ୍ୟ ଦିବଂଗତ ଯତିଶଦା'ଙ୍କ ଆତ୍ମଜୀବନୀ - 'ଅନିର୍ବାଣ ଦୀପଶିଖା' ପୁସ୍ତକ ଆମର ଚରମପୁସ୍ତକାଳୟରୁ ସଂଗ୍ରହ କରିନିଅନ୍ତୁ । ଏତଦ୍‌ବ୍ୟତୀତ ଭଜନ କ୍ୟାସେଟ୍-ଜରିଆ କୁଳିଆ, ବିଗ୍ରହ, ଠାକୁରଙ୍କ ଘଟିଯାଇଥିବା ଲୀଳାଗୁଡ଼ିକର ବିଭିନ୍ନ ପୁସ୍ତିକା-ସ୍ମରଣିକା, ବାଣୀଗୁଚ୍ଛ - ଅଧର ପୀୟୂଷ, ଭଜନ ପୁସ୍ତିକା ଓ ଆଶ୍ରମ ପଞ୍ଜିକା ଚରମ ପୁସ୍ତକାଳୟରେ ମିଳୁଅଛି ।

ନାରୀକୁ ଧରିଣ ହେଉଛୁ ବାଇ
ସଙ୍ଗରେ ତୋହର ନ ଯିବେ ସେହି ।




## 'ଚରମ'ର ସନ୍ଦେଶ

ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି -- କାମ, କ୍ରୋଧ, ଲୋଭ, ମୋହ, ମଦ, ଛଳ କପଟ, ଈର୍ଷା, ଅବିବେକିତା, ବିଚାରଶୂନ୍ୟତା, ମଦ୍ୟପାନ, ତମୋଗୁଣ, ସ୍ୱେଚ୍ଛାଚାର, ଚପଳତା, ଭୋଗଲିପ୍ସା, ଆଳସ୍ୟ, ଶୋକ, ଚୌର୍ଯ୍ୟ, ଅନ୍ୟସହ ଦ୍ରୋହ, ଦୀର୍ଘସୂତ୍ରିତା, ପରସ୍ତ୍ରୀ ସହିତ ଅନୁଚିତ ସମ୍ବନ୍ଧ, ଅଧିକଭୋଜନ, ଆବଶ୍ୟକତା ଠାରୁ କମ୍ ଭୋଜନ ଇତ୍ୟାଦି ସମସ୍ତ ଦୋଷରୁ ସତର୍କ ରହି ଯେଉଁ ବ୍ୟକ୍ତି ନିଜର ଜୀବନ ଅତିବାହିତ କରେ, ସେ ହିଁ ଦେଶ ତଥା କ୍ଷେତ୍ରର ଭୂଷଣ ସଦୃଶ ଅଟେ । ସେ ଗୁଣବାନ୍, ଶ୍ରୀମାନ୍, ବିଦ୍ୱାନ ଏବଂ କୁଳୀନ ମାନଙ୍କ ମଧ୍ୟରେ ସର୍ବୋତ୍ତମ ଅଟେ । ତାଙ୍କୁ ପ୍ରତିଦିନ ସର୍ବତୀର୍ଥରେ ସ୍ନାନ କରିବାର ଫଳ ମିଳିଥାଏ ।

ପ୍ରକୃତରେ ଭାବି ଦେଖ - ସଂସାରରେ ବଞ୍ଚିବା ପାଇଁ ଖାଦ୍ୟ, ପାନୀୟ, ବସ୍ତ୍ର ଓ ବାସସ୍ଥାନ ଯେପରି ପ୍ରୟୋଜନ, ଜୀବନରେ ସଫଳତା ଲାଭ କରିବା ପାଇଁ ସଦ୍‌ଗୁଣ ଅର୍ଜନ କରିବା, ନୀତିବାନ ହେବା ଏବଂ ଚରିତ୍ରବାନ ହେବା ମଧ୍ୟ ସେହିପରି ପ୍ରୟୋଜନ । ସଂସାରରେ ତଥା ଗୁରୁକ୍ଷେତ୍ରରେ ଜଟିଳରୁ ଜଟିଳତର ସମସ୍ୟାର ସମାଧାନ ସଦ୍‌ଗୁଣ ଅର୍ଜନ ଦ୍ୱାରା ସହଜ ସରଳ ହୋଇଥାଏ ।

ମନେରଖ, ଧନଦ୍ୱାରା ସଦ୍‌ଗୁଣ ଉତ୍ପନ୍ନ ହୁଏନାହିଁ, ମାତ୍ର ସଦ୍‌ଗୁଣ ଦ୍ୱାରା ଧନ ଓ ଅନ୍ୟାନ୍ୟ ଈପ୍ସିତ ବସ୍ତୁ ପ୍ରାପ୍ତ ହୋଇଥାଏ । ବିଳାସ ବ୍ୟସନାଦିର ବିରୋଧକୁ ସଦ୍‌ଗୁଣ କୁହାଯାଇ ନପାରେ, ବରଂ ବିଳାସବ୍ୟସନ ପ୍ରତି ପ୍ରବୃତ୍ତ ନହୋଇ ନିବୃତ୍ତ ହେବାକୁ ହିଁ ସଦ୍‌ଗୁଣ କୁହାଯାଏ । ସଦ୍‌ଗୁଣ ଯେଉଁ ପୁରସ୍କାର ଲାଭକରେ ତାହାହିଁ ସମ୍ମାନ । ଶିଷ୍ଟାଚାର ବା ସଦ୍‌ଗୁଣ ଅସୁନ୍ଦରକୁ ମଧ୍ୟ ସୌନ୍ଦର୍ଯ୍ୟପୂର୍ଣ୍ଣ କରିପାରେ । ତମମାନଙ୍କ ମଧ୍ୟରୁ ଯେଉଁବ୍ୟକ୍ତି ଆପଣାର ସଦ୍‌ଗୁଣ ଏବଂ ଶିଷ୍ଟାଚାର ବଳରେ ଅନ୍ୟ ବହୁବ୍ୟକ୍ତିଙ୍କର ହୃଦୟ ଜୟ କରିପାରିଛି, ସେହିବ୍ୟକ୍ତି ସେତେ ଅଧିକ ସୁନ୍ଦର ଅଟେ । ସଦ୍‌ଗୁଣ ବା ଶିଷ୍ଟାଚାର ବିନା ଶାରୀରିକ ସୌନ୍ଦର୍ଯ୍ୟ ମୂଲ୍ୟହୀନ ।

ଚିନ୍ତା କରି ଦେଖ - ଯଦି ତମର ହୃଦୟ ପବିତ୍ର ଥିବ, ତମ ଆଚରଣ ମଧ୍ୟ ସୁନ୍ଦରହେବ । ତମମାନଙ୍କର ଆଚରଣ ସୁନ୍ଦର ହେଲେ, ତମର ଏ କ୍ଷେତ୍ର ମଧ୍ୟ ସୁନ୍ଦର ହୋଇଯିବ, ସବୁଠି ଶାନ୍ତି ପ୍ରେମ ଶ୍ରଦ୍ଧା ଭକ୍ତି ବିରାଜିବ । ତମେ ତମ ନିଜ ଜୀବନକୁ ପବିତ୍ର ରଖ । ଫଳରେ ଯଦି ବି କେହି ତମର ନିନ୍ଦା ଅପବାଦ କରେ, ତଥାପି ଲୋକେ ତାହା ବିଶ୍ୱାସ କରିବେ ନାହିଁ । ତମ ବ୍ୟକ୍ତିଗତ ଜୀବନର ପବିତ୍ରତା ରୂପକ ଚୁମ୍ବକୀୟ ବଳରେ ସମସ୍ତେ ତମ ଆଡ଼କୁ ଆକୃଷ୍ଟ ହୋଇ ଆସିବେ, ତମକୁ ଆଦର କରିବେ, ତମକୁ ହିଁ ବିଶ୍ୱାସ କରିବେ । ଦେଖିବ ନିନ୍ଦୁକମାନେ ଲାଞ୍ଛିତ ହୋଇ ମୁହଁଲୁଚା ଦେଇ କ୍ରମଶଃ ଦୂରେଇଯିବେ ।

ସଜ୍ଜନ ମାନଙ୍କର ସଙ୍ଗତି ପାଇଁ ଅଭିଳାଷ ଥାଏ । ତମେ ଏହି ସଜ୍ଜନମାନଙ୍କର ସଙ୍ଗ ଲାଭ କର । ସେମାନଙ୍କ ପ୍ରଭାବରୁ ତମେ ସତ୍ ହୋଇଯିବ, ପବିତ୍ର ହୋଇପାରିବ, ଅନେକଙ୍କର ବିଶ୍ୱାସୀ ମଧ୍ୟ ହୋଇଯିବ । ସଦ୍‌ଗୁଣବାନ ହେଲେ ତମର ସୁଯଶରେ ଅଭିରୁଚି, ବିଳାସରେ ବ୍ୟସନ ନହୋଇ ଶାସ୍ତ୍ରାଧ୍ୟୟନରେ ବ୍ୟସନ, ସତ୍‌କର୍ମରେ ସହଯୋଗ ଏବଂ ସଂଘରେ ସଂହତି ନିଶ୍ଚୟ ତମ ଆଚରଣରେ ଫୁଟି ଉଠିବ ।

ମହାଭାରତରେ ବିଦୁର କହିଛନ୍ତି - ପରଧନ ହରଣ, ପରସ୍ତ୍ରୀସହ ବ୍ୟଭିଚାର ଏବଂ ବିଶ୍ୱାସୀମିତ୍ର ସହ ବିଶ୍ୱାସଘାତକତା କଲେ, ମନୁଷ୍ୟର ମାନବିକତା ନଷ୍ଟ ହୋଇଯାଏ ।

ସତ୍ୟ ହିଁ ଈଶ୍ୱର । ସତ୍ୟ ହିଁ ଧର୍ମ । ସତ୍ୟ ହିଁ କ୍ଷେତ୍ର ବା ତୀର୍ଥ । ଆମ ମତରେ ସତ୍ୟ ଏବଂ ବିଶ୍ୱାସ କ୍ଷେତ୍ରର ମୂଳଦୁଆ । ଯଦି ମୂଳଦୁଆ ଦୋହଲିଯିବ ଅର୍ଥାତ୍ ସତ୍ୟ ଓ ବିଶ୍ୱାସହାନୀ ହେବ, ତେବେ ଏ କ୍ଷେତ୍ର କ'ଣ ଭୁଷୁଡ଼ିଯିବ ନାହିଁକି ?

ନିଜର ଶ୍ରଦ୍ଧା ଅନୁସାରେ ଏବଂ ଉଚିତ ସମୟରେ ଦାନ କର । ସାମର୍ଥ୍ୟରୁ ଅଧିକ ଦେବାକୁ କେହି କହୁନାହିଁ । କିନ୍ତୁ ସାମର୍ଥ୍ୟ ଥାଇ ଦାନ ନଦେଲେ ବା କମ୍ ଦେଲେ, ତା'ର ମୂଲ୍ୟ କିଛି ନାହିଁ । ସେହିପରି ଯଥା ସମୟରେ ନଦେଇ ସମୟ ଗଡ଼ାଇ ଚାଲିଲେ ବା ଆଳ ଦେଖାଇ ପଛେଇ ରହିଲେ ମଧ୍ୟ ଦାନର ମୂଲ୍ୟ କିଛି ରହେନାହିଁ ।

ଦାନ ଅସଂଖ୍ୟ ପାପ ନାଶ କରିଦିଏ । ବାଇବେଲ୍‌ରେ ଅଛି - ତିନିଗୋଟି ସଦ୍‌ଗୁଣ - ଆଶା, ବିଶ୍ୱାସ ଏବଂ ଦାନ, ତା ମଧ୍ୟରୁ ଦାନ ଶ୍ରେଷ୍ଠତମ । ଏକ ସନାତନ ନିୟମ ମନେରଖ - ଯଦି ତମେ ପ୍ରାପ୍ତ କରିବାକୁ ଚାହୁଁଛ, ଅର୍ପଣ କରିବାକୁ ପ୍ରଥମେ ଶିକ୍ଷାକର ।

କେବେହେଲେ କର୍ମହୀନ ହୋଇ ରୁହନାହିଁ । କିଛି ନା କିଛି ସତ୍‌କର୍ମରେ ମନ ଓ ଶରୀରକୁ ଲଗାଇରଖ । ଯଦି କିଛି ଭଲ କାର୍ଯ୍ୟ କରି ନ ପାରୁଛ, ତେବେ କିଛି ଅନ୍ୟାୟ କାର୍ଯ୍ୟ କରନାହିଁ ।

ଅନ୍ତରରେ ସବୁବେଳେ ଶାନ୍ତଭାବ ପୋଷଣ କର । ଦୈନନ୍ଦିନ ଅଭ୍ୟାସଯୋଗ ସାଧନା ନିୟମାନୁସାରେ ଗୋପନରେ ସମ୍ପନ୍ନ କର । ମନ ଏବଂ ବାକ୍ୟ ଏକ କର । ସେହିପରି ବାକ୍ୟ ଏବଂ କାର୍ଯ୍ୟ ଏକ କର । ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାର ସହ ମନବାକ୍ୟ ଓ କାର୍ଯ୍ୟକୁ ଏକତ୍ର କରି ନିଷ୍ପନ୍ନ କର ।

ନିରାଡ଼ମ୍ବର ହୁଅ, ସରଳ ଭାବରେ କଥାବାର୍ତ୍ତା କର । ସରଳବ୍ୟକ୍ତିକୁ ସମସ୍ତେ ଆଦର କରିଥାଆନ୍ତି । କୁପରାମର୍ଶ, କୁଟିଳତା ଏବଂ ଚତୁରତାକୁ ସର୍ବାଦୌ ବର୍ଜନ କର । ଶିଶୁ ସୁଲଭ ସରଳତା ନିଜଠାରେ ବିକାଶ କର ।

ସତ୍ୟବାଦୀ ହୁଅ । ନିଜର ବାକ୍ୟ ଓ ପ୍ରତିଜ୍ଞା ରକ୍ଷା କରିବାକୁ ବଦ୍ଧ ପରିକର ହୁଅ । କୌଣସି କଥାକୁ ବଢ଼ାଇ 'ତିଳକୁ ତାଳ' କରନାହିଁ କି କୌଣସି ଘଟଣାକୁ ଲୁଚାଇ ରଖନାହିଁ । ନୀରବତା ଅଭ୍ୟାସ କର । ପ୍ରଶଂସା ବା ସମ୍ମାନ ପାଇଁ ପାଗଳ ସାଜ ନାହିଁ । ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖ । ତମେ ଯଦି ମନକୁ ଅସ୍ଥିର କରିବ, ଜୀବନରେ କଦାପି ସଫଳତା ହାସଲ କରିପାରିବ ନାହିଁ ।

ଯେଉଁମାନଙ୍କ ସମ୍ପର୍କରେ ଆସୁଛ, ସେମାନଙ୍କର ଆଚାର ବ୍ୟବହାର ଜାଣି ସେମାନଙ୍କ ସହ ଏପରି ବ୍ୟବହାର କର, ଯେପରି ସେମାନେ ଅସନ୍ତୁଷ୍ଟ, ନହେବେ । ପ୍ରତ୍ୟେକଙ୍କୁ ସମ୍ମାନ ପ୍ରଦର୍ଶନ କର ଓ ହାତଯୋଡ଼ି ଗୁରୁସ୍ୱାମୀ ଜଣାଅ । ଯେଉଁ ଧାରା ଧରିଛ, ସେଥିରେ ଦୃଢ଼ ରୁହ । ଯେଉଁ ଶପଥ କରିଛ, ତାହା ପାଳନ କରିବାରେ ଦୃଢ଼ରୁହ ।

ନୀଚ ମନୋଭାବକୁ ତ୍ୟାଗ କର । ଅନ୍ୟର ଦୋଷ ଦେଖନାହିଁ । ଅନ୍ୟର ସଦ୍‌ଗୁଣକୁ ପ୍ରଶଂସା କର । ଅନୁକରଣ କର । ସହିଷ୍ଣୁ ହୁଅ । ଉଦାରଭାବ ପୋଷଣ କର । ଅନ୍ୟର ଦୋଷ ପ୍ରତି ଲକ୍ଷ୍ୟ ରଖନାହିଁ । ସର୍ବଦା ଉଚ୍ଚ ମନୋଭାବ ପୋଷଣ କର ।

ହୃଦୟକୁ ପବିତ୍ର ରଖ । ପବିତ୍ର ଚିନ୍ତା କର । ସର୍ବଦା ଭଗବତ୍ ଚିନ୍ତା କର । ବୀଜମନ୍ତ୍ରକୁ ମାନସ ଜପ କର । ମାନସଜପ ଅଭ୍ୟାସ ଚାଲୁରଖ ।

ନିଜେ ନିଜର ପ୍ରଶଂସା କରନାହିଁ । ଅନ୍ୟର ପ୍ରଶଂସା କର । ଏପରି ଅନୁଭବ କର ଯେପରିକି ଏ ସମଗ୍ର ଜଗତ ତମର ଘର ଅଟେ, ତମର ଶରୀର ଅଟେ, ସମସ୍ତେ ତମର ଆପଣାର, ଅତି ଆପଣାର, କେହି ପରନୁହନ୍ତି । ବିଶ୍ୱ ପ୍ରେମର ବିକାଶ କର, ଭ୍ରାତୃତ୍ୱପ୍ରେମର ବିକାଶ କର, ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା କର । ସମସ୍ତଙ୍କ ସହିତ ଏକତା ରକ୍ଷା କର, ସମସ୍ତ କାର୍ଯ୍ୟକୁ ଈଶ୍ୱରଙ୍କର ପୂଜା ଉପାସନା ବୋଲି ମନେକର । କର୍ମଫଳକୁ ଈଶ୍ୱରାର୍ପିତ କରି ସକଳ କର୍ମକୁ ଯୋଗରେ ପରିଣତ କରି କର୍ମଯୋଗୀ ହୁଅ । ସକଳ ପ୍ରାଣୀ ଈଶ୍ୱରଙ୍କର ରୂପ ବୋଲି ମନେକର । ତମେ ନିଶ୍ଚୟ ପରମ ସୁଖ ଓ ଚରମଶାନ୍ତି ପାଇପାରିବ ।

ପଦକୁ ଭୁଲି ପଦବୀ ପାଇଁ କାହିଁକି ତୁଚ୍ଛାଟାରେ ପାଗଳ ସାଜୁଛ ? ତମେ କ'ଣ ପଦବୀକୁ ଲକ୍ଷ୍ୟ କରି ଏଠାକୁ ଆସିଥିଲ ନା ପଦକୁ ଲକ୍ଷ୍ୟ କରି ଆସିଥିଲ ? ଘର ସଂସାର, ପରିବାର ଛାଡ଼ି ଏଠାକୁ ଧାଇଁ ଆସିଥିଲ ଯେଉଁ ଲକ୍ଷ୍ୟରେ ସେ ଲକ୍ଷ୍ୟ ପଦ ପୂରଣ କରିବ ନା ପଦବୀ ପୂରଣ କରିବ? ଥରେ ଏକାନ୍ତରେ କେବେ ଚିନ୍ତା କରିଛ କି ? ଗୁରୁଦ୍ୱାରକୁ ଆସି ଗୁରୁ ସାଜିବାକୁ ଏତେ ବ୍ୟାକୁଳ କାହିଁକି ? ପ୍ରଥମେ ନିଜକୁ ଜଣେ ଯୋଗ୍ୟ ଶିଷ୍ୟରେ ପରିଣତ କର । ତମେ ଯିଏ ଯେଉଁ ପଦବୀରେ ଥାଅନା କାହିଁକି ସବୁବେଳେ ମନେରଖ, ତମେ ଅନ୍ୟମାନଙ୍କ ପରି ପ୍ରଥମତଃ ଜଣେ ଶିଷ୍ୟ । ତମେ ଅନ୍ୟ କାହାଠାରୁ ଉଚ୍ଚ ନୁହଁ କି କେହି ମଧ୍ୟ ତମ ଠାରୁ ନୀଚ ନୁହନ୍ତି । ତମେ ସମସ୍ତେ ସମାନ-ସମସ୍ତେ ଶିଷ୍ୟ- ସମସ୍ତେ ଭାଇଭଉଣୀ ।

ପୁଣିଥରେ ତମମାନଙ୍କୁ ସତର୍କ କରି ଜଣାଉଛି - ପ୍ରତ୍ୟେକେ ଯୋଡ଼ହସ୍ତରେ 'ଗୁରୁସ୍ୱାମୀ' ଜଣାଅ । ସେତିକି ଯଥେଷ୍ଟ । ପ୍ରତ୍ୟକ୍ଷ ଗୁରୁଙ୍କ ବ୍ୟତୀତ ଅନ୍ୟ କାହାରିକୁ ସାଷ୍ଟାଙ୍ଗ ପ୍ରଣାମ ଜଣାଅ ନାହିଁ । ତମେ ଯାହାକୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇବ ସେ ତମର ସକଳ ଦୁଃଖ, ଶୋକ, ରୋଗ, ଯନ୍ତ୍ରଣା, ଆଦି ହରଣ କରିବାକୁ ଯୋଗ୍ୟ ତ ? ଥରେ ଭାବି ଦେଖ । ତେଣିକି ତମର ଯାହା ଇଚ୍ଛା ତାହା କର, ଆମ ପାଖକୁ ଆସିବା କି ଦରକାର ?? ମନେରଖ, ବାରମ୍ବାର ଭୁଲକରି ଆଧ୍ୟାତ୍ମିକ ପଥଭ୍ରଷ୍ଟ ହୁଅନାହିଁ ॥

# ସଂଘ ସଂବାଦ

ଅତୀବ ଆନନ୍ଦର ବିଷୟ ଯେ ସଂପାଦନାର ପ୍ରସ୍ତାବ ଏବଂ ପରମ କାରୁଣିକ ଠାକୁରଙ୍କର ନିଷ୍ପତ୍ତି ଭିତ୍ତିରେ ବହୁ ଜିଜ୍ଞାସୁ ଭକ୍ତ ଅନୁଗତଙ୍କର ଅନୁସନ୍ଧିତ୍ସାର ଅବସାନ ଘଟାଇ 'ଚରମ'ର ଏହି ଚଳିତ ସଂଖ୍ୟା (ଚତୁର୍ଥ ପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ ସଂଖ୍ୟା)କୁ 'ସଂଘ ସମ୍ବାଦ' ସ୍ତମ୍ଭଟି ସଂଯୋଜିତ ହୋଇ ଆମ ସଂଘର କେତେକ ଐତିହାସିକ ତଥ୍ୟ ସହିତ ଶାଖା ପରିଚିତି ପ୍ରକାଶ କରାଯାଉଛି । ଆଶାକରୁଁ ଏହି ନିୟମିତ ସ୍ତମ୍ଭଟି ଗ୍ରାହକ/ପାଠକମାନଙ୍କର ସୁଖପାଠ୍ୟ ହେବ ।।

## ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର

ବିଗତ ତା ୭।୪।୯୧ରିଖ ସଂଧ୍ୟା ଘ୭ଟିକା ସମୟରେ ଚରମପୁରୁଷ ପରମବ୍ରହ୍ମ ଠାକୁରଙ୍କର ସଦୟ ଉପସ୍ଥିତିରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ବହୁ ଗୁରୁଭାଇଭଉଣୀଙ୍କର ଏକ ସମାବେଶ ହୋଇଥିଲା । ଏହି ବୈଠକରେ କ୍ଷେତ୍ରରେ ଏକ ସଂଘ ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରି ବହୁ ଭାଇଭଉଣୀ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରମକାରୁଣିକ ଠାକୁର ଉପସ୍ଥିତ ଓ ସମବେତ ଭକ୍ତବୃନ୍ଦଙ୍କର ଇଚ୍ଛାପୂରଣ କରି ସଂଘ ଗଠନ ଓ ସଂଘୀୟ ଜୀବନ ନିମନ୍ତେ ଦଶମୋଦକ ଘୋଷଣା କରିଥିଲେ । ଏହାହିଁ ଥିଲା ସଂଘ ଗଠନର ପ୍ରାରମ୍ଭିକ ବୈଠକ ।

ତା ୧୬।୪।୯୧ରିଖ, ପବିତ୍ର ଅକ୍ଷୟ ତୃତୀୟା ତିଥି, ସମୟ ରାତ୍ର ଘ୭.୪୫ ମି:ରେ ସ୍ୱର୍ଣ୍ଣକ୍ଷେତ୍ରର ପୂର୍ବଦିଗସ୍ଥ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଭକ୍ତବତ୍ସଳ ଭାବଗ୍ରାହୀ କରୁଣାସାଗର ଠାକୁରଙ୍କର ଦିବ୍ୟ ଉପସ୍ଥିତିରେ ଏବଂ ସମବେତ ବହୁ ଅଧ୍ୟାତ୍ମବାଦୀ ସଂଘପ୍ରେମୀ ଗୁରୁଭାଇଭଉଣୀଙ୍କର ଉପସ୍ଥିତିରେ ସଂଘ ଗଠନ କରାଯାଇ ଘୋଷଣା କରାଯାଇଥିଲା । ଧର୍ମଧ୍ୱଜା 'ସନାତନୀ କେତନ'ର ପୂଜା ସମାର୍ଜନା ପରେ ଠାକୁରଙ୍କର ନିର୍ଦ୍ଦେଶକ୍ରମେ 'କେତନବାହୀ' ବୋଲି ଘୋଷିତ ଗୋପାଳ ଭାଇ ସନାତନୀ କେତନ ବିଧିବଦ୍ଧ ଭାବରେ ଉତ୍ତୋଳନ କରିଥିଲେ । ଶଙ୍ଖଧ୍ୱନି, ହୁଳହୁଳି ନାଦ ସହିତ 'ହରିବୋଲ' ଶବ୍ଦରେ ଗଗନପବନ ମୁଖରିତ ହେଲା ।

''ଗୋପାଳ ବୋଲିଣ ଚେତା ଭକତ ।
ମୋ ନାମ ଭଜେସେ ଅନୁବରତ ।।''

ଆସବାୟ ମନ୍ତ୍ର ପ୍ରଦାନ କଲେ ଜୀବନଦେବତା ଠାକୁର । ଆଚାର୍ଯ୍ୟ ଯତୀଶ ଦା'' ଆସବାୟ ମନ୍ତ୍ର ପାଠ କରାଇଥିଲେ । ସମବେତ ସକଳଦିବ୍ୟାତ୍ମା ଭାଇଭଉଣୀମାନେ ପୁଷ୍ପାଞ୍ଜଳି ପ୍ରଦାନ କରି ସାଷ୍ଟାଙ୍ଗ ପ୍ରଣାମ ନିବେଦନ କଲେ ।

ଏହି ସ୍ମରଣୀୟ ଦିବସ ଆମ ସଂଘର ବାର୍ଷିକ ଉତ୍ସବ ଦିବସ ଓ ସନାତନୀ କେତନର ଜନ୍ମ ଦିବସ ରୂପେ ଏ ଯାବତ୍ ପ୍ରତିବର୍ଷ ଏକ ସାମ୍ବତ୍ସରିକ ଉତ୍ସବ ଦିବସ ଭାବରେ ସ୍ୱର୍ଣ୍ଣକ୍ଷେତ୍ରରେ ତଥା କ୍ଷିତିଜ୍ୟୋତି ଆଶ୍ରମର ବିଭିନ୍ନ ଶାଖା, ପ୍ରସ୍ତାବିତ ଶାଖା ଓ ଅଣ ଆନୁଷ୍ଠାନିକ ଶାଖା ମାନଙ୍କରେ ପାଳିତ ହୋଇଆସୁଛି ।

''ମୁହୂର୍ତ୍ତ ମହୁରା ଗ୍ରାମରେ ମୁଁ ଥିବି
କେହି ନପାରିବେ ଜାଣି ।
କେବଳ ଗୋପାଳ ବାଳକ ଜାଣିବେ
ବାର ସମ୍ବତ୍ସର ଗଣି ।''

୧୯୯୧ ମସିହାର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା (ତା ୨୩।୯।୯୧ରିଖ)ତିଥିରେ ବାବାଜୀ ଭାଇଙ୍କର କଟିକଟାସ୍ଥିତ ଭଗବତୀ ଟେକ୍ସଟାଇଲ ମିଲ୍ ପରିସରରେ ଠାକୁରଙ୍କର ପବିତ୍ର ଆବିର୍ଭାବ ତିଥି ଉତ୍ସବ ସମାରୋହରେ ପାଳିତ ହୋଇଥିଲା । ପ୍ରଭୁ ନିଜେ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ପ୍ରଥମଥର କରି ଏହି ଦିନ ସନ୍ଦେଶପତ୍ର ଦିଆଯାଇଥିଲା । ଅବଶ୍ୟ ଏହା ପରେ ତା ୧୨।୧୨।୯୧ ଓ ୧୩।୧୨।୯୧ ଦୁଇଦିନ ଧରି ଚାୟାଁପାଳ ଧନୁଭାଇଙ୍କ ବାସଗୃହରେ ଅନୁଷ୍ଠିତ ବୈଠକରେ ଠାକୁରେ ଅନ୍ୟୁନ ୧୦୦ଜଣ ଭାଇଭଉଣୀଙ୍କର ଜୀନ୍ ନିର୍ବାଚନ କରିସାରିଥିଲେ ଓ ତଦନୁସାରେ ପୂର୍ବରୁ ମନ୍ତ୍ର, ଆସନ, ମୁଦ୍ରା ଇତ୍ୟାଦି ନିର୍ଣ୍ଣୟ କରି ଦେଇଥିଲେ ।।

ବହୁଦିନ ପର୍ଯ୍ୟନ୍ତ ସତ୍‌ସଙ୍ଗରେ ଶ୍ରୀଗୁରୁପୂଜା, ଆସବାୟ ମନ୍ତ୍ରପୂଜା, ପତାକା ସମାର୍ଜନ, କେତନୀ ପୂଜା, ସମବେତ ଆସବାୟ ମନ୍ତ୍ରପାଠ, ବିଷ୍ଣୁ ସହସ୍ରନାମ ପାଠ, ଗୀତାର କର୍ମଯୋଗ ପଠନ, ମାଳିକା ଏବଂ ଦଶମୋଦକ ନୀତି ବିଷୟରେ ଆଲୋଚନା ଓ ମହାମନ୍ତ୍ର ସଂକୀର୍ତ୍ତନ କରାଯାଉଥିଲା । ପରେ ତା ୧୨।୧୨।୯୧ରିଖ ଠାରୁ ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନାଦି ସଂଯୋଜିତ ହେଲା । ତା ୨୫।୧।୯୪ରିଖ ଠାରୁ ଅଷ୍ଟକ ଆବୃତ୍ତି ମଧ୍ୟ ସଂଯୋଜିତ ହୋଇ ବିଧିବଦ୍ଧ ଭାବରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ଆସୁଅଛି ।

## ଶାଖା ପରିଚିତି :-

ସଂପାଦନାର ପ୍ରସ୍ତାବ କ୍ରମେ ପରମଦୟାଳୁ ଭକ୍ତବତ୍ସଳ ଠାକୁରଙ୍କର ଶୁଭ ନିଷ୍ପତ୍ତି ଭିତ୍ତିରେ ଅନୁସନ୍ଧିତ୍ସୁ ଅଗଣିତ ଭାଇଭଉଣୀ ମାନଙ୍କର ଜିଜ୍ଞାସାର ଚରିତାର୍ଥ ନିମନ୍ତେ 'ଚରମ'ର ଏହି ସଂଖ୍ୟା (ଚତୁର୍ଥପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ ସଂଖ୍ୟା) ରୁ ''ସଂଘ ସମ୍ବାଦ'' ସ୍ତମ୍ଭରେ ''ଶାଖାପରିଚିତି'' ବିଭାଗଟି ସଂଯୋଜିତ ହୋଇ କ୍ଷିତିଜ୍ୟୋତି ଆଶ୍ରମର ବିଭିନ୍ନ ଶାଖା ସଂପର୍କରେ ତଥ୍ୟ ଓ ତତ୍ତ୍ୱଇତ୍ୟାଦି ପ୍ରକାଶ କରାଯିବାର ପ୍ରୟାସ ହେଉଛି । ଆଶାକରୁଁ ଗ୍ରାହକ/ପାଠକ ଭାଇଭଉଣୀମାନେ ଆମର ବିଭିନ୍ନ ଶାଖା ସମ୍ପର୍କରେ ଏହି ନିୟମିତ ବିଭାଗରୁ ବହୁ ଜ୍ଞାତବ୍ୟ ବିଷୟ ଅବଗତ ହେବା ସଙ୍ଗେ ସଙ୍ଗେ ଆମର ଅତୀତ ଇତିହାସ ପାଠ କରି ଆମୋଦ ଲାଭ କରିପାରିବେ ।।

## କେତକୀ ଶାଖା ନଂ : ୧(ଏକ) ବେଲରପା ।।

ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମର ଅଚ୍ୟୁତଗୁପ୍ତବ୍ରହ୍ମ ସଂଘ ଆନୁକୂଲ୍ୟରେ ଅଷ୍ଟମ ସତ୍‌ସଙ୍ଗ ଅଧିବେଶନ କଟକ (ତତ୍କାଳୀନ) ଜିଲ୍ଲାର ବେଲରପା ଗ୍ରାମରେ ଗୁରୁଭାଇ କୁଳମଣି ବେହେରାଙ୍କ କଳଘର ପରିସରରେ ତା ୧୩।୩।୯୨ରିଖ ଠାରୁ ତା ୧୫।୩।୯୨ ରିଖ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ଯଥାବିଧି ଅନୁଷ୍ଠିତ ହୋଇଥିଲା । ବେଲରପାର ଭାଇଭଉଣୀ ମାନଙ୍କର ଅକୁଣ୍ଠିତ ସାହାଯ୍ୟ ସହଯୋଗରେ ଏହି ଗ୍ରାମରେ ଏହାହିଁ ଥିଲା ପ୍ରଥମ ସତ୍‌ସଙ୍ଗ ଅଧିବେଶନ । ଫାଲ୍ଗୁନ ଶୁକ୍ଳା (ଫଗୁ) ଦଶମୀ ଠାରୁ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା ବୋଲି ସେହି ବର୍ଷଠାରୁ ଏଯାବତ୍ ପ୍ରତିବର୍ଷ ଫଗୁଦଶମୀ ତିଥିରେ ବେଲରପା ଶାଖାର ବାର୍ଷିକ କେତନୀ ଉତ୍ସବ ଯଥାବିଧି ମହାସମାରୋହରେ ସ୍ମାରକୀ ସାମ୍ବତ୍ସରିକ ଉତ୍ସବ ରୂପେ ପାଳିତ ହୋଇ ଆସୁଅଛି ।

ଠାକୁରଙ୍କର ସ୍ୱହସ୍ତଲିଖିତ ଓ ସ୍ୱାକ୍ଷରିତ ଶାଖା ଘୋଷଣାପତ୍ର ବେଲରପା ଶାଖାର ପରିଚାଳକ ଶ୍ରଦ୍ଧେୟ କୁଳମଣି (ବେହେରା) ଭାଇଙ୍କଠାରୁ ଶାଖା ଗୃହରେ କାଚ ବନ୍ଧାଇ ହୋଇ କାନ୍ଥରେ ଟଙ୍ଗା ହୋଇଥିବା ଅବସ୍ଥାରେ ସଂଗୃହୀତ ହୋଇ ନିମ୍ନରେ ପ୍ରଦତ୍ତ ହେଲା --

୧୯୯୨ ମସିହା ଫାଲଗୁନ ଶୁକ୍ଳ ପାପନାଶିନୀ ଏକାଦଶୀ ତା ୧୫।୩।୯୨ରିଖ ରବିବାର ଦିବା ଘ୧୨ଣ୍ଟା ସମୟରେ ଅଷ୍ଟମ ସତ୍‌ସଙ୍ଗ ଅଧିବେଶନ । ସ୍ଥାନ - ବେଲରପା, ଅନ୍ତିମ ପର୍ଯ୍ୟାୟରେ କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା ତରଫରୁ ଅତ୍ୟୁତଗୁପ୍ତ ବ୍ରହ୍ମସଂଘର ଏକନଂ : ଶାଖା ଉକ୍ତ ଦିବସଠାରୁ ଘୋଷଣା କରାଗଲା । ତାହା ''କ୍ଷିତିଜ୍ୟୋତି ଆଶ୍ରମ'' ନାମରେ ନାମିତ କରାଗଲା ॥

ସ୍ଥାନର ବିଶେଷତ୍ୱ -- ଉକ୍ତ ସ୍ଥାନରେ ଦ୍ୱାପର ଯୁଗର ବିଲ୍ୱ ନାମକ ଋଷିଙ୍କର ଆଶ୍ରୟ ଥିବାରୁ, ସେହି ଋଷିଙ୍କର ନାମାନୁସାରେ ଉକ୍ତମୌଜାର ନାମ ବେଲରପା (ବିଲ୍ୱରୂପା) ନାମରେ ନାମିତ ॥

ସ୍ୱା : ଠାକୁର ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର ।

ତା ୧୫।୩।୯୨ ରିଖ ॥

ଶାଖା ଘୋଷଣାସମୟକୁ ପ୍ରାୟ ୩୦ଟି ପରିବାରର ୫୦ଜଣ ଭାଇଭଉଣୀ ଧର୍ମଧାରା ନେଇ ଶାଖାର ଅନ୍ତର୍ଭୁକ୍ତ ହୋଇଥିଲେ । ଅବିଭକ୍ତ କଟକ ଜିଲ୍ଲାର ଏକ ପଲ୍ଲୀ ଗ୍ରାମ ବେଲରପା । ଏବେ ଏହା କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ତର୍ଗତ । କଟକ ଜିଲ୍ଲାର ଗୋବିନ୍ଦପୁର ସହିତ (ଯଦିଓ ଗୋବିନ୍ଦପୁରରେ ମଧ୍ୟ ଏକ ଶାଖା ପରେ ଉନ୍ମୋଚିତ ହୋଇଅଛି ।) କେନ୍ଦ୍ରାପଡ଼ା ଜିଲ୍ଲାର ବେଲରପା, ନରସିଂହପୁର, ପୁରୁଷୋତ୍ତମପୁର, ପଟଣା, କୁରୁଜଙ୍ଗା, ଇଟାମୁଣ୍ଡୁଳି, ଏଣ୍ଡର ଓ ମୁଣ୍ଡିଲୋ ମୌଜାର ଭାଇଭଉଣୀମାନେ ବେଲରପା ଶାଖାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ପ୍ରାୟ ୮୦ଟି ପରିବାରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଗୁରୁଭାଇ ଭଉଣୀ ବେଲରପା ଶାଖାର ଅନ୍ତର୍ଭୁକ୍ତ ।

ଏହି ଶାଖାର ସତ୍‌ସଙ୍ଗ ବୈଠକ ପ୍ରତି ରବିବାରରେ ଅନୁଷ୍ଠିତ ହେଉଅଛି ।

ଶାଖା ଘୋଷଣା ଦିବସଠାରୁ ଏଯାବତ୍ ଶାଖା ପରିଚାଳକ - ଶ୍ରୀ କୁଳମଣି ବେହେରା (ସଂ.ପ.ନଂ-୩)

ଏବଂ ଶାଖା ପୂଜକ - ଶ୍ରୀ ଚିତ୍ତରଂଜନ ତିୱାରୀ (ସଂ.ପ.ନଂ-୧୪୩)

ଏହି ଶାଖାର ଉନ୍ମୋଚନ ୧୯୯୨, ପରବର୍ତ୍ତୀ ବର୍ଷଠାରୁ ଫଗୁଦଶମୀ ତିଥିରେ ବାର୍ଷିକ ଉତ୍ସବ ପାଳିତ ହୋଇ ଆସୁଛି, ଯଥା-୧୯୯୩-ପ୍ରଥମ ବାର୍ଷିକୋତ୍ସବ, ୧୯୯୪-ଦ୍ୱିତୀୟ ବାର୍ଷିକୋତ୍ସବ, ୧୯୯୫-ତୃତୀୟ ବାର୍ଷିକୋତ୍ସବ ଏବଂ ୧୯୯୬-ଚତୁର୍ଥ ବାର୍ଷିକୋତ୍ସବ । ଏହା ବ୍ୟତୀତ ଯଥାରୀତି ଅକ୍ଷୟ ତୃତୀୟା ତିଥିରେ ସଂଘ ଓ କେତନର ଜନ୍ମ ବାର୍ଷିକୋତ୍ସବ, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ପ୍ରଭୁଙ୍କର ଆବିର୍ଭାବ ତିଥିଉତ୍ସବ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇ ଆସୁଅଛି ।

ଏଠାରେ ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ, ଭକ୍ତବତ୍ସଳ ମହାପ୍ରଭୁ ଗୁରୁସ୍ୱାମୀ ପରମପ୍ରେମମୟ ଠାକୁରଙ୍କର ଶୁଭାଶୀର୍ବାଦ ଲାଭକରି ବେଲରପା ଶାଖାରେ ପ୍ରତିବର୍ଷ ନବଦିନ ବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହୁଏ । ତନ୍ମଧ୍ୟରୁ ସାତଦିନ ଜଗନ୍ନାଥ ଦାସଙ୍କର ''ଶ୍ରୀମଦ୍ ଭାଗବତ'' ଏବଂ ଗୋଟିଏ ଦିନ କେଶବଦାସ ବିରଚିତ ''କେଶବତତ୍ତ୍ୱ ଭାଗବତ'' ପାଠ ହୁଏ ।

ଶାଖାରେ ପୂଜାର୍ଚ୍ଚନା (ଦୈନିକ ସଂଜେ ସକାଳେ)ରେ ଶୃଙ୍ଖଳା ରକ୍ଷା ପାଇଁ ଏବେ ଏହି ଶାଖାରେ ସପ୍ତାହର ପ୍ରତି ବାର (ଦିନ)କୁ ଜଣେ ଗୁରୁଭାଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଶାଖା ପରିଚାଳକ କୁଳଭାଇ ପ୍ରକାଶ କଲେ ଓ ତାଲିକାଟିଏ ଦେଖାଇଲେ । ତାହା ନିମ୍ନରେ ଦିଆଗଲା --

ସୋମବାର - ରବୀନ୍ଦ୍ର କୁମାର ରଣା

ମଙ୍ଗଳବାର - ପୀତାମ୍ବର ବେହେରା

ବୁଧବାର - ଚିତ୍ତରଂଜନ ତିଓ୍ୱାରୀ

ଗୁରୁବାର - ଅଜୟ କୁମାର ଜେନା

ଶୁକ୍ରବାର - ବାଇଧର ସ୍ୱାଇଁ

ଶନିବାର - ସଂଜୟ କୁମାର ଖଟୁଆ

ଏବଂ ରବିବାର - ଅଭିରାମ ସ୍ୱାଇଁ ।

ମାହାଙ୍ଗାର ସ୍ୱର୍ଣ୍ଣକ୍ଷେତ୍ରର ପୂର୍ବଦିଗରେ ପ୍ରାୟ ବାର କି.ମିଟର ଦୂରରେ ଏହି ଶାଖାର ଅବସ୍ଥିତି । ବେଲରପା ଶାଖାର ପୂର୍ବଦିଗରେ ସ୍ୱପ୍ନେଶ୍ୱର ମହାଦେବ ଏବଂ ଅନନ୍ତଗୋପାଳଙ୍କ ଆସ୍ଥାନ, ପଶ୍ଚିମରେ ଭଦେଶ୍ୱର ମହାଦେବ ଏବଂ ସ୍ୱର୍ଣ୍ଣକ୍ଷେତ୍ର, ଉତ୍ତରରେ ଓଳକଣା (ହରିହର ମେଳଣ) ପଡ଼ିଆ, ବିଦୁରଗାଦି ଓ ପଞ୍ଚୁପାଣ୍ଡବ ଏବଂ ଦକ୍ଷିଣରେ ଅସୁରେଶ୍ୱର ରଘୁନାଥ ଜୀଉଙ୍କର ପୀଠସ୍ଥଳ ।

ବେଲରପା ଶାଖା ସମ୍ବନ୍ଧରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ କୃତ ''ଯାଇଫୁଲ ମାଳିକା''ର ସପ୍ତମ ଖଣ୍ଡରେ ସ୍ପଷ୍ଟ ଉଲ୍ଲେଖ ଅଛି --

''ସତ୍ୟ ରହିଲା ବାକି,
ତ୍ରେତୟାରେ ରାମ ରହିଲେ ସାକ୍ଷୀ,
ଯାଇଫୁଲ ଲୋ ॥
ପାପ ଭାରା ରାଶି ରାଶି,
କଳିରେ ପାପାତ୍ମା ଝପଟି ଆସି,
ଯାଇଫୁଲ ଲୋ ॥
ସତ୍ୟଯୁଗେ ଅମ୍ବୁ ଋଷି,
ତପ ଆଚରିଲେ ଏଠାରେ ବସି,
ଯାଇଫୁଲ ଲୋ ॥
ତ୍ରେତାରେ ନମ୍ଭୁଦି ଋଷି
ତପ ସାଧିଥିଲେ ମହା ତପସ୍ୱୀ,
ଯାଇଫୁଲ ଲୋ ॥

ଦ୍ୱାପରରେ ବିଲ୍ୱ ଋଷି
ତପ ଅନ୍ତେ ବର ମାଗିଲେ ବସି,
ଯାଇଫୁଲ ଲୋ ॥
କଳିରେ କେଶବ ହେବ,
ବିଲ୍ୱ ନାମେ ବିଲ୍ୱରୂପା ହୋଇବ;
ଯାଇଫୁଲ ଲୋ ॥
କେତନ ଯେ ସନାତନ,
କେଶବ ନାମେ ହେବ ଉତ୍ତୋଳନ,
ଯାଇଫୁଲ ଲୋ ॥
ବିଂଶ ଭଣେ ସଂଖ୍ୟାଥିବ,
ତିନିତ୍ରିଂଶେ ପୁଣି ବେନି ମିଶିବ,
ଯାଇଫୁଲ ଲୋ ॥
କେଶବ ଠାବ କରିବ,
ଫଗୁ ଦଶମୀରେ ବାନା ଉଡ଼ିବ,
ଯାଇଫୁଲ ଲୋ ॥
ଭଣ୍ଡଏ ଚାହି କରିବେ,
କେଶବ ଯେ ଲୀଳା ଖେଳା କରିବେ,
ଯାଇଫୁଲ ଲୋ ॥
ବିଲ୍ୱଋଷି ବର ଲଭି,
ସମାଧିରେ ସ୍ଥିତି ଏ ସ୍ଥାନ ଭବି;
ଯାଇଫୁଲ ଲୋ ॥
ଏ ସ୍ଥାନ ମହିମା ବଡ଼,
ଏ ଭୂମି ଅଟଇ ଧରମ ଗଡ଼;
ଯାଇଫୁଲ ଲୋ ॥

ଯୁଗଯୁଗାନ୍ତର ଧରି ଏହି ମାଟି ବହୁ ମହାତପା ତପସ୍ୱୀମାନଙ୍କର ତପୋଭୂମି ହୋଇଆସିଛି । ସତ୍ୟଯୁଗରେ ତପସ୍ୱୀ ଅମ୍ବୁଋଷି ଏହି ସ୍ଥାନରେ ତପଃ ଆଚରଣ କରି ସିଦ୍ଧିଲାଭ କରିଥିବାର ତଥ୍ୟ ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତଙ୍କ ରଚନାରୁ ଜାଣିବାକୁ ମିଳେ । ଆହୁରି ମଧ୍ୟ ଜଣାଯାଏ ଯେ ତ୍ରେତୟାରେ ନନ୍ଦି ଋଷି ଏଠାରେ ତପଶ୍ଚରଣ କରି ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ଦର୍ଶନ ଲାଭ କରିଥିଲେ । ସେହିପରି ଦ୍ୱାପର ସଂସ୍କୃତିରେ ମହାତପୀ ତପସ୍ୱୀ ବିଲ୍ୱଋଷି ଏହି ସ୍ଥାନରେ ତପସ୍ୟା କରି ସମାଧି ଅବସ୍ଥା ପ୍ରାପ୍ତ ହେଲେ । ବିଲ୍ୱଋଷିଙ୍କର ନାମାନୁସାରେ ଏହି ମୌଜାର ନାମ ହେଲା ବିଲ୍ୱରୂପା । ସେଦିନର ବିଲ୍ୱରୂପା ଆଜି ବେଲରପା ନାମରେ ଖ୍ୟାତ । ବିଲ୍ୱଋଷି ସମାଧି ଅବସ୍ଥାରେ ଭଗବାନ କୃଷ୍ଣଙ୍କର ଦର୍ଶନଲାଭ କରି ବର ମାଗିଲେ - 'ପ୍ରଭୋ ! ଯଦି ଆପଣ ମୋ ତପଶ୍ଚର୍ଯ୍ୟାରେ ସନ୍ତୁଷ୍ଟ, ତେବେ ମୋତେ ଏହି ବର ଦିଅନ୍ତୁ - ଆଜି ଭଳି ଫଗୁ ଦଶମୀ ତିଥିରେ ଏଠାରେ ପ୍ରଭୁଙ୍କର ପାଦ ପଡ଼ିବ । ଧର୍ମଧ୍ୱଜା ଉଡ଼ିବ । ଆତ୍ମା ପରମାତ୍ମାର ମହାମିଳନ ଘଟିବ ।' ଭଗବାନ ଶ୍ରୀକୃଷ୍ଣ ପ୍ରୀତ ହୋଇ 'ତଥାସ୍ତୁ' କହିଥିଲେ; ମାତ୍ର ଗୋଟିଏ  ସର୍ତ୍ତରେ ଯେ କଳିଯୁଗର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । କେଶବ ରୂପରେ ସେ ଏହି ମାଗୁଣି ଅବଶ୍ୟ ପୂର୍ଣ୍ଣ କରିବେ ।

ନିର୍ବିକଳ୍ପ ସମାଧି ଅବସ୍ଥାରେ ଥାଇ ପରାତ୍ପର ପ୍ରଭୁ ନିରାକାରଙ୍କ ସହିତ ସଂଯୋଗ ରକ୍ଷା କରି ସିଦ୍ଧ ମହାପୁରୁଷ ଅଚ୍ୟୁତ ଏହି ତଥ୍ୟ ତତ୍ତ୍ୱ ପ୍ରାପ୍ତ ହୋଇ ଯାଇଫୁଲ ମାଳିକାରେ ଏହା ସ୍ପଷ୍ଟ ଲେଖି ଯାଇଛନ୍ତି ।

ଭକ୍ତବତ୍ସଳ ପ୍ରଭୁ ଶ୍ରୀକେଶବଚନ୍ଦ୍ର ତାଙ୍କର ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ଶେଷ କଳିର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ୍ ତା ୧୫।୩।୯୨ରିଖରେ ବେଲରପା ଠାରେ କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ଶାଖା ଘୋଷଣା କରିବା ସହିତ ତା ୧୩।୩।୯୨ରିଖ ଫଗୁ ଦଶମୀରେ ବିଲ୍ୱ ଋଷିଙ୍କର ଇଚ୍ଛା ପ୍ରତି ସମ୍ମାନ ପ୍ରଦର୍ଶନ କରି ସନାତନୀ ଧର୍ମଧ୍ୱଜା ଉତ୍ତୋଳନ କରାଇ ଅଛନ୍ତି ।

ଫଗୁଦଶମୀ ତିଥିର ବିଶେଷତ୍ୱ ରହିଛି । ଏହି ବିଶେଷତ୍ୱ ଦ୍ୱାରା ସଂସ୍କୃତିରୁ ଏଯାବତ୍ ରହି ଆସିଛି । ଏହିଦିନ ପ୍ରକୃତି ସ୍ୱରୂପିଣୀ ରାଧା ଓ ପୁରୁଷ ସ୍ୱରୂପ କୃଷ୍ଣ ଏକାସନରେ ଉପବିଷ୍ଟ ହୁଅନ୍ତି, ଆତ୍ମା ପରମାତ୍ମା (ବା) ପ୍ରକୃତି ପୁରୁଷଙ୍କର ମହାମିଳନ ଘଟେ । ଭକ୍ତଗଣ ଭକ୍ତିଗଦ୍‌ଗଦ୍ ପ୍ରାଣରେ ଭାବବିହ୍ୱଳ ହୋଇ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ଉପରେ ଫଗୁ ବା ଅବିର ବିଞ୍ଚନ୍ତି । ତେଣୁ, ଏହି ସଂସ୍କୃତିର ସୁରକ୍ଷା ଓ ସ୍ମରଣ ନିମନ୍ତେ ଏହି ପବିତ୍ର ଫଗୁଦଶମୀ ତିଥିରେ ଜୀବ ଓ ପରମ, ଗୁରୁ ଏବଂ ଶିଷ୍ୟଗଣଙ୍କର ଏକତ୍ର ମିଳନ ହୁଏ । ଏହି ପୁଣ୍ୟ ଦିବସରେ ପ୍ରଭୁଙ୍କର ପାଦପଦ୍ମରେ ଓ ଶ୍ରୀ ଅଙ୍ଗରେ ଫଗୁ (ଅବିର) ଲେପନ କରି ଶିଷ୍ୟଗଣ ସେହି ପବିତ୍ର ପଦ୍ମପାଦ ପୀଠରେ ଏକତ୍ର ହୋଇ ବୀଜମନ୍ତ୍ର ଜପ ସହିତ ଧ୍ୟାନ ଓ ଯୋଗ ସାଧନ କରିବା ପୌରାଣିକ ତତ୍ତ୍ୱମତରେ ପ୍ରଶସ୍ତ ଅଟେ । ତପସ୍ୱୀ ବିଲ୍ୱଋଷି ଏହା ସମାଧି ଅବସ୍ଥାରେ ଅବଗତ ହୋଇ ଶ୍ରୀକୃଷ୍ଣଙ୍କୁ ବର ମାଗିଥିଲେ ଓ ଭଗବାନ କୃଷ୍ଣ ଆଜି ଶ୍ରୀ କେଶବଚନ୍ଦ୍ର ରୂପରେ ଏହାକୁ ବାସ୍ତବରେ ସାକାର କରି ଆମ୍ଭମାନଙ୍କର ଜନ୍ମ ଓ ଜୀବନକୁ ଧନ୍ୟ କରି ଅଛନ୍ତି ।

ଓଁ ପରମ ବ୍ରହ୍ମଣେ ନମଃ !!

# ଆଶ୍ରମ ସନ୍ଦେଶ

ତା ୧୩.୭.୯୬ରିଖ (ଶନିବାର) - କେନ୍ଦୁଝର ଜିଲ୍ଲାର ଭୋଗପଶି ଗ୍ରାମର ଗୁରୁଭ୍ରାତା ଯୁଧିଷ୍ଠିର ନାୟକଙ୍କ ଉଦ୍‌ଯୋଗରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

ତା ୧୬.୭.୯୬ରିଖ (ମଙ୍ଗଳବାର)- କେନ୍ଦୁଝର ଜିଲ୍ଲାର ଆଟୋପୁର ଗ୍ରାମର ଗୁରୁଭ୍ରାତା ଦୁଃଶାସନ ମଲ୍ଲିକଙ୍କ ଗୃହରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା ୧୭.୭.୯୬ରିଖ (ବୁଧବାର) - ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଅବାଡ଼୍‌ବାଗ ଶ୍ରୀଜଗନ୍ନାଥ ମନ୍ଦିରର ତିନି ବିଗ୍ରହଙ୍କର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ମହା ସମାରୋହରେ ହଜାରହଜାର ଗୁରୁ ଭାଇଭଉଣୀ ଏବଂ ଶ୍ରୀ ଜଗନ୍ନାଥପ୍ରେମୀ ଭକ୍ତ ବୃନ୍ଦଙ୍କର ସମାବେଶରେ ସର୍ବସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି ।

ତା ୨୨.୭.୯୬ରିଖ (ସୋମବାର)- ପ୍ରହରାଜପୁର ଶାଖାର ଗୁରୁଭାଇ ରମାକାନ୍ତ ବେହେରାଙ୍କ ନବଜାତ ଶିଶୁସନ୍ତାନର ମଙ୍ଗଳ କାମନାରେ ନିଶ୍ଚିନ୍ତ କୋଇଲି ବଜାରରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

ତା ୨୪.୭.୯୬ରିଖ (ବୁଧବାର) - ପର୍ଶୁରାମାଷ୍ଟମୀ-କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଦିବଂଗତ ସ୍ୱର୍ଗତ ଯତୀଶକୁମାର ସିହ୍ନା (ଯତୀଶ ଦା')ଙ୍କର ପବିତ୍ର ଶ୍ରାଦ୍ଧତିଥି ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଭାବଗମ୍ଭୀର ପରିବେଶରେ ପାଳନ କରାଯାଇ ଯତୀଶ୍‌ଦା'ଙ୍କର ଶୁଭସ୍ମୃତି ଚାରଣ ଯଥାବିଧି କରାଯାଇଛି ।

ତା ୨୫.୭.୯୬ରିଖ (ଗୁରୁବାର) - ସ୍ୱର୍ଣ୍ଣକ୍ଷେତ୍ରରେ ତିନି ଠାକୁରଙ୍କର ବାହୁଡ଼ାଯାତ୍ରା ସର୍ବ ସାଫଲ୍ୟରେ ପାଳିତ ହୋଇଅଛି ।

ତା ୪.୮.୯୬ରିଖ (ରବିବାର) - ରାଇସୁଙ୍ଗୁଡ଼ାର ଗୁରୁଭାଇ ସୋମନାଥ ସିଂହ ଏବଂ ଗୁରୁଭଉଣୀ ସ୍ୱର୍ଣ୍ଣଲତା ସିଂହଙ୍କର ଜ୍ୟେଷ୍ଠପୁତ୍ର ତଥା ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନର ମେଧାବୀଛାତ୍ର ଗୁରୁଭାଇ ସ୍ୱରୂପନନ୍ଦନ ସିଂହଙ୍କର ଦୁଃଖାନ୍ତକ ଦେହାନ୍ତ ସଂଘ, ଆଶ୍ରମ, ପରିଷଦ ତଥା ସ୍ଥାନୀୟ ଅଞ୍ଚଳରେ ଶୋକସାଗର ସୃଷ୍ଟି କରିଛି ।

ତା ୮.୮.୯୬ରିଖ (ଗୁରୁବାର) - ଇଟୁଆ ପ୍ରସ୍ତାବିତ ଶାଖାର ଗୁରୁଭାଇ ପୀତବାସ ମଲ୍ଲିକଙ୍କର ଦେହାନ୍ତ ହୋଇଛି ।

ତା ୧୪.୮.୯୬ରିଖ (ବୁଧବାର) - ଗୁରୁଭାଇ ସ୍ୱରୂପ ନନ୍ଦନ ସିଂହଙ୍କର ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସନ୍ତୋଷ ବିଧାନ ନିମନ୍ତେ ଯଥାବିଧି ତିଳତର୍ପଣ ଏବଂ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା ୨୪.୮.୯୬ରିଖ (ଶନିବାର) - କେନ୍ଦୁଝର ଜିଲ୍ଲାର ଗୁରୁଭାଇଙ୍କ ଉଦ୍‌ଯୋଗରେ ତାଙ୍କର ପାର୍କଲାଇନ୍‌ସ୍ଥିତ ବାସଭବନରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଅଛି ।

ତା ୨୮.୮.୯୬ରିଖ (ବୁଧବାର) - ରକ୍ଷାବନ୍ଧନ ପୂର୍ଣ୍ଣିମା-ପ୍ରତିକୂଳ ପାଗ ଓ ଲଗାଣ ବର୍ଷାସତ୍ତ୍ୱେ ଆଜି ସ୍ୱର୍ଣ୍ଣକ୍ଷେତ୍ରକୁ ବିଭିନ୍ନ ଅଞ୍ଚଳର ଗୁରୁଭାଇଭଉଣୀମାନେ ମସ୍ତକରେ ପୂର୍ଣ୍ଣକୁମ୍ଭ, ନାରିକେଳ ଆଦି ସହ ଶୋଭାଯାତ୍ରାରେ ମହାମନ୍ତ୍ର ସଂକୀର୍ତ୍ତନ ସହ ଆସି ମହାପ୍ରଭୁଙ୍କର ପାଦୁକା ଧୌତ କରିଥିଲେ, ପ୍ରଭୁଙ୍କର କଲ୍ୟାଣ କରୁଣା ଲାଭ କରିଥିଲେ ଏବଂ ପରସ୍ପରଙ୍କ ହାତରେ ରାକ୍ଷୀ ବାନ୍ଧି ଆନନ୍ଦ ଉତ୍ସବରେ ଦିନଟିକୁ ଅତିବାହିତ କରିଥିଲେ ।

ତା ୧୧.୯.୯୬ରିଖ (ବୁଧବାର) - କେନ୍ଦୁପାଟଣା ପ୍ରସ୍ତାବିତ ଶାଖାର ଗୁରୁଭାଇ ଗଗନ ସାମଲଙ୍କର ଦେହାନ୍ତ ।

ତା ୧୭.୯.୯୬ରିଖ (ମଙ୍ଗଳବାର)- କେନ୍ଦୁଝର ଜିଲ୍ଲାର ଗୋବିନ୍ଦପୁର ତଥା ମୋଚିବନ୍ଧ ଅଣଆନୁଷ୍ଠାନିକ ଶାଖାର ନୀଳମଣି ଶା' ଏବଂ ସୁଲୋଚନା ଶା'ଙ୍କର କନିଷ୍ଠପୁତ୍ର ଗୁରୁଭାଇ ବଦ୍ରିନାରାୟଣ ଶର୍ମାଙ୍କର ଦୁଃଖାନ୍ତକ ଦେହାନ୍ତ ଶୋକଲହରୀ ସୃଷ୍ଟି କରିଛି ।

ତା ୧୯.୯.୯୬ରିଖ (ଗୁରୁବାର) - କ୍ଷିତିଜ୍ୟୋତି ଆଶ୍ରମର ଏକ ନୟର ଶାଖାରେ ନବଦିନ ବ୍ୟାପୀ ଶ୍ରୀମଦ୍‌ଭାଗବତ ପାରାୟଣର ଶୁଭାଧିବାସ ପୂଜାର୍ଚ୍ଚନା ସହିତ ଭାଗବତ ପଠନ ଶ୍ରବଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ତା ୨୧.୯.୯୬ରିଖ (ଶନିବାର) - ଅଚ୍ୟୁତଗୁପ୍ତ ବ୍ରହ୍ମସଂଘର ନିର୍ଦ୍ଦେଶମତେ ଆଜିଠାରୁ ସାତଦିନବ୍ୟାପି ଶ୍ରୀମଦ୍ ଭାଗବତ ପାରାୟଣର ଶୁଭାଧିବାସ ପୂଜାର୍ଚ୍ଚନା ସହିତ ଭାଗବତ ପଠନ ଓ ଶ୍ରବଣ କାର୍ଯ୍ୟକ୍ରମ ପ୍ରତ୍ୟେକ ଘୋଷିତ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖାମାନଙ୍କରେ ଯଥାବିଧି ସର୍ବଶୁଭରେ ଆରମ୍ଭ ହୋଇଅଛି ।

ତା ୨୫.୯.୯୬ରିଖ (ବୁଧବାର) - (୧)ବରାହିପୁର ଶାଖାର ଗୁରୁଭଉଣୀ କବିତା ମଞ୍ଜରୀ ଦାଶଙ୍କର ଦେହାନ୍ତ ହୋଇଯାଇଛି । (୨) ମାହାଳ ଅଣଆନୁଷ୍ଠାନିକ ଶାଖାର ପ୍ରତିନିଧି ମଥୁରାନନ୍ଦ ନାୟକଙ୍କ ବାସଭବନ ପରିଦର୍ଶନରେ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କର ଗମନ । (୩) ମାହାଳ ଗ୍ରାମର ଗୁରୁଭ୍ରାତା ଶତ୍ରୁଘ୍ନ ସାମଲଙ୍କ ବାସଭବନକୁ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଗମନ । (୪) ଚାନ୍ଦୋଳଶାଖା ତଥା ଖରିଦାସାହି ଗ୍ରାମର ଗୁରୁଭାଇ ନେପାଳଚନ୍ଦ୍ର ଦାଶ (ନେପୁଦା')ଙ୍କ ବାସଭବନକୁ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କର ଗମନ ଓ ପରିଦର୍ଶନ । (୫) କଟିକଟା ଶାଖାକୁ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଗସ୍ତ, ପରିଦର୍ଶନ ଏବଂ ସାପ୍ତାହିକ ଭାଗବତ ପାଠ କାର୍ଯ୍ୟକ୍ରମ ଅନୁଧ୍ୟାନ କାର୍ଯ୍ୟକ୍ରମ ।

ତା ୨୬.୯.୯୬ରିଖ (ଗୁରୁବାର) - (୧) କଟିକଟା ଶାଖାର ରାଣୀପଡ଼ା ଗ୍ରାମର ଗୁରୁଭାଇ ଆର୍ତ୍ତତ୍ରାଣ ସିଂହଙ୍କ ବାସଭବନକୁ ଶ୍ରୀ ଗୁରୁସ୍ୱାମୀଙ୍କ ଗମନ ଓ ପରିଦର୍ଶନ । (୨) ସଠିଲୋର ଗୁରୁଭାଇ ନୟନ କୁମାର ମହାନ୍ତିଙ୍କ ବାସଭବନକୁ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଗମନ ଓ ପରିଦର୍ଶନ । (୩) ସଠିଲୋ ଶାଖାର ପରିଚାଳକ ତଥା ପୁରୁଷୋତ୍ତମପୁର ଗ୍ରାମ ଗୁରୁଭାଇ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବାସଭବନକୁ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କର ଗମନ ଓ ପରିଦର୍ଶନ । (୪) ଆଜି ରାତି ଘ.୧.୩୦ମି. ସମୟରେ ସଠିଲୋରୁ ପ୍ରତ୍ୟାବର୍ତ୍ତନ ସମୟରେ ନରସିଂହପୁର ଗ୍ରାମର ଗୁରୁଭାଇ ନକୁଳିଭାଇଙ୍କ ନେତୃତ୍ୱରେ ଶତାଧିକ ଗୁରୁଭାଇ ଭଉଣୀ ଏକତ୍ର ହୋଇ ଲୁଣାନଦୀର ବାଲୁକା ଶଯ୍ୟାରେ ଭକ୍ତିଭାବ ବିହ୍ୱଳ ହୋଇ ଶ୍ରୀ ଗୁରୁସ୍ୱାମୀଙ୍କର ପଦବନ୍ଦନା, ପୂଜାର୍ଚ୍ଚନା ଓ ବନ୍ଦାପନା କରିଥିଲେ । (୫) ରାତ୍ର ଘ.୨.୩୦ମି.

ସମୟରେ ବାଲିଆ ଅଣଆନୁଷ୍ଠାନିକ ଶାଖା ପରିଦର୍ଶନରେ ଶ୍ରୀଶ୍ରୀ ଗୁରୁସ୍ୱାମୀ ଯାଇଥିଲେ ଏବଂ ସପ୍ତାହବ୍ୟାପୀ ଭାଗବତ ପାଠ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ । (୬) ରାତ୍ର ଘ.୩.୩୦ମି. ରେ **ଶ୍ରୀଶ୍ରୀଗୁରୁସ୍ୱାମୀ ଆଶ୍ରମକୁ** ପ୍ରତ୍ୟାବର୍ତ୍ତନ କରିଥିଲେ ।

ତା୨୭.୯.୯୬ରିଖ (ଶୁକ୍ରବାର) - ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା (୧) ଆଜି ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା ଏବଂ ଅଣଆନୁଷ୍ଠାନିକ ଶାଖାରେ ଗୁରୁସ୍ୱାମୀ ଠାକୁରଙ୍କର ୪୨ତମ ଶୁଭ ଆବିର୍ଭାବ ତିଥି ଉତ୍ସବ ବ୍ରାହ୍ମ ମୁହୂର୍ତ୍ତରୁ ଯଥାବିଧି ଶୁଭଶଙ୍ଖଧ୍ୱନି, ମାଙ୍ଗଳିକ ଅନୁଷ୍ଠାନ, ବେଦଧ୍ୱନି, ହୋମଯଜ୍ଞାନୁଷ୍ଠାନ, ମହାମନ୍ତ୍ର ସଂକୀର୍ତ୍ତନ, ଭଜନଜଣାଣ କାର୍ଯ୍ୟକ୍ରମ, ଖିରିଖେଚୁଡ଼ି ବଣ୍ଟନ, ସତ୍ସଙ୍ଗ ଓ ପ୍ରବଚନ ଇତ୍ୟାଦି ସହ ମହାସମାରୋହରେ ମହୋତ୍ସବ ଭାବରେ ଆନନ୍ଦମୁଖର ପରିବେଶରେ ପାଳିତ ହୋଇଯାଇଛି । (୨) ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ନବନିର୍ମିତ କୋଠାଘରେ ଆଶ୍ରମ ଅନ୍ତେବାସୀ ଓ ବଗାର ଗ୍ରାମବାସୀଙ୍କ ତରଫରୁ ଭାବଗମ୍ଭୀର ପରିବେଶରେ ନିରାଡ଼ମ୍ବର ଭାବରେ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ପୂଜାର୍ଚ୍ଚନା, ପଦବନ୍ଦନା, ବନ୍ଦାପନା, ଭଜନ ଜଣାଣ ଓ ମହାମନ୍ତ୍ର ସଂକୀର୍ତ୍ତନ କାର୍ଯ୍ୟକ୍ରମ ଯଥାବିଧି ପାଳିତ ହୋଇଛି । ଏହି ଅବସରରେ ଗ୍ରାମବାସୀ ତଥା ଆଶ୍ରମ ଅନ୍ତେବାସୀମାନଙ୍କୁ ଠାକୁରଙ୍କ ତରଫରୁ ପୂଜକ ସତ୍ୟନାରାୟଣ ଶର୍ମା (ଶ୍ୟାମଭାଇ) ନୂତନବସ୍ତ୍ର ବଣ୍ଟନ କରିଅଛନ୍ତି । (୩) ଆଜି ନୂତନ କୋଠାଘରେ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କର ପ୍ରକୋଷ୍ଠରେ ଠାକୁମା' ସୁକାନ୍ତିଦେବୀ ଠାକୁରଙ୍କୁ ମିଷ୍ଟାନ୍ନ ସେବା କରାଇଥିଲେ ଏବଂ ଦିବସବ୍ୟାପୀ ଠାକୁମା'ଙ୍କ ସହ ଠାକୁରେ ସମୟ ଅତିବାହିତ କରିଥିଲେ । (୪) ଆଜି ସକାଳ ଘ୭ଟିକା ସୁଦ୍ଧା ସର୍ବତ୍ର ସାପ୍ତାହିକ ଭାଗବତ ପଠନ ଓ ଶ୍ରବଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି । (୫) ଠାକୁରଙ୍କର ୪୨ତମ ଶୁଭ ଆବିର୍ଭାବ ତିଥି ଉପଲକ୍ଷେ ପ୍ରତ୍ୟେକ ସନ୍ଦେଶ ପତ୍ରଧାରୀ ଗୃହସ୍ଥ ନିଜ ନିଜର ଗୃହ ପରିସରରେ ଶ୍ରୀ ପାଦୁକା/ଶ୍ରୀ ବିଗ୍ରହ ନିକଟରେ ପୂଜାର୍ଚ୍ଚନା, ଘୃତଦୀପ ପ୍ରଜ୍ୱଳନ ଏବଂ କ୍ଷିରୀଖେଚୁଡ଼ି ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । (୬) ଆଜି କଟିକଟା ଶାଖାରେ କେତନ ବାର୍ଷିକୋତ୍ସବ ଏବଂ ସତ୍ସଙ୍ଗ କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଛି । (୭) କେନ୍ଦୁଝର ଜିଲ୍ଲାର ମୋଟିବନ୍ଧ ଅଣଆନୁଷ୍ଠାନିକ ଶାଖାର ଗୁରୁଭାଇ ସ୍ୱର୍ଗତ ବଦ୍ରିନାରାୟଣ ଶର୍ମାଙ୍କର ଅମର ଆତ୍ମାର ଶାନ୍ତିବିଧାନ ନିମନ୍ତେ ଆଜି ଯଥାବିଧି ତିଳତର୍ପଣ ଓ ସତ୍ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । (୮) ବାରିପଦା ପ୍ରସ୍ତାବିତ ଶାଖାରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ନିର୍ଦ୍ଦେଶକ୍ରମେ ପବିତ୍ର ତାଳନବମୀ ତିଥି ତା ୨୧।୯।୯୬ରିଖ ଠାରୁ ତା ୨୭।୯।୯୬ ରିଖ ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ତିଥି ପର୍ଯ୍ୟନ୍ତ ଠାକୁର ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କର ଦ୍ୱାଚତ୍ୱାରିଂଶତ୍ (୪୨ତମ) ଶୁଭ ଆବିର୍ଭାବ ଉପଲକ୍ଷେ ସପ୍ତାହବ୍ୟାପୀ ଭାଗବତ ପାରାୟଣ, ହୋମଯଜ୍ଞାନୁଷ୍ଠାନ, ମହାମନ୍ତ୍ର ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଛି । ପୂର୍ଣ୍ଣିମା ତିଥିରେ ସକଳ ମାଙ୍ଗଳିକ ଅନୁଷ୍ଠାନ ସହିତ ୪୨ଥର ଶୁଭଶଙ୍ଖ ଧ୍ୱନି, ସାମବେଦ ଗାନ, ୪୨ ପ୍ରକାର ଫୁଲ ସମର୍ପଣ, ୪୨ଥର ଶଙ୍ଖଧ୍ୱନି ସହିତ, ୪୨ଥର ''ଦୀପଜ୍ୟୋତି ପରଂବ୍ରହ୍ମ'' ଆବୃତ୍ତି, ୪୨ଟି ଦୀପକୁ ଓଁ ଆକାରରେ ସୁସଜ୍ଜିତ କରି ପ୍ରଜ୍ୱଳନ, ସତ୍ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କେନ୍ଦ୍ରରୁ ଶ୍ରୀ ଚନ୍ଦ୍ରଶେଖର ରାଉତ ଏହି ସତ୍ସଙ୍ଗ ଅନୁଷ୍ଠାନରେ ତତ୍ତ୍ୱ ପ୍ରବଚନ ଦେଇ ଶତଶତ ଦିବ୍ୟାତ୍ମା ଓ ସଦାତ୍ମାଙ୍କୁ ଆପ୍ୟାୟିତ କରିଅଛନ୍ତି ।

ତା ୨୯.୯.୯୬ରିଖ (ରବିବାର) - ସ୍ୱର୍ଣ୍ଣକ୍ଷେତ୍ର ପରିସରସ୍ଥ ନବନିର୍ମିତ କୋଠାଘରର ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ପ୍ରକୋଷ୍ଠରେ ଠାକୁରେ ପୂର୍ବାହ୍ନ ଘ.୮.୨୫ମି.ରୁ ଘ.୧୦.୪୫ମି. ପର୍ଯ୍ୟନ୍ତ ସପ୍ତଲୋକର ପୂର୍ବାପର ଗୁରୁଙ୍କୁ ଦର୍ଶନ ଦେଇଦିଅଛନ୍ତି । ଘ.୧୦.୪୫ମି.ରୁ ଘ.୧.୨୫ମି. ପର୍ଯ୍ୟନ୍ତ ଯକ୍ଷ ଓ ବ୍ରହ୍ମଲୋକଙ୍କୁ ଦର୍ଶନ ଦେଇଛନ୍ତି । ଘ.୧.୨୫ରୁ ଘ.୨.୧୫ମି. ପର୍ଯ୍ୟନ୍ତ ପିତୃଲୋକର ନୃଦାଦୀୟ ଆତ୍ମାଙ୍କୁ ଦର୍ଶନ ଦେଇଅଛନ୍ତି ଏବଂ ଋଷିଗଣଙ୍କୁ ଆତ୍ମା ପରମାତ୍ମା ମିଳନ ରୂପ ଦର୍ଶନ ଦେଇଅଛନ୍ତି । (ଏଠାରେ ସକଳ ଗୁରୁଭାଇଭଉଣୀ ଓ ଆଶ୍ରମାଗତ ସଦାତ୍ମାମାନଙ୍କୁ ଆମର

ବିଶେଷ ଅନୁରୋଧ ଯେ, ଏଣିକି ବହୁ ସମୟରେ ଠାକୁରେ ଏତାଦୃଶ ସୂକ୍ଷ୍ମକାର୍ଯ୍ୟ ପାଇଁ ବ୍ୟସ୍ତ ରହୁଥିବାରୁ ପ୍ରଭୁଙ୍କ ଦର୍ଶନାଭିଳାଷୀ ମାନେ ଦର୍ଶନ ନିମନ୍ତେ ଅପେକ୍ଷା ନକରି ପ୍ରଣାମ ନିବେଦନ କରି ନୀରବରେ ଓ ସନ୍ତୋଷରେ ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ଏଥି ନିମନ୍ତେ ଅନ୍ୟମାନଙ୍କୁ ଅଯଥାରେ ଦୋଷାରୋପ କରନ୍ତୁ ନାହିଁ ।।)

ତା ୨.୧୦.୯୬ରିଖ (ବୁଧବାର) - କେନ୍ଦୁଝର ଜିଲ୍ଲାର ସିଲ୍‌ଦାଠାରେ ଯୁଧିଷ୍ଠିର ବେହେରାଙ୍କ ଉଦ୍‌ଯୋଗରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା ୪.୧୦.୯୬ରିଖ (ଶୁକ୍ରବାର) - ଦ୍ୟୁତିବାହନ ପୂଜା, ଶୁକ୍ରବାର-ଜଗଦ୍‌ପୁରଷ କେଶବ 'ଚରମ'ର ମର୍ତ୍ତ୍ୟାବତରଣ ଉଦ୍‌ଯୋଗ ପର୍ବର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଅଛି ।

ତା ୫.୧୦.୯୬ରିଖ (ଶନିବାର) - ବରାହୀପୁର ଶାଖାର ଗୁରୁଭଉଣୀ ସ୍ୱର୍ଗତା କବିତା ମଂଜରୀ ଦାଶଙ୍କର ଆତ୍ମାର ଶାନ୍ତିବିଧାନ ନିମନ୍ତେ ଯଥାବିଧି ତିଳତର୍ପଣ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ।

ତା ୧୯.୧୦.୯୬ରିଖ (ଶନିବାର)- ଓରଡିର ଗୁରୁଭାଇ ହରିହର ନନ୍ଦଙ୍କ ବାସଗୃହରେ ଜଗନ୍ମାତା ଦୁର୍ଗାଦେବୀଙ୍କର ପୂଜାଉତ୍ସବ ଉପଲକ୍ଷେ ଭଜନ ଜଣାଣ କାର୍ଯ୍ୟକ୍ରମ ସର୍ବଶୁଭରେ ଅନୁଷ୍ଠିତ ହୋଇଅଛି ।

ତା ୨୦.୧୦.୯୬ରିଖ (ରବିବାର)- ଓଡ଼ାସିଂହର ଗୁରୁଭାଇ କେଶବ ଭାଇ, ମାଧମ ଭାଇ ଓ ଯାଦବଭାଇଙ୍କ ବାସଗୃହକୁ ଗୁରୁସ୍ୱାମୀଙ୍କର ଦଶହରା ପରିଦର୍ଶନ ଏବଂ ଏହି ଉପଲକ୍ଷେ ରାତ୍ରରେ ଭଜନ ଜଣାଣ କାର୍ଯ୍ୟକ୍ରମ ହୋଇଯାଇଛି ।

ତା ୨୦.୧୦.୯୬ରିଖ ଏବଂ ତା ୨୧.୧୦.୯୬ରିଖ (ରବିବାର ଓ ସୋମବାର) - ହାଟପଡ଼ାର ଗୁରୁଭାଇ ନିରଞ୍ଜନଭାଇ, କ୍ଷୀରୋଦଭାଇ ଏବଂ ଧ୍ରୁବଭାଇଙ୍କ ବାସଭବନରେ ଗୀତାଯଜ୍ଞାନୁଷ୍ଠାନ ଯଥାବିଧି ଉଦ୍‌ଯାପିତ ହୋଇଅଛି ।

ତା ୯.୧୧.୯୬ରିଖ (ଶନିବାର) - ଆଜି ରାତ୍ର ପ୍ରାୟ ଘ.୧୦.୪୫ମି. ସମୟରେ ଗୁରୁସ୍ୱାମୀ ଦକ୍ଷିଣଭାରତ ପରିକ୍ରମାରେ ଆଶ୍ରମରୁ ଯାତ୍ରା ଆରମ୍ଭ କରିଛନ୍ତି ।

ବିଶେଷ ଦ୍ରଷ୍ଟବ୍ୟ : ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖା ପରିଚାଳକ ମାନଙ୍କୁ ଅନୁରୋଧ କରାଯାଉଅଛି କି, ସଂଘୀୟ ସକଳ କାର୍ଯ୍ୟାନୁଷ୍ଠାନର ସଂକ୍ଷିପ୍ତ ବିବରଣୀ ଲିଖିତ ଆକାରରେ ଶ୍ରୀ ଦାମୋଦର ପ୍ରଧାନ, ସହାୟକ, ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ଏବଂ କେଶବ ଦାସ ବୃନ୍ଦାବନ, ସଂପାଦକ, ''ଚରମ''ଙ୍କ ନିକଟକୁ ଯଥାଶୀଘ୍ର ପଠାଇବେ । ଏହା ଯଥା ସମୟରେ ଆମର ହସ୍ତଗତ ହେଉ ନଥିବାରୁ, ''ଚରମ'' ପୃଷ୍ଠାରେ ଆଶ୍ରମ ସନ୍ଦେଶ ସ୍ତମ୍ଭରେ ପତ୍ରସ୍ଥ କରିବା ସମ୍ଭବ ହେଉନାହିଁ ।।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି